# ଅମୃତ ଦୁନିଆ

**The Amruta Dunia**

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 265, Wednesday, 17 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୫, ବୁଧବାର, ୧୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା




# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


■ Vol. 10, Issue. 265, Wednesday, 17 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୫, ବୁଧବାର, ୧୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ

selfiedunia96@gmail.com

■ Vol. 10, Issue. 265, Wednesday, 17 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୫, ବୁଧବାର, ୧୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


## ଆରମ୍ଭ ହେଲା ରାମଲାଲା ପ୍ରାକ୍ ପ୍ରତିଷ୍ଠା ରୀତିନୀତି

- ୧୮ରେ ଗର୍ଭଗୃହରେ ରାମଲାଲାଙ୍କ ପ୍ରତିମା ସ୍ଥାପନ
- ୨୨ରେ କରାଯିବ ପ୍ରାଣ ପ୍ରତିଷ୍ଠା

ନୂଆଦିଲ୍ଲୀ



ଅଯୋଧାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହକୁ ଆଉ ମାତ୍ର ୬ଦିନ । ମଙ୍ଗଳବାର ଠାରୁ ବିଜ୍ଞ ପଣ୍ଡିତଙ୍କ ମନ୍ତ୍ରଧ୍ୱନି ଏବଂ ପୂଜାର୍ଚ୍ଚନା ମଧ୍ୟରେ ପ୍ରାଣ ପ୍ରତିଷ୍ଠାର ପ୍ରାକ୍ ପୂଜାବିଧି ଆରମ୍ଭ ହୋଇଛି । ୧୮ତାରିଖରେ ଗର୍ଭଗୃହରେ ସ୍ଥାପନ ହେବ ରାମଲାଲାଙ୍କ ପ୍ରତିମୂର୍ତ୍ତି, ୨୨ତାରିଖରେ କରାଯିବ ପ୍ରାଣ ପ୍ରତିଷ୍ଠା । ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟବୋର୍ଡର ମହାସଚିବ ଚମ୍ପତରାୟ ସାମ୍ବାଦିକ ସମ୍ମିଳନୀରେ ୬ଦିନ ଧରି ଚାଲିବାକୁ ଥିବା ସମସ୍ତ କାର୍ଯ୍ୟକ୍ରମକୁ ନେଇ ସୂଚନା ଦେଇଛନ୍ତି । ଆଜିଠୁ ପ୍ରାଣ ପ୍ରତିଷ୍ଠାର ପ୍ରାକ ପୂଜାବିଧି ଆରମ୍ଭ ହେବାକୁ ଥିବା ବେଳେ ୨୧ତାରିଖ ଯାଏ ରାମ ଲାଲାଙ୍କ ବିଭନ୍ନ ଅଧିବାସ, ଜଳାଧିବାସ, ଶଯ୍ୟାବାସ ଔଷଧିବାସ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ୨୨ ତାରିଖ ଦିନ ୧୨ଟାରୁ ୧ଟା ମଧ୍ୟରେ ୪୦ମିନିଟ୍ ଧରି ଅନୁଷ୍ଠିତ ହେବ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ । ଏହା ପୂର୍ବରୁ ୧୮ତାରିଖରେ ଗର୍ଭଗୃହରେ ରାମଲାଲାଙ୍କ ୫ବର୍ଷ ବାଳକ ସ୍ୱରୁପର ପ୍ରତିମା ସ୍ଥାପନ କରାଯିବ । ଏହ ପ୍ରତିମାର ଓଜନ ୧୫୦ରୁ ୨୦୦କିଲୋଗ୍ରାମର । ମହୀଶୂରର ପ୍ରସିଦ୍ଧ ଶିଳ୍ପି ଅରୁଣ ଯୋଗୀରାଜଙ୍କ ଦ୍ୱାର ନିର୍ମିତ ପ୍ରତିମା ସହ ପୁରାତନ ପ୍ରତିମା ମଧ ଗୃହରେ ସ୍ଥାନ ପାଇବ । କାଶୀର ଗଣେଶ୍ୱର ଶାସ୍ତ୍ରୀ ଏହି ଦିବ୍ୟ ମୁହୂର୍ତ୍ତକୁ ସ୍ଥିର କରିଥିବା ବେଳେ ମୋଟ ୧୨୧ଜଣ ଆଚାର୍ଯ୍ୟ କର୍ମକାଣ୍ଡକୁ ସମାପନ କରିବେ । ପଣ୍ଡିତ ଲକ୍ଷ୍ମୀକାନ୍ତ ଦିକ୍ଷିତଙ୍କ ତତ୍ୱାବଧାନରେ ଶୁଭକାର୍ଯ୍ୟ ସମ୍ପାଦିତ ହେବାକୁ ଥିବା ବେଳେ ଏହି ସମୟରେ ଗର୍ଭଗୃହରେ ଉପସ୍ଥିତ ରହିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଆରଏସଏସ ମୁଖ୍ୟ ମୋହନ ଭାଗବତ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟନାଥ, ନିତ୍ୟ ଗୋପାଳ ଜି ମହାରାଜ ଏବଂ ରାଜ୍ୟପାଳ ଆନନ୍ଦିବେନ ପଟେଲ ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର

# ଆଜି ପରିକ୍ରମା ପ୍ରକଳ୍ପର ଲୋକାର୍ପଣ

- ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ
- ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜାଙ୍କ ଦ୍ୱାରା ମହାଯଜ୍ଞ ପୂର୍ଣ୍ଣାହୁତି

ପୁରୀ(ବ୍ୟୁରୋ)

ବହୁ ପ୍ରତୀକ୍ଷର ଅନ୍ତ ଘଟିବାକୁ ଯାଉଛି । ଆସନ୍ତାକାଲି ୧୭ ତାରିଖ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ସହ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ତେବେ ଏହି ଅବସରରେ ଶ୍ରୀକ୍ଷେତ୍ରରେ ଖେଳି ଯାଇଛି ଭକ୍ତିମୟ ପରିବେଶ । ଋକ୍, ସାମ୍, ଯଜୁ ଓ ଅଥର୍ବ ବେଦ ଧ୍ୱନିରେ ପ୍ରକମ୍ପିତ ହେଉଛି ଶ୍ରୀମନ୍ଦିର ଚତୁପାର୍ଶ୍ୱ । ଭକ୍ତ ମାନେ ଏକତ୍ରିତ ହୋଇ ବେଶ୍ ଆନନ୍ଦର ସହ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ କରି ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ପ୍ରଦକ୍ଷଣ କରୁଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ମହାଯଜ୍ଞ ଚାଲିଥିବା ବେଳେ ଶ୍ରୀମନ୍ଦିର ଐଶାନ୍ୟ କୋଣ ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟ ବ୍ରାହ୍ମଣ ମାନେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରୁଛନ୍ତି । ସେହିପରି ଲୋକାର୍ପିତ ହେବାକୁ ଥିବା ପରିକ୍ରମା ମାର୍ଗର ଚତୁପାର୍ଶ୍ୱକୁ ଶୋଧ କରାଯାଇଛି । ଆଜି ପୌଷ ଶୁକ୍ଳ ଷଷ୍ଠୀ ତିଥିରେ ସକାଳ ୭ଟା ୩୦ ରୁ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳ ପୂଜା, ହବନ, ଆରତୀ ଓ ପୁଷ୍ପାଞ୍ଜଳି ପରେ ବ୍ରାହ୍ମଣମାନେ ଶ୍ରୀମନ୍ଦିର ପରିକ୍ରମା ମାର୍ଗକୁ ପ୍ରଦକ୍ଷଣ କରି ଶୋଧ କରିଥିଲେ । ତେବେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ବ୍ରାହ୍ମଣ ମାନେ ବେଶ୍ ଉତ୍ସାହିତ ହୋଇପଡିଥିବା ବେଳେ ଭକ୍ତଙ୍କ ଉଦ୍ଦେଶ୍ୟରେ ଆସନ୍ତାକାଲି ପୌଷ ଶୁକ୍ଳ ସପ୍ତମୀ ତିଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବାକୁ ଥିବାରୁ ସଭିଏଁ ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ



ରହିଛନ୍ତି ବୋଲି କହିଛନ୍ତି ବ୍ରାହ୍ମଣ । ତେବେ ଆସନ୍ତାକାଲି ୧୭ ତାରିଖ ବୁଧବାର ପୌଷ ଶୁକ୍ଳ ସପ୍ତମୀ ତିଥିରେ ଅପରାହ୍ନ ୧ଟା ୧୫ ରୁ ୧ଟା ୩୦ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫଳକ ଉନ୍ମୋଚନ କରିବେ । ଏଥିସହ ୧ଟା ୩୦ ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ସହ ଆରତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ । ସେହିପରି ୨ଟା ରୁ ୨ଟା ୩୦ ମଧ୍ୟରେ ଅନ୍ତଃପରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା ଅନୁଷ୍ଠିତ ହେବ । ୨ଟା ୩୦ ରୁ ୩ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାଗୃହରେ ପହଞ୍ଚି ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ଏହା ପୂର୍ବରୁ ସକାଳ ୭ଟା ୩୦ ରୁ ଅପରାହ୍ନ ୧ଟା ମଧ୍ୟରେ ଯଜ୍ଞ ର ପୂର୍ଣ୍ଣାହୁତି ପାଇଁ ସମସ୍ତ ପୂଜାବିଧି ଯେଭଳି ସମ୍ପନ୍ନ ହୋଇପାରିବ ସେନେଇ ଆଚାର୍ଯ୍ୟ ଓ ରାଜଗୁରୁଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରିଛନ୍ତି । ସେପଟେ ଲୋକାର୍ପଣ ଉତ୍ସବ କିଭଳି ସଫଳ ହୋଇପାରିବ ସେନେଇ ସବୁ କିଛି ପ୍ରସ୍ତୁତି ଶେଷ ହୋଇଥିବା କହିଛନ୍ତି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା । ଆଜି ସୁଦ୍ଧା ନିମନ୍ତ୍ରିତ ସମସ୍ତ ଅତିଥି ମାନେ ପୁରୀରେ ଆସି ପହଞ୍ଚି ଯିବେ । ଅତିଥି ମାନଙ୍କ ରହଣୀ ସହ ଆତିଥ୍ୟତାରେ ଯେଭଳି କୌଣସି ଊଣା ନରୁହେ ସେଦିଗରେ ବିଶେଷ ଗୁରୁତ୍ୱ ଦେଇଛି ପ୍ରଶାସନ । ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର ଏବଂ ଶ୍ରୀମାର୍ଗ ରାସ୍ତା ସହ ଯଜ୍ଞ ମଣ୍ଡପ, ଫଳକ ଉନ୍ମୋଚନ ସ୍ଥାନରେ ସବୁଠି ସୁରକ୍ଷା ବ୍ୟବସ୍ଥାର ରିହର୍ସାଲ କରାଯାଇଛି । ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର ଠାରେ ମୁଖ୍ୟମନ୍ତ୍ରୀ ଆସି ପହଞ୍ଚିବା ପରେ ▶(ପୃଷ୍ଠା-୧୫)


## ଫ୍ଲିପକାର୍ଟକୁ ୫୦ ହଜାର ଟଙ୍କା ଜରିମାନା

କଟକ (ବ୍ୟୁରୋ)

ଗ୍ରାହକଙ୍କୁ ଏକ୍ସପାଏରୀ ହର୍ଲିକ୍ସ ଡେଲିଭରି କରିବା ମହଙ୍ଗା ପଡିଲା ଅନଲାଇନ୍ ସପିଂ ସାଇଟ୍ ଫ୍ଲିପକାର୍ଟକୁ । ଖାଉଟି ଠକାମୀର ଶିକାର ହେବା ପରେ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । କଟକ ଖାଉଟି ଅଦାଲତ ମାମଲାର ବିଚାର କରି ସଂସ୍ଥାକୁ ୫୦ ହଜାର ଟଙ୍କାର ଜୋରିମାନା ଆଦେଶ ଶୁଣାଇଛନ୍ତି । ଜୋରିମାନା ରାଶିକୁ ଏକ ମାସ ମଧ୍ୟରେ ଖାଉଟିଙ୍କୁ ଦେବା ପାଇଁ ଶକ୍ତ ନିର୍ଦ୍ଦେଶ ମଧ ଦେଇଛନ୍ତି ଅଦାଲତ । କଟକ ରାଜାବଗିଚା ଲେବର କଲୋନୀ ଅଞ୍ଚଳର ସୁଶାନ୍ତ ମିଶ୍ର ଗତ ୨୦୨୨ ମସିହା ନଭେମ୍ବର ମାସ ୨ ତାରିଖରେ ୩୭୭ ଟଙ୍କାରେ ଅନଲାଇନ୍ ଯୋଗେ ଫ୍ଲିପକାର୍ଟରୁ ଏକ କେଜି ହର୍ଲିକ୍ସ ମାଗାଇଥିଲେ । ଏହାପରେ ଯେତେବେଳେ ଉକ୍ତ ପ୍ୟାକ୍ କୁ ଦେଖିଥିଲେ ସେତେବେଳେ ଜାଣିବାକୁ ପାଇଥିଲେ କି ଏହା ଏକ୍ସପାଏରୀ ପରି ହୋଇସାରିଛି ।

## ଜ୍ଞାନବାପୀ ଉପରେ ହିନ୍ଦୁପକ୍ଷଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି, ସଫା ହେବ ବୁଜୁଖାନା





ନୂଆଦିଲ୍ଲୀ

ସୁପ୍ରିମକୋର୍ଟ ମଙ୍ଗଳବାର କାଶି ଜ୍ଞାନବାପୀ ମାମଲାରେ ବଡ଼ ନିଷ୍ପତ୍ତି ନେଇଛନ୍ତି । ସୁପ୍ରିମକୋର୍ଟ ମସଜିଦ୍ ପରିସରରେ ମହଜୁଦ ପାଣି ଟାଙ୍କି (ବୁଜୁଖାନା) ସଫା କରିବା ପାଇଁ ଅନୁମତି ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ହିନ୍ଦୁ ପକ୍ଷ ଏହି ବୁଜୁଖାନାରେ ଶିବଲିଙ୍ଗ ଥିବାର ଦାବି କରିଥିଲେ । ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ.ଚନ୍ଦ୍ରଚୂଡ଼ , ବିଚାରପତି ଜଷ୍ଟିସ୍ ଜେ.ବି. ପାରଦୀୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରଙ୍କ ପୀଠ ହିନ୍ଦୁ ପକ୍ଷଙ୍କ ପିଟିସନ ଉପରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ହିନ୍ଦୁ ପକ୍ଷ ସୁପ୍ରିମକୋର୍ଟରେ ପିଟିସନ ଦାୟର କରି ମସଜିଦ ପରିସରରେ ପୂଜା କରିବା ପାଇଁ ଅନୁମତି ମାଗିଥିଲେ । ଏଥିରେ ପାଣି ଟାଙ୍କି ସଫା କରିବାକୁ ମଧ ନିବେଦନ କରାଯାଇଥିଲା । ଏହି ଟାଙ୍କିରେ ମାଛ ମରିଯାଇଥିଲେ । ପ୍ରସଙ୍ଗରେ ହିନ୍ଦୁ ପକ୍ଷଙ୍କ ଆବେଦନକୁ ମସଜିଦ ମ୍ୟାନେଜମେଣ୍ଟ କମିଟି ବିରୋଧ କରିନଥିଲେ । ସୁପ୍ରିମକୋର୍ଟଙ୍କ ପୀଠ ତାଙ୍କ ଆଦେଶରେ କହିଛନ୍ତି ଯେ ପାଣି ଟାଙ୍କି ସଫା ବାରଣାସୀର ଜିଲ୍ଲା କଲେକ୍ଟରଙ୍କ ଦେଖରେଖରେ କରାଯିବ । ସୁପ୍ରିମକୋର୍ଟରେ ହିନ୍ଦୁ ପକ୍ଷଙ୍କ ଓକିଲ ମାଧବୀ ଦିୱାନ ଉପସ୍ଥିତ ଥିବା ବେଳେ ମସଜିଦ କମିଟି ପକ୍ଷରୁ ଓକିଲ ହୁଜୈଫା ଅହମଦୀ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ ମେ ୨୦୨୨ରେ ସୁପ୍ରିମକୋର୍ଟ ମସଜିଦ ବୁଜୁଖାନାରେ ଶିବଲିଙ୍ଗ ମିଳିବା ଦାବି ପରେ ଏହାକୁ ସିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ କୋର୍ଟ ମୁସଲମାନପକ୍ଷଙ୍କୁ ମସଜିଦରେ ନମାଜ ଜାରି ରଖିବାକୁ ରିହାତି ମଧ ଦେଇଥିଲେ । ଗତବର୍ଷ ସୁପ୍ରିମକୋର୍ଟ ହିନ୍ଦୁପକ୍ଷଙ୍କ ଦାବି ଆଧାରରେ ପ୍ରତ୍ନତତ୍ୱ ବିଭାଗଙ୍କୁ ମସଜିଦ ପରିସରର ସର୍ଭେ କରିବା ପାଇଁ ମଞ୍ଜୁରୀ ଦେଇଥିଲେ । ଏହି ସର୍ଭେକାଳରେ ମସଜିଦ ପରିସରର ବୁଜୁଖାନାରେ ଶିବଲିଙ୍ଗ ଭଳିଆକୃତି ମିଳିଥିଲା । ହିନ୍ଦୁ ପକ୍ଷ ଏହା ଶିବଲିଙ୍ଗ ବୋଲି ଦାବି କରିଥିଲେ ।

### ୨ ଝିଅଙ୍କୁ କୂଅକୁ ଠେଲି ହତ୍ୟା ଘଟଣା

## ମା'ଙ୍କୁ ୮ ବର୍ଷ ସଶ୍ରମ କାରାଦଣ୍ଡ

ବାଲିଗୁଡ଼ା(ଅମୃତ ମିଡିଆ)

କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅଞ୍ଚଳରେ ଗତ ୨୦୨୧ ଜୁଲାଇ ୧୭ରେ ଘଟିଥିଲା ଏକ ଲୋମହର୍ଷଣକାରୀ ଘଟଣା । ପତି-ପତ୍ନୀ କଳହରୁ ପୁଅ ଓ ଝିଅଙ୍କୁ କୂଅକୁ ଠେଲି ହତ୍ୟା କରିଥିଲା ମାଆ । ଏହି ମାମଲାର ବିଚାର କରି ବାଲିଗୁଡ଼ା ଅତିରିକ୍ତ ଜିଲ୍ଲ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ଅଭିଯୁକ୍ତ ପତି ଓ ପତ୍ନୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି । ପତ୍ନୀ ଏମ୍.ଭାଗ୍ୟଲକ୍ଷ୍ମୀ ପାତ୍ରକୁ ୮ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପତ୍ନୀକୁ ନିର୍ଯାତନା ଦେବା ଏବଂ ଆତ୍ମହତ୍ୟା କରିବାକୁ ବାଧ କରିବା ଅଭିଯୋଗରେ ସ୍ୱାମୀ ଏମ୍.ରାଜେଶ ପାତ୍ରକୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ପ୍ରକାରେ, ରାଇକିଆ ଥାନା ଅଲିଭା ଗ୍ରାମରେ ଗତ ୨୦୨୧, ଜୁଲାଇ ୭ ତାରିଖରେ ଭାଗ୍ୟଲକ୍ଷ୍ମୀ ନିଜ ୯ ବର୍ଷର ଝିଅ ବୈଷ୍ଣବୀ ଏବଂ ୪ ବର୍ଷର ପୁଅ ଯୁବରାଜଙ୍କୁ କୂଅରେ ଠେଲି ହତ୍ୟା କରିଥିଲା । ସ୍ୱାମୀ ରାଜେଶର ପରକୀୟା ପ୍ରୀତିକୁ ନେଇ ଭାଗ୍ୟଲକ୍ଷ୍ମୀ ପ୍ରତିବାଦ କରିବାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗିଥିଲା । ରାଜେଶର ନିର୍ଯାତନାରେ ଅତିଷ୍ଠ ହୋଇ ଭାଗ୍ୟଲକ୍ଷ୍ମୀ ନିଜ ଶିଶୁପୁତ୍ର ଓ କନ୍ୟାକୁ ନେଇ କୂଅରେ ଠେଲି ଦେଇ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲା । ଏହି ଘଟଣା ସେତେବେଳେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଭାଗ୍ୟଲକ୍ଷ୍ମୀର ଭାଇ ଥାନାରେ ଦେଇଥିବା ଏତଲା ପ୍ରକାରେ କେସ୍ ନଂ ୭୧/୨୧ରେ ମାମଲା ରୁଜୁ ହୋଇଥିଲା । ପୁଲିସ ତଦନ୍ତ କରି ଭାଗ୍ୟଲକ୍ଷ୍ମୀ ଓ ଏମ୍.ରାଜେଶଙ୍କୁ ଗିରଫ କରିଥିଲା । ଆଜି ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଏହି ମାମଲାର ଚୂଡ଼ାନ୍ତ ରାୟ ଘୋଷଣା କରିଥିଲେ । ଦୁଇ ଶିଶୁଙ୍କୁ କୂଅକୁ ଠେଲି ହତ୍ୟା ଘଟଣାରେ ମାଆ ଭାଗ୍ୟଲକ୍ଷ୍ମୀକୁ ୮ ବର୍ଷ ଏବଂ ପତ୍ନୀକୁ ନିର୍ଯାତନା ଦେବା ଏବଂ ଆତ୍ମହତ୍ୟା କରିବା ପାଇଁ ବାଧ କରାଇବା ଅଭିଯୋଗରେ କୋର୍ଟ ରାଜେଶକୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ।

## ସ୍କୁଲରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କଲେ ସପ୍ତମ ଶ୍ରେଣୀ ଛାତ୍ରୀ

ବ୍ରହ୍ମପୁର (ଅମୃତ ମିଡିଆ)

ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ବାହାରପୁର ଗ୍ରାମର ଉଚ୍ଚ ପ୍ରାଥମିକ ସ୍କୁଲର ଜଣେ ଛାତ୍ରୀ ସ୍କୁଲରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି । ଛାତ୍ରୀ ଜଣକ ହେଲେ ସପ୍ତମ ଶ୍ରେଣୀର ରାଣୀ ଭୁୟା । କ'ଣ ପାଇଁ ଏବଂ କାହିଁକି ବିଷ ପିଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି । ସେ ସ୍କୁଲର ଖାଇବା ଛୁଟିରେ ବ୍ୟାଗରେ ନେଇଥିବା ଏକ ବିଷ ବୋତଲରୁ ବିଷ ପିଇ ଦେଇଥିବା ଜଣେ ସହପାଠୀ ଦେଖି ସଙ୍ଗେ ସଙ୍ଗେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଧରାକୋଟ ଅଣାଯାଇଥିଲା । ହେଲେ ଏନେଇ ସ୍କୁଲ କର୍ତ୍ତୃପକ୍ଷ କିଛି ପ୍ରତିକ୍ରିୟା ଦେଇ ନାହାନ୍ତି । ସେପଟେ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ପ୍ରତିକ୍ରିୟା କହିଛନ୍ତି ବିଷ ସ୍କୁଲକୁ ଆସିଲା କେମିତି ତା ଉପରେ ତଦନ୍ତ କରାଯିବ । ଆଗାମୀ ଦିନରେ ଏହା ଉପରେ ଅଧିକ ଯତ୍ନବାନ ହେବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ସଜାଗ ରହିବାକୁ ହେବ ।

### ସେ କହିଲେ...



ଆର୍ଏସ୍ଏସ ଏବଂ ବିଜେପି ୨୨ ଜାନୁଆରୀ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ରାଜନୈତିକ ଓ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମରେ ପରିଣତ କରିଛନ୍ତି । ଏହା ଏକ ଆର୍ଏସଏସ ବିଜେପି କାର୍ଯ୍ୟକ୍ରମ । ସେଥିପାଇଁ ମୁଁ ଭାବୁଛି କଂଗ୍ରେସ ସାଂସଦ ଉକ୍ତ କାର୍ଯ୍ୟକ୍ରମକୁ ଯାଆନ୍ତୁ ନାହିଁ । ଏକଥା କେବଳ କଂଗ୍ରେସ ନେତାମାନେ କହୁନାହାନ୍ତି ବରଂ ହିନ୍ଦୁ ଧର୍ମର ବହୁ ବରିଷ୍ଠ ଅଧିକାରୀମାନେ ମଧ ୨୨ ଜାନୁଆରୀ କାର୍ଯ୍ୟକ୍ରମକୁ ରାଜନୈତିକ କାର୍ଯ୍ୟ ବୋଲି କହୁଛନ୍ତି । ତେଣୁ ଆମକୁ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେବା କଷ୍ଟକର, ଯାହା ଭାରତର ପ୍ରଧାନମନ୍ତ୍ରୀ ଏବଂ ଆରଏସଏସ ଆୟୋଜନ କରିଛନ୍ତି ।

ରାହୁଲ ଗାନ୍ଧୀ
କଂଗ୍ରେସ ନେତା

## ବିଏସକେୱାଇ ନବୀନକାର୍ଡ ପଞ୍ଜୀକରଣ ଅବଧି ବୃଦ୍ଧି

### ଜାନୁଆରୀ ୨୬ ଯାଏଁ କରିପାରିବେ ଆବେଦନ

ଭୁବନେଶ୍ୱର (ବ୍ୟୁରୋ)

ବିଏସକେୱାଇ ନବୀନ କାର୍ଡ ପାଇଁ ଆବେଦନରେ ଦୃତ ଅଗ୍ରଗତି ହୋଇଛି । ଜାନୁଆରୀ ୧୬ ତାରିଖ ଅପରାହ୍ନ ୨ଟା ସୁଦ୍ଧା ୩.୪୬ ଲକ୍ଷରୁ ଉର୍ଦ୍ଧ୍ୱ ଦରଖାସ୍ତ ପଞ୍ଜୀକୃତ ହୋଇଛି । ତେବେ ଜନସାଧାରଣଙ୍କ ଠାରୁ ମିଳିଥିବା ମତାମତକୁ ବିଚାର କରି ରାଜ୍ୟ ସରକାର ଅନଲାଇନ ଦରଖାସ୍ତ ପଞ୍ଜୀକରଣ ସମୟସୀମାକୁ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଏକ ସ୍ୱତନ୍ତ୍ର ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି । ବିଏସକେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ପରିବାରମାନେ ଚଳିତ ବର୍ଷ ମେ' ମାସ ଠାରୁ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ । ଅନଲାଇନ୍ ଦରଖାସ୍ତ ସମୟସୀମା ଜାନୁଆରୀ ୨୬କୁ ବୃଦ୍ଧି କରାଯାଇଛି ।ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ ପାଇଁ ଆବେଦନ କ୍ଷେତ୍ରରେ ଦୃତ ଅଗ୍ରଗତି ଦେଖିବାକୁ ମିଳିଛି । ଗ୍ରାମ ଓ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଫଳରେ ଏହା ସମ୍ଭବ ହୋଇଛି । ଜାନୁଆରୀ ୧୬ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସମୁଦାୟ ୩,୪୬,୨୯୪ଟି ପରିବାରଙ୍କର ଦରଖାସ୍ତ ଅନଲାଇନରେ ପଞ୍ଜୀକୃତ ହୋଇଛି । ଏହି ପଞ୍ଜୀକୃତ ଦରଖାସ୍ତରେ ୯.୭୦ ଲକ୍ଷରୁ ଉର୍ଦ୍ଧ୍ୱ ସଦସ୍ୟଙ୍କର ନାମ ରହିଛି । ମିଳିଥିବା ସୂଚନା ଅନୁଯାୟୀ, ସର୍ବାଧିକ ଗଞ୍ଜାମ ଜିଲ୍ଲାରୁ ▶(ପୃଷ୍ଠା-୧୫)

# ରକ୍ତରଞ୍ଜିତ ହେଲା ଶୁଳିଆ ପୀଠ

### ହଜାର ହଜାର ଭକ୍ତଙ୍କ ସମ୍ମୁଖରେ ପଡ଼ିଲା ବଳି

ଦେଓଗାଁ(ଅମୃତ ମିଡିଆ)

ଆଦିବାସୀଙ୍କ ପାରମ୍ପରିକ ଶୁଳିଆ ଯାତ୍ରା ଆରମ୍ଭ ହୋଇଛି ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକରେ । ପଶୁ ରକ୍ତରେ ଲାଲ ହୋଇଛି ଶୁଳିଆ ପୀଠ । ପରମ୍ପରା ଓ ବିଶ୍ୱାସ ଆଗରେ ହାର ମାନିଛି ଆଧୁନିକ ବିଜ୍ଞାନ । ଶୁଳିଆଦେବତାଙ୍କ ପାଖରେ ପୋଢ଼, ବୋଦା, କୁକୁଡ଼ା ବଳି ଚଢାଇ ଦର୍ଶନ କଲେ ହଜାର ହଜାର ଭକ୍ତଙ୍କ ସହ ମାନସିକଧାରୀ । ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡା ପଂଚାୟତ ଖଇରଗୁରା ଓ କୁମୁରିଆ ଗାଁରେ ଅନୁଷ୍ଠିତ ହେଉଛି ଶୁଳିଆଯାତ୍ରା । ମଙ୍ଗଳବାର ଭୋରରେ ଆଦିବାସୀମାନେ ପାରମ୍ପରିକ ବେଶରେ ସୁସଜ୍ଜିତ ହୋଇ ଆସିଲା ପରେ ଯାତ୍ରା ଆରମ୍ଭ ହୋଇଥିଲା । ଖଇରଗୁରା ଶୁଳିଆ ମନ୍ଦିର ଓ କୁମୁରିଆ ଦେହେରୀଙ୍କ ଘରୁ କନ୍ଧ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ଆସିଥିଲେ । ପ୍ରଥମେ ଦେହେରୀ ପୂଜାର୍ଚ୍ଚନା କରି ସମର୍ପଣ କଲା ପରେ ପାଟ ବୋଦା ଓ କଳା କୁକୁଡ଼ା ଓ ପାରାକୁ ବଳି ଦିଆଯାଇଥିଲା । ପରେ ପରେ ମାନସିକଧାରୀ ଆଣିଥିବା ପୋଢ଼, କୁକୁଡ଼ା ଓ ବୋଦାକୁ ବଳି ଦିଆଯାଉଥିବା ଦେଖାଯାଇଥିଲା । ଆଦିବାସୀଙ୍କ ପରମ୍ପରା ଅନୁସାରେ ଏହି ଯାତ୍ରାରେ ଫୁଲ, ଦୁବ, ନଡିଆ ଭୋଗ ସହ ପୋଢ଼, ମେଣ୍ଢା, ବୋଦା, ପାରା ଓ କୁକୁଡ଼ା ବଳି ଦେଇ ମାନସିକଧାରୀ ପୂଜାର୍ଚ୍ଚନା କରିଥାନ୍ତି । ଚଳିତ ବର୍ଷ ତିନି ଦିନ ଉତ୍ସବ ହୋଇଥିବା ବେଳେ ଗୋଟିଏ ଦିନ ଯାତ୍ରା ଅନୁଷ୍ଠିତ ହେଉଛି । ପ୍ରକାଶ ଥାଉକି ପୌଷ ଅମାବାସ୍ୟା ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଏହି ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିପାଇଁ କନ୍ଧ ଅଦିବାସୀମାନେ ଲିପା ପୋଛା ସହ ସମସ୍ତଙ୍କର ନୂଆ ପୋଷାକ



କରିଥାନ୍ତି । ଯାତ୍ରାର ପୂର୍ବଦିନ ଅର୍ଥାତ ସୋମବାର ଦିନ ୧୨ଟାରେ ଦେବ ନିମନ୍ତ୍ରଣ ହୋଇଥାଏ । ସନ୍ଧ୍ୟାରେ ନିଷିପୂଜାରେ ଗମ୍ଭିରାଘରେ ଥିବା ଟାଙ୍ଗିଆ, ଖଣ୍ଡା ଆଦି ପୂଜା କରି ଭୋରରୁ 'ଦେହୁରୀ' ପୀଠରେ ପହଞ୍ଚିଲା ପରେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରଥମେ ଏକ କାଉଁଶ ନଳରେ ଚାଉଳ, ଗୁଡ଼, ଘିଅ ଆଦି ଦେଇ ଭୋଗ ରନ୍ଧା ଯାଏ । ଠିକ୍ ଭାବେ ଭୋଗ ପ୍ରସ୍ତୁତ ହେଲେ ଏ ବର୍ଷ ଭଲ ବର୍ଷା ହେବ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି । ବଳିକୁ ନେଇ ଆଦିବାସୀ ଓ ପ୍ରଶାସନ ମଧ୍ୟରେ ବାଦ ବିବାଦ ଲାଗିରହୁଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଦିବାସୀଙ୍କ ପରମ୍ପରା ଉପରେ ରୋକ ଲଗାଯାଇ ପାରିବ ନାହିଁ ବୋଲି ୨୦୧୫ରେ ନିର୍ଦ୍ଦେଶ ଦେବା ଯୋଗୁଁ ବିନା ବାଧାବିଘ୍ନରେ ଯାତ୍ରା ଅନୁଷ୍ଠିତ ହେଉଛି ।

## କାହିଁକି ହୁଏ

# ବ୍ରେନ ଟ୍ୟୁମର

**ଏହି ରୋଗ ହେଲେ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ସମସ୍ତ ମସ୍ତିଷ୍କ ଟ୍ୟୁମର କର୍କଟ ନୁହେଁ। ତଥାପି, ଅଧିକାଂଶ ସମୟରେ ଟ୍ୟୁମରରୁ କର୍କଟ ହେବାର ଦେଖାଯାଏ। ଏହି କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖା ଯାଇପାରେ**



ବା ଏହି ରୋଗ ହେଲେ କର୍କଟ ହେବାର ଆଶଙ୍କା ଅଧିକ ଥାଏ।

ବିଭିନ୍ନ ବିପଜ୍ଜନକ ରୋଗ ମଧ୍ୟରୁ ମସ୍ତିଷ୍କ ଟ୍ୟୁମର ଅନ୍ୟତମ। ଏହି ରୋଗ ହେଲେ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ସମସ୍ତ ମସ୍ତିଷ୍କ ଟ୍ୟୁମର କର୍କଟ ନୁହେଁ। ତଥାପି, ଅଧିକାଂଶ ସମୟରେ ଟ୍ୟୁମରରୁ କର୍କଟ ହେବାର ଦେଖାଯାଏ। ଏହି କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖା ଯାଇପାରେ, ଯେପରିକି କହିବା ଓ ଶୁଣିବାରେ ଅସୁବିଧା ଏବଂ ପକ୍ଷାଘାତ ଇତ୍ୟାଦି। ତେବେ ମସ୍ତିଷ୍କ ଟ୍ୟୁମିର କାହିଁକି ହୁଏ ଏବଂ ଏହାର ଲକ୍ଷଣ କଣ, ଜାଣନ୍ତୁ ଏହି ଆଲେଖ୍ୟରୁ...





**ମସ୍ତିଷ୍କ ଟ୍ୟୁମର ଲକ୍ଷଣ:**
ଡାକ୍ତରଙ୍କ କହିବା ଅନୁସାରେ, କିଛି ଲୋକଙ୍କର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖାଯାଏ ନାହିଁ। କିନ୍ତୁ କେତେକ ଲକ୍ଷଣ ରହିଛି, ଯାହାକୁ ଆମେ ସାଧାରଣ ସମସ୍ୟା ଭାବି ଅଣଦେଖା କରନ୍ତି। ସେଥି ମଧ୍ୟରୁ ମୁଣ୍ଡ ବୁଲାଇବା, ଥକ୍କା, ବାନ୍ତି ହେବା କିମ୍ବା ବାନ୍ତି ଲାଗିବା, ଶୁଣିବା ଏବଂ କଥା କହିବାରେ ସମସ୍ୟା, ହାତ ଏବଂ ପାଦର ଅସ୍ଥିରତା, ଅସ୍ପଷ୍ଟ ଦୃଷ୍ଟିଶକ୍ତି ଇତ୍ୟାଦି ଏହି ରୋଗର ଲକ୍ଷଣ ହୋଇପାରେ। ଯଦି ଏହି ସମସ୍ୟା ନିୟମିତ ଭାବେ ଦେଖା ଦେଉଛି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତି।

**କାହିଁକି ହୁଏ ବ୍ରେନ ଟ୍ୟୁମର:**
ମୋବାଇଲର ନିରନ୍ତର ବ୍ୟବହାର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମୋବାଇଲ୍ ଫୋନ୍ ବ୍ୟବହାର ସହ ମସ୍ତିଷ୍କ ଟ୍ୟୁମରର ଲିଙ୍କ୍ ରହିଛି। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଛି ଯେ, ମୋବାଇଲ୍ ଫୋନ୍ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ରେଡିଏସନ ନିର୍ଗତ କରେ, ଯାହା ମଣିଷ ପାଇଁ କର୍ସିନୋଜେନିକ୍ ହୋଇଥାଏ, ଅର୍ଥାତ୍ ଏହା କର୍କଟ ରୋଗ ସୃଷ୍ଟି କରିଥାଏ। ଏଥିପାଇଁ ବିଶେଷଜ୍ଞମାନେ ହେଡଫୋନ୍ କିମ୍ବା ସ୍ପିକରରେ କଥା ହେବାକୁ ପରାମର୍ଶ ଦିଅନ୍ତି ଏବଂ ଯଥା ସମ୍ଭବ ମୋବାଇଲ ଫୋନରୁ ଦୂରେଇ ରହିବାକୁ କୁହନ୍ତି।

**ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିବା:**
ଶିଳ୍ପ କ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ରସାୟନ ବା ଯୌଗିକ ପଦାର୍ଥ ସଂସ୍ପର୍ଶରେ ଆସିବା ଫଳରେ ବ୍ରେନ୍ ଟ୍ୟୁମର ହେବାର ଆଶଙ୍କା ଥାଏ।

**ଉଚ୍ଚ ସନ୍ତୁଳିତ ଚର୍ବିଯୁକ୍ତ ଖାଦ୍ୟ ସେବନ:**
ଅଧିକ ପରିମାଣର ଚର୍ବିଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମସ୍ତିଷ୍କ ଟ୍ୟୁମର ହେବାର ଆଶଙ୍କା ବଢିପାରେ। ଅନେକ ଅଧ୍ୟୟନ ଅନୁଯାୟୀ, ଖରାପ ଖାଦ୍ୟ ବ୍ୟତୀତ, ଧୂମପାନ କିମ୍ବା ବ୍ୟାୟାମ ନକରିବା ଫଳରେ ମସ୍ତିଷ୍କ ଟ୍ୟୁମର ହୋଇପାରେ।

**ହରମନ୍ ଅସନ୍ତୁଳନ:**
ଡାକ୍ତରମାନେ କହନ୍ତି ଯେ, ମସ୍ତିଷ୍କ ଟ୍ୟୁମରର ବିକାଶରେ ହରମନ ଅସନ୍ତୁଳନ ମଧ୍ୟ ଏକ ପ୍ରମୁଖ କାରଣ ହୋଇପାରେ। ଦୀର୍ଘ ଦିନ ଧରି ହରମନ୍ ରିପ୍ଲେସମେଣ୍ଟ ଥେରାପି ନେଉଥିବା ମହିଳାମାନଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ।

# ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଉଥିଲେ ସାବଧାନ !



ଶରୀରରେ ଏହାର ପରିମାଣ ଅଧିକ ହେଲେ କି କି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ, ଜାଣନ୍ତୁ... ପୁଷ୍ଟିକର ଉପାଦନରେ ଭରପୂର ସମସ୍ତ ପ୍ରକାର ଡ୍ରାଏ ଫ୍ରୁଟ୍ସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ପ୍ରତିଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଯୁକ୍ତ କରିବା ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ବେଳେ ବେଳେ ଏହି ଡ୍ରାଏ ଫ୍ରୁଟ୍ସ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ। କାରଣ ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଶରୀରରେ ଏହାର ପରିମାଣ ଅଧିକ ହେଲେ କି କି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ, ଜାଣନ୍ତୁ...

**ଡ୍ରାଏ ଫ୍ରୁଟ୍ସର ଉପକାରୀ ଗୁଣ:**
ଶରୀରରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ ପୂରଣ ପାଇଁ ଡ୍ରାଏ ଫ୍ରୁଟ୍ସ ସେବନ କରାଯାଏ। ଏହା ଶରୀରକୁ ପୋଷଣ ଯୋଗାଇ ଥାଏ। ଏଥିରେ ଥିବା ପ୍ରୋଟିନ୍, ଓମେଗା-୩ ଏବଂ ଆମିନୋ ଏସିଡ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଆଲମଣ୍ଡ, କିସମିସ୍, ପିସ୍ତା, କାଜୁ, ଅଖରୁଟ୍ ଇତ୍ୟାଦି ଡ୍ରାଏ ଫ୍ରୁଟ୍ସ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି।

**ଦିନକୁ କେତେ ପରିମାଣର ଡ୍ରାଏ ଫ୍ରୁଟ୍ସ ଖାଇବେ**
ଯଦି ଡାଏଟରେ ଡ୍ରାଏ ଫ୍ରୁଟ୍ସ ଆଡ୍ କରିବାକୁ ଚାହୁଁଥାନ୍ତି, ତେବେ ମନେ ରଖନ୍ତୁ ଏହା ୨୫ରୁ ୫୦ ଗ୍ରାମ ମଧ୍ୟରେ ସୀମିତ ରହିବା ଆବଶ୍ୟକ। ଦୈନିକ ୫୦ ଗ୍ରାମରୁ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ ନାହିଁ। ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଇଲେ କେଉଁ ସ୍ୱାସ୍ଥ୍ୟ ସମସ୍ୟା ହୋଇଥାଏ ଅତ୍ୟଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଶରୀରରେ ଚର୍ବି ଜମା ହେବାର ଯଥେଷ୍ଟ ସମ୍ଭାବନା ଥାଏ। ଚର୍ବି ଜମା ହେବା ଫଳରେ ମେଦବହୁଳତା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଏଥିସହ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ପେଟ ଫୁଲା ଏବଂ ପେଟରେ ଯନ୍ତ୍ରଣା ହୋଇପାରେ।



## କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ

# ଡାଏଲିସିସ୍ କ'ଣ

**ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧ୍ୟମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ**



କିଡନୀ ଶରୀରରୁ ବର୍ଜ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ।

କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ୍ୟ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧ୍ୟମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...

**ଡାଏଲିସିସ୍ କ'ଣ ?**
ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

**ଡାଏଲିସିସ୍ କେବେ ଆବଶ୍ୟକ ?**
ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।

**ଶରୀରରେ କିଡନୀର କାମ**
ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଜ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ।

# ଭୋଜନ ପରଷିବା ସମୟରେ ମାନନ୍ତୁ ଏହି ସବୁ ନିୟମ

**ବାସ୍ତୁଶାସ୍ତ୍ରରେ କୌଣସି ବ୍ୟକ୍ତିଙ୍କୁ ଏକା ସାଙ୍ଗରେ ୩ ଖଣ୍ଡ ରୁଟି ଖାଇବାକୁ ଦିଅନ୍ତୁ ନାହିଁ। ଏହା କରିବା ଦ୍ୱାରା ଅଶୁଭ ଫଳ ମିଳିଥାଏ। ଏହାସହ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ିଥାଏ ।**

କେବେ ରାତିରେ ଅଟା ଗୋଳା ଫ୍ରିଜରେ ରଖି ସକାଳେ ଖାଆନ୍ତୁ ନାହିଁ। ବିଶେଷ କରି ପରିବାରରେ ମା' ସମସ୍ତଙ୍କୁ ଖାଦ୍ୟ ପରିଷିଥାନ୍ତି। ସମସ୍ତେ ମନ ଖୁସିରେ ଖାଇଥାନ୍ତି। ହେଲେ ଆପଣ ଜାଣିଛନ୍ତି ବାସ୍ତୁଶାସ୍ତ୍ରରେ ଖାଦ୍ୟ ପରଷିବା ସମୟରେ କିଛି ବିଶେଷ ନିୟମ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଯାହାକୁ ନିଶ୍ଚିତ ଭାବରେ ପାଳନ କରାଯିବା ଆବଶ୍ୟକ। ଏହା କରିବା ଦ୍ୱାରା ଘରେ ସୁଖଶାନ୍ତି ବିରାଜମାନ ହେବା ସହ ଆର୍ଥିକ ସମସ୍ୟା ମଧ୍ୟ ଦୂର ହୋଇଥାଏ। ତେବେ ଆସନ୍ତୁ ଜାଣିବା ସେହି ନିୟମଗୁଡ଼ିକ ବିଷୟରେ। ବାସ୍ତୁଶାସ୍ତ୍ରରେ କୌଣସି ବ୍ୟକ୍ତିଙ୍କୁ ଏକା ସାଙ୍ଗରେ ୩ ଖଣ୍ଡ ରୁଟି ଖାଇବାକୁ ଦିଅନ୍ତୁ ନାହିଁ। ଏହା କରିବା ଦ୍ୱାରା ଅଶୁଭ ଫଳ ମିଳିଥାଏ। ଏହାସହ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ିଥାଏ । କାହାକୁ ରୁଟି ଖାଇବାକୁ ଦେବାବେଳେ ରୁଟିକୁ ହାତରେ ଧରି ଆଣି ଖାଇବାକୁ ଦିଅନ୍ତୁ ନାହିଁ। ଏହା ଅଶୁଭ ହୋଇଥାଏ। ଘରେ ସବୁବେଳେ ଅଭାବଅନଟନ ଲାଗିରହିଥାଏ । ରାତିରେ ବଳି ପଡ଼ିଥିବା ବାସିରୁଟିକୁ ନିଜେ ଖାଇଦେବା ଭଲ। ଏହି ବାସି ରୁଟିକୁ ସାଧୁ,ସନ୍ଥ ଓ ଭିକାରୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ଏହା କରିବା ଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୁଅନ୍ତି। କେବେ ରାତିରେ ଅଟା ଗୋଳା ଫ୍ରିଜରେ ରଖି ସକାଳେ ଖାଆନ୍ତୁ ନାହିଁ। ଏହା କରିବା ଦ୍ୱାରା ଘରେ ଅଶାନ୍ତି ଲାଗି ରହିବ। ଘରେ ସବୁବେଳେ ଅଭାବଅନଟନ ଲାଗି ରହିବ।



# ଘରେ ତିଆରି କରନ୍ତୁ ଅଟା ବିସ୍କୁଟ

ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ ଆମେ ବଜାରରୁ ଘରକୁ କିଣିକ ଆଣିଥାନ୍ତି। କିନ୍ତୁ ଆମେ ବିଭିନ୍ନ ପ୍ରକାର ବିସ୍କୁଟ ଘରେ ତିଆରି କରିପାରିବା। ଆସନ୍ତୁ ଜାଣିବା ଘରେ କିପରି ତିଆରି କରିବା ଅଟା ବିସ୍କୁଟ। ଆବଶ୍ୟକ ସାମଗ୍ରୀ: ଗୁଆ ଘିଅ, ଚିନି, ଅଟା, ବେସନ, ଲୁଣ, ବ୍ରେକିଂ ପାଉଡର, କ୍ଷୀର ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ କିଛି ଗୁଆ ଘିଅ ନିଅନ୍ତୁ। ସେଥିରେ ଚିନିକୁ ଗ୍ରାଇଣ୍ଡିଂ କରି ପକାନ୍ତୁ। ଏହାକୁ ଭଲଭାବରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଆପଣ ଯେତେ ଭଲ ଭାବରେ ଗୋଳାଇବେ, ବିସ୍କୁଟଟି ସେତେ କ୍ରିସ୍ପି ହେବ। ଚିନି ଗୁଆ ଘିଅକୁ ଭଲ ଭାବରେ ଗୋଳାଇ ସାରିବା ପରେ ସେଥିରେ ଅଟା ପକାନ୍ତୁ। ପରେ ସେଥିରେ ବେସନ, ସ୍ୱାଦ ଅନୁସାରେ ଲୁଣ, ଆବଶ୍ୟକ ଅନୁସାରେ ବ୍ରେକିଂ ପାଉଡର ଓ କ୍ଷୀର ପକାଇ ଭଲଭାବରେ ଚକଟନ୍ତୁ। ଏହାକୁ ଭଲ ଭାବରେ ଚକଟି ସାରିବା ପରେ ବିସ୍କୁଟ ଆକାରରେ ଗଢ଼ନ୍ତୁ। ଟ୍ରେରେ ବିସ୍କୁଟକୁ ରଖି ଦିଅନ୍ତୁ। ପରେ ଓଭାନକୁ ଗରମ କରନ୍ତୁ। ଏହା ପରେ ବିସ୍କୁଟ ଟ୍ରେକୁ ଓଭାନରେ ରଖି ଦିଅନ୍ତୁ। ୧୦ରୁ ୧୫ ମିନିଟ୍ ଓଭାନ ଭିତରେ ଏହାକୁ ରଖନ୍ତୁ। ପରେ ଏହା ପରେ ବହାରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଟା ବିସ୍କୁଟ ।

## ଅଙ୍ଗୁର ଖାଇବା ଦ୍ୱାରା ମିଳିଥାଏ ଅନେକ ଫାଇଦା

# ଅଙ୍ଗୁର

ଅଙ୍ଗୁରକୁ ସ୍ୱାସ୍ଥ୍ୟର ଭଣ୍ଡାର ବୋଲି କୁହାଯାଏ। ଆସନ୍ତୁ ଜାଣିବା ଅଙ୍ଗୁର ଖାଇଲେ ଶରୀର ପାଇଁ କ'ଣ ସବୁ ଉପକାରିତା ମିଳିଥାଏ। ଅଙ୍ଗୁର ରସରେ ଭରି ରହିଛି ଅନେକ ସ୍ୱାସ୍ଥ୍ୟକର ତତ୍ତ୍ୱ। ଯାହା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ। ଅଙ୍ଗୁର କେବଳ ସ୍ୱାଦିଷ୍ଟ ନୁହେଁ, ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ ହୋଇଥାଏ। ଲୋକମାନେ ଅଙ୍ଗୁର ଖାଇବାକୁ ପସନ୍ଦ କରିଥାନ୍ତି। ଅଙ୍ଗୁର ରସରେ ଭିଟାମିନ୍-ସି, ଭିଟାମିନ୍-କେ, ଫାଇବର, ଖଣିଜ ପଦାର୍ଥ, କ୍ୟାଲୋରୀ ଓ ଆଣ୍ଟିଅକ୍ସିଡାଣ୍ଟ ଭରପୂର ପରିମାଣରେ ରହିଥାଏ। ସେଥିପାଇଁ ଅଙ୍ଗୁରକୁ ସ୍ୱାସ୍ଥ୍ୟର ଭଣ୍ଡାର ବୋଲି କୁହାଯାଏ। ଆସନ୍ତୁ ଜାଣିବା ଅଙ୍ଗୁର ଖାଇଲେ ଶରୀରକୁ କ'ଣ ସବୁ ଉପକାରିତା ମିଳିଥାଏ।

**ହୃଦୟ ରୋଗକୁ ରୋକିଥାଏ:** ଏବେ ହୃଦୟ ସମ୍ବନ୍ଧୀୟ ରୋଗ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ତେଣୁ, ହୃଦୟ ରୋଗକୁ ରୋକିବା ପାଇଁ ଅଙ୍ଗୁର ଖାଇବା ଲାଭଦାୟକ ହୋଇଥାଏ। ଅଙ୍ଗୁରରେ ଥିବା ଉପାଦାନ ରକ୍ତନଳୀର କାର୍ଯ୍ୟକୁ ସୁସ୍ଥ ରଖିଥାଏ।

**କର୍କଟ ରୋଗରୁ ରକ୍ଷା କରେ:** ଅଙ୍ଗୁରରେ ବିଭିନ୍ନ ଉପାଦାନ ରହିଛି, ଯେପରିକି ରେସଭେରାଟ୍ରୋଲ ଏବଂ କ୍ୱାରସେଟିନ, ଯେଉଁଥିରେ କର୍କଟ ନିରୋଧୀ ଗୁଣ ଥିବାରୁ ଏହା ଟ୍ୟୁମରର ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରିଥାଏ। ସେହିଭଳି ଅଙ୍ଗୁରରେ ଥିବା ଆଣ୍ଟିଅକ୍ସିଡାଣ୍ଟ କର୍କଟ ରୋଗକୁ ପ୍ରତିରୋଧ କରିଥାଏ।

**ହଜମ କରିବାରେ ସହାୟକ:** ଅଙ୍ଗୁରରେ ଫାଇବର ରହିଛି, ଯାହା ହଜମ କ୍ରିୟାରେ ସହାୟକ ହେବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଏହା ପାଚନ କ୍ରିୟାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

**ଆଖିକୁ ସୁସ୍ଥ ରଖେ:** ଅଙ୍ଗୁର ଖାଇବା ଦ୍ୱାରା ଆଖି ସୁସ୍ଥ ରହିଥାଏ। ଅଙ୍ଗୁରରେ ମିଳୁଥିବା ଦୁଇଟି ପିଗମେଣ୍ଟ୍ ଲ୍ୟୁଟିନ୍ ଓ ଜାକ୍ସାନ୍ଥିନ୍ ଆଖିକୁ ସୁରକ୍ଷା ଦେଇଥାଏ। ସେହିଭଳି ଅନ୍ୟାନ୍ୟ ଚକ୍ଷୁ ରୋଗରୁ ରକ୍ଷା କରିବାରେ ସାହାର୍ଯ୍ୟ କରିଥାଏ। ଏହାଛଡ଼ା ମୋତିଆବିନ୍ଦୁ ଓ ମାକୁଲାର ଡିଜେନେରେସନ ଭଳି ରୋଗର ଆଶଙ୍କାକୁ ମଧ୍ୟ କମ୍ କରିଥାଏ।

**ରୋଗ ପ୍ରତିରୋଧକ ଶକ୍ତି:** ଅଙ୍ଗୁର ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅଙ୍ଗୁରରେ ଭିଟାମିନ୍-ସି ଏବଂ ଭିଟାମିନ୍-କେ ଭରପୂର ମାତ୍ରାରେ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ରୋଗରୁ ଆମକୁ ରକ୍ଷା କରିଥାଏ।

**ହାଡ଼ ସ୍ୱାସ୍ଥ୍ୟ:** ଅଙ୍ଗୁରରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ପୋଟାସିୟମ ଭଳି ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ରହିଛି, ଯାହା ହାଡକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ ଏବଂ ଏହା ଅଷ୍ଟିଓପୋରୋସିସର ଆଶଙ୍କାକୁ କମ୍ କରିବାରେ ସହାୟକ ହୋଇଥାଏ। ଏହା ହାଡକୁ ମଜଭୁତ କରିବାରେ ମଧ୍ୟ ସହାୟକ ହୋଇଥାଏ।

**ମସ୍ତିଷ୍କ ସ୍ୱାସ୍ଥ୍ୟ:** ଅଙ୍ଗୁରରେ ମିଳୁଥିବା ରେସଭେରାଟ୍ରୋଲ ମସ୍ତିଷ୍କରେ ଥିବା କୋଷକୁ ରକ୍ଷା କରିବା ସହ ଆଲଜାଇମର ଭଳି ନ୍ୟୁରୋ ଡିଜେନେରେଟିଭ ରୋଗର ଆଶଙ୍କାକୁ ମଧ୍ୟ କମ୍ କରିଥାଏ। ସେହିଭଳି ଅଙ୍ଗୁର ଖାଇବା ଦ୍ୱାରା ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ।



# ମଣ୍ଡିରେ ପଡିଛି ଶହ ଶହ କ୍ୱିଣ୍ଟାଲ ଧାନ

## ଶୀତକାକରରେ ଜଗି ରହୁଛନ୍ତି ଚାଷୀ

**କଳାହାଣ୍ଡି(ଅମୃତ ମିଡ଼ିଆ ):** କଳାହାଣ୍ଡି ଜିଲ୍ଲାରେ ଚଳିତ ଖରିଫ୍ ଧାନ ଚାଷ ଠିକ୍ ସମୟରେ ଅମଳ ହୋଇଥିଲେ ମଧ୍ୟ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିଲା। ଫଳରେ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ଶହ ଶହ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ବିଶେଷ କରି ଜିଲ୍ଲାର ଜୁନାଗଡ଼ ବ୍ଲକର ଦାସି ଗାଁ, ମୁଣ୍ଡରାଗୁଡା, ଚିଲକପୁର, ଚିଲିଗୁଡ଼ା, ରାଜପୁର, ବଣିଜରା, ବୁଡିଦର ଭଳି ଅନେକ ମଣ୍ଡିରେ ଧାନ ବିକ୍ରି ନ ହୋଇ ଶହ ଶହ କ୍ୱିଣ୍ଟାଲ ପଡି ରହିଛି। ମଣ୍ଡିଗୁଡିକରେ ଧାନ ବସ୍ତା ଚାଷୀଙ୍କୁ ଠିକ୍ ସମୟରେ ଦେଉ ନ ଥିବା ଓ ମିଲର୍ସ ପକ୍ଷରୁ ଗାଡି ଠିକ୍ ସମୟରେ ପଠାଉ ନ ଥିବାରୁ ଏଭଳି ଅନେକ ସମସ୍ୟା ମୁଣ୍ଡ ଟେକିବାକୁ ମିଳିଛି। ଖୋଲା ଆକାଶ ତଳେ ଥିବା ମଣ୍ଡିରେ ଚାଷୀମାନେ ଶୀତ କାକରରେ ଧାନ ଜଗି ରହିଛନ୍ତି। ଦାସିଗାଁ ମଣ୍ଡିରେ ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱରେ ଚାଷୀମାନେ ଧାନକୁ ରଖୁଛନ୍ତି ଓ ରାସ୍ତା କଡରେ ହିଁ ଚାଷୀମାନେ ରାତି ଦିନ ଜଗି ବସିଛନ୍ତି। ଏହି ମଣ୍ଡିରେ ଧାନ ବହୁତ ଥିବାରୁ ଅଧିକାଂଶ ଚାଷୀ ଜାଗା ଅଭାବରୁ ଧାନକୁ ଘରେ ରଖୁଛନ୍ତି। ଏପଟେ ଚାଷୀମାନେ କଟ୍‌ନୀ ଛଟନୀକୁ ବିରୋଧ କରୁଥିବା ବେଳେ ମନଇଛା କଟ୍‌ନୀ କରୁଛନ୍ତି ମିଲର୍ସ। ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଉଛି। ଚାଷୀମାନେ ଧାର କରଜ କରି ଧାନ ଚାଷ କରୁଥିବାବେଳେ ଉଚିତ୍ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରବି ଧାନ ଚାଷ ପାଇଁ କେନାଲରେ ଗତ ୮ ତାରିଖରେ ପାଣି ଛଡାଯାଇଛି। ଏଠାକାର ଚାଷୀ ରବି ଚାଷ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏପଟେ ଖରିଫ ଧାନ ଚାଷୀ ମଣ୍ଡିରେ ବିକ୍ରି କରି ପାରିନାହିଁ। ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ଗତ ୨ ଦିନ ହେଲା ମଣ୍ଡି କାର୍ଯ୍ୟ ବନ୍ଦ ରହିଛି। ଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡିଛନ୍ତି।



# ଗାଡିରେ ଲାଗିଲା ମାଞ୍ଜା ସୂତା; ଅଳ୍ପକେ ବର୍ତ୍ତିଲେ ସ୍କୁଟି ଆରୋହୀ

**କଟକ (ବ୍ୟୁରୋ):** ପୁଣି ମାଞ୍ଜା ସୂତା ଲାଗି ଅଘଟଣ। ଜଣେ ବ୍ୟକ୍ତି ଭୁବନେଶ୍ୱରରୁ କଟକ ଆସୁଥିବା ସମୟରେ କଟକ ଜାତୀୟ ରାଜପଥ ବାଲିକୁଦା ନିକଟରେ ଗୁଡି ସୂତା ତାଙ୍କ ଗାଡିରେ ଲାଗି ଯାଇଥିଲା। ତେବେ ଉକ୍ତ ବ୍ୟକ୍ତିଜଣଙ୍କ ଗାଡି ଧିରେ ଚଳାଉଥିବାରୁ ଏକ ବଡ଼ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଥାଉକି, ସୋମବାର ସେହି ସ୍ଥାନରେ ମାଞ୍ଜା ସୂତା ଲାଗି ଜଣଙ୍କ ହାତ କଟିଥିବା ବେଳେ ଅନ୍ୟ ଜଣେ ଯୁବକଙ୍କ ବେକ କାଟି ହୋଇଯାଇଥିଲା। ମକର ସଂକ୍ରାନ୍ତି ସରିଥିଲେ ମଧ୍ୟ କଟକରେ ଆଜି ମାଞ୍ଜା ସୂତାରେ ଗୁଡି ଉଡୁଥିବା ଦେଖିବାକୁ ମିଳିଛି।

## ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡର ଧରପଗଡ଼

# ଦେଢ଼ବର୍ଷରେ କୋଟିଏ ଟଙ୍କାର ନକଲି ଔଷଧ ଜବତ



**କଟକ (ବ୍ୟୁରୋ):** ନକଲି ଔଷଧ ବିକ୍ରେତା ଓ ଏହାର ପ୍ରସ୍ତୁତକାରୀଙ୍କ ଉପରେ କଟକଣା ଲଗାଇବା ପାଇଁ ରାଜ୍ୟ ଡ୍ରଗ୍ କଣ୍ଟ୍ରୋଲରଙ୍କ ପକ୍ଷରୁ ଜୋରଦାର୍ ଚଢ଼ଉ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ସ୍ପେସାଲ୍ ଟାସ୍କ ଫୋର୍ସ (ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍) ଗତ ଦୁଇ ବର୍ଷ ହେବ ଏ ନେଇ ରାଜ୍ୟ ଓ ରାଜ୍ୟ ବାହାରେ ତନାଘନା କରୁଛି। ତେବେ ୨୦୨୨ ସେପ୍ଟେମ୍ବର ପର ଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ଦେଢ଼ ବର୍ଷ ମଧ୍ୟରେ ଏସ୍‌ଟିଏଫ୍‌ର ଏନ୍‌ଫୋର୍ସମେଣ୍ଟ ଯୋଗୁଁ ରାଜ୍ୟରୁ ପ୍ରାୟ ୧ କୋଟି ଟଙ୍କାର ନକଲି ଔଷଧ ଜବତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଉତ୍ତରପ୍ରଦେଶର ବନାରସରେ ଏଭଳି ଏକ ନକଲି ଔଷଧର ଚେର ପାଇବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରାୟ ୭ କୋଟି ଟଙ୍କାର ନକଲି ଔଷଧ ଜବତ କରିଥିଲା। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଉଦ୍ୟମ ଯୋଗୁଁ ୟୁପି ସରକାର ଏତେ ମାତ୍ରାର ନକଲି ଔଷଧ ଧରିବାରେ ସଫଳ ହୋଇଥିଲେ। ମିଳିଥିବା ତଥ୍ୟ ଅନୁସାରେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସ୍‌ଟିଏଫ୍ ଗଠନ ପରେ ଅର୍ଥାତ୍ ଗତ ୨୦୨୨ ମସିହା ସେପ୍ଟେମ୍ବର ମାସରୁ ଏଯାବତ୍ ନକଲି ଔଷଧ କାରବାର ରୋକିବା ପାଇଁ ରାଜ୍ୟର ପ୍ରାୟ ୨୨ଟି ସ୍ଥାନରେ ଚଢ଼ଉ କରାଯାଇଛି। ସେହିପରି ରାଜ୍ୟ ବାହାରେ ମଧ୍ୟ ୧୭ଟି ସ୍ଥାନରେ ଚଢ଼ଉ କରିଛି ଏସ୍‌ଟିଏଫ୍। ଏସ୍‌ଟିଏଫ୍ ପକ୍ଷରୁ କଟକରେ ୬ଟି, ଅନୁଗୁଳରେ ୪ଟି, ବରଗଡ଼ରେ ଗୋଟିଏ ଓ ଝାରସୁଗୁଡ଼ାରେ ଗୋଟିଏ ମାମଲା ଦାୟର ହୋଇଛି। ଏସବୁ ମାମଲାର ତଦନ୍ତ ଆରମ୍ଭ ହେବା ପରେ ପୁଲିସ ପକ୍ଷରୁ ଏଯାବତ୍ ୧୦ ଜଣ ଅସାଧୁ ଔଷଧ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। କେବଳ କଟକର ପୁରୀଘାଟ ଥାନା ପୁଲିସ ୮ ଜଣଙ୍କୁ ଧରି ଜେଲ୍ ପଠାଇଛି। ତନ୍ମଧ୍ୟରେ ରାଜ୍ୟ ବାହାରର ମଧ୍ୟ କିଛି ବ୍ୟବସାୟୀ ଅଛନ୍ତି। ସେହିପରି ଅନୁଗୁଳ ପୁଲିସ ଜଣଙ୍କୁ ବାନ୍ଧିଥିବାବେଳେ ବରଗଡ଼ରେ ମଧ୍ୟ ଜଣେ ବ୍ୟବସାୟୀ ଗିରଫ ହୋଇଛି। ଏହି କ୍ରମରେ ସନ୍‌ଫାର୍ମା ଦ୍ୱାରା ପ୍ରସ୍ତୁତ ପାଣ୍ଟୋସିଡ୍ ଡିଏଆରକୁ ନକଲି କରି ବିକିବା ଅଭିଯୋଗରେ ଅନୁଗୁଳ ଟାଉନ୍ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ତିନି ଦିନ ପୂର୍ବେ ଗିରଫ କରିଥିବାବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା କରୁଛି। ସେହିପରି ପାଣ୍ଟୋସିଡ୍ ଡିଏସ୍‌ଆରକୁ ନକଲି କରି ବିକ୍ରି କରିବା ଘଟଣାର ଛାନ୍‌ଭିନ୍ ଏସ୍‌ଟିଏଫ୍ (ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍) ପକ୍ଷରୁ ରାଜ୍ୟ ବାହାରେ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ ମିଶ୍ର ଓ ଅତିରିକ୍ତ ସଚିବ ଦୋଳମଣି ପଟେଲ୍‌ଙ୍କ ନେତୃତ୍ୱରେ ଛାନ୍‌ଭିନ୍ ଜାରି ରହିଛି। ଏହି ଘଟଣାରେ ଏକ ବଡ଼ ସଫଳତା ଖୁବ୍ ଶୀଘ୍ର ମିଳିବ ବୋଲି ଏସ୍‌ଟିଏଫ୍ ଆଶା ରଖିଛି। ଏହାପରେ ଧରପଗଡ଼ ନେଇ ବିସ୍ତୃତ ରିପୋର୍ଟ ଏସ୍‌ଟିଏଫ୍ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଯିବ।

# କାରକୁ ଧକ୍କା ଦେଲା ମୋ ବସ୍

**କଟକ (ବ୍ୟୁରୋ):** କାରକୁ ଧକ୍କା ଦେଲେ ମୋ ବସ୍। ମଙ୍ଗଳବାର ସକାଳୁ କଟକ ଜିଲ୍ଲା ବାରଙ୍ଗ ଛକରେ ଏହି ଦୁର୍ଘଟଣା ଘଟିଛି। କାରଟି ଯାତ୍ରୀଙ୍କୁ ନେଇ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ମୋ ବସ୍ କାରକୁ ପଛରୁ ଧକ୍କା ଦେଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ମୋ ବସ୍‌କୁ ଅଟକ ରଖିଥିଲେ। ମୋ ବସ୍ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ମୋ ବସ୍ ଓ କାରକୁ ଥାନାକୁ ନେଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ବିରୋଧ ପ୍ରସଙ୍ଗ

# ଆବେଦନକାରୀଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ



**କଟକ (ବ୍ୟୁରୋ):** ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ବିରୋଧ ପ୍ରସଙ୍ଗ। ଆବେଦନକାରୀଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ। ଆବେଦନକାରୀଙ୍କ ଆୟ ସମ୍ପର୍କରେ ତଥ୍ୟ ମାଗିଲେ ହାଇକୋର୍ଟ। ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଭାରତୀୟ ବିକାଶ ପରିଷଦ ଏବଂ ଜଗନ୍ନାଥ ସେନା ପକ୍ଷରୁ ଦାୟର ହୋଇଥିଲା ମାମଲା।

# ଅଗ୍ନିକାଣ୍ଡରେ ଜଳିଗଲା ୩ଟି ଧାନଗଦା

## ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ହାତିନା ପଚାଂୟତ ପେଣ୍ଠ ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନୋଟି ଧାନଗଦା ଜଳି ଯାଇଛି। ଏହି ଗ୍ରାମର ବିଚିତ୍ର ଦାସଙ୍କ ଧାନଗଦାରେ ନିଆଁଲାଗି ୪ଏକର ଜମିର ଧାନ ସଂପୂର୍ଣ୍ଣ ଜଳିଯାଇଛି। ସେହିପରି ଏହି ଗ୍ରାମର ପ୍ରଫୁଲ୍ଲ ଦାସ, ବାବାଜୀ ଦାସ ଓ ଦୈତାରୀ ଦାସଙ୍କ ଧାନଗଦା ଆଂଶିକ ଜଳି ଯାଇଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଚିତ୍ରଙ୍କର ସବୁ ଧାନ ଜଳିଯାଇଛି। ସେ ଜଣେ ଗରୀବ ଲୋକ। ଭାଗଚାଷ କରିଥିଲେ। ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲା। ଖବରପାଇ ବିଧାୟକ ଧ୍ରୁବ ସାହୁ ଓ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ରକୁମାର ଜେନା, ସରଂପଚ ସମୀର ସେଠୀ, ସହଦେବ ସାହୁ, ସତ୍ୟବାଦୀ ରାଉତ, ପ୍ରାକ୍ତନ ସରଂପଚ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ପହଂଚି ସମବେଦନା ଜଣାଇଛନ୍ତି। ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କଳାହାଣ୍ଡିରେ ଆର୍ଥିକ ସ୍ଥିତିରେ ଆସୁଛି ପରିବର୍ତ୍ତନ

**କଳାହାଣ୍ଡି(ଅମୃତ ମିଡ଼ିଆ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କଳାହାଣ୍ଡି ଜିଲ୍ଲାକୁ ସବୁବେଳେ ଫୋକସ୍‌ରେ ରଖୁଛନ୍ତି। ଜିଲ୍ଲାର ବିକାଶ ପାଇଁ ମାଳମାଳ ଯୋଜନା କରିଛନ୍ତି। ସବୁ ଯୋଜନାର ମୂଳ ଲକ୍ଷ୍ୟ ଜିଲ୍ଲାବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା। ହେଲେ ଯେତିକି ବିକାଶ ହେବା କଥା ଆଜି ବି ହୋଇ ପାରିନଥିବା ନୀତି ଆୟୋଗର ୨୦୨୧ ମସିହା ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ କଳାହାଣ୍ଡି ଜିଲ୍ଲାର ଦାରିଦ୍ର ସୂଚକାଙ୍କ ୪୭.୨୮% ଦର୍ଶାଯାଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୯୨ ମସିହା ବିପିଏଲ୍ ଜନଗଣନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ୮୫.୭୭% ପରିବାର ଦାରିଦ୍ର ସୀମାରେଖା ତଳେ ଥିଲେ। ୧୯୯୭ ମସିହାରେ ଏହା ହ୍ରାସ ପାଇ ୬୨.୭୧%ରେ ପହଞ୍ଚିଥିଲା। ନୀତି ଆୟୋଗର ୨୦୨୧ ରିପୋର୍ଟ ଅନୁଯାୟୀ ବିଭିନ୍ନ ଦିଗରୁ ସୂଚନାଙ୍କରେ ନବରଙ୍ଗପୁର ଜିଲ୍ଲା ୫୯.୩୨%, ମାଲକାନଗିରି ୫୮.୭୧%, କୋରାପୁଟ ୫୧.୧୪%, ୪%, ରାୟଗଡା ୪୮.୧୪%, କଳାହାଣ୍ଡି ୪୭.୨୮%, ମୟୂରଭଞ୍ଜ ୪୪.୯%, କନ୍ଧମାଳ ୪୪.୭୫% ଓ କେନ୍ଦୁଝର ଜିଲ୍ଲା ଖଣିଜ ସମ୍ପଦରେ ଭରପୂର ଥାଇ ମଧ୍ୟ ୪୧.୭୮% ରହିଛି। କଳାହାଣ୍ଡି ଜିଲ୍ଲା ଆକାଂକ୍ଷୀ ଜିଲ୍ଲାରେ ସାମିଲ ହୋଇଥିରେ ମଧ୍ୟ ୩୯.୨% ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ଜିଲ୍ଲାର ତିନି ଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ଦାଦନ ସମସ୍ୟା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କୃଷି ଦ୍ୱାରା ପର୍ଯ୍ୟାପ୍ତ ରୋଜଗାର ଓ ସୁଯୋଗ ମିଳିପାରୁ ନଥିବା ଯୋଗୁଁ ବହୁମାତ୍ରାରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ୧୯.୫% ମହିଳା ପ୍ରସୂତିଜନିତ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି। ସେହିଭଳି ୫ ପ୍ରତିଶତ ଶିଶୁ ସ୍କୁଲକୁ ଯିବା ପାଇଁ ସୁବିଧା ପାଇନାହାନ୍ତି। ଜିଲ୍ଲାର ପ୍ରାୟ ୩ ପ୍ରତିଶତ ଲୋକ ବିଜୁଳି ସେବାରୁ ବଞ୍ଚିତ ଅଛନ୍ତି। କଳାହାଣ୍ଡି ଜିଲ୍ଲାରେ ସାକ୍ଷରତା ହାର ୫୯.୨ ପ୍ରତିଶତ ରହିଛି। ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟଙ୍କିକିଆ ଚାଉଳ ଯୋଗୁଁ ଦାରିଦ୍ର ହ୍ରାସ ପାଇଥିଲେ ମଧ୍ୟ ଅର୍ଥନୈତିକଅଭିବୃଦ୍ଧିରେ ବାଧକ ସାଜିଛି। ଏବେ ମଧ୍ୟ ଜିଲ୍ଲାର ପ୍ରାୟ ୫ ଶହରୁ ଅଧିକ ଗାଁକୁ ରାସ୍ତା ନଥିବା ଯୋଗୁଁ ସରକାରଙ୍କ ଯୋଜନା ବାଟବଣା ହେବାରେ ଲାଗିଛି। ସେହିଭଳି ଉଦ୍ୟୋଗ ଏବଂ ଶିଳ୍ପଭିତ୍ତିକ ଅଭିବୃଦ୍ଧି ହେଉନଥିବାରୁ ଯୁବକମାନେ ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଗୋଟିଏ ପଟେ କଳାହାଣ୍ଡି ଜିଲ୍ଲାରେ କୃଷି, ଜଙ୍ଗଲ ଖଣି ସମ୍ପଦରେ ଭରପୁର ଥିଲେ ମଧ୍ୟ ଏହାର ପ୍ରତିଯୋଗିତା ଅଭାବ ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ଓ ମୁଣ୍ଡପିଛା ଆୟ ବୃଦ୍ଧିରେ ବାଧକ ସାଜିଛି। ଇନ୍ଦ୍ରାବତୀ ପ୍ରକଳ୍ପ ପରେ ଧର୍ମଗଡ଼ ଉପଖଣ୍ଡ ଜଳସେଚିତ ହୋଇଥିବାବେଳେ ଏବେ ମଧ୍ୟ ଭବାନୀପାଟଣା ଉପଖଣ୍ଡର ଥୁଆମୂଳ ରାମପୁର, ଲାଞ୍ଜିଗଡ଼ ଓ ମଦନପୁର ରାମପୁର ଅଞ୍ଚଳରେ ଅନିୟମିତତା ବର୍ଷା କୃଷିକୁ ପ୍ରଭାବିତ କରିଥାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜିଲ୍ଲାକୁ ପାଇପ୍ ଲାଇନ ହୋଇ ଆସୁଥିବା ବେଳେ ଏହାର କାର୍ଯ୍ୟକାରିତା ଓ ଦୁର୍ନୀତି ଯୋଗୁଁ ବିକାଶ ବାଟବଣା ହେବାରେ ଲାଗିଛି।

# ଅରିନ୍ଦମଙ୍କ ଭାଇରାଲ୍ ଫଟୋକୁ ନେଇ ଚର୍ଚ୍ଚା

**କଟକ (ବ୍ୟୁରୋ):** ବିଜେଡି ନେତା ଅରିନ୍ଦମଙ୍କ ଆଉ ଏକ ଫଟୋକୁ ନେଇ ଚର୍ଚ୍ଚା। କଟକ ବିଜେପି ଜିଲ୍ଲା ସଭାପତି ପ୍ରକାଶ ବେହେରାଙ୍କ ସହ ତାଙ୍କର ଏକ ଫଟୋ ଭାଇରଲ ହୋଇଛି। ତେବେ ଅରିନ୍ଦମ ଗୋଟିଏ ପରେ ଗୋଟିଏ ବିଜେପି ନେତାଙ୍କ ସହ ଭେଟଘାଟ କଟକ ରାଜନୀତିକୁ ସରଗରମ କରିଛି। କିଛି ଦିନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଦେଖା କରିବା ପରେ ଆଜି ଜିଲ୍ଲା ସଭାପତିଙ୍କ ସହ ତାଙ୍କର ଏହି ଫଟୋକୁ ନେଇ ଚର୍ଚ୍ଚା



ଆରମ୍ଭ ହୋଇଛି। ଅରିନ୍ଦମ ବିଜେପି ଆଡକୁ ଢଳୁଛନ୍ତି କି? ସେ ବିଜେପିରେ ଯୋଗ ଦେଇ ପାରନ୍ତି କି ବୋଲି ନାନା ଆଲୋଚନା ଆରମ୍ଭ ହୋଇଛି। ତେବେ ସେ ଦୀର୍ଘ ଦିନ ଧରି ବିଜେଡିରୁ କୋଣଠେସା ହୋଇ ରହିଥିବାବେଳ ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ। ଏମିତିକି ଗତ ୧୨ ତାରିଖରେ ବାଲିଯାତ୍ରା ପଡିଆ ଠାରେ ଏକ ଯୁବ ସମ୍ମିଳନୀ ମଧ୍ୟ ବିଜେଡି ବ୍ୟାନରରେ କରିଥିଲେ। ଏହାସହ ମୁଁ କାହା ସହ ଦେଖାକରିବାରେ କିଛି ଅସୁବିଧା ନାହିଁ ଯିଏ ଯାହା ଭାବୁଛନ୍ତି ଭାବନ୍ତୁ। ଏହି ଫଟୋ ଗତକାଲିର ପ୍ରକାଶ ବେହେରାଙ୍କ ଘର ନିକଟ ସାଲେପୁର ଠାରେ ବୋଲି ଚର୍ଚ୍ଚା ହେଉଛି।

# ଦାଦାବଟି ମାଗି ଅଭିଯୁକ୍ତ ଗିରଫ



**କଟକ (ବ୍ୟୁରୋ):** ଦୁଇ ଲକ୍ଷ ଟଙ୍କା ଦାଦା ବଟି ମାଗିବା ପଡ଼ିଲା ମହଙ୍ଗା। ଗିରଫ ହେଲା ପେଶାଦାର ଅପରାଧୀ ଛବି। ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ରହିଛି ହତ୍ୟା ସମେତ ଏକାଧିକ ମାମଲା। ପ୍ରକାଶ ଯେ, ବାଲିଘାଟ ଅଞ୍ଚଳରେ ଗୁଣ୍ଡା ସାଜି ଦାଦାବଟି ମାଗୁଥିବା ଛବିନ୍ଦ୍ର ଲେଙ୍କା ଓରଫ୍ ଛବିଙ୍କୁ ଗିରଫ କରିଛି ବାରଙ୍ଗ ଥାନା ପୋଲିସ। ରବିବାର ରାତିରେ ଛବି ନରଣପୁର ବାଲିଘାଟ ଅଞ୍ଚଳରେ ପ୍ରକାଶ ଚନ୍ଦ୍ର ତରାଇଙ୍କ ଠାରୁ ଡରାଇ ଧମକାଇ ଦୁଇ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା ପରେ ଆତଙ୍କିତ ପ୍ରକାଶ ଛବିକୁ ୪୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ନେଇ ଚମ୍ପଟ ମାରିବା ପରେ ପ୍ରକାଶ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରଙ୍ଗ ପୋଲିସ ଏକ ସ୍ୱତନ୍ତ୍ର ଟିମ ସହ ବିଭିନ୍ନ ଜାଗାରେ ଚଢ଼ାଉ କରି ଅଭିଯୁକ୍ତ ଛବିକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଛବି ନାମରେ ପୂର୍ବରୁ ହତ୍ୟା ପରି ସଙ୍ଗୀନ ମାମଲା ସହ ଏକାଧିକ ଅପରାଧିକ ମାମଲା ରହିଥିବା ବେଳେ ତାର ବେଲ୍ କ୍ୟାନ୍ସଲ୍ ପାଇଁ କୋର୍ଟଙ୍କୁ ଅନୁରୋଧ କରିବ ବାରଙ୍ଗ ଥାନା ପୋଲିସ।

# ଗୁଡ଼ିସୂତା ଲାଗି ୨ ଯୁବକ ଆହତ

**କଟକ (ବ୍ୟୁରୋ):** କଟକ ବାଲିକୁଦାରେ ଅଭାବନୀୟ ଘଟଣା। ଗୁଡ଼ି ସୂତା ଲାଗି ୨ ଜଣ ଯୁବକ ଆହତ ହୋଇଛନ୍ତି। ଗୁଡ଼ି ସୂତା ଲାଗି କଟିଲା ଯୁବକଙ୍କ ବେକ ଓ ହାତ। ବାଇକରେ ନିଆଳିରୁ କଟକ ଆସୁଥିବାବେଳେ ଲାଗି ଯାଇଥିଲା ଗୁଡି ସୂତା। ଜଣଙ୍କ ବେକ ଓ ଅନ୍ୟ ଜଣଙ୍କ ହାତରେ ଏହି ସୂତା ଲାଗିଥିଲା। ତୁରନ୍ତ ବାଇକ ଅଟକାଇ ଦେବାରୁ ଏକ ବଡ ବିପଦରୁ ବର୍ତ୍ତି ଯାଇଥିଲେ ଉଭୟ। ବେକରେ ଦାଗ ହୋଇଯିବା ସହିତ ଅନ୍ୟ ଜଣଙ୍କର ହାତ କଟି ରକ୍ତ ସ୍ରାବ ହୋଇଛି। ଉଭୟ ଆହତଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ମକର ସଂକ୍ରାନ୍ତି ଅବସରରେ କଟକ ସମେତ ବିଭିନ୍ନ ସ୍ଥାନରେ ସକାଳୁ ସକାଳୁ ଗୁଡ଼ି ଉଡିବା ଆରମ୍ଭ ହୋଇଛି। ଗୁଡ଼ି ଉଡ଼ାଇବା ପାଇଁ ମାଞ୍ଜା ସୂତାକୁ ପ୍ରଶାସନ ବାରଣ କରିଥିଲେ ମଧ୍ୟ କିଛି ଅମାନିଆ ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳିଛି। ଗୁଡ଼ି ଉଡ଼ାରେ ପ୍ଲାଷ୍ଟିକ ସୂତା ବ୍ୟବହାର ଉପରେ କଟକଣା ଲଗାଇଛି କମିଶନରେଟ ପୋଲିସ। ହେଲେ ବି ମାନୁନାହାନ୍ତି ଅମାନିଆ। ପ୍ରତିବର୍ଷ ମାଞ୍ଜା ସୂତା ନିଷେଧ ହେବା ସତ୍ତ୍ୱେ ବି ବ୍ୟବହାର ହେଉଛି ଏବଂ ଏହାଦ୍ୱାରା ଅନେକ ଜୀବନ ଯାଉଛି। ଗୁଡି ଉଡା ପାଇଁ ଚାଇନା ସୂତନା ବ୍ୟାନ୍ ହୋଇଥିବାବେଳେ ଏହା କିପରି ମାର୍କେଟରେ ମିଳୁଛି ଏବଂ ଗୁଡି ଉଡାରେ ବ୍ୟବହାର ହେଉଛି ତାହା ସବୁଠାରୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନଅଙ୍କ ଦୁର୍ଭିକ୍ଷର ମୂକସାକ୍ଷୀ ଜମ୍ବୁ-ମାର୍ଶାଘାଇ କେନାଲ

**କଟକ (ବ୍ୟୁରୋ):** ନଅଙ୍କ ଦୁର୍ଭିକ୍ଷ ସମୟରେ ଲୋକଙ୍କୁ ଖାଦ୍ୟ ପାଇଁ କାମ ଯୋଜନାରେ ବ୍ରିଟିଶ ସରକାର ଖନନ କରିଥିଲେ ଜମ୍ବୁ-ମାର୍ଶାଘାଇ କେନାଲ। ଯେଉଁ କେନାଲ ଦେଇ ଲୋକେ ଯାତାୟତ କରିବା ସହ ବାଣିଜ୍ୟିକ କାରବାର କରୁଥିଲେ ଓ ଏହି କେନାଲ ପାଣିକୁ ଜଳସେଚନରେ ବ୍ୟବହାର କରାଯାଉଥିଲା। ଏହି କେନାଲ ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ଦେଢ଼ଶହ ବର୍ଷ ଧରି ଜୀବନରେଖା ପାଲଟିଥିଲା। ଉଣେଇଶି ଶହ ନବେ ଦଶକ ପର୍ଯ୍ୟନ୍ତ ଜଳପଥ ଭାବେ ବ୍ୟବହାର ହୋଇ ଗମନାଗମନ ଓ ମାଲ ପରିବହନ ପାଇଁ ଏହି କେନାଲ ଜଳପଥ ଭାବେ ମୁଖ୍ୟ ମାଧ୍ୟମ ସାଜିଥିଲା। ଯାହାର ବହୁ ପ୍ରମାଣ ଏବେ ବି ସ୍ଥାନୀୟ ଅଞ୍ଚଳରେ ପରିଲକ୍ଷିତ ହେଉଛି। ୧୮୬୬ ମସିହାରେ ଦେଖାଦେଇଥିବା ନଅଙ୍କ ଦୁର୍ଭିକ୍ଷ ତତ୍‌କାଳୀନ ବ୍ରିଟିଶ ସରକାରଙ୍କୁ ବିଚଳିତ କରିଥିଲା। ଯେଉଁଥିପାଇଁ ମହାନଦୀର କଟକରୁ ଏହି ତଳିଆ ଅଞ୍ଚଳକୁ ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଏକ ବୃହତ ଯୋଜନା ସ୍ୱରୂପ କେନାଲ ଖନନ



କରିଥିଲେ। ପ୍ରାୟ ତିରିଶି ମିଟର ଚଉଡ଼ାର ଶହେରୁ ଅଧିକ କିଲୋମିଟର ଲମ୍ବ ଏହି କେନାଲ କଟକରୁ ଜମ୍ବୁ ପର୍ଯ୍ୟନ୍ତ ଖୋଳାଇଥିଲେ। ଜମ୍ବୁ ମାର୍ଶାଘାଇ କେନାଲରେ ଜିଲ୍ଲାର ମହାକାଳପଡ଼ା, ଜମ୍ବୁ, ଛପାଳି ଠାରୁ ଆରମ୍ଭ କରି ବେଣାକନ୍ଧା, ଜଗରୀଜୋର, ରାଜନଗର ପର୍ଯ୍ୟନ୍ତ ଅଞ୍ଚଳବାସୀ ଜଳପଥରେ ଡଙ୍ଗାରେ ନିରାପଦ ଭାବେ କଟକ ପର୍ଯ୍ୟନ୍ତ ଯାତାୟତ କରୁଥିଲେ। ନଦୀ ଅପେକ୍ଷା କେନାଲର ସ୍ଥିର ଜଳ ରାଶିରେ ଡ଼ଙ୍ଗା ଚଳାଇବା ସହଜ ହେଉଥିଲା। ପବନ ସମୟରେ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ସଡ଼କପଥର ବସ୍‌ଷ୍ଟାଣ୍ଡ ଭଳି ଏହି କେନାଲର ଖ୍ରୀଷ୍ଟିୟାନପଡ଼ା ବାଲି, ମହାକାଳପଡ଼ା ନିକଟରେ କେନାଲକୁ ପ୍ରଶସ୍ତ ଗଣ୍ଡ କରାଯାଇଥିଲା। ସେହିଠାରେ ଅଧିକ ଗଭୀର କରାଯାଇ ସବୁଦିନେ ପାଣି ରହିବାର ବ୍ୟବସ୍ଥା କରାଯାଇଥିଲା। ଅଧିକ ଡ଼ଙ୍ଗା ଚଳପ୍ରଚଳ କରୁଥିବା ଗଣ୍ଡରେ ଲଙ୍ଗର ପକାଇ ଏବଂ କୂଳରେ କାତ ପୋତି ଡଙ୍ଗା ରଖାଯାଇପାରୁଥିଲା। କେନାଲରୁ ନଦୀକୁ ବିଭିନ୍ନ ସ୍ଥାନରେ ସଂଯୋଗ କେନାଲ କରାଯାଇ ଲକ୍ ସିଷ୍ଟମ କରିଥିଲେ। କଟକରୁ ଜମ୍ବୁ ପର୍ଯ୍ୟନ୍ତ ସାଲେପୁର, କେନ୍ଦୁପଟଣା, ବରପଡ଼ା ଅସୁରେଶ୍ୱର, ଦାନପୁର, ବସପୁର କଳପଡ଼ା ମାର୍ଶାଘାଇ ଏବଂ ଜମ୍ବୁ ନିକଟରେ ଲକ୍ ସିଷ୍ଟମ ଥିଲା। ଜମ୍ବୁରେ କେନାଲରୁ ଗୋବରୀ ନଦୀକୁ ଡଙ୍ଗା ଯାତାୟାତ ପାଇଁ, ମାର୍ଶାଘାଇରେ ଲୁଣା ନଦୀକୁ ଯାତାୟତ ପାଇଁ ଲକ ସିଷ୍ଟମ କରାଯାଇଥିଲା। ଲକ ସିଷ୍ଟମରେ ଉପର ମୁଣ୍ଡର ଜଳକୁ ଅଟକାଇ ରଖିବା ଆବଶ୍ୟକ ସ୍ଥଳେ ତଳ ମୁଣ୍ଡକୁ ଜଳ ଛାଡ଼ିବା ପାଇଁ ସ୍ୱତନ୍ତ୍ର ପାଣି ଗଳାବାଟ (ସ୍ଲୁଇସ ସିଷ୍ଟମ) ଥିଲା। କେନାଲ ପାଖରୁ ଜଳସେଚନ ପାଇଁ ପାଣି ଯୋଗାଇ ଦେବାକୁ ଶାଖା କେନାଲ ମଧ୍ୟ କରିଥିଲେ। ଫଳରେ ଚାଷୀମାନେ ମରୁଡ଼ି ଦାଉରୁ ଫସଲକୁ ରକ୍ଷା କରିପାରୁଥିଲେ। ଉଦ୍‌ବୃତ୍ତ ଜଳକୁ ଗୋବରୀ ନଦୀକୁ ଛାଡ଼ିବା ପାଇଁ ପଳାସପୁର ନିକଟରେ ଗୋବରୀକୁ ସଂଯୋଗ ପାଇଁ ମୁହାଣ ଏବଂ ମାଣତିର ନିକଟରେ କଳିଙ୍ଗା ସୁଇସ ବ୍ୟବସ୍ଥା ଥିଲା। ମାର୍ଶାଘାଇରେ କେନାଲର ଏକ ସେକ୍ସନ କାର୍ଯ୍ୟାଳୟରେ ବ୍ରିଟିଶ ଅଫିସରମାନେ ରହି କର୍ମଚାରୀଙ୍କ ଦ୍ୱାରା କେନାଲ ସିଷ୍ଟମକୁ ପରିଚାଳନା କରୁଥିଲେ। ଜନୈକ ଅଫିସର ମାର୍ସଲ ସାହେବଙ୍କ ପୁଅର ମୃତ୍ୟୁ ଘଟିଥିବାବେଳେ ତାଙ୍କ ମୃତଦେହକୁ ମାର୍ଶାଘାଇ ଲକ ପରିସରରେ ସମାଧି ଦେଇଥିଲେ। ଯାହା ଏବେ ବି ବ୍ରିଟିଶମାନଙ୍କ ମୂକସାକ୍ଷୀ ହୋଇରହିଛି। ସେହି ସମାଧିର ଚାରି ପାର୍ଶ୍ୱରେ ଲୁହା ଜଞ୍ଜିରର ବାଡ଼ ଦିଆଯାଇଥିଲା।

# ଚୌଦ୍ୱାରରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଆସନ୍ତା ଜାନୁୟାରୀ ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହେବା ପରିପ୍ରେକ୍ଷୀରେ ଆଜି ଚୌଦ୍ୱାର ପୌର ପାଳିକାର ୱାର୍ଡ଼ ନଂ.୧୦, ୧୫, ୧୬, ୧୯ ଏବଂ ନଖରା ଓ ବାଣିପଦା ପଂଚାୟତର ବିଭିନ୍ନ ଅଂଚଳ ଯଥା ଚିତ୍ରେଶ୍ୱର, ଗୋଡ଼ିପାଟଣା, ମୁରାଦଖାଁପାଟଣା, ଦୌଲତାବାଦ, ଗୌଡ଼ସାହି, ଚାରିଘରିଆ, ସାନଚାଂଚୋ, ବଡ଼ଚାଂଚୋ, ଡଗରାସାହି, ଗରୁଡ଼ଗାଁ, ନିର୍ଗୁଣ୍ଡି, ଅଲାରପୁର, ଚାରିଘରିଆ, ପଣ୍ଡୁଆ, ଅଙ୍ଗତରାଢ଼ିଅ, ବନ୍ଧାଳ, ବାଣିପଦା, ଦେବୀନଗର ଏବଂ ଆଗ୍ରାହାଟ ପଂଚାୟତର ଶ୍ରୀବିହାର କଲୋନୀ ଆଦି ଅଂଚଳରେ ଜୟ ଜଗନ୍ନାଥ ଅର୍ପଣ ରଥ ଘରକୁ ଘର ବୁଲି ଗୁଆ ଓ ଅକ୍ଷତ ଚାଉଳ ସଂଗ୍ରହ କରାଯାଇଥିଲା। ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ସହ ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଝୋଟି, ଚିତା ଓ ପୂର୍ଣ୍ଣକୁମ୍ଭ ବସାଇ ରଥକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ନୋଡ଼ାଲ ଅଫିସର ପତିତପାବନ ପଟ୍ଟନାୟକ, ଚୌଦ୍ୱାର ପୌରପାଳିକାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ-ଚୌଦ୍ୱାର ପଂଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ୧୧ନଂ.ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ରଂଜନ ପରିଜା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଭରତ ଚନ୍ଦ୍ର ସାହୁ, କବିତା ପରିଡ଼ା, ସନ୍ତୋଷ ନାୟକ, ଈଶ୍ୱର ରାଉତ, ବିଜୟ ସ୍ୱାଇଁ, ବିଦ୍ୟାଧର ତ୍ରିପାଠୀ, ବିଜୟ ମହାନ୍ତି, ରଂଜନ ପରିଡ଼ା, ରମାକାନ୍ତ ପାଣି, ଦୀପ୍ତିରଂଜନ ପଣ୍ଡା, ଟୁକୁନା ସାହୁ, ଶରତ ନାୟକ, ଜୟନ୍ତ ସାହୁ, ନୃସିଂହ ନାୟକ, ତ୍ରୈଲୋକ୍ୟ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଧନେଶ୍ୱର ଜେଠୀ, ପ୍ରଶାନ୍ତ ରାଉତ,



କାଉନ୍‌ସିଲର ସୁବ୍ରତ ସାମଲ, ଅର୍ଜିନି ବେହେରା, ବିଜୟ କୁମାର ମଲ୍ଲିକ, ଅଜୟ କୁମାର ବେହେରା, ବିଜୟ ମଲ୍ଲିକ, ଆଶୁତୋଷ ଦାସ, ସରପଂଚ ଦିଲ୍ଲୀପ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ବାରିକ, ନରେନ୍ଦ୍ର ସ୍ୱାଇଁ, ଅଭିଳାଷ ସାହୁ, ଲକ୍ଷ୍ମଣ ରାଉତ, ଅର୍ଜୁନ ପଣ୍ଡା, ଅଶୋକ କୁମାର ଦାସ, ଅର୍ଚ୍ଚନା ମହାନ୍ତି, ଦିଲ୍ଲୀପ ଆଚାର୍ଯ୍ୟ, ମନୋଜ ସାହୁ, ଶାରଦା ସନ୍ତୋଷ ତ୍ରିପାଠି, ମମତା ନାୟକ, ଚିନ୍ମୟୀ ସିଂ, ବିଦ୍ୟୁତଲତା ସାମଲଙ୍କ ସହ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆସନ୍ତା କାଲି ୧୭ତାରିଖ ବୁଧବାର ସନ୍ଧ୍ୟା ୫ଘଟିକା ସମୟରେ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଓ ଜଗନ୍ନାଥ ସଂସ୍କୃତିକୁ ନେଇ ଏକ ବିଶାଳ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହେବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

## ସମ୍ପାଦକୀୟ...

# ବିଗିଡ଼ିଲା ମାଲେ-ଦିଲ୍ଲୀ ସମ୍ପର୍କ

ଭାରତର ଏକ ଉତ୍ତମ ପଡ଼ୋଶୀ ମାଲଦୀପ ଯାହାକୁ ଆମେ ମାଲ୍‌ଡାଇଭ୍‌ସ ମଧ୍ୟ କହିଥାଉ। ଭାରତର ଏମିତି ତ ଅନେକ ପଡ଼ୋଶୀ ଅଛନ୍ତି। ଯେମିତି କି ଶ୍ରୀଲଙ୍କା, ନେପାଳ ଆଦି ଦେଶ । ଯାହା ମଧ୍ୟରେ ସାମିଲ ରହିଛି ପାକିସ୍ତାନ୍ ଯାହାକୁ ପଡ଼ୋଶୀ ଭାବେ କହିବାକୁ ଆମକୁ ବି ବହୁତ୍ ଖରାପ୍ ଲାଗୁଛି। ଏତେ ଖରାପ ଲାଗୁଛି ଯାହାକୁ ଭାଷାରେ ବର୍ଣ୍ଣନା କରିବା ମଧ୍ୟ କଷ୍ଟକର, କେବଳ କଷ୍ଟକର କହିଲେ ଚଳିବ ନାହିଁ, ଅତୀବ କଷ୍ଟକର; ଏହାର ଅର୍ଥ ଆମେ କେବେ ବି କୌଣସି ପରିସ୍ଥିତିରେ ପାକିସ୍ତାନକୁ ଆମର ପଡ଼ୋଶୀ ବୋଲି କହିପାରିବା ନାହିଁ । ଏଥିରୁ ସ୍ପଷ୍ଟ ଯେ ବାସ୍ତବରେ ପାକିସ୍ତାନ୍ କେତେ ଖରାପ୍, ପାକିସ୍ତାନ କେତେ ଖଳ ପ୍ରକୃତିର ଏବଂ ପାକିସ୍ତାନ କେତେ ଭୟଙ୍କର ଯାହା କୌଣସି ବି ସମୟରେ କାହାକୁ ବି ଧୋକ୍କା ଦେଇପାରେ । ତେବେ ଏହାର ଅର୍ଥ ଏମିତି ଅବଶ୍ୟ ନୁହେଁ ଯେ ପାକିସ୍ତାନ୍‌ର ପ୍ରତି ନାଗରିକ ଯେ ଖରାପ୍, ଆମେ ସେମିତି ବି କହିପାରିବା ନାହି କିମ୍ବା ଆମେ ସେମିତି ବି ପୂରା ପାକିସ୍ତାନକୁ ଖରାପ୍ ବୋଲି କହିପାରିବା ନାହିଁ । ଏବେ ବି ପାକିସ୍ତାନ୍‌ରେ ବହୁତ୍ ଭଲ ଲୋକ ଅଛନ୍ତି ଯେଉଁମାନେ ଏବେ ବି ବହୁତ୍ ଭଲ ପାଆନ୍ତି ପାକିସ୍ତାନକୁ। ସେମାନେ ପାକିସ୍ତାନ୍‌କୁ ଭଲ ପାଇବା ସହିତ ଭାରତକୁ ବି ଭଲ ପାଆନ୍ତି । ଭାରତର ବିପକ୍ଷରେ କିଛି କହିଲେ, ତାହାକୁ ବି ସେମାନେ କେବେ ବି ଭଲ ପାଆନ୍ତି ନାହିଁ । ଆବଶ୍ୟକ ପଡ଼ିଲେ ଲଢ଼ି ଯାଆନ୍ତି ଏବଂ ଭିଡ଼ି ଯାଆନ୍ତି ପ୍ରଶାସନ ସହିତ। ପ୍ରଶାସନ କି ଛାଡ଼ିବ ସେମାନଙ୍କୁ । ତାହା ପୁଣି ପାକିସ୍ତାନ୍ ପ୍ରାଶାସନ ଯେ କି ଏସିଆର ସବୁଠାରୁ ଗୋଟାଏ ଖଳ ପ୍ରକୃତିର ପ୍ରଶାସନ ଏବଂ ଯେ କି ଆଜି ବି ଡେଉଁଛି ଚାଇନା କଥାରେ । ଯେ କି ଆଜି ବି ନାଚୁଛି ଚାଇନା କଥାରେ ? ସେଭଳି ଏକ ସଇତାନୀ ପ୍ରକୃତିର ଖଳ ପ୍ରଶାସନକୁ କିଭଳି ବିଶ୍ୱାସ କରାଯାଇପାରେ କି ? କେବେ ବି ନୁହେଁ। ସେଥିପାଇଁ କେହି କେବେ ଏମିତି ବି କହିଥିବାର ଆମେ ଶୁଣିଥିବା ଯେ ଭଗବାନ୍ ସମସ୍ତଙ୍କୁ ସବୁ ଦିଅନ୍ତୁ ,ହେଲେ ପାକିସ୍ତାନ୍ ଭଳି ପଡ଼ୋଶୀ କେବେ ବି କାହାକୁ ନ ଦିଅନ୍ତୁ । ଏଥିରୁ ପାକିସ୍ତାନ୍‌ର ପ୍ରକୃତି ଯେ କେତେ ଖରାପ ଯାହାକୁ ଭାଷାରେ ବର୍ଣ୍ଣନା କରିବା ମଧ୍ୟ କଷ୍ଟକର, କେବଳ କଷ୍ଟକର କହିଲେ ଚଳିବ ନାହିଁ, ଅତୀବ କଷ୍ଟକର; ଏହାର ଅର୍ଥ ଆମେ କେବେ ବି କୌଣସି ପରିସ୍ଥିତିରେ ପାକିସ୍ତାନକୁ ଆମର ପଡ଼ୋଶୀ ବୋଲି କହିପାରିବା ନାହିଁ । ଏଥିରୁ ସ୍ପଷ୍ଟ ଯେ ବାସ୍ତବରେ ପାକିସ୍ତାନ୍ କେତେ ଖରାପ୍, ପାକିସ୍ତାନ କେତେ ଖଳ ପ୍ରକୃତିର ଏବଂ ପାକିସ୍ତାନ କେତେ ଭୟଙ୍କର ଯାହା କୌଣସି ବି ସମୟରେ କାହାକୁ ବି ଧୋକ୍କା ଦେଇପାରେ । ତେବେ ଏହାର ଅର୍ଥ ଏମିତି ଅବଶ୍ୟ ନୁହେଁ ଯେ ପାକିସ୍ତାନ୍‌ର ପ୍ରତି ନାଗରିକ ଯେ ଖରାପ୍, ଆମେ ସେମିତି ବି କହିପାରିବା ନାହି କିମ୍ବା ଆମେ ସେମିତି ବି ପୂରା ପାକିସ୍ତାନକୁ ଖରାପ୍ ବୋଲି କହିପାରିବା ନାହିଁ । ଏବେ ବି ପାକିସ୍ତାନ୍‌ରେ ବହୁତ୍ ଭଲ ଲୋକ ଅଛନ୍ତି ଯେଉଁମାନେ ଏବେ ବି ବହୁତ୍ ଭଲ ପାଆନ୍ତି ପାକିସ୍ତାନକୁ। ସେମାନେ ପାକିସ୍ତାନ୍‌କୁ ଭଲ ପାଇବା ସହିତ ଭାରତକୁ ବି ଭଲ ପାଆନ୍ତି । ଭାରତର ବିପକ୍ଷରେ କିଛି କହିଲେ, ତାହାକୁ ସେମାନେ କେବେ ବି ଭଲ ପାଆନ୍ତି ନାହିଁ । ଆବଶ୍ୟକ ପଡ଼ିଲେ ସେମାନେ ବି ଭିଡ଼ି ଯାଆନ୍ତି ସଂପୃକ୍ତ ସରକାରଙ୍କ ସହିତ୍ ଯାହାର ପରିଣାମ ସେମାନଙ୍କୁ ବି ଭୋଗିବାକୁ ପଡ଼ିଛି ଅତି ଭୟଙ୍କର ଶାସ୍ତି । ସେଭଳି ଶାସ୍ତି ଭୋଗିଥିବା ମୁସଲିମ୍ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ରହିଛନ୍ତି ସଂପୃକ୍ତ ଦେଶର ଅନେକ ଖ୍ୟାତନାମା ବ୍ୟକ୍ତିତ୍ୱ ଯାହାଙ୍କ ମଧ୍ୟରେ ରହିଛନ୍ତି ବାଂଗଲାଦେଶର ଜଣେ ପ୍ରସିଦ୍ଧ ଲେଖିକା ତସଲିମା ନସରୀନ୍ ଯେ କି ପେଶାରେ ଜାଣେ ଅନ୍ତର୍ଜାତୀୟ ସ୍ତରୀୟ ଲେଖିକା । ସେହିଭଳି ଆଉ ଏକ ଉଦାହରଣ ମଧ୍ୟ ଦିଆଯାଇପାରେ । ପାକିସ୍ତାନ୍‌ର ଜନୈକ ପ୍ରସିଦ୍ଧ ଗାୟକ ଯେ କି କେବେ ଭାରତର ପ୍ରସଂଶା ରେ କେଇପଦ ଗାଇଦେଇଥିଲେ ଅବା କହି ଦେଇଥିଲେ। ବାସ୍ କଥା ଏତିକି, ତାହା ପରେ ଉଭୟ ଦେଶ ସେମାନଙ୍କ୍ ବିପକ୍ଷରେ ନେଇଥିଲେ ଅତି କ ଭୟଙ୍କର ପଦକ୍ଷେପ। ତେବେ ଏବେ ବି ପାକିସ୍ତାନ୍‌ରେ କିଛି ଏଭଳି ଲୋକ ଅଛନ୍ତି ଯେଉଁମାନେ କେବେ ଭାରତ ବିପକ୍ଷରେ ପାକିସ୍ତାନକୁ କଡ଼ା ଜବାବ୍ ଦେଇ ସେମାନେ ଗଭୀର ରୋଷର ଶିକାର ବି ହୋଇଛନ୍ତି। ଏପରିକି ନିର୍ବାସନ ଅବା ମୃତ୍ୟୁଦଣ୍ଡର ଆଦେଶ ବି ପାଇଛନ୍ତି । ପରେ ସେମାନେ ଦେଶ ଛାଡ଼ି ଫେରାର୍ ବି ହୋଇଛନ୍ତି। ତେବେ ଏବେ ବି ବହୁତ୍ ଲୋକ ଅଛନ୍ତି ଯେଉଁମାନେ ଏବେ ବି ବହୁତ୍ ଭଲ ପାଆନ୍ତି ପାକିସ୍ତାନକୁ। ସେମାନେ ପାକିସ୍ତାନ୍‌କୁ ଭଲ ପାଇବା ସହିତ ଭାରତକୁ ବି ଭଲ ପାଆନ୍ତି । ଭାରତର ବିପକ୍ଷରେ କିଛି କହିଲେ, ତାହାକୁ ସେମାନେ କେବେ ବି ଭଲ ପାଆନ୍ତି ନାହିଁ । ଆବଶ୍ୟକ ପଡ଼ିଲେ ସେମାନେ ବି ଭିଡ଼ି ଯାଆନ୍ତି ସଂପୃକ୍ତ ସରକାରଙ୍କ ସହିତ୍ ଯାହାର ପରିଣାମ ସେମାନଙ୍କୁ ବି ଭୋଗିବାକୁ ପଡ଼ିଛି ଅତି ଭୟଙ୍କର ଶାସ୍ତି । ଯାହାର ବର୍ଣ୍ଣନା ଆମେ ତ କରିଦେଲୁ ତେବେ ଆମର ଆଉ ଏକ କୁଟୁଳିଆ ପଡ଼ୋଶୀ ଚାଇନା କିନ୍ତୁ ସର୍ବଦା ପଡ଼ିଛି ଭାରତ ପଛରେ । ଯାହାର ପ୍ରଥମ ନମୁନା ହେଉଛି ପାକିସ୍ତାନ୍ । ଏବେ ଅନ୍ୟ ଏକ ନମୁନା ହେବାକୁ ଯାଉଛି ମାଲେ ମାନେ ମାଳଦୀପ। ସେ ବି ଚାଇନା କଥାରେ ପଡ଼ ଭାରତ ସହିତ ତା'ର ପୂର୍ବ ସମ୍ପର୍କର କଥାକୁ ଭୁଲ୍ ବୁଝୁଛି। ପର୍ଯ୍ୟଟନକୁ ନେଇ ଭାରତର ଲାକ୍ଷାଦୀପର ପ୍ରଶଂସାରେ ବିମୁଖ ହୋଇ ପଡ଼ିଛି ମାଳଦୀପ। ଭାରତକୁ ଦେଇଛି ଓଲଟା ଧମକ।

## ଜ୍ଞାନାମୃତ

# ପ୍ରକୃତ ମୂଲ୍ୟ

ସକାଳ ହେଲେ ସମସ୍ତେ ନିଜ କାମରେ ଲାଗିପଡନ୍ତି। ଯିଏ ଯୋଉ ଭାବରେ ବା ଯୋଉ ଜାଗାରେ ଥାଉ ନା କାହିଁକି, ନିଜ ନିଜ କାମରେ ଲାଗିପଡ଼ନ୍ତି ସମସ୍ତେ । ପ୍ରତ୍ୟକଙ୍କ କାମ ପ୍ରତ୍ୟକଙ୍କ ପାଇଁ ବଡ। କାମ ଛୋଟ ହେଉ କି ବଡ଼ ସେଥିରେ କିଛି କଥା ନାହିଁ, କଥା ଥାଏ ସେହି କାର୍ଯ୍ୟ ସମ୍ପାଦନରେ । କିଏ କିଭଳି ଭାବେ ତା'ର କାମ କରୁଛି ଏବଂ କେତେ ସୁରୁଖୁରୁରେ କରୁଛି ତାହା ଦେଖିବାର କଥା ଏବଂ କାମର ଫଳାଫଳ କିପରି ଆସୁଛି। ରାତି ପାହିଲେ ସମସ୍ତେ କାମ କଥା ଭାବନ୍ତି ହେଲେ ସେହି କାମକୁ କିଭଳି କଲେ କାମଟି ଭଲ ହେବ ଏବଂ ତା' ଦ୍ୱାରା ଅନ୍ୟମାନେ ବି ଲାଭରେ ରହିବେ, ସେ କଥା ଉପରେ କେହି ବି ଚିନ୍ତା କରନ୍ତି ନାହିଁ। ଆଉ ଯିଏ ଚିନ୍ତା କରନ୍ତି, ସେ ହିଁ ସତରେ ଜଣେ କାମିକା ଲୋକ। ଏମ୍‌ତି ଜଣେ କାମିକା ଲୋକ ଥିଲେ କମାଲ୍ ବାବୁ ଯିଏ କଥା କଥାରେ ଧନ୍ଦାରେ ବନ୍ଧା ବୋଲି କହୁଥିଲେ। ପ୍ରଥମେ ତ ଅନେକ ତାକୁ ମଜାରେ ଉଡ଼ାଇଦେଉଥିଲେ ହେଲେ ଧୀରେ ଧୀରେ ଲୋକର ସେହି କଥାର ଭିତିରି ମର୍ମକୁ ବୁଝିବାକୁ ଲାଗିଲେ। କ୍‌ଥାର ଅର୍ଥ ବୁଝିବାକୁ ହେଲେ ଆମକୁ ପ୍ରଥମେ ସମୟର ମୂଲ୍ୟ ବୁଝିବାକୁ ହେବ। ସମୟର ମୂଲ୍ୟ ବୁଝିନଥିବା ଲୋକମାନେ କେବେ ବି ସେହି କମାଲ୍ ବାବୁଙ୍କ କଥାକୁ ଚୁଝିପାରିବେ ନାହିଁ। ଥରେ ଜଣେ ଲୋକ ଅସୁବିଧାରେ ପଡ଼ି କମାଲ୍ ବାବୁଙ୍କୁ କିଛି ଟଙ୍କା ଧାର୍ ମାଗିଲା, ସେବେ ବି କମାଲ୍ ବାବୁ ଲୋକଟିକୁ ସେହି ସମାନ କଥା ଧନ୍ଦାରେ ବନ୍ଧା କହି ଫେରାଇଦେଇଥିଲେ। ଲୋକଟି ନିରାଶ ହୋଇ ଫେରିଗଲା ହେଲେ କମାଲ୍ ବାବୁ ଦିନକ ପରେ ଯାଚିକରି ତା' ଘରେ ଯାଇ କିଛିଟଙ୍କା ତାକୁ ଦେଇଆସିଲେ। ଲୋକଟି ଆତିଥ୍ୟ ଦେବାକୁ ଯାଇ କମାଲବାବୁଙ୍କୁ ତାଙ୍କ ଘରେ କିଛି ସମୟ ବସିଯିବା ପାଇଁ କହିବାରୁ କମାଲ୍ ବାବୁ ସେହି ସମାନ୍ କଥା ଧନ୍ଦାରେ ବନ୍ଧା ବୋଲି କହି ସେଠାରୁ ଚାଲିଆସିଲେ। ଲୋକଟି ଧୀରେ ଧୀରେ କମାଲ୍ ବାବୁଙ୍କ କଥାର ଅର୍ଥ ବୁଝିବାକୁ ଚେଷ୍ଟା କରୁଥିଲା। ବିଳମ୍ବରେ ହେଲେ ବି ବୁଝିଲା ଅବଶ୍ୟ। ଯେଉଁମାନେ ସମୟର ମୂଲ୍ୟ ବୁଝନ୍ତି, ସେମାନେ ସର୍ବଦା ବ୍ୟସ୍ତ ରହନ୍ତି। ଅର୍ଥାତ୍ ସେମାନେ ସମୟକୁ ଯଥାସମ୍ଭବ ଭଲପାଆନ୍ତି ପରିଣାମ ସ୍ୱରୂପ ସେମାନେ ସମୟର ଶତ ପ୍ରତିଶତ ସଦ୍‌ବ୍ୟବହାର କରିବାକୁ ଚେଷ୍ଟା କରନ୍ତି। ସେପାଇଁ ସେମାନେ ସର୍ବଦା ବ୍ୟସ୍ତତା ଭିତରେ ଗତି କରନ୍ତି। ଅନ୍ୟ ଅର୍ଥରେ କହିଲେ ସେମାନେ ଜୀବନର ପ୍ରକୃତ ମୂଲ୍ୟ ବୁଝନ୍ତି।

# ସମସ୍ତଙ୍କ ପାଇଁ ଶିକ୍ଷା ତଥାପି ଅପହଞ୍ଚ !

**ହିମାଂଶୁ ଶେଖର ଆଚାର୍ଯ୍ୟ**

କଥାରେ ଅଛି- ପେଟକୁ ଦାନା, ପିଠିକୁ କନା,ମୁଣ୍ଡ ଗୁଞ୍ଜିବାକୁ ବାସ,ରୋଗକୁ ଓଷ ଓ ପଢିବାକୁ ଦି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୭ ବର୍ଷ ପରେ ବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ।ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା,ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ ହେବନାହିଁ। ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବ ିତ। ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା । ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି ।ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେ ହୁଏ। ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍‌ରେ ୨ଲକ୍ଷ ୨୪ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଏବେବି ୩୪ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ନିୟମିତ ଶିକ୍ଷକଙ୍କଠାରୁ ୩ ରୁ ୪ ଭାଗ କମ୍ ଦରମାରେ ଏହି ବର୍ଗର ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଶିକ୍ଷକମାନେ ସମାନ କାମ କରି ସମାନ ଦରମା ପାଇବାରୁ ବ ୍ତ ହେଉଛନ୍ତି। ଏହା ଶିକ୍ଷକମାନଙ୍କ ଭିତରେ ଜାତିଭେଦ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାରେ ବାଧକ ସାଜିଛି। ଗୋଟିଏ ପଟେ ସରକାର ଖାଲିଥିବା ହଜାର ହଜାର ଶିକ୍ଷକ ପଦବୀ ପୂରଣ କରିପାରୁନଥିବା ବେଳେ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଧିକ ଶିକ୍ଷକ ନିଯୁକ୍ତି କଲେ ସେ ବାବଦ ଅଧିକ ଅର୍ଥ କିପରି ଭରଣା କରିବେ ତାହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି।

ଶିକ୍ଷା ଅଧିକାର ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ସ୍କୁଲମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକ ରହିବେ । ତା'ନହେଲେ ସେମାନେ ଚାକିରି ହରାଇବେ। ଘରୋଇ ସି.ଟି ଓ ବି.ଏଡ୍ ଉଠିଯିବା ପରେ ସରକାରୀ ସ୍ତରରେ ଏସବୁ ଟ୍ରେନିଂ ପାଇଁ ଜିଲ୍ଲା ଭିତ୍ତିରେ ଯେତିକି ସ୍ଥାନ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ। ଫଳରେ ଏତେ ସଂଖ୍ୟକ ତାଲିପ୍ରାପ୍ତ ଶିକ୍ଷକ ଆସିବେ କେଉଁଠୁ ? ସବୁଠାରୁ ବଡକଥା ହେଲା ଏହି ଆଇନରେ କେନ୍ଦ୍ର ସରକାର ଶିଶୁ ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିନାହାନ୍ତି। ଆମ ଦେଶରେ ଏବେବି ୯୦ ଲକ୍ଷ ଶିଶୁ ଶ୍ରମିକ ପେଟପାଟଣା ପାଇଁ ବିପଜ୍ଜନକ କ୍ଷେତ୍ରରେ ଖଟୁଛନ୍ତି । ସେମାନଙ୍କ ଉପାର୍ଜନରେ ଦରିଦ୍ର ପରିବାର ମଧ୍ୟ ଚଳୁଛି । ଆମ ରାଜ୍ୟରେ ଏମାନଙ୍କ ସଂଖ୍ୟା ୪ ଲକ୍ଷ ୩୯୯ । ତେଣୁ ଏହି ଶିଶୁମାନଙ୍କୁ ଥଇଥାନ କରି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଏହି ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବେ। କିନ୍ତୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀ ନିୟମକୁ ମାନୁନାହାଁନ୍ତି। ଫି ଆଦାୟ ଠାରୁ ଆରମ୍ଭ କରି ନାମଲେଖା ପ୍ରର୍ଯ୍ୟନ୍ତ ସବୁଠି ଅଭିଭାବକମାନେ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟର ସହରା ଲରେ ଥିବା ଘରୋଇ ବିଦ୍ୟାଳୟ ସରକାରଙ୍କ ଏହି ନିୟମକୁ ଆଖିମିଟିକା ମାରୁଥିବା ଲକ୍ଷ୍ୟ କରାଯାଉଛି। ଅବସ୍ଥା ଏଭଳି ହୋଇଛି ଖୋଦ୍ ରାଜଧାନୀରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଅଭିଭାବକ ମାନଙ୍କଠାରୁ ୫୦ ରୁ ୭୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରିକି ଓଡ଼ିଆ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ବି ପ୍ରଥମ ଶ୍ରେଣୀର ନାମ ଲେଖିବା ପାଇଁ ୧୫ ରୁ ୨୫ ହଜାର ଟଙ୍କା ନେଉଛନ୍ତି। ଏପରିସ୍ଥଳେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ଉପରେ କେତେଦୂର ଅଙ୍କୁଶ ଲଗାଇ ପାରିବେ ତାହା ଉପରେ ଶିକ୍ଷା ଅଧିକାର ଆଇନର ସଫଳତା ଅନେକାଂଶରେ ନିର୍ଭର କରୁଛି। ଶିକ୍ଷା ଅଧିକାର ଆଇନର ପ୍ରମୁଖ ଅଙ୍ଗ ହେଲା ସର୍ବଶିକ୍ଷା ଅଭିଯାନ। ୨୦୦୨ ମସିହାରୁ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲାଣି । ଏ ଦିଗରେ ୭ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି । କିନ୍ତୁ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନି । ଫଳରେ "ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ" ସ୍ଲୋଗାନ ବସ୍ତୁତଃ ସ୍ଲୋଗାନରେ ରହିଯାଇଛି। ଏକ ହିସାବରୁ ଜଣାଯାଏ ଓଡିଶାରେ ୬ ରୁ ୧୪ ବର୍ଷ ମଧ୍ୟରେ ମୋଟ ୬୫ ଲକ୍ଷ ୨୮ ହଜାର ୩୫୬ ଜଣ ଶିଶୁଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୫୧ ହଜାର ୧୪୭ ଜଣ ଶିଶୁ ସ୍କୁଲ ଘର ଦେଖିନାହାଁନ୍ତି। ଏସବୁ ପିଲା କିପରି ସ୍କୁଲ ଆସିବେ ତାହା ଗୁରୁତର ସହ ଚିନ୍ତା କରାଯିବା ଜରୁରୀ । ଅନ୍ୟ ଏକ ସମସ୍ୟା ହେଲା ସରକାର ଯଥା ସମୟରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ଏପ୍ରିଲ୍ ୧ରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲା। ପ୍ରବେଶ ଉତ୍ସବ କରି ପିଲାଙ୍କୁ ସ୍ୱାଗତ କରାଗଲା। ଇତି ମଧ୍ୟରେ ଋରି ମାସ ବିତିଯାଇଥିଲେ ମଧ୍ୟ ପିଲାଙ୍କ ବସ୍ତାନିରେ ପଢ଼ାବହି ନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକ ରହିଛି। ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାପାଇଁ ପା ବର୍ଷିଆ ଅବଧି ଗତ ୨୦୧୫ ମସିହା ଏପ୍ରିଲ ପହିଲାରେ ଶେଷ ହୋଇଯାଇଛି । ତେବେ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରିନାହିଁ। ତେବେ ଭବିଷ୍ୟତରେ ଏହି ଆଇନ ତାର ଲକ୍ଷ୍ୟ ପୂରଣ ଦିଗରେ କେତେ ଦୂର ସଫଳ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ରୁପେ ଉଭା ହୋଇଛି। ସେ ଦୃଷ୍ଟିରୁ ଏହି ଆଇନର ସଫଳ ରୂପାୟନ ପାଇଁ ଦୃଢ ଇଚ୍ଛାଶକ୍ତି ଓ ଆନ୍ତରିକତା ସରକାରୀସ୍ତରରେ ରହିବା ଦରକାର । ସେହିପରି ଦୀର୍ଘ ୩୪ ବର୍ଷ ପରେ କେନ୍ଦ୍ର ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏଥିରେ ମାତୃଭାଷାରେ ଶିକ୍ଷା ଦାନ ଠାରୁ ଆରମ୍ଭ କରି ବୌଷୟିକ ଶିକ୍ଷା ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ସ୍ଥାନ ପାଇଛି । କିନ୍ତୁ ଅସଲ କଥା ହେଲା ଶିକ୍ଷା କ୍ଷେତ୍ରରେ ଯୋଜନା ଯେତେ, ସମସ୍ୟା ସେତେ । ଏବେ ଆମ ରାଜ୍ୟରେ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଋଲିଛି । ରଙ୍ଗ ବେରଙ୍ଗରେ ଝଲସୁଛି ସ୍କୁଲ ଘର । ଏସବୁ ସତ୍ତ୍ୱେ ସ୍କୁଲରେ ଡ୍ରପ୍‌ଆଉଟ ସଂଖ୍ୟା କମିବାର ନାଁ ଧରୁନି । ଉଚ୍ଚ ଶିକ୍ଷାରେ ମଧ୍ୟ ଅନୁରୂପ ଅବସ୍ଥା । ସବୁଠୁ ବଡକଥା ହେଲା ଆବଶ୍ୟକ ଭିତ୍ତି ଭୂମିର ଅଭାବ, ଶିକ୍ଷକ ମାନଙ୍କ ଅଭାବ ବଡ ପ୍ରତିବନ୍ଧକ ଭାବେ ଉଭା ହୋଇଛି । ସର୍ବୋପରି ଦାରିଦ୍ର୍ୟ ଯେଗୁ ଅଭିଭାବକ ଅଭିଭାବିକା ମାନେ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇ ପାରୁନାହାନ୍ତି । ଏପରିକି ମାଗଣା ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିପାରୁନାହିଁ । ଏହି ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି । ଏହି ପ୍ରସଙ୍ଗରେ ଏକ ଲୋକପ୍ରିୟ କାହାଣୀ କୁହେ " ଯଦି ତୁମେ ଗୋଟିଏ ବର୍ଷପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ମଞ୍ଜି ବୁଣିଦିଅ,ଯଦି ତୁମେ ଦଶ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ତୁମେ ଶହେ ବର୍ଷ ପାଇଁ ଯୋଜନା କରୁଛ ତା' ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।"

**ସଭାପତି**
**ସାରସ୍ୱତ**
**ପରିଷଦ,ଜଗତସିଂହପୁର**
**୯୯୩୭୧୫୧୦୫୨**

# ଶିକ୍ଷାନୀତିରେ ନୀତିଶିକ୍ଷା

**ଶ୍ରୀବତ୍ସ ନାୟକ**

ସାମ୍ପ୍ରତିକ ପରିସ୍ଥିତି ଏମିତି ହୋଇଯାଇଛି ଯେ ମାଷ୍ଟର ଡିଗ୍ରୀ ହାସଲ କରି ଚାକିରୀ ନପାଇଲେ ତାକୁ ଆମେ ମୂର୍ଖ ବୋଲି ଭାବୁଛେ, ଯଦି ମାଟ୍ରିକ ଫେଲ୍ ବ୍ୟକ୍ତିଟି ସରକାରୀ ଚାକିରୀ ପାଇଲା ତେବେ ତାକୁ ଏ ସମାଜ ଶିକ୍ଷିତ ବୋଲି ଅଭିହିତ କରୁଅଛି । ବର୍ତ୍ତମାନର ଶିକ୍ଷା ଚାକିରୀ ସର୍ବସ୍ୱ ହୋଇଯାଇଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷା ବ୍ୟବସ୍ଥା ତାର ମୌଳିକତା ହରାଇବସିଛି । ଯଦିଓ ସରକାର ନିଜର ଶିକ୍ଷା ବ୍ୟବସ୍ଥାରେ ଯୁଗପଯୋଗୀ ଶିକ୍ଷାନୀତି ମାନ ପ୍ରଣୟନ କରୁଛନ୍ତି କିନ୍ତୁ ପ୍ରକୃତ ଶିକ୍ଷା ଠାରୁ ଆମେ ଅନେକ ଦୂରରେ ରହିଯାଇଛେ । ଶିକ୍ଷାର ପରାବିଦ୍ୟା ଓ ଅପରାବିଦ୍ୟା ମଧ୍ୟରୁ ଆମେ କେବଳ ଅପରାବିଦ୍ୟା ହାସଲ କରିବାରେ ମନୋନିବେଶ କରୁଛେ। ଫଳସ୍ୱରୂପ ଶିକ୍ଷାର ସଂଜ୍ଞା ବଦଳିଯିବା ସହ ପରା ବିଦ୍ୟାର ଯେଉଁ ନୀତି ଶିକ୍ଷା, ନୈତିକତା,ମୂଲ୍ୟବୋଧ ଓ ଅଧ୍ୟାତ୍ମତତ୍ତ୍ୱ ଥିଲା ତାହା ଠାରୁ ଆମେ ଦୂରେଇ ଯାଇଛେ। ଆଧୁନିକ ଯୁଗର ମନୁଷ୍ୟ ଶିକ୍ଷା ମାଧ୍ୟମରେ ବିଭିନ୍ନ ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରି ବିକାଶ ଆଡ଼କୁ ଅଗ୍ରସର ହେଉଛି । ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇପଡିଛି । ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ନିଜ ହାତ ମୁଠାକୁ ନେଇଛି । ଅଭେଦ୍ୟ ଦୁର୍ଗର ଗୂଢ଼ ରହସ୍ୟର ପର୍ଦ୍ଦାଫାସ କରିଛି । ବୈଷୟିକ ଜ୍ଞାନ ଦ୍ୱାରା ସମଗ୍ର ଜଗତକୁ ଜୟ କରିଛି ।ମୋଟାମୋଟି ଭାବେ କହିବାକୁ ଗଲେ ବିକାଶର ଚରମ ସୀମାରେ ଆଜି ଆଧୁନିକ ଯୁଗର ମଣିଷ । କିନ୍ତୁ ବିକାଶ ନାମରେ କେତେଯେ ବିନାଶକୁ ଆମେ ନିମନ୍ତ୍ରଣ କରୁଛେ ତାହା କେବେ କଳନା କରିନାହୁଁ । ଆଗକାଳରେ ମଣିଷ ଶିକ୍ଷିତ ନଥିଲେ ମଧ୍ୟ ସେମାନେ ସୁଚରିତ୍ର ଥିଲେ କିନ୍ତୁ ଆମେ ଆଜି ଶିକ୍ଷିତ ହେଲେ ମଧ୍ୟ ସୁଚରିତ୍ରବାନ ନହେବା ଚିନ୍ତାର କାରଣ ହୋଇଛି । ନୈତିକ ଶିକ୍ଷାର ଅଭାବ ଯୋଗୁଁ ବ୍ୟକ୍ତିଟିର ଚରିତ୍ର ନିର୍ମାଣ ହୋଇପାରୁନାହିଁ ତେଣୁ ଆମେ ଶିକ୍ଷିତ ହେଲେ ମଧ୍ୟ କୁସଂସ୍କାର ଓ କୁ-ଶିକ୍ଷାର ବଶବର୍ତ୍ତୀ ହୋଇଚାଲିଛେ । ଅଧୁନା ନୈତିକ ମୂଲ୍ୟବୋଧର ଦୃତ ଅଧୋପତନ ଯୋଗୁଁ ନୈତିକ ଶିକ୍ଷା ଏକ ମୌଳିକ ଆବଶ୍ୟକତା ଭାବେ ଉଭା ହୋଇଛି। ଏକ ସଶକ୍ତ ତଥା ଉନ୍ନତ ରାଷ୍ଟ୍ର ଗଠନ କରିବା ନିମନ୍ତେ ଲୋଡା ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ଏହି ବ୍ୟକ୍ତିତ୍ୱ ବିକାଶର ପ୍ରମୁଖ ସ୍ତମ୍ଭ ହେଉଛି ନୈତିକ ଶିକ୍ଷା ଓ ଚରିତ୍ର ନିର୍ମାଣ । କଥାରେ ଅଛି ଥିଲେ ଥାଉ ପଛେ ଗୁଣ ହଜାର,ଚରିତ୍ର ନଥିଲେ ସବୁ ଅସାର । ହଁ ଆଜ୍ଞା ସମୟ ଆସିଛି ଆମର ଚରିତ୍ରକୁ ସୁଧାରିବାକୁ ପଡ଼ିବ । ଜଣେ ଯେତେ ଶିକ୍ଷିତ ହେଇଥାଉ ନା କାହିଁକି ଯଦି ସୁଚରିତ୍ରବାନ୍ ନହେବ ତେବେ ତାର ଶିକ୍ଷା କେବଳ ଜୀବିକାର୍ଜନମୂଳକ ହୋଇପାରେ କିନ୍ତୁ ତାକୁ ଯେ ଆମେ ପ୍ରକୃତ ଶିକ୍ଷିତ ବୋଲି ବିବେଚନା କରିବା ଏହା କେବେ ଯୁକ୍ତି ସଙ୍ଗତ ନୁହେଁ । ଆମ ଦେଶରେ ଶିକ୍ଷିତ ବ୍ୟକ୍ତିଙ୍କର ଅଭାବ ନାହିଁ କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମନୁଷ୍ୟଠାରେ ନୀତିଶିକ୍ଷାର ଘୋର ଅଭାବ । ନୈତିକ ଶିକ୍ଷା ହେଉଛି ସେହି ଶିକ୍ଷା ଯାହା ବ୍ୟକ୍ତିର ବ୍ୟବହାରକୁ ପରିଚାଳିତ କରିଥାଏ ଯାହା ଭୁଲ୍ ଠିକ୍ ର ବିଚାର,ସମାଜ ପ୍ରତି ନୈତିକ କର୍ତ୍ତବ୍ୟ,ସମାଜର ହିତ,ପାରସ୍ପରିକ ସମ୍ମାନ,ବିବିଧତା,ସହିଷ୍ଣୁତା ଓ ମୂଲ୍ୟବୋଧକୁ ଶିକ୍ଷା ଦେଇଥାଏ । ବିଶ୍ୱନୀୟନ୍ତା ନିଜ ରୂପ ଓ ଗୁଣ ଦେଇ ମନୁଷ୍ୟକୁ ସୃଷ୍ଟି କରିବା ସହ ମନୁଷ୍ୟକୁ ଷଷ୍ଠ ଇନ୍ଦ୍ରିୟ ଭାବେ ଜ୍ଞାନେନ୍ଦ୍ରିୟ ବା ଚେତନାର ଇନ୍ଦ୍ରିୟ ପ୍ରଦାନ କରି ମନୁଷ୍ୟକୁ ନିଜ ସୃଷ୍ଟିର ଶ୍ରେଷ୍ଠକୃତୀ ଭାବେ ବିବେଚନା କରିଛନ୍ତି । କେବଳ ସେତିକି ନୁହେଁ ମନୁଷ୍ୟକୁ ଅନେକ ଗୁଡ଼ିଏ ଭାବ ଓ ଆବେଗରେ ପରିପୂର୍ଣ୍ଣ କରିଛନ୍ତି ଫଳରେ ମନୁଷ୍ୟ ମଧ୍ୟରେ ପଶୁତ୍ୱ ଭାବ,ମାନବିକତା ଓ ଦେବତ୍ୱ ଭାବ ପରିସ୍ଫୁଟନ ହୋଇଥାଏ । କିନ୍ତୁ ଶୈଶବ୍ୟ ଅବସ୍ଥାରେ ଉପଯୁକ୍ତ ଶିକ୍ଷାର ଅଭାବ ଯୋଗୁଁ ମନୁଷ୍ୟଠାରେ ପଶୁତ୍ୱ ଭାବ ଜାଗ୍ରତ ହୋଇଥାଏ। କାମ,କ୍ରୋଧ,ମୋହ, ମାୟା,ହିଂସା, ପରଶ୍ରୀକାତରତା ର ବଶବର୍ତ୍ତୀ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାଏ । ତା ଦ୍ୱାରା ଯେ କେବଳ ତାର କ୍ଷତି ହୋଇଥାଏ ତା ନୁହେଁ ବରଂ ସମଗ୍ର ମାନବ ସମାଜ ଧ୍ୱଂସାଭିମୁଖୀ ହୋଇଥାଏ । ତେଣୁ ଏହି ପଶୁତ୍ୱ ଭାବରୁ ମାନବତ୍ୱ ଆଡ଼କୁ ଉନ୍ନୀତ ହେବ ପାଇଁ ତଥା ମାନବତ୍ୱରୁ ଦେବତ୍ୱ ଭାବ ଆଡ଼କୁ ବିବର୍ତିତ ହେବ ପାଇଁ ନୈତିକ ଶିକ୍ଷା ନିହାତି ଆବଶ୍ୟକ । ଶିଶୁଟିକୁ ସମାଜରୁ ଅଲଗା କରି କୌଣସି ଏକ ନିକାଞ୍ଚନ ସ୍ଥାନରେ ଛାଡ଼ିଦେଲେ ସେ ହୁଏତ ପ୍ରକୃତିରୁ ଖାଦ୍ୟପେୟ ସଂଗ୍ରହ କରି ବଢ଼ିବାରେ କିନ୍ତୁ ତା ଠାରେ ମଣିଷତ୍ୱ ଭାବ ଜାଗ୍ରତ ହୁଏ ନାହିଁ । ତା ଠାରେ ଦୟା,ସ୍ନେହ,ମମତା,କ୍ଷମା,ଆଦି ଦୈବ ଗୁଣ ଗୁଡ଼ିକର ବିକାଶ ପାଇଁ ତାକୁ ମନୁଷ୍ୟ ସମାଜ ଭିତରେ ରହିବାକୁ ପଡ଼ିଥାଏ । ଯାହା ପାରମ୍ପରିକ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ । ଆଜିର ଶିଶୁ କାଲିର ଭବିଷ୍ୟତ ହୋଇଥିବାରୁ ଶୈଶବରୁ ନୀତିଶିକ୍ଷାର ଆବଶ୍ୟକତା ରହିଛି । ନୀତିଶିକ୍ଷା ଦ୍ୱାରା ଶିଶୁଟି ଶୃଙ୍ଖଳିତ ହୁଏ, ମାର୍ଜିତ ହୁଏ ଓ ସଂସ୍କୃତ ହୁଏ । ବ୍ୟକ୍ତିର ଜୀବନରେ ରହିଥିବା ସୁଗୁଣ ଗୁଡ଼ିକ ବିକଶିତ ହୋଇଥାଏ। ଯଦି ପାଞ୍ଚରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ମୂଲ୍ୟବୋଧ ଓ ନୈତିକତା ଶିକ୍ଷା ପ୍ରଦାନ କରାଯାଏ ତେବେ ଭବିଷ୍ୟତରେ ତାର ଜୀବନ ଶୈଳୀ,ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ବା ଦୃଷ୍ଟିଭଙ୍ଗୀ ସଠିକ୍ ଧାରାରେ ପରିବର୍ତ୍ତିତ ହୋଇପାରିବ ।ଆର୍ଯ୍ୟଭୂମି ଭାରତ ବର୍ଷ ସଦାସର୍ବଦା ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରି ବିଭିନ୍ନ ପ୍ରକାରର ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଆସୁଅଛି । ବିଶେଷ କରି ପ୍ରାଚୀନ ଯୁଗରେ ଗୁରୁକୁଳ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁମାନଙ୍କର ଚରିତ୍ର ଗଠନ ନିମନ୍ତେ ଶିକ୍ଷା ବେଶ୍ ଜନାଦୃତ । କିନ୍ତୁ ଇଂରେଜ ଶାସନ କାଳରେ ଭାରତ ବର୍ଷରେ ସଞ୍ଚଳିତ ଏହି ପାରମ୍ପାରିକ ଶିକ୍ଷାନୀତିକୁ ଇଂରେଜମାନେ ବିପର୍ଯ୍ୟୟ କରି ଏକ ବସ୍ତୁବାଦୀ ବ୍ୟବସାୟାତ୍ମକ ଶିକ୍ଷା ପଦ୍ଧତି ପ୍ରଚଳନ କଲେ । ତତ୍କାଳୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହଣ୍ଟର କମିଶନ(୧୮୮୨), ରାଲେ କମିଶନ(୧୯୦୨), ଓ୍ୱାର୍ଦ୍ଧା ଯୋଜନା(୧୯୩୭) ଓ ସାପ୍ରୁ କମିଟି(୧୯୩୪)ଙ୍କ ସୁପାରିଶକୁ ଗ୍ରହଣ କରାଯାଇଥିଲା । ପରିମାଣତଃ ଅଧ୍ୟୟନରତ ଛାତ୍ରଛାତ୍ରୀ କ୍ରମଶଃ ନିତିନିଷ୍ଠ ମାର୍ଗରୁ ବିଚ୍ୟୁତ ହୋଇ କେବଳ ଉପାର୍ଜନ ସର୍ବସ୍ୱ ହେବାକୁ ଲାଗିଲେ । ବୈଦେଶିକ ମାନେ ଆମର ନିଜସ୍ୱ ଶିକ୍ଷା ପ୍ରଣାଳୀ ରେ ମାତ୍ରାଧିକ ହସ୍ତକ୍ଷେପ କରିବା ଯୋଗୁଁ ଏ ଦେଶର ଯେଉଁ ନୈତିକ ସ୍ଖଳନ, ଚାରିତ୍ରିକ ଅଧଃପତନ ଏବଂ ଆଧାତ୍ମିକ ବିପର୍ଯ୍ୟୟର ପ୍ରାରମ୍ଭ ହେଲା ତାହା ସମ୍ପ୍ରତି ଦୃଶ୍ୟମାନ ହେଉଛି । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନୀତିଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏହାକୁ ସାମିଲ କରିବା ପାଇଁ ରାଧାକୃଷ୍ଣନ କମିଶନ୍(୧୯୪୮), ମୁଦାଲୀୟାର କମିଶନ୍(୧୯୫୨),କୋଠାରୀ କମିଶନ୍ (୧୯୬୪), ଯଶପାଲ୍ କମିଟି (୧୯୯୨) ସୁପାରିଶ କରିଥିଲେ ମଧ୍ୟ ଶିକ୍ଷା,କେବଳ ନିଯୁକ୍ତି ସୃଷ୍ଟି କରିବା ମଧ୍ୟରେ ସୀମିତ ରହିଯାଇଥିଲା । ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସଦ୍ୟ ସଦ୍ୟ ଆମ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି(୨୦୨୦) ପ୍ରଚଳନ ହେଉଅଛି । ଗୁଣାତ୍ମକ ଶିକ୍ଷା ପାଇଁ ସାର୍ବଜନୀନ ସୁଯୋଗ କିଭଳି ସୃଷ୍ଟି କରାଯିବ ସେଥି ନିମନ୍ତେ ଭାରତ କ୍ରମାଗତ ପ୍ରଚେଷ୍ଟା ଜାରି ରଖିବା ସହ ଆର୍ଥିକ ବିକାଶ,ସାମାଜିକ ନ୍ୟାୟ,ସମାନତା,ବୈଜ୍ଞାନିକ ପ୍ରଗତି,ଜାତୀୟ ସଂହତି ଓ ସାଂସ୍କୃତିକ ସନ୍ଦର୍ଭରେ ବିଶ୍ୱସ୍ତରରେ ଭାରତ କିଭଳି ଭାରତ ବିଶ୍ୱର ନେତୃତ୍ୱ ନେବ ସେ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି ସରକାର ।କିଭଳି ଉତ୍ତମ ମଣିଷ ସୃଷ୍ଟି କରାଯିବ ଯାହାଠାରୁ ଯୁକ୍ତିଯୁକ୍ତ ଚିନ୍ତାଧାରା ମିଳିବ, ବ୍ୟକ୍ତିର ସମର୍ପିତ ଭାବ ଉଦୟ ହେବ, ଦୟା ଓ ସହାନୁଭୂତି,ସାହାସ ଓ ସ୍ଥିରତା,ବୈଜ୍ଞାନିକ ସ୍ୱଭାବ ଓ ସୃଜନଶୀଳ କଳ୍ପନା,ନୈତିକତା, ମୁଲ୍ୟବୋଧର ବିକାଶ,ଗଣତାନ୍ତ୍ରିକ ଭାବନା,ସେବା ମନୋଭାବ,ଯୁକ୍ତି ସଙ୍ଗତ ନିଷ୍ପତି,ବୈଜ୍ଞାନିକ ଚିନ୍ତାଧାରା, ସ୍ୱାଧୀନତା,ଦାୟିତ୍ୱ ବୋଧତା, ବହୁତ୍ୱବାଦ, ନ୍ୟାୟପରି ନୈତିକ ଏବଂ ମାନବିକ ତଥା ସାମ୍ବିଧାନିକ ମୂଲ୍ୟବୋଧର ଉନ୍ନତ ତଥା ପରିବର୍ତ୍ତନଶୀଳ ଦୁନିଆରେ ବ୍ୟକ୍ତିର ଭୂମିକା ଓ ଦାୟିତ୍ୱବଦ୍ଧତାର ପରିସ୍ଫୁଟନ ହେବ ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ନୀତିଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ନିତିନିଷ୍ଠ ଓ ଶୃଙ୍ଖଳିତ କରିବା ପାଇଁ ଶିକ୍ଷା ବର୍ଷ ୨୦୨୨/୨୩ ରୁ ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ାରେ ନୈତିକତା ଓ ମୂଲ୍ୟବୋଧ ବିଷୟ ସାମିଲହେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ଖାଲି ଯୋଜନା ପ୍ରସ୍ତୁତ କରିଦେଲେ ହେବ ନାହିଁ ବରଂ ଏହାର କିଭଳି ସଫଳ ରୂପାୟନ ହେବ ସେ ନେଇ ସରକାର ତତ୍ପର ହେବା ଦରକାର, ନହେଲେ ଏକଦା ଏକ ସମୟ ଆସିବ ଯେତେବେଳେ ଆମେ ସମସ୍ତେ ଶିକ୍ଷିତ ଥିବା କିନ୍ତୁ ନୀତି ନୈତିକତା ତଥା ମୂଲ୍ୟବୋଧର ଅଭାବ ଫଳରେ ଶିକ୍ଷାର ପୂର୍ଣ୍ଣାଙ୍ଗ ସଫଳତା ହାସଲ କରିପାରିବା ନାହିଁ ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ**
**ବ୍ରାହ୍ମଣଝରିଲୋ**
**ମହାବିଦ୍ୟାଳୟ,କଟକ**
**ମୋ: ୯୪୩୮୦୭୦୮୪୯**

# ଆଦିବାସୀମାନେ ପ୍ରକୃତିର ଉପାସକ

**ବାଦଲ ଭୂୟାଁ**

ଓଡ଼ିଶାର ଲୋକପ୍ରିୟ ଓ ଉଦାର ହୃଦୟର ମହାମହିମ ରାଜ୍ୟପାଳ ମାତ୍ର ତାଙ୍କ ତିନିମାସର ଅବଧି ପୂର୍ବରୁ ତେରଟି ଜିଲ୍ଲାଗସ୍ତ କରି ଲୋକମାନଙ୍କର ସୁଖଦୁଃଖ ସେମାନଙ୍କ ପାଖରୁ ହିଁ ଶୁଣୁଛନ୍ତି ଆଉ ସେମାନଙ୍କର ସମସ୍ୟା, କଷ୍ଟ ଲାଘବ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି। କହିବାକୁଗଲେ ଓଡ଼ିଶାର ରାଜଭବନ ଏବେ ଚଳଚଞ୍ଚଳ ହୋଇଯାଇଛି। ଜାନୁଆରୀ ଚଉଦ ତାରିଖ ଦିନ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବରସମୁଣ୍ଡାରେ ନବ ନିର୍ମିତ ଜଙ୍ଘା ପେନଠାନା ଲୋକାର୍ପଣ କରିଛନ୍ତି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଜନଜାତି ସମ୍ପ୍ରଦାୟ ପ୍ରକୃତିର ଉପାସକ, ପ୍ରକୃତିର ସୁରକ୍ଷା ପାଇଁ ସର୍ବଦା ଉଦ୍ୟମରତ ଓ ଏକ ସଂଗ୍ରାମୀ ଜାତି ବୋଲି ଏହି ଅବସରରେ ଅଭିହିତ କରିଥିଲେ ରାଜ୍ୟପାଳ ।ଆୟୋଜିତ ବର୍ଣ୍ଣାଢ଼୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ କହିଲେ, ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଦେଶ ସ୍ୱାଧୀନତା ଆନ୍ଦୋଳନର ବହୁ ପୂର୍ବରୁ ଜନଜାତି ସମ୍ପ୍ରଦାୟର ଲୋକମାନେ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ପ୍ରାଣ ଆହୁତି ଦେଇଥିଲେ। ଜଗନ୍ନାଥ ସଂସ୍କୃତିକୁ ନେଇ ଆମେ ଗର୍ବ ଅନୁଭବ କରୁଥିବାବେଳେ ଜଗନ୍ନାଥ ସଂସ୍କୃତିରେ ଆଦିବାସୀ ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା ପ୍ରତିଫଳିତ ହୋଇଥାଏ। ସମଗ୍ର ଦୁନିଆରେ ପରିବାର ବ୍ୟବସ୍ଥା କେବଳ ଆମ ଦେଶରେ ରହିଛି। ପରିବାର ମଧ୍ୟରେ ମହିଳାମାନେ ଅଧିକ ଦାୟିତ୍ୱ ନିର୍ବାହ କରି ପରିବାରକୁ ଏକ କରି ରଖିଥାନ୍ତି। ଏଣୁ ମହିଳାମାନଙ୍କ ସଶକ୍ତିକରଣ କରିବା ଉପରେ କେନ୍ଦ୍ର ସରକାର ଅଧିକ ଧ୍ୟାନ ଦେଉଛନ୍ତି। ଦାରିଦ୍ର୍ୟ ଦୂର କରିବା ପାଇଁ ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟ ସରକାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇ ଜନଜାତି ସମ୍ପ୍ରଦାୟର ସମ୍ମାନକୁ ବହୁ ଗୁଣିତ କରିଛନ୍ତି ବୋଲି ମତ ରଖିଥିଲେ ରାଜ୍ୟପାଳ। ମୋଦିଜୀଙ୍କ ସରକାର ଦେଶରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକୁ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ୨୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏଠାରେ ରାଜ୍ୟପାଳଙ୍କ ଦ୍ୱାରା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା ।ଧର୍ମେନ୍ଦ୍ର କହିଲେ, ଆଜିଠୁ ଓଡ଼ିଶାର ମାନଚିତ୍ରରେ ଆଠମଲ୍ଲିକ ଆମ୍ବସରମୁଣ୍ଡାସ୍ଥିତ ଏହି ପବିତ୍ର କ୍ଷେତ୍ରଟି ଏକ ପୁଣ୍ୟ ତୀର୍ଥ କ୍ଷେତ୍ରରେ ପରିଣତ ହେଲା। ଓଡ଼ିଶା ପାଇଁ ଆଜି ଏକ ଗୌରବର ଦିନ। ଗୋଁଣ୍ଡ ସମାଜ ଆମ ରାଜ୍ୟ ଓଡ଼ିଶାର ପ୍ରମୁଖ ଜନଜାତି ସମାଜ ବହୁତ ଆଗକୁ ଭାବୁଥିବାର ସମାଜ। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟିରେ ଆମ୍ବରସମୁଣ୍ଡା ଗାଁ ସ୍ଥାପିତ ହୋଇଥିଲା। ଆଜି ଯେତେବେଳେ ଅଯୋଧ୍ୟାରେ ୫୦୦ ବର୍ଷ ପରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେଉଛି, ସେହି ସମୟରେ ଗୋଁଣ୍ଡ ସମାଜର ଆରାଧ୍ୟ ଦେବତା ପ୍ରଭୁ ଜଙ୍ଘା ବଡ଼ଦେଓଙ୍କ ଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହେବା ମୋର ସୌଭାଗ୍ୟ। ଓଡ଼ିଶାର ମହାମହିମ ରାଜ୍ୟପାଳ ଆଦିବାସୀ ଜନଜାତିଙ୍କ ଚେତନା ଓ ସଂଗ୍ରାମକୁ ସମ୍ମାନ ସ୍ୱୀକାର ପୂର୍ବକ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହା କେବଳ ଓଡ଼ିଶାର ଗଣମାଧ୍ୟମ ନୁହେଁ ଜାତୀୟ ଗଣମାଧ୍ୟମର ବଡ଼ ଖବର ଭାବେ ପ୍ରକାଶିତ ହୋଇଛି। ରାଜଭବନରେ ଦାୟିତ୍ୱ ନେବା ପରଠାରୁ ମହାମହିବ ରଘୁବର ଦାସଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଭିତରେ ଏବଂ ବିଭିନ୍ନ ଜିଲ୍ଲାଗସ୍ତ ଭିତରେ ଆଦିବାସୀ ବହୁଳ ଜିଲ୍ଲାମାନ ଗସ୍ତ କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନାକୁ ତଦାରଖ କରୁଛନ୍ତି। ମହାମହିମ ରାଜ୍ୟପାଳ ଝାଡ଼ଖଣ୍ଡ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବାରୁ ଏବଂ ଏହା ଭାରତ ଅନ୍ୟତମ ବଡ଼ ଆଦିବାସୀ ବହୁଳ ରାଜ୍ୟ ହୋଇଥିବାରୁ ରାଜ୍ୟପାଳ ଆଦିବାସୀ ମାନଙ୍କ ବାସ୍ତବ ସୁଖଦୁଃଖ କ'ଣ ଭଲ ଭାବେ ହୃଦୟଙ୍ଗମ କରିପାରିଛନ୍ତି। ଜଣେ ଅଙ୍ଗେନିଭା ମାର୍ମିକ ସତ୍ୟନିଷ୍ଠ ଚରିତ୍ରର ଏପରି ହୃଦୟବାନ ରାଜ୍ୟପାଳଙ୍କୁ ପାଇଁ ଆଦିବାସୀ ସମାଜ ଅତ୍ୟନ୍ତ ଖୁସି ଓ ଆନନ୍ଦ ବ୍ୟକ୍ତ କରିଛନ୍ତି। ମହାମହିମଙ୍କ ଆଦିବାସୀ ବହୁଳ ଗସ୍ତ ଓ ସେମାନଙ୍କ ସୁଖଦୁଃଖ ପାଖରେ ପହଞ୍ଚି ବୁଝିବା କମ ବଡ଼ କଥା ନୁହେଁ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,**
**ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,**

# ଅମଲାଙ୍କ ଦାବି ପୂରଣ ନିମନ୍ତେ ସମୂହ ଦୀପଦାନ



**ଜୟପୁର(ଅମୃତ ମିଡିଆ):** ଦୀର୍ଘ ଦିନର ଅମଲା ମାନଙ୍କ ଏକ ମାତ୍ର ଦାବି ପୁରଣ ରେ ସରକାର ବାରମ୍ବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ ଯେହେତୁ ଏ ଯାଏଁ ଅମଲା ମାନଙ୍କ ଏକ ମାତ୍ର ଦାବି ପୁରଣ କ୍ଷେତ୍ରରେ ସରକାର ଟାଳ ଟୁଳ ନିତି ଅବଲମ୍ବନ କରିଚାଲିଛନ୍ତି ଏ ନେଇ ଆଜି ଜୟପୁର ପାୱାର ହାଉସ୍ ସ୍ଥିତ ହନୁମାନ, ଶିବ ଓ ସନିମନ୍ଦିର ପ୍ରାଙ୍ଗଣରେ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଅମଲା ସମୂହ ଦୀପଦାନ କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି, ଅମଲା ମାନଙ୍କ କ୍ଷେତ୍ରରେ ସରକାରଙ୍କ ଏ ପରି ବୈମାତୃକ ମନୋଭାବ କୁ ନେଇ ଉପସ୍ଥିତ ସମସ୍ତ ଅମଲା ଅସନ୍ତୋଷ ବ୍ୟକ୍ତ କରିଥିଲେ, ଏ ନେଇ ଶିବ ମନ୍ଦିର ପ୍ରକୋଷ୍ଠ ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିଲା ଏଥିରେ ଶ୍ରୀ ଶଶୀଭୂଷଣ ଦାଶ ସଭାପତି ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିଲାବେଳେ, ନରେନ୍ଦ୍ର ନାଥ ତ୍ରିପାଠୀ ପୁର୍ବତନ ଉପସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ, ଯେହେତୁ ଅମଲା ମାନଙ୍କ ଦାବି ପୁରଣ ରେ ବହୁତ ବିଳମ୍ବ ହୋଇଛି ତେଣୁ ଉପସ୍ଥିତ ସମସ୍ତ ଅମଲା ଆନ୍ଦୋଳନ କୁ ଅହ୍ଲାଇବା ନେଇ ମତାମତ ଉପସ୍ଥାପନ କରିଥିଲେ, ସରକାର ଯଦି ଅମଲା ମାନଙ୍କ ଦାବି ପୁରଣ ରେ ବିଳମ୍ବ କରନ୍ତି ତାହେଲେ ପୁଣି ଥରେ ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ଆନ୍ଦୋଳନ କୁ ଅହ୍ଲାଇବା ନେଇ ଶ୍ରୀ ଲକ୍ଷ୍ମୀକାନ୍ତ ଦାଶ୍ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଓଡ଼ିଶା ଅମଲା ସଂଘ ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ. ଏଥିରେ ମୁଖ୍ୟତଃ ଶ୍ରୀ କୈଳାସ ଚନ୍ଦ୍ର ସାମନ୍ତରାୟ, ବୃନ୍ଦାବନ ପଣ୍ଡା,କାଳୀ ପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୈଧୁରି, ରାଜେନ୍ଦ୍ର ନାରାୟଣ ପାଢ଼ୀ,ପ୍ରସାନ୍ତ କୁମାର ଭଟ୍ଟ, ବିନାୟକ ମିଶ୍ର, ରବି କୁମାର, ଟି ଚିତ୍ତରଞ୍ଜନ, ସଞ୍ଜୀବ କୁମାର ପଟ୍ଟନାୟକ, ଜୟନ୍ତ କୁମାର ସାହୁ, ପ୍ରଦୀପ୍ତ କୁମାର ନାୟକ, ପ୍ରସାନ୍ତ କୁମାର ସାହୁ, ବୃନ୍ଦାବନ ହନ୍ତାଳ, ଗୈରି ପ୍ରସାଦ ଦାସ, ପ୍ରମୋଦ କୁମାର ଭୂୟାଁ, ଅଶୋକ କୁମାର ବାଲା, ସିତା କାନ୍ତ ମହାପାତ୍ର, ସୁରେଶ୍ କୁମାର ପଟ୍ଟନାୟକ, ପବିତ୍ର କୁମାର ପାତ୍ର, ସଞ୍ଜୟ କୁମାର ରଥ, ସାନ୍ତୁନୁ କୁମାର ଜେନା, ପଦ୍ମେଶ୍ୱର ବିଷୟୀ, ମନାଲିସା ସ୍ୱାଇଁ, ସୁଜାତା ମହାପାତ୍ର, ସଂଯୁକ୍ତା ନାୟକ, ଲଳିତା ପଟ୍ଟନାୟକଙ୍କ ସମେତ ବହୁ ଅମଲା ଯୋଗଦାନ କରିଥିଲେ, ପରିଶେଷରେ ଶ୍ରୀ ଦାଶ ଉପସ୍ଥିତ ଆସନ୍ତା କାଲି ସୁଦ୍ଧା ସରକାରଙ୍କ ସ୍ତରରେ ଅମଲା ମାନଙ୍କ ଦାବି ପୁରଣ ର ଅଗ୍ରଗତି ସମ୍ପର୍କରେ ସୁଚନା ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନେବା ନେଇ ସମସ୍ତ ଉପସ୍ଥିତ ଅମଲା ମାନଙ୍କୁ ଅନୁରୋଧ କରି ସଭା ସାଙ୍ଗ କରିଥିଲେ ।


# ପୂଜ୍ୟପୂଜା ଦ୍ୱାରା ସମାଜରେ ସଂସ୍କାର ଆସିଥାଏ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ 'ମୌସୁମୀ' ଆନୁକୂଲ୍ୟରେ ଶୀତ କବିତା ଆସର ଏବଂ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ନନ୍ଦ କିଶୋର ପରିଡ଼ାଙ୍କ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ସଞ୍ଜିବନୀ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି । ଏହି ଆସରରେ କବି ଡ. ଶ୍ରୀଧର ସାମଲ ପୌରହିତ୍ୟ କରିଥିଲାବେଳେ କବି ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବରେ ପ୍ରଫେସର ନନ୍ଦକିଶୋର ପରିଡ଼ା, ସମ୍ମାନିତ ଅତିଥି ଭାବରେ କବି ସ୍ୱପ୍ନାଂଶୁ ଦାସ, ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକ ଯୋଗ ଦେଇଥିଲା ବେଳେ କବି ଚାରୁଲତା ଭୂୟାଁ କବିତା ଗୁଡ଼ିକ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ନନ୍ଦ କିଶୋର ପରିଡ଼ାଙ୍କ ଜନ୍ମଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସାହିତ୍ୟ ସଂଗଠନ ଓ ସାହିତ୍ୟିକମାନେ ପ୍ରଫେସର ପରିଡ଼ାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ କେନ୍ଦ୍ରାପଡ଼ା, ଆମ ଗାଁ ସାହିତ୍ୟ ପରିଷଦ ଗୁଲନଗର, ରାଜଶ୍ରୀ ସାହିତ୍ୟ ସଂସଦ କେନ୍ଦ୍ରାପଡ଼ା, ସତୀର୍ଥ ସାହିତ୍ୟ ପରିଷଦ କୋରୋ, ପଲକ ସାହିତ୍ୟ ପତ୍ରିକା ଆଳି, ଦଧୀଚି ସାହିତ୍ୟ ସଂଗଠନ ରାଜନଗର ଆଦି ଅନେକ ସାହିତ୍ୟ ସଂଗଠନ ଏବଂ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପ୍ରଫେସର ନନ୍ଦ କିଶୋର ପରିଡ଼ା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ 'ସମାଜ ସଂସ୍କାର ପାଇଁ ପୂଜ୍ୟପୂଜାର ଆବଶ୍ୟକତା ରହିଛି । ବରିଷ୍ଠ ଓ ବିଜ୍ଞ ନାଗରିକ ମାନେହିଁ ସମାଜକୁ ଦିଗଦର୍ଶନ ଦେଇଥାନ୍ତି । ଏହି ଆସରରେ କବି ସୁରେନ୍ଦ୍ର ରାଉତ, ମେଜର ଭାରତ ଚନ୍ଦ୍ର ଜେନା, ଅମର ପ୍ରସାଦ ରାଉତ, ରଞ୍ଜନ ବାଇ, ଅଜୟ କୁମାର ପାତ୍ର, ସ୍ୱର୍ଣ୍ଣ ଷଡଙ୍ଗୀ, ମଞ୍ଜୁଶ୍ରୀ ବରାଳ, ଗୋଲାପ ରାଉତ, ପ୍ରିୟଦର୍ଶିନୀ ରାଉତ, ଗୀତାଞ୍ଜଳି ସାହୁ, ଶ୍ରୀଧର ମହାନ୍ତି, ନାରାୟଣ ପତି, ମନୋରଞ୍ଜନ ଦାସ, ରତ୍ନାକର ମଲ୍ଲିକ, ଶ୍ରୀକାନ୍ତ ଦାସ, ରତ୍ନାକର ପାତ୍ର, ସୁଧାଂଶୁ ଶେଖର ଦ୍ୱିବେଦୀ ପ୍ରମୁଖ ଚାଳିଶି ଜଣ କବି ସ୍ୱରଚିତ କବିତା ଆବୃ ି କରିଥିଲେ । କବି ଶଶିକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା'ପାଟ୍ଟ ସାମୁଲାଇଙ୍କ ମକରବେଢ଼ା ପରିକ୍ରମା ମହାସମାରୋହରେ ପାଳିତ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ନବେ ଦଶକରୁ ଦୁହୁରିଆ ସନ୍ନିକଟ ପାଣ୍ଡିରୀ ଠାରୁ ଠାକୁରହାଟ ରାସ୍ତାର ମଧ ସ୍ଥଳର ପାଟନାଳୀ କୂଳରେ ମା'ପାଟ୍ଟ ସାମୁଲାଇଙ୍କ ବିଜେସ୍ଥଳିରେ ପ୍ରତିବର୍ଷ ମକର ସଂକ୍ରାନ୍ତୀ ପାଳିତ ହୋଇଥାଏ । ଚଳିତବର୍ଷ ମଧ ମା'ଙ୍କ ମକରବେଢ଼ା ପରିକ୍ରମା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆଖପାଖ ୪ଖଣ୍ଡି ମୌଜା ଜମଧର ଗ୍ରାମପଞ୍ଚାୟତର ପାଣ୍ଡିରୀ, କଂଚାପଦା, କଷୋଟୀ, ଜୁଇଦାସପୁର, ଗୁଆଳସିଂ ପଞ୍ଚାୟତର ଖସାପଡିଆ, ବାଲିପାଟଣା, ଛାଂଚୁଣିଆ, ହଳଦିଆ, ଠାକୁରହାଟ, ଠାକୁରପାଟଣା ସମେତ ଉଦୟନଗର ପ୍ରଭୃତି ଅଂଚଳର ହଜାର ହଜାର ସଂଖ୍ୟାରେ ଲୋକମାନେ ଏକାଠି ହୋଇ ମା'ଙ୍କ ମକରବେଢ଼ା ପରିକ୍ରମା କାର୍ଯ୍ୟକ୍ରମକୁ ସଫଳତାର ସହିତ ପାଳନ କରିଛନ୍ତି । କଥିତ ଅଛିଯେ ମା'ଙ୍କ ଅପାର କରୁଣାରୁ ଲୋକମାନେ ବିଭିନ୍ନ ଦୁରାରୋଗ ବ୍ୟାଧିରୁ ଆରାଗ୍ୟ ଲାଭ କରିଥାନ୍ତି ଏବଂ ଶାନ୍ତିର ସହିତ ପାରିବାରିକ ଜୀବନ ବିତାଇଥାନ୍ତି । ମନ୍ଦିରର ମୁଖ୍ୟ ପୂଜକ ରମେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବକୁ କରୁଣାକର ରାଉତ, ପ୍ରଭାକର ସାହୁ, ମହେଶ୍ୱର ସାହୁ, ନାରାୟଣ ସାହୁ, ଗୋଲଖ ଚନ୍ଦ୍ର ସାହୁ, ନରହରି ପୋଥାଳ, ବିକାଶ ବିଶ୍ୱାଳ, ବିରବର ବିଶ୍ୱାଳ, ସପନା ମହାନ୍ତି, ରତିକାନ୍ତ ସାହୁ, ବାବୁଲି ଦାସ ପ୍ରମୁଖ ସହଯୋଗ କରିଥିଲେ । ଏହି ଉତ୍ସବରେ ୫ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ମା'ଙ୍କ ଆଶ୍ରିର୍ବାଦ ଭିକ୍ଷା କରିଥିଲେ ।



# ବାଲିପଡ଼ିଆ ପଂଚାୟତରେ ଆଧ୍ୟାତ୍ମିକ ପରିବେଶରେ ପରିକ୍ରମା କଲା ଅର୍ପଣ ରଥ

**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତର ଦେକୁଡ଼ି ଗ୍ରାମଦେବତୀଙ୍କ ପୀଠରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପାଇଁ ଅର୍ପଣ ରଥ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା ଓ ସମିତି ସଭ୍ୟା ମନରୋମା ଭଞ୍ଜ ସ୍ୱାଗତ ସମ୍ବର୍ଦ୍ଧନା ପରେ ରଥ ପରିକ୍ରମାର ଶୁଭାରମ୍ଭ ହୋଇଥିଲା । ପଞ୍ଚାୟତର ବିଭିନ୍ନ ଗ୍ରାମର ହରିହାଟ ଜଗନ୍ନାଥ ମନ୍ଦିର, ମହାପୁରୁଷ, ପୂର୍ବ ବାଲିପଡ଼ିଆ ଗ୍ରାମଦେବତୀ, ଉପରପାଳ, ତିଗିରିଆ, ଚାନ୍ଦପୁର ତେଲେଙ୍ଗେଶ୍ୱର ମନ୍ଦିର, ବାଲିପଡ଼ିଆ ଗ୍ରାମଦେବତୀ ମା'ବୃଢ଼ୀଜାଗୁଳାଇ ମନ୍ଦିର, ବାଟଜୋରା ଶନିମନ୍ଦିର, ରାମ ମନ୍ଦିର, ତାରିଣୀ ମନ୍ଦିର ଆଦି ପରିକ୍ରମା କରିବା ସେଠାରେ ନୈବେଦ୍ୟ ଅର୍ପଣ କରାଯିବା ସହ ଘର ଘରକୁ ପରିକ୍ରମା ସମୟରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅକ୍ଷତ ଓ ଗୁଆ ଗ୍ରହଣ



କରାଯାଇଥିଲା । ଘରକୁ ଘର ରଥ ପରିକ୍ରମା ସମୟରେ ଗାଁ ଦାଣ୍ଡରେ ମହିଳାମାନେ ମୁରୁଜ ଓ ଚିତା ପକାଇ କଳାସ ସ୍ଥାପନା କରି ରଥକୁ ଅପେକ୍ଷା କରିଥିଲେ । ରଥ ପହଞ୍ଚିବା ପରେ ହରିବୋଲ ହୁଳୁହୁଳି ଦେଇ ମହାପ୍ରଭୁଙ୍କୁ ସ୍ୱାଗତ କରି ନୈବେଦ୍ୟ ଅର୍ପଣ କରିଥିବା ଦେଖାଯାଇଥିଲା । ଘଂଟୁଆ, ଶଙ୍ଖୁଆ, ମହିଳା ଓ ପୁରୁଷ କୀର୍ତ୍ତନ ମଣ୍ଡଳୀ ଓ ବାଜା ବାଣ ସହ ପଟୁଆରରେ ପରିକ୍ରମା ରଥ ଭ୍ରମଣ କରିଥିବା ବେଳେ ସମଗ୍ର ପଞ୍ଚାୟତରେ ଜୟ ଜଗନ୍ନାଥ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବାଲିପଡ଼ିଆ (ବରଦା) ମହାଦେବ ମନ୍ଦିର ପ୍ରାଙ୍ଗଣରେ ରାତ୍ରି ସମୟରେ ପରିକ୍ରମା ରଥ ସମାପନ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ଅନିରୁଦ୍ଧ ସାମଲ, ସରୋଜ ବେହେରା, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ କୁମାର ଜେନା, ଚନ୍ଦ୍ର ଶେଖର ବେହୁରା, ରବୀନ୍ଦ୍ର କୁମାର ଭଞ୍ଜ, ପଙ୍କଜ ଭଞ୍ଜ, ହେମନ୍ତ ଭଞ୍ଜ, ଜ୍ଞାନେନ୍ଦ୍ର ରାଉତ, କିଶୋର କୁମାର ବାରିକ, ତାପସ କୁମାର ରାଉତରାୟ, ନିରୁପମା ରାଉତ, ସଞ୍ଜୁକ୍ତା ମହାନ୍ତି, ସୁଚିତ୍ରା ସାମଲ, ବିଦୁ୍ୟଲତା ସାମଲ, ଦୀପ୍ତିମୟୀ ସାମଲ, ଯୋଗେନ୍ଦ୍ର ମହାନ୍ତି, ମନୋଜ କୁମାର ଓଝା, ସରୋଜ ମହାନ୍ତି, ପ୍ରକାଶ ତ୍ରିପାଠୀ, ଅଜିତ୍ ପ୍ରଧାନ, ପବିତ୍ର କୁମାର ବେହୁରା, ଉପେନ୍ଦ୍ର ମଳିକ, କୃଷ୍ଣ ମଳିକ, ସରୋଜ ସାମଲ, ବାବୁ ମଳିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ପି.ଇ.ଓ ଗଣେଶ୍ୱର ବେହେରା ଓ ଗ୍ରାମ ରୋଜଗାର ସେବକ ସନ୍ତୋଷ କୁମାର ପରିଡ଼ା ରଥ କାର୍ଯ୍ୟକୁ ତଦାରଖ କରିଥିଲେ ।

# ସାହିତ୍ୟ ସଂସଦ ପକ୍ଷରୁ ଫକୀରମୋହନ ଜୟନ୍ତୀ ପାଳିତ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀର ମୋହନଙ୍କ ୧୦୫ତମ ଜୟନ୍ତୀ ଉତ୍ସବ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ଼ କପାଳେଶ୍ୱର ସ୍ଥିତ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ଡ. ଭାଗବତ ଶୁକ୍ଳ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କବି ତଥା ସମାଲୋଚକ ଅଧାପକ ପ୍ରସନ୍ନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ଫକୀରମୋହନ ସେନାପତି ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଭାବରେ ଓଡ଼ିଆ ଭାଷାକୁ ବିଦେଶୀମାନଙ୍କ କବଳରୁ ବଂଚାଇବା ପାଇଁ ଲଢ଼ିଥିଲେ ଏବଂ ସେ ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଭାବରେ ପରିଚିତ ଥିଲେ ବୋଲି ମୁଖ୍ୟଅତିଥି ଡ. ଶୁକ୍ଳ ପ୍ରକାଶ କରିଥିଲେ । ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ସଂଯୋଜନାରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଅଂଚଳର ସାହିତ୍ୟିକ ତଥା ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁଙ୍କୁ ଚୌଦ୍ୱାର ସାହିତ୍ୟ ସଂସଦ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ମହାପାତ୍ର, ରୋଟାରିଆନ୍ ଶରତ ଚନ୍ଦ୍ର ଖୁଣ୍ଟିଆ, ଅକ୍ଷୟ କୁମାର ମିଶ୍ର, ଅଧାପକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଶିଖ ସମ୍ପ୍ରଦାୟ ତରଫରୁ ନଗର ସଂକୀର୍ତ୍ତନ

**ଜୟପୁର(ଅମୃତ ମିଡିଆ):** ଜୟପୁର ସହରରେ ବସବାସ କରୁଥିବା ଶିଖ ସମ୍ପ୍ରଦାୟ ତରଫରୁ ସୋମବାର ସଗର ସଂକିର୍ତ୍ତନ କରାଯାଇଛି । ଶିଖ ମାନଙ୍କର ୧୦ମ ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଉପଲକ୍ଷେ ଏହି ନଗର ସଂକିର୍ତ୍ତନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଂକିର୍ତ୍ତନ ରଜାନହର ଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଗୁରୁଦ୍ୱାରରେ ଶେଷ ହୋଇଥିଲା । ଏହି ସଂକିର୍ତ୍ତନ ଶୋଭାଯାତ୍ରାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ପୁବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ,ପୌର ଉପାଧ୍ୟକ୍ଷ ବି.ସୁନିତା, ହିମାଂଶୁ ମହାପାତ୍ର,ଗୌତମ ସାମନ୍ତରାୟ ସହ ଶିଖ ଓ ପଞ୍ଜାବି ସମ୍ପ୍ରଦାୟର ହିନ୍ଦୁ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ମାଲ୍ୱାହି ପିକ୍‌ପ ଭ୍ୟାନ୍ ଧକ୍କାରେ ଶିଶୁ କନ୍ୟାର ମୃତ୍ୟୁ

**ଦଶପଲ୍ଲା(ଅମୃତ ମିଡିଆ):** ଜାତୀୟ ରାଜପଥ ୫୭ର ବାଣୀ ଗୋଚ୍ଛା ଥାନା ନିକଟରେ ଦୁର୍ଘଟଣା ।ବାଣିଗୋଚ୍ଛା ଥାନା ଅଧିନ ବୁରୁପାଲ ଗ୍ରାମର ଶୁମନ୍ତ ନାୟକ ପରିବାରକୁ ନେଇ ପରିବା କିଣୁଥିବା ବେଳେ ଦୃତଗତିରେ ଦଶପଲ୍ଲାପଟୁ ଫୁଲବାଣୀ ଅଭିମୁଖେ ଜଉଥିବା ପିକପ୍ ଭ୍ୟାନଟି ଅଢେଇ ବର୍ଷର ଶିଶୁ କନ୍ୟା ଗାୟତ୍ରୀ ନାୟକଙ୍କୁ ଧକ୍କାଦେବ ଦେଇଥିଲା ଫଳରେ ଗାୟତ୍ରୀ ଗୁରୁତର ଅବସ୍ଥାରେ ପ୍ରଥମେ ବାଣିଗୋଚ୍ଛା ପ୍ରଥମିକ ଚିକିସ୍ତିତ କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସରେ ଆଣିଥିଲେ, ଡାକ୍ତର ମୃତ୍ୟୁଘୋସଣା କରିଥିଲେ ।ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି ବାଣିଗୋଚ୍ଛା ପୋଲିସ ପିକପ ଭ୍ୟାନ ସହ ଡ୍ରାଇଭରକୁ ଅଟରଖି ଅଧିକ ତଦନ୍ତ ଜାରିରଖିଥିଲେ ସୁଚନାମାଳିଛି ।

# ବୃଦ୍ଧ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ପ୍ରଦାନ



**ବାରିପଦା(ଅମୃତ ମିଡିଆ):** ମହାରାଜ ପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ଜାତୀୟ ସେବା ଯୋଜନା ତରଫରୁ ମହାରାଜପୁର ପୋଷ୍ୟ ଗ୍ରାମର ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର, କମ୍ବଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ ଓ ମିଷ୍ଟାନ ବଣ୍ଟନ କରିଥିଲେ. ଏହି ଅବସରରେ ବୃଦ୍ଧ ଓ ବୃଦ୍ଧା ମାନେ ଏହି ମହତ କାର୍ଯ୍ୟ ନିମନ୍ତେ ମହାବିଦ୍ୟାଳୟ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନଙ୍କୁ ଆଶୀର୍ବାଦ କରିବା ସହିତ ଖୁସି ବ୍ୟକ୍ତ କରିଥିଲ ।. ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ, ଅଧ୍ୟାପିକା ସୁଜାତା ପାଲ, ଦେବାଶ୍ରିତା ବିଶ୍ୱାଳ, ଚିନ୍ମୟୀ ଦାସ ସ୍ୱେଚ୍ଛାସେବୀ ଅଜିତ ଦାସ, ଗୋବିନ୍ଦ ସ୍ୱାଇଁ, ସୁମନ ରଣା, ଲିଙ୍ଗରାଜ ଦେହୁରୀ, ଦିବ୍ୟଜ୍ୟୋତି ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଏନଏସଏସ ରାଷ୍ଟ୍ରୀୟ ସଂହତି ଶିବିର

# ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଦଳର ଯୋଗଦାନ



**ବାରିପଦା(ଅମୃତ ମିଡିଆ):** ରାଷ୍ଟ୍ରୀୟ ସେବା ଯୋଜନା ଆନୁକୁଲ୍ୟରେ ୭ଦିନ ବ୍ୟାପୀ ରାଷ୍ଟ୍ରୀୟ ସଂହତି ଶିବିର ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ଡେରା ନତୁଙ୍ଗ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ, ଏହି ଶିବିରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଫକିର ମୋହନ ବିଶ୍ୱବିଦ୍ୟାଳୟରୁ ମୋଟ ୧୦ ଜଣ ଛାତ୍ରଛାତ୍ରୀ, କରଞ୍ଜିଆ ସ୍ୱଂୟ ଶାସିତ ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଫିସର ଅଧ୍ୟାପକ ସିପୁନ କୁମାର ଦାସଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ. ଏହି ଶିବିରରେ ଦେଶର ୧୫ ଗୋଟି ରାଜ୍ୟରୁ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ । ଦେଶର ଯୁବକ ମାନଙ୍କ ମଧ୍ୟରେ ଥିବା ସଂକୀର୍ଣ୍ଣ ଆଞ୍ଚଳିକ ମାନସିକତାକୁ ଦୂରକରି ଏକ ଶ୍ରେଷ୍ଠ ଭାରତ ବର୍ଷ ଗଠନ କରିବା ଏହି ଶିବିରର ଲକ୍ଷ୍ୟ ଥିଲା । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ସମୀର ମହାରଣା, ଦିଗୀମନି ମୁର୍ମୁ, ସୁଷମା ମହାନ୍ତ, ଚୈତନ୍ୟ ସିଂହ, ସୀମା ସାହା ଓ ଫକିର ମୋହନ ବିଶ୍ୱବିଦ୍ୟାଳୟ ରୁ ବିମଳ ମାଳିକ, ବିକାଶ ମାଝୀ, ଅଙ୍କିତା ଦାସ, ବର୍ଷା ପ୍ରିୟର୍ଶନୀ ମହାନ୍ତି, ହୃଷୀକେଶ ତିଆଡି ଶିବିରରେ ଯୋଗଦେଇ ଉତ୍ତମ ପ୍ରଦର୍ଶନ କରିଥିଲେ ବୋଲି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ବ୍ୟୁରୋ ସଂଯୋଜକ ଡଃ. ବସନ୍ତ କୁମାର ମହାନ୍ତ ତଥା ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ପ୍ରକାଶ କରିଛନ୍ତି. । ବିଶ୍ୱବିଦ୍ୟାଳୟ ତରଫରୁ ଓଡିଶାର ଏନଏସଏସ ରିଜିଅନାଲ ଡାଇରେକ୍ଟର ସୁଶ୍ରୀ ସରିତା ପଟେଲ ଓ ରାଜ୍ୟ ନୋଡାଲ ଅଧିକାରୀ ଡ. ରମେଶ ବେହେରାଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି ।

# ଚାରିନଙ୍ଗଳ ପଂଚାୟତରେ ଭକ୍ତିମୟ ପରିବେଶରେ ବୁଲିଲା ଅର୍ପଣ ରଥ

**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପାଇଁ ପଂଚାୟତର ବିଭିନ୍ନ ଗ୍ରାମର ଘର ଘରକୁ ଯାଇ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅକ୍ଷତ ଓ ଗୁଆ ଗ୍ରହଣ କରାଯାଇଛି । ଚାରିନଙ୍ଗଳ ଲକ୍ଷ୍ମୀନାରାୟଣ ମଠରୁ ରଥ ପୂଜାର୍ଚ୍ଚନା ପରେ ସରପଞ୍ଚ ନୁରଜାନ ବେଗମ୍ ଓ ସମିତି ସଭ୍ୟା ଚନ୍ଦ୍ରକଳା ଜେନା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପ୍ରଥମ ଦିବସରେ ଝରକୁଳ, ବୁଧଖାଁ ମହଲା, ଧାଉଡ଼ିଆପଦା ଗ୍ରାମ ପରିକ୍ରମା କରିଥିବା ବେଳେ ଦ୍ୱିତୀୟ ଦିବସରେ ବାହାଦୁରନଗର ଗ୍ରାମ ଦେବତୀ ମା'ଜେମାଦେଇଙ୍କ ପୀଠରୁ ରଥ ପରିକ୍ରମାରେ ବାହାରିଥିଲା । ଏଥିରେ ବାହାଦୁରନଗର, ଗହରନଗର, ବଳ ସାହି, ବାରବାଟି, ଚାରିନଙ୍ଗଳ ବଜାର ଆଦି ଗ୍ରାମ ପରିକ୍ରମା ସାରି ପିରିପାଟଣା ଗ୍ରାମରେ ଅପରାହ୍ନରେ ଉଦଯାପିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଜା, ବାଣ ଓ ସଂକ୍ରି ନ ମଣ୍ଡଳୀ ଯୋଗଦେଇ ଜୟ ଜଗନ୍ନାଥ ଧୋନିରେ ପରିକ୍ରମା କରିଥିଲେ । ବିଭିନ୍ନ ଗ୍ରାମର ଘରକୁ ଘର ରଥ ପରିକ୍ରମା ସମୟରେ ଶଙ୍ଖ ହୁଳୁହୁଳି ସହ ଗ୍ରାମବାସୀ ମାନେ ଶ୍ରଦ୍ଧାର ସହିତ ଅକ୍ଷତ, ଗୁଆ ଓ ଅର୍ଥରାଶି ସମର୍ପଣ କରିଥିଲେ । ସମଗ୍ର ପଞ୍ଚାୟତରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଗାଁ ଦାଣ୍ଡରେ ମହିଳାମାନେ ମୁରୁଜ ପକାଇ ବିଭିନ୍ନ ପ୍ରକାର ଚିତ୍ରାଙ୍କନ କରିଥିବା ବେଳେ ମହିଳାମାନେ ହୁଳୁହୁଳି, ହରିବୋଲ ଓ ଜୟ ଜଗଜନ୍ନାଥ ଧୋନିରେ ରଥକୁ ସ୍ୱାଗତ କରିଥିଲେ । ଏଥିରେ ଅନେକ ସଂଖ୍ୟାରେ ମୁସଲମାନ ଧର୍ମାବଲମ୍ବି ସାମିଲ ହୋଇଥିବା ଦେଖାଯାଇଥିଲା । କାର୍ଯ୍ୟକ୍ରମର ଉଦଯାପନି ଅବସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ଏପରି ମହତ କାର୍ଯ୍ୟକୁ ସୂଚାର ରୂପେ ଦୁଇ ଦିନ ଧରି ସଫଳ ପରିଚାଳନା କରି ସମାପନ କରିଥିବାରୁ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇଥିଲେ ।



ପଂଚାୟତ ବିଜେଡ଼ି ସଭାପତି ଗୋଲାମ କିବିରିଆ ଖାଁ, ବ୍ଲକ ବିଜେଡ଼ି ଉପସଭାପତି ସେକ୍ ମୋଇନ ଅହେମ୍ମଦ, ନିରଞ୍ଜନ ସେନାପତି, ପ୍ରାକ୍ତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ଧନେଶ୍ୱର ବଳ, ସୁବାଷ ଚନ୍ଦ୍ର ବଳ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ଲିଟୁ ବିଶ୍ୱାଳ, ବିଭୁଶଙ୍କର ପୃଷ୍ଟି, ରଞ୍ଜିତ କୁମାର ସାମଲ, ରମେଶ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ମଲ୍ଲିକ, ଅନନ୍ତ କିଶୋର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଅର୍ପଣ ରଥ କମିଟିର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାମଲ ଶୃଙ୍ଖଳାର ସହ ସମାପନ କରାଇବାରେ ସଫଳ ହୋଇଥିଲେ । ପି.ଇ.ଓ ଧନଞ୍ଜୟ ସ୍ୱାଇଁ ସମଗ୍ର କାର୍ଯ୍ୟକୁ ତଦାରଖ କରିଥିଲେ ।

# ପାଣି ପଞ୍ଚାୟତ ପକ୍ଷ -୨୦୨୪, ଶୁଭାରମ୍ଭ ହେଲା ସଚେତନତା ରଥ

**ଛତ୍ରପୁର (ଅମୃତ ମିଡିଆ):** ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳନ କରାଯିବ । ଏହି ଅବସରରେ ସ୍ଥାନୀୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ପାଣି ପଂଚାୟତ ରଥକୁ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିବା ସହିତ ରାଜ୍ୟ ସରକାରଙ୍କ ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା ସହିତ ପାଣି ପଂଚାୟତ ବ୍ୟବସ୍ଥାକୁ ମଧ୍ୟ ଆଇନଗତ ଭାବେ ସୁଦୃଢ କରିବା ପାଇଁ ପଦକ୍ଷେପ ନିଆଯାଇଥିବା କହିଥିଲେ । ଏହି ପାଣି ପଂଚାୟତ ରଥ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ସମସ୍ତ



ବୃହତ୍ତ, ମାଧ୍ୟମ, ଯୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ପ୍ରଚାର ଓ ପ୍ରସାର କରିବ । ନ୍ୟାୟ ସଙ୍ଗତ ଓ ସମାନତା ଭିତ୍ତିରେ ବିଭିନ୍ନ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ଜଳ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ଜଳ ସଂରକ୍ଷଣ, ଜଳ ପୁନଃ ବ୍ୟବହାର ସହିତ ଫସଲର ବିବିଧକରଣ ଜରିଆରେ ଅଧିକ ପ୍ରକାର ଫସଲ ଉତ୍ପାଦନ ପାଇଁ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗର ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଏହି ଅବସର ରେ ଅନ୍ୟମାନଙ୍କ ମଧ୍ୟ ରେ ଗଞ୍ଜାମ ଜିଲ୍ଲା ପରିଷଦ ର ଅତିରିକ୍ତ ସିଇଓ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ କୁମାର ବେହେରା ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ, ସମସ୍ତ କାର୍ଯ୍ୟକ୍ରମକୁ ଜଳସମ୍ପଦ ବିଭାଗର ଋଷିକୁଲ୍ୟା, ବାହୁଦା ଅବବାହିକା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜଗନ୍ନାଥ ପାଣି, ବ୍ରହ୍ମପୁର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜୟଦୀପ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

# ମକର ପାଇଁ କୋଟଗଡ଼ ଚଳଚଞ୍ଚଳ



**ବାଲିଗୁଡା (ଅମୃତ ମିଡିଆ):** ପବିତ୍ର ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ କନ୍ଧମାଳ ଜିଲ୍ଲାର ସୀମାନ୍ତ କୋଟଗଡ଼ ଅଂଚଳ । କୋଟଗଡ଼ ମହାବୀର ବାଟିକା ସ୍ଥିତ ହନୁମାନ ମନ୍ଦିରରେ ଧୂମଧାମରେ ପାଳିତ ହୋଇଅଛି ପବିତ୍ର ମକର ସଂକ୍ରାନ୍ତି । ଏଥିପାଇଁ କୋଟଗଡ଼ ତଥା ଆଖପାଖ ଅଂଚଳର ହଜାର ହଜାର ଭକ୍ତଙ୍କ ହନୁମାନ ବାଟିକା ଠାରେ ସମାଗମ ହୋଇଥିଲା । ମହାବୀର ବାଟିକା କମିଟି ପକ୍ଷ୍ୟ ରୁ ଗତ ଚାରି ବର୍ଷ ହେବ ପ୍ରତି ବର୍ଷ ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି ସମେତ ପ୍ରତି ସଂକ୍ରାନ୍ତିରେ ଭକ୍ତଙ୍କ ସୁଅ ଛୁଟିଥାଏ । ତେବେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମଙ୍ଗଳ ଆରତୀ, ହନୁମାନ ଚାଳିଶା, ଯଂଜ୍ଞ ଓ ପ୍ରସାଦ ସେବନ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ତେବେ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଦର୍ଶନ ସହ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଛନ୍ତି ମହାବୀର ବାଟିକା କମିଟି ର ଉପଦେଷ୍ଟା ତଥା କନ୍ଧମାଳ ସାଂସଦଙ୍କ କୋଟଗଡ଼ ବ୍ଲକ ପ୍ରତିନିଧି ମନୋଜ ସାବତ । ତେବେ ପାହାଡ଼ ଉପରେ ଅବସ୍ଥିତ ଏହି ମହାବୀର ବାଟିକାର ସୌନ୍ଦର୍ଯ୍ୟ ବେଶ ଚିତାକର୍ଷକ ହୋଇଥିବା ବେଳେ ଏହାର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷ୍ୟରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଥିବା କହିଛନ୍ତି କନ୍ଧମାଳ ସାଂସଦଙ୍କ କୋଟଗଡ଼ ବ୍ଲକ ପ୍ରତିନିଧି ମନୋଜ ସାବତ ।

## ଅସହାୟ ପରିବାରକୁ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ସହାୟତା

**ଆଳି (ଅମୃତ ମିଡିଆ):** ଜଣେ କର୍କଟ ରୋଗୀଙ୍କ ମୃତ୍ୟୁ ପରେ ତାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଅର୍ଥର ଆବଶ୍ୟକତା ଥିବା ବେଳେ ସହଯୋଗର ହାତ ବଢ଼ାଇ ମାନବିକତାର ପରିଚୟ ଦେଇଛନ୍ତି ଆମ ସ୍ୱାଭିମାନ ସ୍ୱେଚ୍ଛାସେବୀ ଟ୍ରଷ୍ଟ । ସୂଚନା ଅନୁଯାୟୀ ସିଙ୍ଗିରି ବ୍ଲକ ଅଳିହା ଗ୍ରାମର ଯଶୋମତୀ ଦଲାଇ କର୍କଟ ରୋଗରେ ମୃତ୍ୟୁବରଣ କରିଥିଲେ । ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ପୁଅ ରାମହରି ଦଲେଇଙ୍କ ନିକଟରେ ଅର୍ଥର ଅଭାବ ଥିଲା । ଖବର ପାଇ ସିଙ୍ଗିରି ଗ୍ରାମର ଜଣେ ସହୃଦୟ ଯୁବକ ଆମ ସ୍ୱାଭିମାନ ଟ୍ରଷ୍ଟକୁ ଜଣାଇଥିଲେ । ସମସ୍ତ ସଦସ୍ୟ ନିଜର ପକେଟ୍ ଖର୍ଚ୍ଚ ବଞ୍ଚାଇ ରାମହରିଙ୍କ ବାସଭବନରେ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସାହାଯ୍ୟ କରିବା ସହିତ ସାନ୍ତ୍ୱନା ଦେଇ ଥିଲେ । ସୂଚନାଯୋଗ୍ୟ ଯେ ରାମହରିଙ୍କ ବାପା ନିରଞ୍ଜନ ଦଲେଇଙ୍କର ଗତ ୬ ମାସ ପୂର୍ବେ କର୍କଟ ରୋଗରେ ପରଲୋକ ଘଟିଥିଲା



## ବାଦ୍ୟରତ୍ନ ସମ୍ମାନରେ ସମ୍ମାନିତ ହେଲେ ଯୁବ ବାୟକ ଶିବପ୍ରସାଦ



**କୋଣାର୍କ (ଅମୃତ ମିଡିଆ):** କୋଣାର୍କ ନିକଟସ୍ଥ ଟିକନା ଗ୍ରାମର ଯୁବ ବାୟକ ଶିବ ପ୍ରସାଦ ଦାସଙ୍କୁ ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ୪୬ତମ ବାର୍ଷିକ ସମ୍ମିଳନୀ -୨୦୨୪ ଅବସରରେ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆଙ୍କ ଆଶ୍ରମ , ଅରିଲୋ ଠାରେ ଦୁଇଦିନ ଧରି ଆୟୋଜିତ ଉତ୍ସବରେ କୋଣାର୍କ ଅଞ୍ଚଳର ଯୁବ ପାଲା ବାୟକ ଶିବ ପ୍ରସାଦ ଦାସଙ୍କୁ 'ବାଦ୍ୟ ରତ୍ନ ସମ୍ମାନ' ଓ ବାୟକ ରତ୍ନ ବିଭୂତି ଭୂଷଣ ପାଢ଼ୀ ପ୍ରତିଭା ସମ୍ମାନ ସହ 'ବାଦ୍ୟ ରତ୍ନ ' ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀଯୁକ୍ତ ଶିବ ପ୍ରସାଦ ଦାସ ଦୀର୍ଘଦିନ ଧରି ଗାୟକ ବ୍ୟାସ, ଗାୟକ ଉତ୍କଳ ଶିରୋମଣି ଶ୍ରୀଯୁକ୍ତ ଲକ୍ଷ୍ମୀଧର ଦାଶଙ୍କ ବାୟକ ଭାବରେ ଦୀର୍ଘ ୨୭ ବର୍ଷ ହେବ ନିଜର ଦକ୍ଷତା,ମୃଦଙ୍ଗ ବାଦନର ଚମତ୍କାରିତା ଓ ଚାତୁର୍ଯ୍ୟତାରେ ଓଡ଼ିଶାର ପ୍ରତିଟି ଜନତାଙ୍କ ହୃଦୟରେ ସ୍ଥାନ ପାଇଛନ୍ତି ।

## ନୂଆ -ଓ ଯୋଜନା ଅଧୀନରେ ବିଭିନ୍ନ ପ୍ରତିଯୋଗିତା



**ଛତ୍ରପୁର (ଅମୃତ ମିଡିଆ):** 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଏବଂ ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ଲାଗି ଛତ୍ରପୁର ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସୁମିତା ମିଶ୍ର ଙ୍କ ଅଧ୍ୟକ୍ଷତାରେ ନୂଆ -ଓ ଆନୁକୁଲ୍ୟ ରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, ସୃଜନଶିଳତା ଓ ମୂଲ୍ୟବୋଧ ପ୍ରଦର୍ଶନ କରିବା ଲାଗି ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ଼ଃ କୃଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ କବିତା ଲିଖନ, ଖୁଦ୍ରଗଳ୍ପ ରଚନା, ପ୍ରବନ୍ଧ, ବକ୍ତୃତା ଓ କାହାଣୀ, ଓଡ଼ିଆ ସାହିତ୍ୟ ଓ ଏହାର ମହତ୍ୱ ଉପରେ ଏକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟର ଅଧ୍ୟାପିକା କବିତା ସାହୁ, ଡ଼ଃ ସୁଜାତା ବେହେରା, ଦୀପ୍ତି ନନ୍ଦ, ଅଞ୍ଜଳି ସେଠୀ ଓ ଗୀତାଞ୍ଜଳି ସାମନ୍ତରାୟଙ୍କ ସମେତ ବହୁ ଛାତ୍ରୀ ଓ କର୍ମଚାରୀ ପରିଚାଳନା ରେ ସହଯୋଗ କରିଥିଲେ ।

# ଧଳା ଜହର, ବନ୍ଧୁକ ଜବତ:୨ ଗିରଫ

**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ପୋଲିସକୁ ବଡ଼ ସଫଳତା ମିଳିଛି । ୮ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ ହୋଇଛି.ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି. ଗିରଫ ଯୁବକ ଓସ୍ତପୁର ଗ୍ରାମର ନିରଞ୍ଜନ ସେନାପତି ଓରଫ ନିଲୁ (୪୯)ଓ ଓଳଙ୍ଗର ଗ୍ରାମର ବିଦ୍ୟାଧର ସ୍ୱାଇଁ (୩୯) । ଉଭୟଙ୍କ ନିକଟରୁ ୮ଗ୍ରାମ ଧଳା ଜହର ଜବତ ସହ ଛଅ ରାଉଣ୍ଡ ବିଶିଷ୍ଟ ବନ୍ଧୁକ ଜବତ କରିଛି ଅସ୍ତରଙ୍ଗ ପୋଲିସ ।

ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ସବଇନିସ୍ପେକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ ଓ ଟିମ୍ ସୋମବାର ରାତ୍ର ୯ଘ ୪୫ମିନିଟ ସମୟରେ ଅସ୍ତରଙ୍ଗ କଲେଜ ଛକ ନିକଟରେ ଦୁଇ ଯୁବକଙ୍କୁ ଅଟକାଇ ଅତର୍କିତ ଭାବେ ଚଢ଼ାଉ କରି ପଲିଥିନ ଭର୍ତି ହୋଇଥିବା ୮ଗ୍ରାମ ଧଳା ଜହର ଜବତ କରିବା ସହ ତାଙ୍କ ନିକଟରୁ ଛଅରାଉଣ୍ଡ ବିଶିଷ୍ଟ ବନ୍ଧୁକ, ନଗଦ ୮ହଜାର ଟଙ୍କା,



ଦୁଇଟି କି ପ୍ୟାଡ଼ ମୋବାଇଲି ଫୋନ, ଏକ ଗ୍ଲାମର ଗାଡି (ଡଊ ୧୩ଏ୧୬୬୮) ଜବତ କରିବାରେ ସକ୍ଷମ ହୋଇଛନ୍ତି । ଯାହାକି ଧଳା ଜହର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ. ଏହି କାରବାର ସହ ଆନ୍ତଃ ରାଜ୍ୟ ରାକେଟ କାମ କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳୁଛି ।

ଅଭିଯୁକ୍ତ ନିରଞ୍ଜନ ସେନାପତି ଓ ବିଦ୍ୟାଧର ସ୍ୱାଇଁ ଙ୍କୁ ଅସ୍ତରଙ୍ଗ ଥାନା କେଶ ନମ୍ବର ୧୭/୨୪ମାମଲା ରୁଜୁ କରିବା ସହ ଏନଡିପିଏସ ଆକ୍ଟ ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି. ହଠାତ ଏତେ ପରିମାଣ ଜବତ ହେବା ପୁଲିସ ଓ ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି. ଧରାପଡ଼ିଥିବା ଅଭିଯୁକ୍ତ ମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## 'ନବୀନ' ପକ୍ଷରୁ ଫକୀରମୋହନଙ୍କ ଜୟନ୍ତୀ ପାଳିତ



**ବ୍ରହ୍ମପୁର (ଅମୃତ ମିଡିଆ):** ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ 'ନବୀନ' କାର୍ଯ୍ୟାଳୟ ଠାରେ ଓଡ଼ଇା ଭାଷା ରକ୍ଷକ କାଳଜୟୀ ସାରସ୍ୱତ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ନବୀନ ସମ୍ପାଦକ ରବି ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବୀନ ପାଠାଗାର ଓ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ଡ଼ଃ. ଡ଼ମ୍ବରୁଧର ସାହୁ ମଞ୍ଚାସୀନ ହୋଇ ଫକୀର ମୋହନଙ୍କ ରଚିତ ସାହିତ୍ୟ, ଗଳ୍ପ ଓ ଉପନ୍ୟାସ ଚୀର ସ୍ମରଣୀୟ ହୋଇରହିବ ବୋଲି ମତବ୍ୟକ୍ତ କରିଥିଲେ ଆଗାମୀ ଯୁବପିଢ଼ି ଓଡ଼ିଶାର ଭାଷା, ସାହିତ୍ୟର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ପଣ୍ଡା, ମାନସ ରଂଜନ ତ୍ରିପାଠୀ, ଶାନ୍ତନୁ କୁମାର ଦାସ, ପ୍ରେମାନନ୍ଦ ଦାଶ, ଅରୁଣ ମୋହନ ପାତ୍ର, କାଳୀ ଦାସ, ନବୀନର ପ୍ରକାଶିକା ମଞ୍ଜୁ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବରିଷ୍ଠ ସାମ୍ବାଦିକ ପ୍ରକାଶ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ରମେଶଚନ୍ଦ୍ର ପଣ୍ଡାଙ୍କ ପରଲୋକ



**ନୂଆପଡା (ଅମୃତ ମିଡିଆ):** ଲଖନା ଗାଁ ର ବରିଷ୍ଠ ନାଗରିକ ରମେଶ ଚନ୍ଦ୍ର ପଣ୍ଡା (୭୨)ଙ୍କ ବୟସରେ ପରଲୋକ ହୋଇଯାଇଛି । ଏହି ଖବର ଶୁଣି ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ପଣ୍ଡା ୧।୧।୧୯୫୨ ମସିହାରେ ଲଖନା ଗାଁରେ ଜନ୍ମ ଗ୍ରହଣ କରିଥିଲେ । ସେ ତାଙ୍କ ଜୀବନକାଳ ମଧ୍ୟରେ ଲଖନା ଗାଁ ପାଇଁ ସାମୂହିକ ସାମାଜିକ କାମରେ ନିୟୋଜିତ ରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ଜଣେ ଦକ୍ଷ କବାଡି ଖେଳାଳୀ ଭାବେ ପରିଚିତ ଥିଲେ । ଗତବର୍ଷ ଡିସେମ୍ବର ମାସରେ ଧନୁଯାତ୍ରା ଚାଲିଥିବା ସମୟରେ ଶ୍ରୀ ପଣ୍ଡାଙ୍କ ହାଠାତ୍ ଦେହ ଅସୁସ୍ଥ ହୋଇପଡିଥିଲା । ପରେ ତାଙ୍କୁ ପଡୋଶୀ ରାଜ୍ୟ ଛତିଶଗଡ ରାଇପୁରର ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିଲେ । ହେଲେ ଦେହ ଆହୁରି ବିଗିଡ଼ିବାରେ ଲାଗିଲା । ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ତାଙ୍କର ପରଲୋକ ହୋଯାଇଛି । ଶେଷନିଃଶ୍ୱାସ ତ୍ୟାଗ ସମୟରେ ଦୁଇ ପୁଅ ଗୌରୀଶଙ୍କର ପଣ୍ଡା ଓ ଉମାଶଙ୍କର ପଣ୍ଡାଙ୍କ ସହ ଝିଅ ଗାୟତ୍ରୀ ଖମାରି, ଧର୍ମପତ୍ନୀ ଓ ନାତି ଅଂଶୁମାନ ପଣ୍ଡା ଉପସ୍ଥିତ ଥିଲେ । ମର ଶରୀର କୁ ରାଇପୁରରୁ ଲଖନା ଗାଁ କୁ ଅଣାଯାଇଥିଲା ମର ଶରୀର କୁ ଶେଷ ଦର୍ଶନ ପାଇଁ ଗାଁ ର ଭଦ୍ରବ୍ୟକ୍ତି ସହ ଅନେକ ଜିଲ୍ଲାର ନେତା ମାନେ ସାମିଲ ଥିଲେ ରମେଶ ଚନ୍ଦ୍ର ପଣ୍ଡାଙ୍କ ମରଶରୀରକୁ ମୁଖାଗ୍ନି ଦେଇଛନ୍ତି ଜ୍ୟେଷ୍ଠ ପୁଅ ଗୌରୀଶଙ୍କର ପଣ୍ଡା ।

# ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି



**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ, ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ କୁମାର ବଡ଼ଜେନା ଓ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମିଳିତ ଭାବେ ଏହି ଜନ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ରହି ହିତାଧିକାରୀ ମାନଙ୍କ ସମସ୍ୟା କୁ ଧୈର୍ଯ୍ୟର ସହ ଶୁଣିଥିଲେ ।

ମଙ୍ଗଳବାର ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୨୧ ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଏଥିରେ ବ୍ୟକ୍ତିଗତ ଅଭିଯୋଗ ୧୧୯ ଟି ଥିବାବେଳେ ଗ୍ରାମୀଣ ସମସ୍ୟା ଭିତ୍ତିକ ଅଭିଯୋଗ ୨ଟି ଥିଲା । ଅତରିକ୍ତ ଜିଲ୍ଲାପାଳ ଖେସ୍ ଦ୍ୱରିତ ଗୋଟିଏ ଅଭିଯାଗର ଫଇସଲା କରି ସଂପୃକ୍ତ ହିତାଧିକାରୀ ଙ୍କୁ ରେଡକ୍ରାସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିଲେ । ଡିହପଡାଳ ପଞ୍ଚାୟତ ରେ ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଥିଲେ ଯୁବ ବିଜେଡି ନେତା କୁଲୁ ଭୂୟାଁ । ଏଥିନେଇ ସେ ଭିଜିଲାନ୍ସ ଓ ଲୋକାୟୁକ୍ତଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଥିଲେ । ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ । ଏଦିଗରେ ସେ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ ଆଜିର ଅଭିଯାଗ ସମୟରେ ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ ,ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ଭଞ୍ଜନଗର ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଭଂଜନଗର , ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

## ମହାସମାରୋହରେ ମକର ସଂକ୍ରାନ୍ତି ପାଳିତ
## ସଜେଇ ହୋଇଛି ଯୁଗଳକିଶୋରପୁର ଗାଁ



**କେନ୍ଦୁଝର (ଅମୃତ ମିଡିଆ):** ମକର ସଂକ୍ରାନ୍ତି ଲାଗି ଗାଁଠୁ ସହର ଉତ୍ସବମୁଖର ହୋଇଉଠିଛି । ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାର ମକର ହେଉଛି ଗଣପର୍ବ । ଆଦିବାସୀମାନେ ଏହାକୁ ୭ଦିନ ଧରି ପାଳନ କରିଥାନ୍ତି । ଆଦିବାସୀମାନେ ଘରଦ୍ୱାର ଲିପାପୋଛା କରିବା ସହ ବିଭିନ୍ନ ରଙ୍ଗରେ ଘରକୁ ସଜାଇଥାନ୍ତି । ମକର ପିଠା ଖାଇବା ସହ, ନାଚଗୀତ, ଖେଳକୁଦ କରି ସଭିଏଁ ମକର ପର୍ବର ଆନନ୍ଦ ଉଠାଉଥାନ୍ତି । ଘସିପୁରା ବ୍ଲକ ଅନ୍ତର୍ଗତ ଯୁଗଳ କିଶୋରପୁର ଗାଁ ମକର ପାଇଁ ଏବେ ଚଳଚଞ୍ଚଳ ହୋଇଉଠିଛି ।

କିଏ ଘରଦ୍ୱାର ଲିପା ପୋଛା କରିଛି ତ ଆଉ କିଏ ବିଭିନ୍ନ ରଙ୍ଗ ଦେଇ ଘରକୁ ଆକର୍ଷଣୀୟ ଢଙ୍ଗରେ ସଜାଇବାରେ ବ୍ୟସ୍ତ ରହିଛି । ବର୍ଷକରେ ଥରେ ମକର ପର୍ବ ପାଳନ ପାଇଁ ଲୋକଙ୍କର ଏହି ସାଜସଜ୍ଜା । ମକର ସଂକ୍ରାନ୍ତି ଏଠାରେ ୭ଦିନ ଧରି ବେଶ୍ ଧୁମଧାମ୍‌ରେ ପାଳିତ ହୋଇଥାଏ । ଘର ରଙ୍ଗ ଦେବା ପାଇଁ ଜଙ୍ଗଲରୁ ଲୋକେ ଲାଲ୍, ଧଳା, ହଳଦିଆ ମାଟି ସଂଗ୍ରହ କରିଥାନ୍ତି । ସେହି ମାଟିକୁ ପାଣିରେ ଭିଜାଇ ଘରକୁ ବିଭିନ୍ନ ପାରମ୍ପରିକ ଢଙ୍ଗରେ ସଜାଇଥାନ୍ତି । ଏଥିପାଇଁ ଆଦିବାସୀମାନେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରନ୍ତି ନାହିଁ । ଏହି ପର୍ବ ପାଳନ ପାଇଁ ଘରକୁ କୁଣିଆ ଆସିବା ମଧ୍ୟ ଆରମ୍ଭ କରିଦେଲେଣି । ଏହି ଅବସରରେ ଗାଁ ଗାଁରେ ନାଚଗୀତ ଓ ଅନ୍ୟାନ୍ୟ ଖେଳକୁଦ ଅନୁଷ୍ଠିତ ହେଉଅଛି ।

## ବିଜେପି ପକ୍ଷରୁ ରଘୁନାଥ ମନ୍ଦିର ପରିସର ସଫେଇ

**ଭଞ୍ଜନଗର (ଅମୃତ ମିଡିଆ):** ସ୍ଥାନୀୟ ବିଜେପି ପକ୍ଷରୁ ଭଞ୍ଜନଗର ରଘୁନାଥ ମନ୍ଦିର ପରିସର କୁ ମଙ୍ଗଳବାର ସଫା କରାଯାଇଛି । ସକାଳୁ ବିଜେପି ନେତାମାନେ ପୁରା ମନ୍ଦିର ପରିସର କୁ ପାଣି ମାରି ଝାଡୁ ଲଗାଇ ସଫା କରିଥିବା ଦେଖିବାକୁ ମିଳିଥିଲା । ଏଥିରେ ବିଜେପି ପକ୍ଷରୁ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲା ଉପସଭାପତି ଅଯୋଧ୍ୟା ନାଥ ମହାପାତ୍ର (ଗତି), ସନ୍ତୋଷ ତିଆଡି, ସାଧାରଣ ସମ୍ପାଦକ ନୀଳମାଧବ ପାତ୍ର, ମାନସ ଜେନା ପ୍ରମୁଖ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଙ୍କ ସହ ଉପସ୍ଥିତ ରହି ମନ୍ଦିର ପରିସର କୁ ସଫା କରିଥିଲେ । ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ବରୁ ସାରା ଦେଶରେ ସମସ୍ତ ମଠ ମନ୍ଦିର ପରିସର କୁ ବିଜେପି ପକ୍ଷରୁ ଝାଡୁ ଲଗାଇ ସଫା କରାଯାଉଥିବା ବେଳେ ଏହା ଚଳିତ ମାସ ୨୦ ତାରିଖ ଯାଏଁ ଚାଲିବ ବୋଲି ଦଳ ପକ୍ଷରୁ ଗତି ମହାପାତ୍ର ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି ।



# ଜିଲ୍ଲାକୁ ମେଡିକାଲ କଲେଜ ନାହିଁ ତ ସରକାରଙ୍କୁ ଖଜଣା ନାହିଁ-ମିଳିତ କ୍ରିୟାନୁଷ୍ଠାନ କମିଟି



**କେନ୍ଦ୍ରାପଡା(ଅମୃତ ମିଡିଆ):** ହାତୀ ନେ, ଘୋଡା ନେ, ମୋ ପେଙ୍କାଳି ବଜାଇ ଦେ କହି ନବୀନ ସରକାର ନିରବଚ୍ଛିନ୍ନ ଭାବେ ପଚିଶ ବର୍ଷ କ୍ଷମତାରେ ରହିଥିଲେ ବି କେନ୍ଦ୍ରାପଡା ଜିଲ୍ଲା ବିକାଶରେ ତଳ ଆଡୁ ପ୍ରଥମ। ଜିଲ୍ଲାରେ ରେଳ ସେବା ନାହିଁ, ଶିଳ୍ପ ନାହିଁ, ଶୀତଳ ଭଣ୍ଡାର ନାହିଁ, କୃଷିର ବିକାଶ ନାହିଁ। ଜାତୀୟ ରାଜପଥ ଓ ରେଳ ଧାରଣାରେ ପ୍ରତିଦିନ ଲୋକ ମରୁଛନ୍ତି। ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ଜିଲ୍ଲାରେ ଡାକ୍ତରୀ ପଦବୀ ଖାଲି। ନୂଆ ମେଡିକାଲରେ କୌଣସି ଅତ୍ୟାଧୁନିକ ଯନ୍ତ୍ରପାତି ନାହିଁ। ଛୋଟ ରୋଗ ପାଇଁ କଟକ, ଭୁବନେଶ୍ୱର ପଠାଯାଉଛି। ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି କରୁଥିଲେବି ବାରଓଳି ଶୁଣିପିଣ୍ଟା ହେଉଥିଲେ ବି କେବଳ ଲଲିପପ ଦିଆଯାଉଛି। ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଗତ ୨୦୧୬ମସିହାରୁ ଲଗାତାର ଭାବେ ଆନ୍ଦୋଳନ କରିବା ସହିତ ଜିଲ୍ଲାର ପାଞ୍ଚଜଣ ବିଧାୟକଙ୍କ ସହିତ ଦୁଇ ଜଣ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନି। ଜିଲ୍ଲା ପାଳ ଅଫିସ ସମ୍ମୁଖରେ ଗଣଧାରଣା, ପଦଯାତ୍ରା, ରାଜ୍ୟପାଳ ଅଫିସ ସମ୍ମୁଖରେ ଧାରଣା, ସହିଦ ବାସୁ ବିସୁନି ପୀଠରୁ ବାଇକ ରାଲି ଓ ଗରାପୁରଛକସ୍ଥିତ ଜାତିର ପିତା ଗାନ୍ଧୀ ମୂର୍ତ୍ତି ନିକଟରେ ୧୮ଦିନ ଗଣଧାରଣା ସହିତ ଦୁହୁରିଆ ନିକଟରେ ଦିନିକିଆ ଅର୍ଥନୈତିକ ଅବରୋଧ ଏହି ସମୟ ମଧ୍ୟରେ ସଂଗଠିତ କରାଯାଇଛି। ଦଳ ମତ ନିର୍ବିଶେଷରେ ଜିଲ୍ଲାବାସୀଙ୍କର ଗୋଟିଏ ସ୍ୱପ୍ନ ଜିଲାରେ ମେଡିକାଲ କଲେଜ ହେଉ। ଦୁର୍ଭାଗ୍ୟର କଥା ନବୀନ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ତେଣୁ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଛି ମେଡିକାଲ କଲେଜ ନହେଲେ ଖଜଣା ନଦେବାକୁ। ଦାବିକୁ ଆହୁରି ତୀବ୍ର କରିବା ପାଇଁ ଜିଲ୍ଲାର ସମସ୍ତ ବ୍ଲକରେ ଆନ୍ଦୋଳନ କରିବା ଏବଂ ସମସ୍ତ ପଂଚାୟତ ମାନଙ୍କରେ ସଭାସମିତି କରି ଜନ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି। ଏହାସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଭେଟି ଦାବି ଜଣାଇବାକୁ ସ୍ଥିର ହୋଇଛି। ଜିଲ୍ଲା ବିକାଶ ସମ୍ମୁଖ୍ୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଅଧାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସନ୍ଦିପ୍ତ ଦାସ, ଆଦିକନ୍ଦ ରାଉଳ, ଫକୀର ଖଟୁଆ, ରାଜକୁମର ବିଶ୍ୱାଳ, ନରୋତ୍ତମ ପାର୍ଥସରଥୀ, ମୁକ୍ତାର ଖାଁ, ସୂର୍ଯ୍ୟକାନ୍ତ ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ଏଲିନା ସାମନ୍ତରାୟ, ଭାଗିରଥି ଜେନା, ଗଣେଶ ମେକାପ, ନାରାୟଣ ଚନ୍ଦ୍ର ପରିଡା, ମହମଦ ସାହିଲ ଫାୟାଜ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର ପରିଡା, ଦାଶରଥି ସାହୁ, ଧରଣୀଧର ସୁଆର, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଜିଲ୍ଲାର ଏହି ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା କୃତି ସନ୍ତାନ ପୂର୍ବତନ ରାଜ୍ୟସଭା ସଦସ୍ୟା ତଥା ପୂର୍ବତନ ବିଧାୟିକା ସୁଶ୍ରୀ ଦେବୀ, ଡାକ୍ତର ରାଜକିଶୋର ତ୍ରିପାଠୀ, ବିଜେଡି ନେତା ଦେବଦାସ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ଦାସ, କଂଗ୍ରେସ ନେତା ଅନନ୍ତ ଚରଣ ସ୍ୱାଇଁ ପ୍ରମୁଖଙ୍କ ଉଦେଶ୍ୟରେ ଏକ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା।

# ମା'ଭଗବତୀଙ୍କ ଆଜ୍ଞାମାଳକୁ ଗ୍ରହଣ କଲେ ରାଜା



**ଚିଲିକା (ଅମୃତ ମିଡ଼ିଆ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ କୃଷ୍ଣପ୍ରସାଦଗଡ଼ର ଆରାଧ୍ୟା ଦେବୀ,ନୀଳାମ୍ବୁ ଚିଲିକା ମଧ୍ୟରେ ପୂଜିତା ମା' ଭଗବତୀଙ୍କ ପୂର୍ବଦିଗରକ୍ଷାକାରିଣୀ ଭଉଣୀମା' କାଳିଜାଇ ଙ୍କ ପୀଠରେ ଆରମ୍ଭ ହୋଇଛି ପ୍ରସିଦ୍ଧ ମକର ମେଳା । ପରମ୍ପରା କ୍ରମେ କାହିଁ କେଉଁ କାଳରୁ ଅନୁଷ୍ଠିତ ଏହି ମେଳାରେ ଯୋଗ ଦେବାପାଇଁ ପବିତ୍ର ମାସନ୍ତିଥିରେ ମା' କାଳିଜାଇ ବଡ ଭଉଣୀ ମା' ଭଗବତୀଙ୍କୁ ନିମନ୍ତ୍ରଣ କରିବାକୁ ପାନ ଗୁଆ ମହାପ୍ରସାଦ ନଡ଼ିଆ ପଇତା , ପୁଷ୍ପଚନ୍ଦନ ସହିତ ଶାଢି ଚୁଡି ସିନ୍ଦୁର ଗଡ଼ର ରାଜଗୁରୁଙ୍କ ହାତରେ ପଠାଇଥିଲେ ।ଭଉଣୀର ନିମନ୍ତ୍ରଣ ସ୍ୱୀକର କରି ମା' ଭଗବତୀ ନିଜର ଆଜ୍ଞାମାଳ ସହ ସାନ ଭଉଣୀ ପାଇଁ ଶାଢି ଚୁଡି ସିନ୍ଦୁର ଅଳତା ସହିତ ମନ୍ଦାରମାଳ ନଡ଼ିଆ ଗଜାମୁଆଁ କାଠିନାହାକ ଗଣେଶ ନାୟକ, ହାତରେ ଭଉଣୀ ଘରକୁ ପଠାଇଥିଲେ । ମା' କାଳିଜାଇ ଓ ମା' ଭଗବତୀଙ୍କ ଆଦ୍ୟସେବକ କୃଷ୍ଣପ୍ରସାଦଗଡ଼ର ରାଜା ସନ୍ତୋଷ କୁମାର ମାନସିଂ ମର୍ଦ୍ଦରାଜ ହରିଶ୍ଚନ୍ଦ୍ର ମାଙ୍କ ତରଫରୁ ନିମନ୍ତ୍ରଣ ପଠାଇଥିବାବେଳେ ଶ୍ରୀ ଶ୍ରୀ ଶ୍ରୀଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟ ତରଫରୁ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ନିମନ୍ତ୍ରଣକୁ ଗ୍ରହଣ କରି ମା' ଭଗବତୀଙ୍କ ଠାରୁ ଆଜ୍ଞାମାଳ ପ୍ରେରଣ କରିଥିଲେ । ପ୍ରକାଶ ଥାଉକି ଦୁଇ ପ୍ରସିଦ୍ଧ ଶକ୍ତିପୀଠର ଆରାଧ୍ୟା ଦୁଇ ଭଉଣୀଙ୍କ ମାନବୀୟ ଲୀଳାର ପ୍ରତୀକ ଏହି ପର୍ବପର୍ବାଣୀଜାନିଯାତ୍ରାରେ ନିମନ୍ତ୍ରଣ ଦିଆନିଆ,ଅସୀମ ସ୍ନେହ ଶ୍ରଦ୍ଧାର ସଂପର୍କ, ପ୍ରାଚୀନ ଉତ୍କଳୀୟ ଶକ୍ତି ଉପାସନାର ଏକ ନିଆରା ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି ।ମା'ଭଗବତୀ ମଧ୍ୟ ଭାଦ୍ରବ ଶୁକ୍ଳ ଲଳିତା ସପ୍ତମୀରେ ଶାରଦୀୟ ପର୍ବରେ ଯୋଗଦାନ ପାଇଁ ମା କାଳିଜାଇ ଙ୍କୁ ନିମନ୍ତ୍ରଣ ଧରି ଚିଲିକାକୁ ନୌବିହାର କରିବାକୁ ଯାଇ ମା'ଙ୍କ ଆଜ୍ଞାମାଳ ଧରି ଆସିଥାନ୍ତି । ରାଜାଙ୍କ ରାଜଗୁରୁ, ମନ୍ଦିର ପରିଛା ସଆନ୍ତ ବିନାୟକ ମହାପାତ୍ର,ପାଳିଆ ମାଳି ମୁନାନାୟକ , ମନ୍ଦିର ପ୍ରତିନିଧି ନବ ପ୍ରଧାନ,ସେ ବାୟତ ସୁଧାକର ଭୋପା, ସହଦେବ ନାୟକ, ସୁକାନ୍ତନାୟକ, କମଳ ମିଶ୍ର,ମଶାଲତି ନାରଣ ବାରିକ ଏହି ପବିତ୍ର ଦେବ କାର୍ଯ୍ୟରେ ସହଯୋଗ କରିଥିଲେ ।

# ମହାପୁରୁଷ ସନ୍ଥ ହାଡ଼ିଦାସଙ୍କ ୨୫୨ତମ ଜୟନ୍ତୀ

**ମାହାଙ୍ଗା( ଅମୃତ ମିଡ଼ିଆ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ଠାରେ ଦ୍ୱିତୀୟ ଶ୍ରୀ କ୍ଷେତ୍ର ଛତିଆ ବଟ ର ଦିଗ ବିଜୟୀ ସନ୍ଥ ମହାପୁରୁଷ ହାଡ଼ି ଦାସ ଗୋସାଇଁ ୨୫୨ତମ ଜୟନ୍ତୀ ଆନୁଷ୍ଠାନିକ ଭାବେ ପାଳିତ ହୋଇ ଯାଇଛି। ଏହି ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମ ରେ ଉଦଘାଟକ ଭାବେ ଯାଜପୁର ସାଂସଦ ସର୍ମୀଷ୍ଟ। ସେଠୀ ଯୋଗ ଦେଇ ଥିବା ବେଳେ, ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଶୋଭନ କର, ଜିଲ୍ଲାପରିଷଦ ଜତିନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସୁଲୋଚନା ପ୍ରଧାନ,ଡାକ୍ତର ସୁବାସ ? ଚନ୍ଦ୍ର ନନ୍ଦ, ସମିତି ସଭ୍ୟ ସତ୍ୟବ୍ରତ ବିଶ୍ୱାଳ ଯୋଗ ଦେଇ ଥିଲେ। ହାଡ଼ି ଦାସ ଜୟନ୍ତୀ କମିଟିର ସଭାପତି ପ୍ରଦ୍ୟୁମ୍ନ ଦାସ ଯୋଗ ଦେଇ ଥିବା ବେଳେ ସମ୍ପାଦକ ଦିଲ୍ଲିପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ଧ୍ରୁବଚରଣ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ, କୁନି କୁନି ପ୍ରତିଭା ମାନଙ୍କୁ ଅତିଥି ଙ୍କ କରକମଳରେ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ଅବସରରେ ୩ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ଥିବା ବେଳେ, ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ମାଳିକା ପ୍ରବକ୍ତା ପ୍ରମୋଦ କୁମାର ଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ହାଡ଼ି ଦାସ ଜୟନ୍ତୀ କମିଟି ପକ୍ଷରୁ ଏହି ଉତ୍ସବ ପାଳନ କରାଯାଉ ଥିବା ବେଳେ,ଶତାଧିକ ଶ୍ରଦ୍ଧାଳୁ ଙ୍କ ହରିବୋଲ ହୁଳହୁଳୀରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା ।ଉପସଭାପତି ଧ୍ରୁବ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ



**କଟକ(ବ୍ୟୁରୋ):** ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମିଶନ ଠାରେ ରାଜ୍ୟ ସ୍ତରୀୟ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଯୁବ ସଂଗଠନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପୂର୍ବଭାରତର ଉପସଭାପତି ସୟଦ ଅକିଲ ଅହମଦ ପୌରୋହିତ୍ୟ କରିଥିଲେ । କୋରାନ ପାଠ ସୟଦ ୟହିଆ ଅହମଦ କରିବା ସହ ବୈଠକର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମଜଲିସ ଅନସାରୁଲ୍ଲା ପୂର୍ବଭାରତର ଉପସଭାପତି ସଫାରତ ଅହମଦ ଖାଁ ଯୋଗଦେଇ କହିଲେ,ଯୁବ ସୁଧାରରେ ହିଁ ସମାଜ ସୁଧାର। ଯୁବକମାନଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ଭଲ ଅବସର ମିଳୁଛି । ଭଲ ପାଠ ପଢି ଭଲ ସମାଜ ଗଢିବା ଉଚିତ୍ । ସମ୍ମାନିତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ବାଲେଶ୍ୱର ସଂଗଠନର ସଭାପତି ସିଦ୍ଦିକ ଖାଁ ଯୋଗଦେଇ ଯୁବସଂଗଠନର ବାର୍ଷିକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ସମ୍ମାନୀତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା କଟକ ସଂଗଠନର ସଭାପତି ଶଫାକତ ଅଲ୍ଲୀ ଯୋଗଦେଇ କହିଲେ,ଆଂଚଳିକ ଯୁବ ସଂଗଠନର ବିକାଶ ଓ ଉନ୍ନତି କ୍ଷେତ୍ରରେ କେନ୍ଦ୍ରୀୟ ଯୁବସଂଗଠନର ବିଶେଷ ସାହାଯ୍ୟ ଓ ସହଯୋଗ ରହିଲେ ଯୁବକମାନେ ଭଲ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିପାରିବେ । ତୃତୀୟ ସମ୍ମାନୀତ ଅତିଥି ଭାବେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ ସଂଗଠନର ସଭାପତି ତବରେଜ ଅହମଦ ଖାଁ ଯୋଗ ଦେଇ କହିଲେ,ଉତମ ସମାଜ ଗଢିବାରେ ଯୁବକମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଯୁବକମାନଙ୍କ ଭଲ ଗତିରେ ହିଁ ଦେଶର ଓ ସମାଜର ପ୍ରଗତି ରହିଛି । ଯୁବକମାନେ ଶୃଙ୍ଖଳିତ ହୋଇ ଭଲ କର୍ମ କରିବା ଦରକାର । ଏହି ବୈଠକରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାଁ କହିଲେ;ଯୁବକମାନଙ୍କୁ ନିଜ ବାର୍ଷିକ କାର୍ଯ୍ୟକ୍ରମ ବ୍ୟତୀତ ଭଲ ସମାଜ ଗଢିବା ଏବଂ ଧର୍ମକର୍ମରେ ଆଗେଇବା ତଥା ମାନବ ସେବା ଓ ପରୋପକାରୀ ହେବା ପାଇଁ ଯୁବକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ପୌରୋହିତ୍ୟ ଭାଷଣରେ ମଜଲିସ ଖୁଦ୍ଦାମୁଲ ଅହମଦୀୟା ପୂର୍ବଭାରତର ଉପସଭାପତ ସୟଦ ଅକିଲ ଅହମଦ କହିଲେ,ବାପ-ମା ମାନେ ଯଦି ସନ୍ତାନର ସଠିକ ଯତ୍ନ ନିଅନ୍ତେ ତେବେ ପିଲାଟି ଦିନରୁ ତାଙ୍କର ଚିନ୍ତାଧାରା ଭଲ ହୁଅନ୍ତା । ଏବେ ଆମେ ପାଶ୍ଚାତ୍ୟ ଜଗତର ସଭ୍ୟତାକୁ ଆପଣାଇବା ଦ୍ୱାରା ସନ୍ତାନମାନଙ୍କ ଉପରେ ତାର ଘୋର କୁପ୍ରଭାବ ପଡ଼ିଛି । ଫଳରେ ଆମେମାନେ ଅ । ମ ର ସଭ୍ୟତା,ସଂସ୍କୃତି,ଶିଷ୍ଟାଚାର, ଗୁରୁଭକ୍ତି ତଥା ଭାରତ ବର୍ଷର ଐତିହ୍ୟକୁ ଭୁଲି ଯାଉଛେ। ଆମମାନଙ୍କ ମଧ୍ୟରେ ମାନବିକତା ଓ ଏକାଗ୍ରତା ରହିବା ଉଚିତ୍। ଏହି ବୈଠକରେ କଟକ ଜିଲ୍ଲାର ତାଳବରକୋଟ, କର ଡ଼ାପଲ୍ଲୀ,ଗୁଣ୍ଡିଚାପଡ଼ା, ପଙ୍କାଳ, କୋଟପଲ୍ଲୀ,ସୁଙ୍ଗୁଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର କେରଙ୍ଗ,ମହମୁଦାବାଦ, ପଙ୍ଗାରସିଂ,ଭୁବନେଶ୍ୱର, ଓ.ଏସ.ଏ.ପି,ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲ୍ଲାର ସୋରୋ, ଭଦ୍ରକ ଓ ବାଲେଶ୍ୱର ସଂଗଠନର ଯୁବସଭାପତି ତଥା ବହୁ ସଂଖ୍ୟାରେ ଯୁବକର୍ମକର୍ତାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖତାର ଅହମଦ ପରିଚାଳନା କରିଥିଲେ ।

# ୧୯୯୫ ମସିହା ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ ଉତ୍ସବ



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବାଲିଚନ୍ଦ୍ରପୁର ନିକଟସ୍ଥ ନାନପୁର ସୂର୍ଯ୍ୟମଣ୍ଡପ ଠାରେ ୧୯୯୫ ମାଟ୍ରିକ୍ ବ୍ୟାଚ ନନ୍ଦ କିଶୋର ବିଦ୍ୟାମନ୍ଦିର କୁସୁପୁରୁ ବନ୍ଧୁମିଳନ ଉତ୍ସବ ପ୍ରାକ୍ତନ ସହକାରୀ ଶିକ୍ଷକ ବୃନ୍ଦାବନ କରଙ୍କ ଅଧ୍ୟକ୍ଷତାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ବ୍ରଜ କିଶୋର ସ୍ୱାଇଁ, ରମଣି ରଞ୍ଜନ ପଟ୍ଟନାୟକ, ଶ୍ରୀମତୀ କନକ ମଞ୍ଜରୀ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବନ୍ଧୁମିଳନର ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଏହି ବନ୍ଧୁମିଳନରେ ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ମାଝି, ଦେବାନନ୍ଦ ଜେନା, ମାନସ ରଞ୍ଜନ ସାମଲ, ତଥାଗତ ସାହୁ, ଅମରେନ୍ଦ୍ର ପାଣି, ସୁମନ୍ତ ବିଶ୍ୱାଳ, ସୁଶାନ୍ତ ମିଶ୍ର, ଅନନ୍ତ ନାରାୟଣ ସେନାପତି, ଉଦୟନାଥ ଦଳେଇ, ରଞ୍ଜିତ ଜେନା, ଅଂଶୁମାନ ସାହୁ, ଅମର ପ୍ରକାଶ ବିଶ୍ୱାଳ, ଛାତ୍ରୀ ସଞ୍ଜୁକ୍ତା ସାହୁ, ତପସ୍ୱନୀ ମିଶ୍ର, ସଂଗୀତା ଜେନା, ସମ୍ମିଷ୍ଟା ପଟ୍ଟନାୟକ, ମନୋରଞ୍ଜନ ରଣା, ଦୀପ୍ତି ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଅତିତର ସ୍ମୃତି ପଖାଳିବା ସହିତ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୁରୁପୂଜନ କାର୍ଯ୍ୟକ୍ରମ କରି ଶିକ୍ଷକ ମାନଙ୍କ ଠାରୁ ଆଶ୍ରିବଦ ଭିକ୍ଷା କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

# ଆଦର୍ଶ ସୋସାଇଟିର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କଷୋଟି ସ୍ଥିତ ହାଡିବନ୍ଧୁ ବିହାର କଲୋନୀରେ ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଦର୍ଶ ସୋସାଇଟିର ସଭାପତି ବ୍ରଜକିଶୋର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପୋଲିସ ମୁଖ୍ୟାଳୟର ଉପ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ବରିଷ୍ଠ ଆଇନଜୀନୀ ଦୁର୍ଯ୍ୟୋଧନ ରଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ପରସ୍ପର ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବା ଏବଂ ସମାଜ ତଥା ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ସମାଜରେ ଘଟୁଥିବା ସାଇବର ଠକେଇ ଉପରେ ଉପସ୍ଥିତ ଜନସାଧାରଣ ବିଶେଷ କରି ପିତାମାତାମାନଙ୍କୁ ଉପଆରକ୍ଷୀ ଅଧିକ୍ଷକ ଶ୍ରୀ ସାମନ୍ତରାୟ ସଚେତନ କରାଇଥିଲେ । ପ୍ରାରମ୍ଭରେ ଭବ୍ୟ ସଙ୍ଗୀତ ପରିବେଷଣ ପରେ ହାଡିବନ୍ଧୁ ବିହାର ଆଦର୍ଶ ସୋସାଇଟିର ସଭାପତି ଶ୍ରୀ ସ୍ୱାଇଁ ଉପସ୍ଥିତ ଜନସାଧାରଣ ଓ ଅତିଥିମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଦର୍ଶ ସୋସାଇଟିର ସମ୍ପାଦକ କମଳ ଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିବବେଳେ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ଓ ନିୟୁ ଷ୍ଟାର ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଭୟ ଅନୁଷ୍ଠାନର କଳାକାରମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ । ଏହି ଉତ୍ସବରେ ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଭ୍ୟ ସନ୍ତ କୁମାର ମିଶ୍ର, ସରୋଜକାନ୍ତ ପରିଡା, ସମୀର କୁମାର ଚାନ୍ଦ, ରବିନ୍ଦ୍ର କୁମାର ସାହୁ, ନିର୍ମଳ ଚନ୍ଦ୍ର ବେହେରା, ଶରତ ସାହୁ, କୋଷାଧକ୍ଷ ଗିରିଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଭ୍ୟ/ସଭ୍ୟାମାନେ ଉପସ୍ଥିତ ଥିଲେ ।

# ଛତିଆ ପ୍ରେସ କ୍ଲବ ପକ୍ଷରୁ ମକର ମିଳନ

**ବଡ଼ଚଣା( ଅମୃତ ମିଡ଼ିଆ):** ପୁରାଣ ପ୍ରସିଦ୍ଧ ଶୈବ ପୀଠ ଝାଡେଶ୍ୱର ମହାଦେବ ଙ୍କ ମନ୍ଦିର ପ୍ରାଙ୍ଗଣରେ ଛତିଆ ପ୍ରେସ କ୍ଲବ୍ ପକ୍ଷରୁ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ମକର ମିଳନ ଉତ୍ସବ କୁ ବରିଷ୍ଠ ସଦସ୍ୟ ତଥା ପ୍ରେସ କ୍ଲବ୍ ର ମୁଖ୍ୟ ପରାମର୍ଶ ଦାତା ସାମ୍ବାଦିକ ଶୈଳେନ୍ଦ୍ର ସାହୁ ସ୍ୱାଗତ କରିଥିଲେ। ପ୍ରସ୍ କ୍ଲବ୍ ଉପ ସଭାପତି ସାମ୍ବାଦିକ କାର୍ତ୍ତିକ ଚନ୍ଦ୍ର ରାଉତ ଙ୍କ ପ୍ରସ୍ତାବ କ୍ରମେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇ ଥିଲା। ପ୍ରେସ କ୍ଲବ୍ ର ସାଧାରଣ ସମ୍ପାଦକ ଉମାକାନ୍ତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ , ବର୍ତ୍ତମାନ ସମୟରେ ସାମ୍ବାଦିକ ମାନେ ନିଃସ୍ୱାର୍ଥ ପର ଭାବରେ ବହୁ କଠିନ ପରିଶ୍ରମ କରି ଖବର ପ୍ରସାରଣ କରୁଥିବା ବେଳେ, ବିଭିନ୍ନ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ଅଣ ଦେଖା କରାଯାଉ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଏହି ପବିତ୍ର ମକର ମିଳନ ଅବସରରେ ପ୍ରେସ କ୍ଲବ୍ ର ସମସ୍ତ ସଦସ୍ୟ ସମେତ ଅଞ୍ଚଳ ବାସୀଙ୍କୁ ମକର ସଂକ୍ରାନ୍ତିର ଶୁଭ ଅଭିନନ୍ଦନ ଜଣାଇ ଥିଲେ। ସମ୍ପ୍ରତି ସମାଜରେ ନିର୍ଭୀକ ସାମ୍ବାଦିକତା ର ଆବଶ୍ୟକତା ରହିଥିବା ବେଳେ, ସମାଜରେ ଘଟୁଥିବା ପ୍ରତିଟି ଘଟଣା କୁ ଅନୁଶୀଳନ କରି ସତ୍ୟ ଓ ନିର୍ଭୀକ ଖବର ପ୍ରସାରଣ କରିବା ସାମ୍ବାଦିକ ବନ୍ଧୁ ମାନଙ୍କ ଲାଗି ଏକ ଆହ୍ୱାନ ବୋଲି ପ୍ରେସ କ୍ଲବ୍ ର ସଭାପତି ବ୍ରଜ ଗୋପାଳ ଦାସ ପ୍ରତିକ୍ରିୟାରେ କହିଥିଲେ।

# ଗାଁକୁ ଯାଇପାରିଲାନି ଜଗନ୍ନାଥ ଅର୍ପଣ ରଥ

**ଦଶପଲ୍ଲା(ଅମୃତ ମିଡିଆ):** ଗାଁର ବିକାଶ ଦେଶର ବିକାଶ ଉଭୟ ସରକାର ଡିଣ୍ଡିମ ପିଟୁଥିବା ବେଳେ କେତେସଫଳ ହୋଇଛି ସରକାରଙ୍କ ବୁଲୁଥିବା ଜଗନ୍ନାଥ ଅର୍ପଣ ରଥ ଉଦାହରଣ ଖୋଜିଛି ।କଳସାଖମଣ ପଞ୍ଚାୟତ ମଡିକୁମ୍ପା ଗ୍ରାମକୁ ଜିବାକୁ କାଳାମ୍ବା ନଦୀ ରେ ଜାଇ ନପାରି ନଦୀ ପାଖକୁ ଗ୍ରାମବାସୀ ଆସି ରଥକୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ ।ସରକାରଙ୍କ କର୍ଯ୍ୟକ୍ରମରେ ଗାଁକୁ ରଥ ଜାଇନପାରିବା ଆଦିବାସୀ ଅଞ୍ଚଳ ବାସିନ୍ଦାଙ୍କ ସରକାରଙ୍କ ବିକାଶ କେତେସଫଳ ହୋଇଛି ତାହା ପଦାରେ ପଡିଛି। ନଦୀର ପାଣିନଥାଇ ଅଧାରୁଫେରିଲା ରଥ ବର୍ଷା ଦିନରେ ଗର୍ଭବତୀ ମହିଳା,ପାଠପଢା ସ୍କୁଲ ଗ୍ରାମବାସୀ କିଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବେ ତାହା ପ୍ରମାଣିତ କରିଛି। ଦଶପଲ୍ଲା ବ୍ଲକ ଚଡେୟାପଲୀ,କଳସାଖମଣ, ନୂଆଗାଁ, ବାଣିଗୋଛା,ଟାକରା ଏଭଳି ଅନେକ ଆଦିବାସୀ ଗାଁ ଅଛି ପାଦ ଦେଉନାହାନ୍ତି ନେତି କି ପ୍ରଶାସନ। ବାବୁ ମାନେ ଡାକବାଜି ଜନ୍ତରେ ଫମ୍ପାଭାସଣ ମାରୁଥାନ୍ତି ଦେଖନ୍ତିନାହିଁ ଗାଁର ଚିତ୍ର ପହଞ୍ଚାଇ ପାରୁନାହାନ୍ତି ସରକାରଙ୍କ ଯୋଜନା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ମା'ଡମଡମଣୀଙ୍କ ପୀଠରେ ପ୍ରସିଦ୍ଧ ମକର ମେଳା

**ଟାଙ୍ଗୀ ଚୌଦ୍ୱାର( ଅମୃତ ମିଡ଼ିଆ ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ କୋଚିଲା ନୂଆଗାଁ ଘଞ୍ଚ ଜଙ୍ଗଲ, ପାହାଡ଼ ଓ ଝରଣା ଆଦି ପ୍ରାକୃତିକ ପରିବେଶ ଭିତରେ ଥିବା ମା ଡମଡମଣିଙ୍କ ପୀଠ ରେ ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ମେଳା ଦୀର୍ଘ ବର୍ଷ ଧରି ଚାଲୁଆସୁଥିବା ବେଳେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଭକ୍ତ ମା ଙ୍କ ଦର୍ଶନ କରିବା ସହିତ ମେଳା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଉପଭୋଗ କରିଥିଲେ କ୍ଷ ଏହି ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପାନୀୟ ଜଳ ଶୀତ ବସ୍ତ୍ର, ଲୁଗା ପଟା, ଓ ଶୁଖିଲା ଖାଦ୍ୟ ବଣ୍ଟନ କରୁଥିବାର ଦେଖାଯାଇଛି କ୍ଷ ଏହି ବିଶାଳ କାର୍ଯ୍ୟକ୍ରମ କୁ ସ୍ଥାନୀୟ ଜଙ୍ଗଲ ବିଭାଗ, ଚୌଦ୍ୱାର ପୁଲିସ ଏବଂ ଗାୟତ୍ରୀ ପରିବାର ର ସ୍ୱେଚ୍ଛା ସେବୀ ମାନେ ଯୋଗ ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ଯାତ୍ରୀ ମାନଂକୁ ବିଭିନ୍ନ ସେବା ଯୋଗାଇଦେଇଥିଲେ କ୍ଷ ମା ଡମଡମଣି କମିଟି ତରଫରୁ ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧା ବୟସ୍କ ଲୋକମାନଂକୁ ମାଗଣାରେ ମାଙ୍କୁ ଦର୍ଶନ କରାଇବାର ବ୍ୟବସ୍ଥା କରିଥିଲେ କ୍ଷ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇମ୍ପା ତରଫରୁ ରାସ୍ତା ଘାଟ ରେ ଜଳ ଛିଞ୍ଚନ କରାଯାଇଥିଲା କ୍ଷ ଏହି ମେଳା ଦିନକୁ ଦିନ ଲୋକପ୍ରିୟତା ଲାଭ କରିଥିବା ବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥାନ୍ତି ବୋଲି ପ୍ରକାଶ କରିଛନ୍ତି ପରିଚାଳନା କମିଟି ର ସଭାପତି ଜୟନ୍ତ ପାତ୍ର କ୍ଷ ଏହି ଯାତ୍ରା ର ସୁପରିଚାଳନା ପାଇଁ ସମିତି ର ଅନ୍ୟ ସଦସ୍ୟ ଯଥା ରବୀନ୍ଦ୍ର ରାଉତ, ସୁଦର୍ଶନ ନାୟକ, ଭାମଦେବ ପ୍ରଧାନ, ଅକ୍ଷୟ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପ୍ରଧାନ, ଦିବାକର ନାୟକ ଓ ସରପଞ୍ଚ ଦେବେନ୍ଦ୍ର ପାଣ୍ଡି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସଚେତନତା ରଥର ଶୁଭାରମ୍ଭ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଙ୍ଗଳବାର ଦିନ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଥିବା ଏହି ରଥକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପାଣି ପଞ୍ଚାୟତ କ୍ଷେତ୍ରୀୟ ଅଧିକାରୀ, କେନ୍ଦୁଝର ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ରଥ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ପାଣି ପଞ୍ଚାୟତ ଗ୍ରାମଗୁଡିକୁ ଅତିକ୍ରମ କରିବ ବୋଲି ଜଣାପଡିଛି। ପାଣି ପଞ୍ଚାୟତ ପକ୍ଷ ଜାନୁୟାରୀ ୧୬ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଜଳସେଚନର ସୁବିଧା ଓ ସୁପରିଚାଳନା ନିମନ୍ତେ ଚାଷୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏହି ରଥ ଜିଲ୍ଲା ପରିକ୍ରମା କରିବା ପରେ ପାଣି ପଞ୍ଚାୟତ ପକ୍ଷର ଉଦ୍‌ଯାପନୀ ଦିବସରେ କେନ୍ଦୁଝର ମୁଖ୍ୟାଳୟରେ ପହଞ୍ଚିବ ବୋଲି ଜଣାପଡିଛି। ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ପାଣି ପଞ୍ଚାୟତ ନୋଡାଲ ଅଧିକାରୀ ତଥା ପୂର୍ବାଞ୍ଚକ୍ଷୁଦ୍ର ଜଳସେଚନ ମଣ୍ଡଳ, କେନ୍ଦୁଝର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ରମେଶ ଚନ୍ଦ୍ର ସାବତ, କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଧାଂଶୁ ଶେଖର ସାହୁ, ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଇଂ ସହଦେବ ସେଠୀ, କାନଝାରୀ ଏସଡିଓ ଚତୁର୍ଭୂଜ ନାୟକ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ(୧) ଇଂ ସୁକେସ୍ମିତା ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ (୨) ନେପାଳ କୁମାର ସାହୁ, ବିଭାଗୀୟ ଅଧିକାରୀ ସୁଶିଲ କୁମାର ସେଠୀ, କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ପାଣି ପଞ୍ଚାୟତ କର୍ମକର୍ତ୍ତା, କନିଷ୍ଠଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା



**ଆଳି (ଅମୃତ ମିଡିଆ):** ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉନ୍ମୋଚନ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଥିଲା। ସୋମବାର ଦିନ ଏହି ଅର୍ପଣ ରଥ ଆଳି ବ୍ଲକ ଭୂଇଁପୁର ପଞ୍ଚାୟତରେ ପରିକ୍ରମା କରିଛି। ପଞ୍ଚାୟତର ମାନପୁର ଗ୍ରାମରୁ ଏହି ରଥ ପୂଜାର୍ଚ୍ଚନା କରାଯାଇ ପରିକ୍ରମା ଆରମ୍ଭ ହୋଇଥିଲା। ଅର୍ପଣ ରଥ ଗ୍ରାମରେ ବୁଲିବା ସମୟରେ ଗ୍ରାମର ହଜାରେରୁ ଉର୍ଦ୍ଧ ମହିଳା ପୁରୁଷ, ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ଜଗନ୍ନାଥମୟ ପରିବେଶ ସୃଷ୍ଟି ହୋଇଥିଲା। ରଥକୁ ସ୍ୱାଗତ କରିବା ନିମନ୍ତେ ଗାଁ ଦାଣ୍ଡକୁ ଝୋଟି ପକାଇବା ସହିତ ମୁରୁଜରେ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରି ରଥକୁ ସ୍ୱାଗତ କରିଥିଲେ। ଗ୍ରାମର ପ୍ରତି ଘର ସମ୍ମୁଖରେ କଳସ ସ୍ଥାପନ କରାଯାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ, ଅରୁଆଚାଉଳ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସରପଞ୍ଚ ରେଶ୍ମାରାଣୀ ମଲ୍ଲିକ, ସମିତିସଭ୍ୟ ମିନତୀ ସାମଲ, ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ବଡାମ୍ବିଳା ପଞ୍ଚାୟତର ମହାରାଜ ମଠ ନିକଟରୁ ଏହି ରଥ ବାହାରି କଳଦିଆ, ସାହୁପଡା ଗ୍ରାକୁ ଯାଇଥିଲା। ହଜାର ହଜାର ମହିଳାଙ୍କ ହୁଳହୁଳିରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସଚଳା ମହୀ, ସମିତିସଭ୍ୟ ବଂଶୀଧର ପଣ୍ଡା, ପ୍ରଦ୍ୟୁମ୍ନ ଦାଶ, ବିଜୟ ମହୀ, ସାରଳା ଦାସ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦେମାଳ ପଞ୍ଚାୟତର ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରୁ ଏହି ଅର୍ପଣ ରଥ ବାହାରି ଦେମାଳ, ଲୋକପଡା ଗ୍ରାମ ପରିକ୍ରମା କରି ଗୁଆ ଚାଉଳ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରିତାରାଣୀ ପରିଡା, ସମିତି ସଭ୍ୟ ମିନତୀ ରାୟ, କୃଷ୍ଣଚନ୍ଦ୍ର ପରିଡା, ସୁବ୍ରତ ଦାଶ, ନିର୍ମଳ ବେହେରା, ମନୋଜ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ମହିଳା ପୁରୁଷ ଏହି ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିଲେ।

# ନୂଆ-ଓ, ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ



**ଆସିକା (ଅମୃତ ମିଡିଆ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ନୂଆ-ଓ, ସାହିତ୍ୟ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଓଡିଆ ଭାଷା ସାହିତ୍ୟର ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ପରିଚୟକୁ ଜନାଦୃତ କରିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧକ୍ଷ ଡଃ.ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଯୁକ୍ତ ଦୁଇ ନୂଆ-ଓ ନୋଡାଲ ଅଧିକାରୀ ଡଃ.ସ୍ମିତାରାଣୀ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମନ୍ତ୍ର ପାଠ ଧ୍ୱନୀ ମଧ୍ୟରେ ଅତିଥିଙ୍କ ଦ୍ୱାରା ଅତିଥିଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ସମେତ ଚତୁଃର୍ଦ୍ଧା ମୂର୍ତିଙ୍କ ଠାରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଅଧାପକ ଡଃ.ଅଜିତ କୁମାର ମୁନୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମେଜର ଡଃ.ଶଙ୍କର ପ୍ରସାଦ ଅଧିକାରୀ, କାର୍ଯ୍ୟକାରୀ ସଦସ୍ୟ ଅଧାପିକା ଡଃ.ଶସ୍ମିତା ପାତ୍ର, ରଶ୍ମିପ୍ରିୟା କାଲୋ, ଅଧାପକ ଚିତ୍ରସେନ ବେହେରା, ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ମଚାଂସୀନ ଥିଲେ। ଓଡିଆ ଭାଷା ସାହିତ୍ୟକୁ ଜଗନ୍ନାଥ ସଂସ୍କୃତି ପ୍ରତି ଅସୀମ ଅନୁରାଗ ଓ ଭକ୍ତି ଜାଗରଣ ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଓଡିଶା ସରକାର ବିଶ୍ୱ ଭାଷା ସମ୍ମିଳନୀ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଆୟୋଜନ କରିଛନ୍ତି। ଏହା ସହିତ ଓଡିଆ ଭାଷାକ ଅନ୍ତରରେ ସହ ଭଲ ପାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିବା ବେଳେ ଓଡିଆ ଜାତିର ମୌଡମଣୀ ଶ୍ରୀ ଜଗନ୍ନାଥ ଏବଂ ଜଗନ୍ନାଥ ସଂସ୍କୃତି ମହନୀୟତାକୁ ଆବୋରୀ ନେବା ପାଇଁ କୁହାଯାଇଥିଲା। ମହାବିଦ୍ୟାଳୟ ନୋଡାଲ ଅଫିସର ଓଡିଆ ଭାଷା ସାହିତ୍ୟର ସୃଷ୍ଟି ଓ ଇତିହାସକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ମନୁଷ୍ୟ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତି କିପରି ଜର୍ଜରିତ ହୋଇ ରହିଛି। ତାହାର ନିସ୍ୱକ ଅଭିବ୍ୟକ୍ତି ପ୍ରତିପାଦନ କରିଥିଲେ। ଓଡିଆ କବିତା, ଗଳ୍ପ, ସ୍ଲୋଗାନ, ହସ୍ତାକ୍ଷର ଲେଖନ ଏବଂ କବିତା ପାଠ, ପ୍ରଶ୍ନୋତର, ଭଜନ, ଏକକ ଅଭିନୟ, ଲୋକାନୃତ୍ୟ, ସାହିତ୍ୟ ଓ ଚଳଚ୍ଚିତ୍ର ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ପ୍ରତିଯୋଗିତା ପ୍ରଭୃତି ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମ ୧୬ ତାରିଖ ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ଅଧାପକ, ଅଧାପିକା, ଅଣଶିକ୍ଷକ, କର୍ମଚାରୀ, ଏବଂ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଶାରଳା ଦାସ ସ୍ମୃତିସଂସଦ ପକ୍ଷରୁ ଆଲୋଚନାଚକ୍ର

**ରାଜନଗର (ଅମୃତ ମିଡିଆ):** ଶାରଦା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ଅାଲୋଚନା ଚକ୍ର ରାଜନଗର ବ୍ଲକ ସାତଭାୟା (ବଗପାଟିଆ ଥଇଥାନ)ଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଆବାହକ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡିଶାର ବିଶିଷ୍ଟ ସ୍ତମ୍ଭକାର ନିରଂଜନ ଶତପଥୀ ଯୋଗଦେଇ ଆଦିକବି ଶାରଳା ଦାସ ଓଡିଆ ଭାଷା ଓ ସାହିତ୍ୟ କ୍ଷେତ୍ରେର ତାଙ୍କ ଅବଦାନ ପାଇଁ ଚିରକାଳ ଓଡିଆର ଜନଜୀବନରେ ବଂଚି ରହିଛନ୍ତି ବୋଲି କହିଥିଲେ। ଶାରଳା ମହାଭାରତ ଓଡିଆ ଭାଷା ସାହିତ୍ୟର ଏକ ବିଶାଳ କୋଣାର୍କ ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଆଇନ ପରାମର୍ଶଦାତା ବିରଜା ପ୍ରସାଦ ଶତପଥୀ, ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ଇଂ ସୁବାଷଚନ୍ଦ୍ର ସାହୁ, ସଦସ୍ୟା କଳ୍ପନା ମିଶ୍ର, ସ୍ଥାନୀୟ ସମାଜସେବୀ ମଙ୍ଗୁଳିଚରଣ ଦାସ ଯୋଗେଦଇ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ମା ପଚୁଂବରାହୀଙ୍କ ମନ୍ଦିର ସମ୍ମୁଖରେ ଶାରଳା କ୍ୟାଲେଣ୍ଡର-୨୦୨୪କୁ ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଉନ୍ମୋଚିତ କରିଥିଲେ।

## ଭିତରକନିକାରେ ଭାରତୀୟ ବନସେବା ପ୍ରଶିକ୍ଷାର୍ଥୀ

**ରାଜନଗର (ଅମୃତ ମିଡିଆ):** ଭିତରକନିକା ଜାତୀୟ ଉଦ୍ୟାନରେ ଦୁଇଦିନ ଧରି ଇନ୍ଦିରାଗାନ୍ଧୀ ଜାତୀୟ ଫରେଷ୍ଟ ଏକାଡେମୀ ଡେରାଡନର ୫୪ଜଣ ଭାରତୀୟ ବନେସବା ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଲୁଣାଜଙ୍ଗଲ ବନୀକରଣ, ମେଟା ନର୍ସରୀ, ଭିତରକନିକା ଫେରଷ୍ଟ ବ୍ଲକ, ମ୍ୟୁଜିୟମ, ହ୍ୟାଚେରୀ, ଗୋରୀ, ମଲ୍ଲୀ ରହୁଥିବା ପୋଖରୀ ନିକଟେର ବୁଲିବା ସହିତ ପ୍ରଶିକ୍ଷଣ ନେଇଥିଲେ। ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ସହକାରୀ ବନସଂରକ୍ଷକ ପୁନମହୀରା ହାଂସଦା ଓ ଗଗନବିହାରୀ ମଲ୍ଲିକ, ଗେବଷକ ପ୍ରସନ୍ନକୁମାର ନାୟକ, ରେଂଜ ଅଫିସର ମାନସ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ଭିତରକନିକାର ଜୈବ ବିବିଧତା ଓ ବିଭିନ୍ନ ଦିଗ ଉପେର ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ବନପାଳ ପ୍ରଶାନ୍ତ ସିଂ, ବନରକ୍ଷୀ ସୁନିଲରଂଜନ ରାଉତରାୟ, କମର୍ଚାରୀ ନିରାକାର ବେହେରା ପରିଚାଳନରେ ସହେଯାଗ କରିଥିଲେ।

## ଶ୍ରୀଶ୍ରୀ ଜଗନ୍ନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ପ୍ରତିଯାଗିତା



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ଶ୍ରୀଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟେର ସାହିତ୍ୟ ପ୍ରତଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଯୁବ ଓଡିଶା ନବୀନ ଓଡିଶା(ନୂଆ-ଓ) ପରିସରଭୁକ୍ତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ-୨୦୨୪ ଓ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବ ଅବସରେର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଅତୁଲ ବଳଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ପଚାଂୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ମହାପାତ୍ର ଯୋଗେଦଇ ଓଡିଆ ଭାଷା ସାହିତ୍ୟର ପ୍ରାଚୀନତା ସଂପକର୍ରେ ଅାଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ କବି ଅଭିରାମ ସାହୁ ଓ କଥାକାର ପ୍ରଦୀପକୁମାର ନାୟକ ଯୋଗେଦଇ ଓଡିଆ ଭାଷା ସାହିତ୍ୟର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ଏହି ଅବସରେର ଛାତ୍ରଛାତ୍ରୀମାନଙ୍କ ମଧ୍ୟେର କୁଇଜ, ସଙ୍ଗୀତ, ଓଡିଶୀ ନୃତ୍ୟ ଓ ଲୋକନୃତ୍ୟ ପ୍ରତଯୋଗୀତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଆ ଅଧାପକ ରତ୍ନାକର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ସଂଗ୍ରାମ ବେହେରା ଧନ୍ୟବାଦ ଅପର୍ଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ +୨ର ନୋଡାଲ ଅଫିସର ଅଧାପକ ସନ୍ଦୀପକୁମାର ମହାପାତ୍ର ସଂଚାଳନ କରିଥିଲେ। ଅଧାପକ ପଶୁର୍ରାମ ନାଥ, ଅଭିଜିତ ଖୁଟିଂଆ, ପ୍ରତାପ ସ୍ୱାଇଁ, ବିନୋଦ ସେଠୀ, ରଂଜନ ଦଳାଇ ପ୍ରମୁଖ ପରିଚାଳନରେ ସହେଯାଗ କରିଥିଲେ।

## କୁନ୍ଦୁପୁର-ବାବର ପୂର୍ତ୍ତ ବିଭାଗ ରାସ୍ତା ଗଛରେ ରଙ୍ଗମରା କାମରେ ବଡ଼ଧରଣର ଜାଲିଆତି ଅଭିଯୋଗ

**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ପୂର୍ତ୍ତ ବିଭାଗ ସବଡିଭିଜନ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ରାସ୍ତା ନିର୍ମାଣ, ଘର ମରାମତି ଓ ନିର୍ମାଣ, ପିଚୁ କାମ, ଘାସ ସଫା କରିବା ଓ ଗଛରେ ରଙ୍ଗ ମାରିବା ନାଁରେ ବହୁ ଲକ୍ଷ ଟଙ୍କା ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ରାଜେନୈତିକ ବ୍ୟକ୍ତିଙ୍କ କଥାରେ ପରିଚାଳିତ ହୋଇ ଟେଣ୍ଡର ବଦଳରେ ନେତାଙ୍କ ଚିଠାରେ ବିଭାଗୀୟ ଯନ୍ତ୍ରୀମାନେ ଏଭଳି ପନ୍ଥା ଆପଣେଇଥିବା ଅଭିଯୋଗ ହୋଇଆସୁଛି। କୁନ୍ଦୁପୁର-ବାବର ପୂର୍ତ୍ତ ବିଭାଗର ୧୬କି.ମି. ରାସ୍ତାକୁ ଦୁଇ ଭାଗେର ଟେଣ୍ଡର କରାଯାଇ ୭କି.ମି.ରୁ ୧୬କି.ମି. ପର୍ଯ୍ୟନ୍ତ ରାସ୍ତାକୁ ପ୍ରାୟ ୧୩କୋଟି ଟଙ୍କା ବ୍ୟୟ ଅଟକଳେର ନିର୍ମାଣ କାର୍ଯ୍ୟ ସରିଯାଇଛି। ଅବଶିଷ୍ଟ ବାକିଥିବା ଆରମ୍ଭରୁ ୭କି.ମି. ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ପାଇଁ ପ୍ରାୟ ୧୧କୋଟି ଟଙ୍କା ବ୍ୟୟ ଅଟକଳେର କାର୍ଯ୍ୟ ଚାଲିଛି। ଏହା ମଧ୍ୟେର ରାସ୍ତା ପାର୍ଶ୍ୱର୍ରେ ଥିବା ଗଛଗୁଡିକେର ରଙ୍ଗ ମାରିବା ପାଇଁ ଟେଣ୍ଡର ନେହାଇ ନେତାଙ୍କ ଚିଠାେର କାମ ହେଉଛି। ରଙ୍ଗ ବଦଳେର ପ୍ରାଇମର ମରାଚାଲିଛି। ଗୋଟିଏ ବାଲଟି ପ୍ରାଇମରେର ୬/୭ବାଲଟି ପାଣି ମିଶାଇ ଗଛେର ନାମକୁ ମାତ୍ର ରଙ୍ଗ ମାରିଦିଆଯାଉଛି। ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ କ୍ରସରଗୁଣ୍ଡର ଧୂଳି ଉଡି ଗଛେର ମରାଯାଇଥିବା ପ୍ରାଇମରେର ଧୂଳି ଲାଗି ଯିବାରୁ ପୂର୍ବ ଅବସ୍ଥାକୁ ଫେରିଆସିଛି। ଏହାକୁ ତଦାରଖ କରିବାକୁ ବିଭାଗୀୟ ଅଧିକାରୀ କିମ୍ବା କମର୍ଚାରୀଙ୍କ ପାଦ ପଡୁନଥିବା ଅଭିଯୋଗ ହେଉଛି। ରାଜେନୈତିକ ଦଳର କର୍ମୀ ଜଣକ ଏହି ରଙ୍ଗକାର୍ଯ୍ୟ କରୁଥିବାରୁ ବିଭାଗୀୟ ଯନ୍ତ୍ରୀ ତାଙ୍କ ସହାୟତାରେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରିବାକୁ ଉଦ୍ୟମ ଚଳାଇଥିବା ସାଧାରଣେର ଚର୍ଚ୍ଚା ହେଉଛି। ଏସଂପକର୍ରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରି ପ୍ରତିକ୍ରିୟା ଜାଣିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପୂର୍ତ୍ତ ବିଭାଗର ଏହି ରଙ୍ଗମରା କାମରେ ବଡ ଧରଣର ଜାଲିଆତି କରାଯାଉଥିବା ଅଭିଯୋଗର ସତ୍ୟତା ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲା। ଏପରିକି ଫୋନ ବାରମ୍ବାର ରିଙ୍ଗ ହେଉଥିଲେ ମଧ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଧାନ ଫୋନ ଉଠାଇନଥିବାରୁ ସାଧାରଣେର ସେନ୍ଦହ ପ୍ରକାଶ ପାଇଛି। ଏହି ବିଭାଗର ସମସ୍ତ କାର୍ଯ୍ୟକୁ ଉଚ୍ଚସ୍ତରୀୟ ଅଧିକାରୀ ତଦନ୍ତ କରିବାକୁ ସାଧାରଣେର ଦାବି ହେଉଛି।

# ଯାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**କାକଟପୁର (ଅମୃତ ମିଡିଆ):** କାକଟପୁର ଯାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'କାଞ୍ଚନ- ସ୍କୁଲ ପରିସରରେ ଅନୁଷ୍ଠାନର ଅଧକ୍ଷା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିଥି ରାଜ୍ୟ କ୍ରିଡା,ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା,ମୁଖ୍ୟ ବକ୍ତା ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଜେନା, ପୂର୍ବତନ ପୁରୀ ଜିଲ୍ଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟୀ ଦଳାଇ, ହାସ୍ୟଅଭିନେତା ଶଙ୍କର ପ୍ରଧାନ, ଯାହାନ ପବ୍ଲିକ ସ୍କୁଲର ନିର୍ଦ୍ଦେଶିକା ସୁମିତ୍ରା ଘୋଷ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ଶୈକ୍ଷିକ ବାତାବରଣ ପାଇଁ ଯାହାନ ସ୍କୁଲର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ପାଇଁ ଅଭିଭାବକ ମାନେ ଯତ୍ନଶୀଳ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ବାର୍ଷିକ କ୍ରିଡା ଏବଂ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭକରିବା କୃତି ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକ ସତ୍ୟରଞ୍ଜନ ମହାପାତ୍ର ଉପସ୍ଥିତ ଅତିଥି ଶିକ୍ଷାର୍ଥୀ ମାନଙ୍କ ଅବିଭାବକ ଓ ଦର୍ଶକ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଆଶିଷ ସାହୁ, ମନୀଷା ମହାନ୍ତି, ସସ୍ମିତା ସାମଲ, ମାନସୀ ମହାପାତ୍ର, ମଧୁସ୍ମିତା ପଡିହାରୀ, ଅଲକେଶ ବେଗମ, ସ୍ୱର୍ଣ୍ଣଲତା ବରାଳ, ମୋନାଲିସା ବିଶ୍ୱାଳ, ମାନସୀ ଦାସ, ସତ୍ୟ ମହାପାତ୍ର, ନିହାରିକା ମହାନ୍ତି, ଅର୍ପିତା ଜେନା, ଲୋପାମୁଦ୍ରା, ଆସମା, ଦେବସ୍ମିତା, ଜ୍ୟୋତିର୍ମୟୀ, ଯଶୋଧାରା, ଦିଗବିଜୟ, ଜ୍ଞାନ, ସୁମେଧା, ବନିତା ସାମନ୍ତରାୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା। କୁନିକୁନି ଶିକ୍ଷାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅଭିନୀତ କ୍ଷୁଦ୍ର ନାଟକ ଜ୍ଞାନର ପରିସୀମା ବେଶ ଉଚ୍ଚକୋଟିର ହୋଇଥିଲା।

## ହାଇଦ୍ରାବାଦରେ ୩୭ମହଲା କୋଠାରୁ ଖସିପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ



**ରାଜନଗର (ଅମୃତ ମିଡିଆ):** ହାଇଦ୍ରାବାଦେର ଜଣେ ଯୁବ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି। ରାଜନଗର ବ୍ଲକ ଗୁପ୍ତି ପଚାଂୟତ ବନବିହାରୀପୁର ଗ୍ରାମର ଗିରିଧାରୀ ସାହୁଙ୍କ ବଡପୁଅ ଗୌତମ ସାହୁ(୨୨) ୩୭ମହଲା କୋଠାରୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବଡପୁଅ ଗୌତମ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ହାଇଦ୍ରାବାଦର ଟେଲାପୁରରେ ରହି ପାଣି ପାଇପ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୨ ଟା ସମୟରେ ସେଠାରେ ୩୭ମହଲା କୋଠାରେ ଚଢି କାର୍ଯ୍ୟ କରୁଥିବା ବେଳେ ତଳକୁ ଖସି ପଡିଥିଲେ। ସାଙ୍ଗରେ ଥିବା ଶ୍ରମିକମାନଙ୍କୁ ଶୌଚାଳୟରୁ ଆସୁଛି କହି ଚାଲି ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ସେମାନେ ଖୋଜିଥିଲେ। ଉପରେ ନ ପାଇବାରୁ ତଳକୁ ଆସି ଦେଖିବାରୁ ତଳେ ମରି ପଡିଥିବା ଦେଖିବାକୁ ପାଇଥିଲେ। ଘରେ ତାଙ୍କ ମୃତ୍ୟୁ ଖବର ଜାଣିବା ପରେ କାନ୍ଦେବାବାଳି ଲାଗିରହିଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତଦେହ ହାଇଦ୍ରାବାଦରେ ପଡିରହିଥିବା ଜଣାପଡିଛି। ରାଜ୍ୟ ସରକାର ଏ ସଂପକର୍ରେ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସୂଚନା ଥାଉକି, ଗୌତମ ତାଙ୍କ ବାପାଙ୍କର ବଡପୁଅ। ଘରେ ତାଙ୍କ ବାପା, ମାଆ ଓ ଛୋଟ ଛୋଟ ଭାଇ ଭଉଣୀ ଅଛନ୍ତି।

# ଉଠାଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଉଠାଜଳସେଚନ ଖଣ୍ଡ ତରଫରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ତେଲକୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସହଦେବ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଠାଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ,ଅନୁଗୁଳ ବିକ୍ରମାଦିତ୍ୟ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତର ପକ୍ଷ ଦିବସ ଅବସରରେ ଚାଷୀଙ୍କ ବହୁବିଧ ଉନ୍ନତି କଳ୍ପେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମିହିର କୁମାର ସାହୁ,ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ମୃର୍ତ୍ତିକା ରସାୟନବିତ୍ ରବିନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସମସ୍ତ ଚାଷୀ କୃଷି ବିଭାଗ, ଜଳସମ୍ପଦ ବିଭାଗ ଏବଂ ଉଠାଜଳସେଚନ ବିଭାଗର ବିଭିନ୍ନ ସ୍କିମ ସଂପର୍କରେ ଅବଗତ ହୋଇ ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସହଦେବ ସେଠୀ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନେ ସହଭାଗୀ ଜଳସେଚନ ପରିଚାଳନା କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଜିଲ୍ଲାକୁ କୃଷିକ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଉଠାଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରୁଦ୍ରଜ୍ୟୋତି ନନ୍ଦ,ସହକାରୀ ଯନ୍ତ୍ରୀ(ସିଭିଲ) ଇଂ ବୁଧୁରାୟ ସାଙ୍ଗେ ସାମାଦ,ସହକାରୀ ଯନ୍ତ୍ରୀ(ଇଲେକ୍ଟ୍ରିକାଲ) ଇଂ ବାଦଲ ଚନ୍ଦ୍ର ଚୌଧୁରୀ,ଆନନ୍ଦପୁର ସହକାରୀ ଯନ୍ତ୍ରୀ(ଇଲେକ୍ଟ୍ରିକାଲ) ଇଂ ନିତ୍ୟାନନ୍ଦ ପରିଡା,ବ୍ଲକ କୃଷି ଅଧିକାରୀ ମନୋଜ କୁମାର ଦାସ,ତେଲକୋଇ ବ୍ଲକ ଉଦ୍ୟାନ ଅଧିକାରୀ ଦିପ୍ତୀ ରଞ୍ଜନ ସାହୁ,ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀଦେବୀ ଶର୍ମା, ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପଇଡା, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ମହାନ୍ତଙ୍କ ସମେତ ଉଠାଜଳସେଚନ ବିଭାଗ ୫ ଟି ଡିଭିଜନ୍ ଅନ୍ତର୍ଗତ ପାଣି ପଞ୍ଚାୟତ କର୍ମକ ।,କନିଷ୍ଠଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା, ସାହାରପଡା, ଚମ୍ପୁଆ, ଝୁମ୍ପୁରା, ଯୋଡା, ଘଟଗାଁ, ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଆନନ୍ଦପୁର, ଘସିପୁରା,ହାଟଡିହି ଓ କେନ୍ଦୁଝର ସଦର ବ୍ଲକର ଶତାଧିକ ଚାଷୀ ଏବଂ ବୋର୍‌ୱେଲ ହିତାଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସହକାରୀ ଯନ୍ତ୍ରୀ ଇଂ ବୁଧୁରାୟ ସାଙ୍ଗେ ସାମାଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ପଦ୍ମପୁର ଗ୍ରାମର ସଫଳ ଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଷ୍ୟଙ୍କ ଗହଣରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି

**ପୁରୀ(ବ୍ୟୁରୋ):** ବଡ଼ଦାଣ୍ଡର ଚାପ କମାଇବା ପାଇଁ ପ୍ରସ୍ତୁତ ହୋଇଛି ଶ୍ରୀଦାଣ୍ଡ। ଜଗନ୍ନାଥ ବଲ୍ଲଭ ପାର୍କିଂରୁ ଶ୍ରଦ୍ଧାଳୁମାନେ ଅଳ୍ପ ସମୟ ମଧ୍ୟରେ ଦୋଳବେଦି କୋଣରେ ଯାଇ ପହଞ୍ଚିବେ। ଏଥିପାଇଁ ବ୍ୟାଟେରି ଚାଳିତ ଗାଡ଼ିର ବ୍ୟବସ୍ଥା କରାଯାଇଛି। ତେବେ ଭକ୍ତମାନେ ଶ୍ରୀଦାଣ୍ଡରେ ଶିଷ୍ୟଙ୍କ ଗହଣରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଏହି ପ୍ରତିମୂର୍ତ୍ତି ଏକ ଧାର୍ମିକ ବାତାବରଣ ସୃଷ୍ଟି କରୁଛି। ଆଦି ଶଙ୍କରାଚାର୍ଯ୍ୟ ଧର୍ମଚର୍ଯ୍ୟା କରୁଥିବା ମୁଦ୍ରାରେ ଏହି ପ୍ରତିକୃତି ଶ୍ରୀଦାଣ୍ଡରେ ସ୍ଥାନିତ କରାଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂରେ ଗାଡ଼ି ପାର୍କିଂ କରି ଶ୍ରୀମନ୍ଦିର ଅଭିମୁଖେ ଯିବା ବେଳେ ଭକ୍ତମାନେ



ଶ୍ରୀଦାଣ୍ଡରେ ସଜେଇ ହୋଇଛି ୫ ପ୍ରତିମୂର୍ତ୍ତି

ଗଲାବେଳେ ସନାତନ ସଂସ୍କୃତିକୁ ଉପଲବ୍ଧି କରିବେ। ଏଥିପାଇଁ ଶ୍ରୀଦାଣ୍ଡ ପାର୍ଶ୍ୱରେ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ପଥର ପ୍ରତିମୂର୍ତ୍ତି ରଖାଯାଇଛି। ଏହି ପ୍ରତିମୂର୍ତ୍ତି ଦେଖି ସନାତନ ସଂସ୍କୃତିର ଅନୁଭବ କରିବେ। ପ୍ରାୟ ୫ ଫୁଟ ଉଚ୍ଚତା ବିଶିଷ୍ଟ ୫ଟି ମୂର୍ତ୍ତି ଏଠାରେ ସ୍ଥାନିତ ହୋଇଛି।

## ଭକ୍ତଙ୍କ ପାଇଁ ଆୟୋଜିତ ହେଉଛି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'

# ଚିତ୍ର ଓ ପରଦାରେ ପ୍ରଦର୍ଶିତ ହେବ କାଞ୍ଚି ଅଭିଯାନର କାହାଣୀ

**ପୁରୀ(ବ୍ୟୁରୋ):** ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିବ ଶବ୍ଦଆଲୁଅର ଖେଳ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭାରମ୍ଭ ପରିପ୍ରେକ୍ଷୀରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ'ର ଅନୁଭବ ନେବେ ଭକ୍ତ। ମାର୍କେଟ୍ ଛକ ମ୍ୟୁନିସିପାଲିଟି ମାର୍କେଟ୍ କାନ୍ଥରେ ଆଲୁଅ ଓ ଶବ୍ଦରେ କାଞ୍ଚି ଅଭିଯାନର କାହାଣୀ ପ୍ରଦର୍ଶିତ ହେବ। ଆଲୁଅରେ କଥାଚିତ୍ର ସହ ଶବ୍ଦରେ କାଞ୍ଚି ଅଭିଯାନର ନାଟକୀୟ ଅବତାରଣାର ଅନୁଭବ ନେବେ ଶ୍ରଦ୍ଧାଳୁ। କାଞ୍ଚି ଅଭିଯାନର କାହାଣୀ ଉତ୍କଳୀୟ ଭାବଧାରାରେ ଏକ ଉଜ୍ଜ୍ୱଳ ଅଧ୍ୟାୟ। ଗଜପତି ପୁରୁଷୋତ୍ତମ ପଦ୍ମାବତୀଙ୍କ ପ୍ରେମ ସମ୍ପର୍କଠୁ ନେଇ କାଞ୍ଚି ରାଜା ଶାଳ୍ୱ ନରସିଂହଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧର କଥାବସ୍ତୁ ଆଲୁଅ ଓ ଶବ୍ଦରେ ପ୍ରଦର୍ଶିତ ହେବ। କାହାଣୀ ଅନୁସାରେ, ଉତ୍କଳର ଗଜପତି ପୁରୁଷୋତ୍ତମ ଦେବ ଓ କାଞ୍ଚି ରାଜଜେମା ପଦ୍ମାବତୀ ପରସ୍ପରକୁ ଭଲ ପାଉଥିଲେ। ମାତ୍ର ମହାପ୍ରଭୁଙ୍କ ରଥରେ ଛେରାପହଁରା କରୁଥିବାରୁ କାଞ୍ଚି ରାଜା ଶାଳ୍ୱ ନରସିଂହ ତାଙ୍କ କନ୍ୟାଙ୍କୁ ପୁରୁଷୋତ୍ତମ ଦେବଙ୍କୁ ବିବାହ ଦେବେ ନାହିଁ ବୋଲି ଘୋଷଣା କଲେ। ଏଥିରେ ଅପମାନିତ



ଗଜପତି ମହାରାଜା ପୁରୁଷୋତ୍ତମ ଦେବ ଯୁଦ୍ଧ ପାଇଁ ନିର୍ଦ୍ଦେଶ ଦେଲେ। କାଞ୍ଚି ଅଭିଯାନ ପୁଣି ଥରେ ଆରମ୍ଭ ହେଲା। ଯୁଦ୍ଧକୁ ଯିବା ବାଟରେ ରାଜାଙ୍କୁ ଏକ ତରୁଣୀ ଗଉଡୁଣୀ ଅପେକ୍ଷା କରି ରହିଥାଆନ୍ତି। ରାଜାଙ୍କୁ ଦେଖି ଗଉଡୁଣୀ କହିଲେ, କଳା ଘୋଡ଼ା ଓ ଧଳା ଘୋଡ଼ାରେ ଦୁଇଜଣ ଆସିଥିଲେ। ରାଜାଙ୍କର ସେନାପତି କହି ତାଙ୍କଠୁ ଦହି ପିଇଲେ। ପଇସା ମାଗିବାରୁ ନିଜ ହାତରୁ ସୁନା ମୁଦି ଦେଇ କହିଲେ ପଛରେ ଆମ ରାଜା ଆସୁଛନ୍ତି। ତାଙ୍କୁ ମୁଦିଟି ଦେଇ ପଇସା ନେଇଯିବ ଆମେ କାଞ୍ଚି ଯୁଦ୍ଧକୁ ଯାଉଛୁ, ଗଉଡୁଣୀଠୁ ଏକଥା ଶୁଣି ମୁଦିଟି ଦେଖି ଗଜପତି ଜାଣିପାରିଲେ ଯେ ମୁଦିଟି ସ୍ୱୟଂ ମହାପ୍ରଭୁଙ୍କର। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଯୁଦ୍ଧରେ ଯୋଗ ଦେଇଥିବାରୁ ଯୁଦ୍ଧରେ ବିଜୟ ସୁନିଶ୍ଚିତ ବୋଲି ଗଜପତି ଜାଣିପାରିଲେ।ମାଣିକ ଗଉଡୁଣୀଙ୍କୁ ମହାପ୍ରଭୁ ଦର୍ଶନ ଦେଇଥିବାରୁ ତାଙ୍କୁ ସମ୍ମାନ ଦେଇ ଗଜପତି ଏକ ପଡ଼ା ଦାନ କଲେ ଉକ୍ତ ପଡ଼ା ମାଣିକପାଟଣା ନାମରେ ନାମିତ ହେଲା। ମହାପ୍ରଭୁ-ଗଜପତି- ମାଣିକ ଗଉଡୁଣୀଙ୍କ ରୋଚକ କଥାବସ୍ତୁକୁ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ ତଥା ଲେଜର ସୋ'ରେ ଦେଖିବାକୁ ମିଳିବ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ ପ୍ରଦର୍ଶନୀ ପାଇଁ ୧୦ଟି ଲେଜର୍ ସ୍ଥାପନ ହୋଇଛି। ମାର୍କେଟ କାନ୍ଥରେ ୩ ସ୍ତରରେ ଧଳା ପରଦା ରହିଛି । ଆସନ୍ତା ୧୭ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ସନ୍ଧ୍ୟାରେ ଭକ୍ତମାନେ ଏହି ନିଆରା ସୋ' ଦେଖିବାର ସୁଯୋଗ ପାଇବେ।ଲାଇଟ୍ ଆଣ୍ଡ୍ ସାଉଣ୍ଡର ଏହି ସୋ' ପାଇଁ ପ୍ରସ୍ତୁତି କରୁଥିବା ଗୌରବ ଗିରିଙ୍କ କହିବା ମୁତାବକ, ମାର୍କେଟ କାନ୍ଥରେ ଶବ୍ଦ ଆଲୁଅରେ କାହାଣୀ ପରଷିବାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୭ରୁ ସୋ' ପ୍ରଦର୍ଶିତ ହେବ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର କିଛି ରୋଚକ କଥା ଦେଖିପାରିବେ।

# ଜୁବିନ୍ ନୌଟିଆଲଙ୍କ କଣ୍ଠରେ ଜଗନ୍ନାଥ ଭଜନ

**ପୁରୀ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ଜଗନ୍ନାଥମନସ୍କ ସାରାଦେଶ। ଲୋକପ୍ରିୟ ଗାୟକ ଜୁବିନ ନୌଟିଆଲ ଗାଇଲେ ଜଗନ୍ନାଥ ଭଜନ। ତାଙ୍କ କଣ୍ଠରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ଭଜନ ପ୍ରତିଟି ଓଡ଼ିଆଙ୍କ ଭାବାବେଗକୁ ଯୋଡୁଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ କରି ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି, ଭାବ ଓ ଭକ୍ତିରେ ପୂରି ଉଠୁଛି ସାରା ଶ୍ରୀକ୍ଷେତ୍ର। ଏସବୁ ସମ୍ଭବ ହୋଇଛି ତାଙ୍କରି ଇଚ୍ଛାରେ। ଭବ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ଲୋକପ୍ରିୟ ଗାୟକ ଜୁବିନ ନୌଟିଆଲଙ୍କ କଣ୍ଠରେ ଭକ୍ତିର ଏ ସଙ୍ଗୀତ ପ୍ରତିଟି ଓଡ଼ିଆଙ୍କ ଭାବାବେଗକୁ ଯୋଡୁଛି। ସଂଗୀତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଶ୍ରୀମନ୍ଦିର ପରିକ୍ରମାଠୁ ଆରମ୍ଭ କରି ମେଘନାଦ ପାଚେରୀ, ବାଇଶି ପାହାଚ ଓ ଭକ୍ତଙ୍କୁ ମିଳୁଥିବା ଦିବ୍ୟ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସେପଟେ ଭଜନଟି ଏକ୍ସରେ ମଧ୍ୟ ଟ୍ରେଣ୍ଡ କରୁଛି। ହ୍ୟାସ୍‌ଟ୍ୟାଗ ଶ୍ରୀମନ୍ଦିର ଖୁସି ଓଡ଼ିଶା ଖୁସି ନାଁରେ ଭଜନ ଟ୍ରେଣ୍ଡ କରୁଛି।



# ୫ଟି ଅଧ୍ୟକ୍ଷଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପ୍ରସ୍ତୁତିର ସମୀକ୍ଷା

**ପୁରୀ:** ଜାନୁଆରି ୧୭ ତାରିଖରେ ଲୋକାର୍ପଣ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ୍ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଯଜ୍ଞସ୍ଥଳକୁ ଯାଇ ଆଶୀର୍ବାଦ ନେବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀସେତୁ, ଶ୍ରୀଦାଣ୍ଡ ଆଦି ବୁଲି ଦେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରସ୍ତୁତ ହେଉଥିବା ହେଲିପ୍ୟାଡ୍, ସମଙ୍ଗ ପାର୍କିଂ ବୁଲି ଦେଖିଛନ୍ତି। ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ଶ୍ରୀଦାଣ୍ଡ ଓ ଶ୍ରୀସେତୁଓ ସ୍ୱାଗତ ତୋରଣ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ଏହା ଲୋକାର୍ପଣ ପରେ ଜନସାଧାରଣଙ୍କ ପାଇଁ ଏହା ଉନ୍ମୁକ୍ତ କରାଯିବ। ଲୋକାର୍ପଣ ପରେ ଜନସାଧାରଣ ଶ୍ରୀସେତୁରେ ଆସି ଶ୍ରୀଦାଣ୍ଡରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇପାରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରିପାରିବେ। ସୂଚନାଯୋଗ୍ୟ, ଜାନୁଆରି ୧୭ ତାରିଖ ଅପରାହ୍ନ ୧ଟା ୧୫ରୁ ସାଢ଼େ ୧ଟା ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଫଳକ ଲୋକାର୍ପଣ କରିବେ। ସାଢ଼େ ୧ଟାରୁ ୨ଟା ଭିତରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ପ୍ରଶାସନର କାରକେଡ୍ ରିହର୍ସାଲ




**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଲାଗି ମଙ୍ଗଳବାର କାରକେଡ୍ ରିହର୍ସାଲ କରିଛି ପୋଲିସ ପ୍ରଶାସନ। ହେଲିପ୍ୟାଡ୍ ଠାରୁ ଆରମ୍ଭ କରି ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ଏବଂ ଶ୍ରୀମାର୍ଗ ରାସ୍ତା ସହ ଯଜ୍ଞ ମଣ୍ଡପ, ଫଳକ ଉନ୍ମୋଚନ ସ୍ଥାନରେ ସବୁଠି ସୁରକ୍ଷା ବ୍ୟବସ୍ଥାର ରିହର୍ସାଲ କରାଯାଇଛି । ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ଠାରେ ମୁଖ୍ୟମନ୍ତ୍ରୀ ଆସି ପହଞ୍ଚିବା ପରେ ବ୍ୟାଟେରୀ ଚାଳିତ ଗାଡ଼ି ଯୋଗେ ଯଜ୍ଞ ମଣ୍ଡପକୁ ଆସିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଏସ୍‌ପି କନ୍‌ୱର ବିଶାଳ ସିଂଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କ ଉପସ୍ଥିତିରେ କାରକେଡ୍ ରିହର୍ସାଲ କରାଯାଇଛି। ସମ୍ପୂର୍ଣ୍ଣ ସିକ୍ୟୁରିଟି ବ୍ଲାଙ୍କେଟ୍‌ରେ ରହିଛି ଶ୍ରୀକ୍ଷେତ୍ର ପୁରୀ। ସାଧାରଣ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ଯେଭଳି କିଛି ଅସୁବିଧା ନହେବ ସେଥିଲାଗି ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ କହିଛନ୍ତି ।

୧୭ ଜାନୁଆରୀ ୨୦୨୪, ପୌଷମାସ ଶୁକ୍ଳପକ୍ଷ ସପ୍ତମୀ ତିଥି। ଏହି ସ୍ମରଣୀୟ ମୁହୂର୍ତ୍ତକୁ ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର ଅପରାହ୍ନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ। ସେହିଭଳି ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ମହାଯଜ୍ଞ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅପରାହ୍ନ ୨ଟାରୁ ୨ଟା ୩୦ ମଧ୍ୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ। ଅପରାହ୍ନ ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭାଗୃହରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ। ସନ୍ଧ୍ୟାରେ ଲାଇଟ୍ ଏବଂ ସାଉଣ୍ଡ ସୋ'ର ବ୍ୟବସ୍ଥା ହୋଇଛି। କାଞ୍ଚି ଅଭିଯାନର କଥା କହିବ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ'। ଦିବ୍ୟାଙ୍ଗ ଓ ବୟସ୍କ ଭକ୍ତଙ୍କ ଲାଗି ଶ୍ରୀମନ୍ଦିରର ପ୍ରଦକ୍ଷିଣ ଲାଗି ୫୦ରୁ ଅଧିକ ବ୍ୟାଟେରୀ ଗାଡ଼ିର ବ୍ୟବସ୍ଥା କରାଯାଇଛି।

# ଆନିମେସନ୍‌ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ(ବ୍ୟୁରୋ):** ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପିତ ଉତ୍ସବକୁ ସ୍ୟାଣ୍ଡ ଆନିମେସନରେ ଅତି ସୁନ୍ଦର ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ଗୁଆ ଚାଉଳ ଦେଇ ରାଜଗୁରୁଙ୍କୁ ବରଣ କରୁଛନ୍ତି, ରାଜଗୁରୁ ବ୍ରାହ୍ମଣ ଦର୍ଶନର ଦୃଶ୍ୟ ଏହି ସବୁକୁ ଅତିସୁନ୍ଦର ଭାବରେ ମାନସ ସାହୁ ତାଙ୍କ ବାଲୁକା ଆନିମେସନରେ ଦେଖାଇଛନ୍ତି । ପୁଣି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ଦେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ହାତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ



ସମାଜଙ୍କୁ ଦାୟିତ୍ୱ ଦେଉଛନ୍ତି ପରିକ୍ରମା ପର୍ବକୁ ବିଧିପୂର୍ଣ୍ଣ ଭାବେ ସମ୍ପୂର୍ଣ୍ଣ ଯଜ୍ଞାନୁଷ୍ଠାନକୁ ଆଗେଇ ନେବା ପାଇଁ । ବ୍ରାହ୍ମଣମାନଙ୍କ ଦ୍ୱାରା ଅଂକୁର ରୋପଣ କିପରି କରାଯାଉଛି ଏବଂ ତ୍ରିଦେବଙ୍କ ଆବାହନ କରାଯାଉଛି। ତ୍ରିଦେବ ଏବଂ ପ୍ରଭୁଙ୍କ କରିବାର ଦୃଶ୍ୟ ମଧ୍ୟ ସେ ତାଙ୍କ ଆନିମେସନରେ ଦେଖାଇଛନ୍ତି। ଏହି ଆନିମେସନ ଭିଡ଼ିଓଟି ୩ମିନିଟି ୩୯ସେକେଣ୍ଡର ଏହାକୁ ନିର୍ମାଣ କରିବାକୁ ମାନସ ସାହୁ ଙ୍କୁ ୧୫ଘଣ୍ଟା ସମୟ ଲାଗିଥିଲା ବୋଲି ବାଲୁକା ଶିଳ୍ପୀ ମାନସ ସାହୁ କହିଛନ୍ତି।

# ପାଣି ପଞ୍ଚାୟତ ସଚେତନ ରଥର ଶୁଭାରମ୍ଭ

**ପୁରୀ(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ସଚେତନ ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଏବଂ ପୁରୀ ଜଳ ସେଚନ ଅଧିକ୍ଷଣ ଯନ୍ତ୍ରୀ ଅମିୟ କୁମାର ସେଠ ଯୋଗଦାନ କରି ପତାକା ହଲାଇ ଉଦ୍‌ଘାଟନ କରିଛନ୍ତି । ଏହି ରଥ ପ୍ରତ୍ୟେକ ଗ୍ରାମାଞ୍ଚଳରେ ବୁଲି ଲୋକମାନଙ୍କୁ ସଚେତନର ବାର୍ତ୍ତା ବାଣ୍ଟିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି।

# ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

**ପୁରୀ(ବ୍ୟୁରୋ):** ପୁରୀ ଓକିଲ ସଂଘର ଆଇନଜୀବୀଙ୍କୁ ନେଇ ପ୍ରତିଷ୍ଠିତ ପ୍ରତିଭା ପୂଜା ପରିଷଦ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିକଟ ସଞ୍ଜୀବନୀ ହସ୍ପିଟାଲ୍ ସଭାଗୃହରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ସଭାପତି ଗୁଣ୍ଡିଚା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ପ୍ରାକ୍ତନ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଟିକାୟତରାୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଭଗବାନ ଜୟସିଂହ, ବିଶିଷ୍ଟ ଚିକିତ୍ସକ ଡା. ଦେବେନ୍ଦ୍ରନାଥ ତରେଇ, ଗବେଷକ ନିଳମଣି ଗୁରୁ, ଓକିଲ ସଂଘ ସଂପାଦକ ବିଭୂତିପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରି ଫକୀରମୋହନ ସେନାପତିଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଫକୀରମୋହନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରିଷଦର ସାଧାରଣ ସଂପାଦକ ଡ. ପ୍ରଧାନ ଧୀରେନ୍ଦ୍ର ରାୟ ବିବରଣୀ ପାଠ କରିଥିଲେ। ଉପସଭାପତି ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ସଭ୍ୟ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପରିଡ଼ା, ବିପିନ ବିହାରୀ ଦଳାଇ, ପ୍ରମୋଦ କୁମାର ପ୍ରଧାନ, ଅରୁଣ କୁମାର ଗଜେନ୍ଦ୍ର, ନରେଶ କୁମାର ମହାନ୍ତି, ଅଭୟ ସ୍ୱାଇଁ, ସଂଜୟ କୁମାର ରାଉତରାୟ, ପ୍ରମୋଦ ପାଣ୍ଡି, ନିରଞ୍ଜନ ସିଂସାମନ୍ତ, ନିରଞ୍ଜନ ସାମନ୍ତରା, ଭାଗିରଥୀ ସ୍ୱାଇଁ, ବିଚିତ୍ରାନନ୍ଦ ପରିଡ଼ା, ରତିକାନ୍ତ ପ୍ରତିହାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୌନ୍ଦର୍ଯ୍ୟକରଣ ହେଉଛି ମୂଷା ନଈ

**ପୁରୀ(ବ୍ୟୁରୋ):** ନୂଆ ଜୀବନ ପାଇବ ଐତିହ୍ୟସଂପନ୍ନ ମୂଷା ନଈ । ମୂଷା ନଈର ସୌନ୍ଦର୍ଯ୍ୟକରଣ ସହ ପୂର୍ଣ୍ଣ ବିକାଶ କରାଯାଉଛି। ଆରମ୍ଭରୁ ଶେଷ ଯାଏଁ ଖନନ କରି ସଂପୂର୍ଣ୍ଣ ମୂଷା ନଈର ମାର୍ଗ ଉନ୍ମୁକ୍ତ କରାଯାଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ମୂଷା ନଈର ଜଳରାଶିରେ ନୌବିହାର ସାଙ୍ଗକୁ ନଈ କୂଳେ କୂଳେ ପାର୍କିଂ, ମର୍ଣ୍ଣିଂ ୱାକ୍ ପାଇଁ ବିସ୍ତୃତ ଜାଗା ବି ବାହାର କରାଯାଉଛି। ବ୍ୟାପକ ଜାଗାରେ ଲ୍ୟାଣ୍ଡ ସ୍କୋପିଂ କରାଯିବା ଯାହା ପର୍ଯ୍ୟଟକଙ୍କ ସହ ସହରାଞ୍ଚଳବାସୀଙ୍କ ଅବସର ବିନୋଦର ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏଥିପାଇଁ ରାଜ୍ୟ ସରକାର ଅବଢ଼ା ଯୋଜନାରେ ପ୍ରାୟ ୧୦୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୂଷା ନଈ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ-୧ ଓ ମୂଷା ନଈ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ-୨, ଏଭଳି ଦୁଇଟି ପର୍ଯ୍ୟାୟରେ ମୂଷା ନଈର ବିକାଶ କରାଯାଉଛି। ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ଜରିଆରେ ମଙ୍ଗଳା ନଈରୁ ଅଠରନଳା ବ୍ରିଜ୍ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ଜରିଆରେ ଅଠରନଳା ବ୍ରିଜ୍‌ଠାରୁ କାଞ୍ଚି ନଈ ପର୍ଯ୍ୟନ୍ତ ବିକାଶ କାର୍ଯ୍ୟ କରାଯାଉଛି। ପର୍ଯ୍ୟଟକଙ୍କ ପାଇଁ ନୌଚାଳନା କ୍ଲବ୍, ବଗିଚା, ଗାଡ଼ି ରଖିବା ସ୍ଥାନ, ସୂଚନା କେନ୍ଦ୍ର ସହ ବିଭିନ୍ନ ଖାଦ୍ୟ ଦୋକାନ ଖୋଲିବାକୁ ଯୋଜନ ଜନା କରାଯାଇଛି । ଏସମ୍ପର୍କରେ ଓବିସିସି ଡିଭିଜନ୍-୨ ପ୍ରକଳ୍ପ ପରିଚାଳକ ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ମୂଷା ନଈର ବିକାଶ କାର୍ଯ୍ୟ କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ବୀରହରେକୃଷ୍ଣପୁର-ମଙ୍ଗଳାଘାଟ ବାଇପାସ୍ ରାସ୍ତା ପାଖ ମଙ୍ଗଳା ନଈରୁ ଖଣ୍ଡିଆବନ୍ଧ ଦେଇ କୁମ୍ଭାରପଡ଼ା ଥାନା ପର୍ଯ୍ୟନ୍ତ ବିକାଶ କରାଯାଉଛି। ଖନନ ଓ ସୌନ୍ଦର୍ଯ୍ୟାକରଣ ଯୋଜନା ଏଥିରେ ରହିଛି । ଏ ଟଙ୍କା ବାବଦକୁ ପ୍ରାୟ ୨୭ କୋଟି ଖର୍ଚ୍ଚ କରାଯାଉଛି। ପ୍ରାୟ ୩.୨୦ କିଲୋମିଟରର କାମ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ରହିଛି । ଇତିମଧ୍ୟରେ ପ୍ରାୟ ୨ କିଲୋମିଟରର କାମ ଶେଷ ହୋଇଯାଇଛି ।

# ବିଭିନ୍ନ ଦାବି ନେଇ ଭାରତ ମୁକ୍ତି ମୋର୍ଚ୍ଚାର ପଦଯାତ୍ରା

**ପୁରୀ(ବ୍ୟୁରୋ):** ଭାରତ ମୁକ୍ତି ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଇଭିଏମ୍ ବିରୁଦ୍ଧରେ ଭାରତରେ ୫୬୭ ଜିଲ୍ଲାରେ ୩ୟ ଚରଣ ପଦଯାତ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ପୁରୀ ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲାର ସମସ୍ତ ଅଂଚଳର ଅଧିବାସୀମାନେ ଯୋଗ ଦେଇଥିଲେ। ଏହି ଧାରଣାର ମୁଖ୍ୟ ଉଦ୍ଦେଶ୍ୟ, ଯେଉଁଭଳି ଭାବରେ ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କର ଆଦେଶକୁ ନ ମାନି ନିଜର ବ୍ୟକ୍ତିଗତ କ୍ଷମତା ବଳରେ ଇଭିଏମ୍ କୁ ବଜାୟ ରଖିବାକୁ ସୁନିୟନ୍ତ୍ରିତ ଯୋଜନା କରୁଛନ୍ତି, ତାହାକୁ ସର୍ବ ସମ୍ମୁଖକୁ ଆଣିବା। ୨୦୧୩ ମସିହାରେ ସୁପ୍ରିମକୋର୍ଟ ସ୍ୱୀକାର କରିଥିଲେ। ସେଥିପାଇଁ ଭିଭିପାଟ୍ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଲେ। କିନ୍ତୁ ୨୦୧୪ ନିର୍ବାଚନ ରେ ସେଥିରେ ମୋଟ ୩୩ ପ୍ରତିଶତ ଭିଭିପାଟ୍ ସଂଯୋଗ କରାଗଲା, ତା ବିରୁଦ୍ଧରେ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ୨୦୧୭ରେ ସୁପ୍ରିମକୋର୍ଟ ଗଲେ ଏବଂ ସୁପ୍ରିମ କୋର୍ଟ ଅର୍ଡ଼ର କଲେ ୧୦୦ ପ୍ରତିଶତ ଭିଭିପାଟ୍ ମେସିନ ଇଭିଏମ୍‌ରେ ସଂଯୋଗ କରାଯାଉ ଏବଂ ଭିଭିପାଟ୍ ରୁ ବାହାରୁଥିବା ପର୍ଚିର ୧୦୦ ପ୍ରତିଶତ ମିଲାନ କରାଯାଉ। ଠିକ୍ ଏହି ସମୟରେ ବିଜେପି ଏବଂ କଂଗ୍ରେସର ଭିତିରି ବୁଝାମଣା ଯୋଗୁ କଂଗ୍ରେସର ସୁପ୍ରିମକୋର୍ଟ ଆଇନଜୀବୀ କୋଟରେ କେସ୍ କରି ଦର୍ଶାଇଲେ ୫ ପ୍ରତିଶତ ମିଲାନ କରିବା ପାଇଁ ଏବଂ ସେହି ଆଦେଶ ବଳବତ୍ତର ରହିଲା। ବର୍ତ୍ତମାନ ସାଧାରଣ ଜନତାଙ୍କ ଏକ ପ୍ରଶ୍ନ ଯଦି ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରାୟାନକୁ କଣ୍ଟ୍ରୋଲ କରାଯାଇ ପାରୁଛି ତେବେ ଇଭିଏମ୍‌କୁ କଣ୍ଟ୍ରୋଲ କରିବା କିଛି ବଡ଼କଥା ନୁହେଁ। ସେହି ଦୃଷ୍ଟିରୁ ଇଭିଏମ୍‌କୁ ହଟାଇ ବାଲାଟ ପେପରରେ ନିର୍ବାଚନ କରାଇବା ସଂଗଠନର ମୁଖ୍ୟ ଦାବି। ଏହା ସହିତ ପୁରୀ ସହରରେ ବାସ କରୁଥିବା **SC.ST.OBC** ଲୋକମାନଙ୍କର ଆଜି ପର୍ଯ୍ୟନ୍ତ ଘରର ପଟ୍ଟା ନାହିଁ । ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ପାଖରେ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତାହାରି ପ୍ରତିବାଦର ଆଜିର ପଦଯାତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ପ୍ରଶାସନ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜନସାଧାରଣଙ୍କୁ ପଟ୍ଟା ଦେବାରେ ଟାଳଟୁଳ ନିତୀ ଅବଲମ୍ବନ କରୁଥିବାରୁ ପରବର୍ତ୍ତୀ ସମୟରେ ଭାରତ ମୁକ୍ତି ମୋର୍ଚ୍ଚା ସଂଗଠନ ଏହାର ଦୃଢ଼ ଜବାବ ଦେବ ବୋଲି ଚେତାବନୀ ଦିଆଯାଇଛି।



# ଘରୋଇ ଉପାୟରେ ସ୍କ୍ରବ୍

*ମହିଳାମାନେ ସାଧାରଣତଃ ନିଜ ତ୍ୱଚାକୁ ନେଇ ସବୁବେଳେ ଚିନ୍ତିତ ଥାଆନ୍ତି। ତେଣୁ ସେମାନେ ବାହାରକୁ ଯିବା ସମୟରେ ମୁହଁରେ କପଡାକୁ ବାନ୍ଧି ଯାଇଥାଆନ୍ତି। ଯାହାଫଳରେ ମୁହଁରେ ବାହାରର ଧୂଳି-ମଳି ଲାଗିବାର ସମ୍ଭାବନା ନଥାଏ। ଏହାସତ୍ତ୍ୱେ ଆମ ମୁହଁରେ ବାହାରର ଧୂଳି ଲାଗିଯାଇଥାଏ। ଯାହା ଖାଲି ଆଖିକୁ ଦେଖାଯାଇନଥାଏ। ଏହି ଧୂଳି ବହୁ ଦିନ ପର୍ଯ୍ୟନ୍ତ ରହିଯିବା ଦ୍ୱାରା ଏକପ୍ରକାରର କଳା ଆବରଣ ମୁହଁରେ ଜମି ରହିଯାଇଥାଏ। ତେଣୁ ଏହାକୁ ସଫା କରିବା ପାଇଁ ସପ୍ତାହକୁ ଦୁଇ ଥର ମୁହଁକୁ ସ୍କ୍ରବ୍ କରିବା ଉଚିତ୍। ତେବେ ଏଥିପାଇଁ ଆପଣ ଘରୋଇ ଉପାୟରେ ମଧ୍ୟ ସ୍କ୍ରବ୍ କରିପାରିବେ, ଯାହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ଫେରିପାଇପାରିବେ।*

◆ ଘରେ ବ୍ୟବହାର ହେଉଥିବା ଅଟାର ଚୋକଡ଼ରେ ଅଳ୍ପ କିଛି ଗୋଲାପ ଜଳ କିମ୍ବା କ୍ଷୀର ମିଶାଇ ଦିଅନ୍ତୁ, ଏହାପରେ ଉକ୍ତ ମିଶ୍ରଣକୁ ମୁହଁରେ ହାଲ୍‌କା ଭାବେ ଘଷନ୍ତୁ, ଅଳ୍ପ ସମୟ ପରେ ମୁହଁକୁ ଧୋଇଦିଅନ୍ତୁ।

◆ ଏକ ବଡ଼ ଚାମଚ ନଡ଼ିଆ ତେଲ ଏବଂ ବଡ଼ ଚାମଚ ଲୁଣ ମିଶାଇ ଦିଅନ୍ତୁ। ଏହାର ମିଶ୍ରଣକୁ ନେଇ ଆସ୍ତେ ଆସ୍ତେ ମସାଜ୍ କରନ୍ତୁ। ଏହାର ୨ ମିନିଟ୍ ପରେ ଧୋଇଦିଅନ୍ତୁ।

◆ ଏକ ବଡ଼ ଚାମଚ ଚାଉଳର ଗୁଣ୍ଡ ଏବଂ ୨ ଚାମଚ ଦହି ମିଶାଇ ମୁହଁରେ ହାଲ୍‌କା ଭାବେ ଲଗାଇ କିଛି ସମୟରେ ପରେ ଧୋଇଦିଅନ୍ତୁ।

◆ ୧ ଛୋଟ ଚାମଚ ଚିନି ଏବଂ ୨ ଛୋଟ ଲେମ୍ବୁର ରସକୁ ମିଶାଇ ସ୍କ୍ରବ୍ କରନ୍ତୁ, ଅଳ୍ପ ସମୟ ପରେ ଏହାକୁ ଭଲଭାବେ ଧୋଇଦିଅନ୍ତୁ। ଯଦି ଆପଣଙ୍କ ମୁହଁରେ ଲେମ୍ବୁ ଲଗାଇଲେ କୁଣ୍ଡେଇ ହେଉଛି ତେବେ ଲେମ୍ବୁ ବଦଳରେ ଗୋଲାପଜଳ ବ୍ୟବହାର କରିପାରିବେ।

◆ କମଳା ଚୋପାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ। ଏହାପରେ ଉକ୍ତ ପାଉଡରରେ ଦହି ମିଶାଇ ଆସ୍ତେ ଆସ୍ତେ ଘସି ଦିଅନ୍ତୁ। ଏହା ଅଳ୍ପ ସମୟ ପରେ ଧୋଇଦିଅନ୍ତୁ।

◆ କିଛି ବାଦାମକୁ ରାତିରେ ଭିଜାଇ ରଖିଦିଅନ୍ତ, ଏହାପରେ ତାକୁ ଗ୍ରାଇଣ୍ଡିଙ୍ଗ କରି ସେଥିରେ କିଛି କଞ୍ଚା କ୍ଷୀର ମିଶାଇ ମିହଁରେ ଘସନ୍ତୁ, ଯାହା ସ୍କ୍ରବ୍ ଭଳି ଆପଣଙ୍କ କାମରେ ଆସିବ।

◆ ସେଓର ମଞ୍ଜିକୁ କାଢି ତାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟରେ ଅଳ୍ପ ମହୁ ମିଶାଇ ସ୍କ୍ରବ ଭଳି ଲଗାଇ ଘସନ୍ତୁ।

◆ ରାତିରେ ମେଥିକୁ ବତୁରେଇ ଦିଅନ୍ତୁ। ଏହାପରେ ସକାଳୁ ତାକୁ ଭଲଭାବେ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ଏହାପରେ ତାକୁ ପାଣି ମିଶାଇ ମୁହଁରେ ଘସନ୍ତୁ।

◆ ସମାନ ମାତ୍ରାରେ ବେକିଂ ସୋଡା ଏବଂ ଓଟସ୍‌କୁ ଆଣି ମିଶାଇ ୫ ମିନିଟ୍ ପର୍ଯ୍ୟନ୍ତ ଗିନାରେ ରଖିଦିଅନ୍ତୁ। ଏହାପରେ ଏହାକୁ ମୁହଁରେ ଲଗାଇ ଦିଅନ୍ତୁ। ଯାହା ଆପଣଙ୍କୁ ସ୍କ୍ରବ୍ ଭଳି କାମ ଦେବ।





# କେତେ ନିରାପଦ ଗର୍ଭ ନିରୋଧକ ବଟିକା ?

ଡାକ୍ତର ଶୁଭଶ୍ରୀ ମିଶ୍ର

**ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ ।**

କ୍ଲିନିକରେ ପଶିଲା ବେଳକୁ ମୋତେ ଅପେକ୍ଷା କରିଥାଏ ରାଜଶ୍ରୀ। କଲେଜ ବେଳର ସାଙ୍ଗ, ବିବାହ ପରେ ତା ସହିତ ଆଉ ସେପରି ଯୋଗାଯୋଗ ବି ନଥିଲା। ସେ ମୁମ୍ବାଇରେ ରହୁଥିବାରୁ ଯିବା ଆସିବା ସମ୍ପର୍କ ବି ସମ୍ଭବ ନୁହେଁ। ବହୁଦିନ ପରେ ଦେଖା ହେବାରୁ ଖୁସି ଲାଗିଲା ତା ପାଇଁ ଚା ମଗାଇଲି ଓ ପଚାରିଲି ଆଉ କେମିତି କୁଆଡ଼େ ମୋତେ ମନେ ପକାଇଲୁ ? କହିଲା 'ତୋ ସାଙ୍ଗରେ ଟିକିଏ କଥା ଥିଲା ତ'। ମୁଁ କହିଲି ତୋ ସାଙ୍ଗ ଜଣେ ଡାକ୍ତରାଣୀ ମୋତେ ସବୁ କଥା ଖୋଲି କରି କହ। ଚାପି ରଖିଥିବା କଥାଟିକୁ ମୋ ଆଗରେ ଖୋଲି କହିଲା 'ତୁ ତ ଜାଣୁ, ମୋର ଗୋଟିଏ ପୁଅ। ଆମେ ବି ଆଉ ପିଲା ଚାହୁଁନୁ। ତେବେ ଗର୍ଭନିରୋଧକ ବଟିକା ମୁଁ ନିୟମିତ ଖାଉଛି ଯେ ମଝିରେ ଖବର କାଗଜରେ ବାହାରିଥିଲା ଏ ବଟିକା କୁଆଡ଼େ ଭଲ ନୁହେଁ।' ମୁଁ ତାକୁ କହିଲି ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ । ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ବାହାରିଛି। ଏହାକୁ ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ିଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ମୋ:୯୮୬୧୪୬୩୪୦୬

## ରୋଷେଇବାସ

### ମସଲା ବ୍ରେଡ୍

**ସାମଗ୍ରୀ :** ୮- ୧୦ ଖଣ୍ଡ ବ୍ରେଡ, ୩ଟି ଟମାଟୋ, ୨ଟି ପିଆଜ, ୨-୩ଟି କଞ୍ଚାଲଙ୍କା, ୧-୨ କୋଲା ରସୁଣ, କିଛି କଟାଅଦା, କଟା ଧନିଆପତ୍ର, ଜିରାଗୁଣ୍ଡ, ଆମଚୁର ପାଉଡର, ହଳଦୀଗୁଣ୍ଡ, ଗୋଟେ ଚାମଚ ତେଲ, ସ୍ୱାଦ ଅନୁସାରେ ଲୁଣ, ଗୋଟିଏ କପ୍ ପାଣି ଏବଂ ଖାଦ୍ୟକୁ ସଜାଇବା ପାଇଁ କିଛି ଡାଳିମ୍ବ ମଞ୍ଜି।

**ପ୍ରସ୍ତୁତି :** ପିଆଜ, ଧନିଆ, କଞ୍ଚାଲଙ୍କା, ଅଦା ଓ ରସୁଣକୁ ଏକସଙ୍ଗେ ବାଟି ଦିଅନ୍ତୁ। ମନେରଖନ୍ତୁ ଟମାଟୋକୁ ଅଲଗା ବାଟିବେ।

ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ ଗୋଟିଏ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ କିଛି ଜିରା ପକାନ୍ତୁ। ଏହା ପରେ ବଟା ଯାଇଥିବା ମସଲା ଢାଳନ୍ତୁ। ପରେ ଟମାଟର ବଟା ଢାଳି ଆଉଥରେ ଭଲଭାବେ ଗୋଳାନ୍ତୁ। ଏଥିରେ ଧନିଆ, ହଳଦୀ, ପାଣି ଏବଂ ଲୁଣ ପକାଇ ବ୍ରେଡ୍ ପକାନ୍ତୁ। ବ୍ରେଡ୍ ପୂରା ଯେମିତି ପାଣି ଟାଣିନେବ। ବର୍ତ୍ତମାନ ପ୍ଲେଟ୍‌କୁ କାଢ଼ି ସେଥିରେ ଡାଳିମ୍ବ ମଞ୍ଜି, କିଛି ସେଓ ଗାଣ୍ଠିଆ ଏବଂ କଟାଯାଇଥିବା ଧନିଆପତ୍ର ପକାଇ ଗରମ ଗରମ ପରଷନ୍ତୁ।





# ଚମ୍ପାକଢ଼ି ପରି ଅଙ୍ଗୁଳି ଦିଶିବ

**ସୌନ୍ଦର୍ଯ୍ୟକଥା ଉଠିଲେ କେବଳ ମୁହଁ ନୁହେଁ, ହାତ ଓ ପାଦ ଅଙ୍ଗୁଳି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଥାଏ। ଦେଖାଯାଏ କିଛି ମହିଳାଙ୍କର ଆଙ୍ଗୁଠି କଳାପଡିଯାଏ । ଏହାକୁ ଦୂର କରିବା ପାଇଁ ସେମାନେ ପାର୍ଲର ଯାଇଥାନ୍ତି କିମ୍ବା ଦାମୀ କ୍ରିମ୍ ଆଣି ବ୍ୟବହାର କରିଥାନ୍ତି । କିନ୍ତୁ ଏପରି ସାମାନ୍ୟ ସମସ୍ୟାକୁ ଆପଣ ଘରେ ବସି ଆରାମରେ ଦୂର କରିପାରିବେ ।**

√ କ୍ଷୀରରୁ ପ୍ରସ୍ତୁତ ମଲେଇରେ ତ୍ୱଚାର ରଙ୍ଗ ସଫା କରିବାର ଗୁଣ ଥାଏ । ଯଦି ଆପଣଙ୍କର ଆଙ୍ଗୁଠି କଳା ହୋଇଛି ତେବେ ଅଳ୍ପ ମଲେଇ ଲଗାଇ ୧୦ ମିନିଟ ପରେ ଉଷୁମ ପାଣିରେ ହାତ ଧୋଇଦେବେ । ଏହି ପ୍ରାକୃତିକ ସାମଗ୍ରୀକୁ ପ୍ରତିଦିନ ବ୍ୟବହାର କରିପାରିବେ ।

√ ଲେମ୍ବୁରେ ବ୍ଲିଚିଙ୍ଗ ଏଜେଣ୍ଟ ରହିଥାଏ ଯାହା ତ୍ୱଚାରେ ଚମକ ଆଣିଥାଏ । ୨-୩ ଚାମଚ ଲେମ୍ବୁ ରସରେ ଅଳ୍ପ ଉଷୁମ ପାଣି ମିଶାଇ ହାତକୁ ୧୫ ମିନିଟ ପର୍ଯ୍ୟନ୍ତ ସେହି ପାଣି ବୁଡାଇ ରଖନ୍ତୁ । ପରେ ହାତକୁ ହାଲକା ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

√ଏହି ତେଲରେ ଉଭୟ ସ୍କିନ୍ ହ୍ୱାଇଟନିଙ୍ଗ ଏବଂ ନରିଶିଙ୍ଗ ପ୍ରପଟି ରହିଥାଏ ଯାହା ତ୍ୱଚାର ରଙ୍ଗରେ ଚମକ ଆଣିଥାଏ । ଭିଟାମିନ ଇ କ୍ୟାପସୁଲକୁ ନିଜ ଆଙ୍ଗୁଠିରେ ରଗଡ଼ନ୍ତୁ ଏବଂ ୧୦ ମିନିଟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

√ ଆଙ୍ଗୁଠିରେ ଦହି ଲଗାଇ ୨୦ ମିନିଟ ପର୍ଯ୍ୟନ୍ତ ରଖନ୍ତୁ । ପରେ ଥଣ୍ଡା ପାଣିରେ ହାତ ଧୋଇ ଦିଅନ୍ତୁ । ସପ୍ତାହକୁ ୪-୫ ଥର ଏପରି କରନ୍ତୁ ।

√ ବାଦାମ ତେଲକୁ ଗୋଲାପ ଜଳ ସହ ମିଶ୍ରଣ କରନ୍ତୁ । ପରେ ଏହି ପେଷ୍ଟକୁ ଆଙ୍ଗୁଠିରେ ଲଗାଇ କିଛି ସମୟ ପର୍ଯ୍ୟନ୍ତ ରଖନ୍ତୁ । ପରେ ଗରମ ପାଣିରେ ହାତ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହି ପେଷ୍ଟର ବ୍ୟବହାର କରନ୍ତୁ ।

√ ବେକିଙ୍ଗ ସୋଡାରେ ଆଷ୍ଟ୍ରିଜେଣ୍ଟ ରହିଛି । ଏକ ପାତ୍ରରେ ଗରମ ପାଣି ନେଇ ବେକିଙ୍ଗ ସୋଡା ପକାନ୍ତୁ ଏବଂ ସେଥିରେ ହାତକୁ ୧୫ ମିନିଟ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ପରେ ହାତକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

√ ଗ୍ଲିସେରିନ କଳାପଣ ଦୂର କରିପାରେ ସହାୟକ ହୋଇଥାଏ । ଏକ ପାତ୍ରରେ ଗରମ ପାଣି ନେଇ ସେଥିରେ ଅଧା ଚାମଚ ଗ୍ଲିସେରିନ ମିଶ୍ରଣ କରନ୍ତୁ ଏବଂ ସେହି ପାଣିରେ ୧୦ ମିନିଟ ପର୍ଯ୍ୟନ୍ତ ଆଙ୍ଗୁଠିକୁ ବୁଡାଇ ରଖନ୍ତୁ ।



# ଇଣ୍ଡିଆନଗ୍ୟାସ୍ ଏକ୍ସଚେଞ୍ଜ ଦକ୍ଷ ପରିଚାଳନା ଓ ଗ୍ୟାସ୍ ସେବା ସହିତ ପୂର୍ବ ଭାରତର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ

**ଭୁବନେଶ୍ୱର,(ବ୍ୟୁରୋ):** ନିରନ୍ତର ତଥା ଦକ୍ଷ ଶକ୍ତି ଦୃଶ୍ୟପଟ୍ଟ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମୁତାବକ, ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପ, ଇନ୍ଦ୍ରଧନୁଷ ପ୍ରାକୃତିକ ଗ୍ୟାସ ପାଇପଲାଇନ ପ୍ରକଳ୍ପ ପୂର୍ବ ଭାରତରେ ପ୍ରାକୃତିକ ଗ୍ୟାସ ବ୍ୟବହାରକୁ ପୂରଣ କରୁଛି ଯାହା ପୂର୍ବ ତଥା ଉତ୍ତର-ପୂର୍ବ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରୁଛି। ଓଡିଶାର ଧାମରା ଠାରେ ନିକଟରେ କାର୍ଯ୍ୟକ୍ଷମ ହୋଇଥିବା ଲିକ୍ୟୁଫାଇଡ୍ ନ୍ୟାଚୁରାଲ୍ ଗ୍ୟାସ (ଏଲଏନଜି) ଟର୍ମିନାଲ୍, ପୂର୍ବ ଭାରତର ଗ୍ୟାସ୍ ଚାହିଦା ପୂରଣ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ବିକାଶ କେବଳ ପରିଷ୍କାର ରନ୍ଧନ/ପରିବହନ ଇନ୍ଧନ ପାଇଁ ସୁବିଧା ପ୍ରଦାନ କରିବ ନାହିଁ ବରଂ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡିଶାର ଶିଳ୍ପଗୁଡିକ ପାଇଁ ପ୍ରତିଯୋଗିତାମୂଳକ ମୂଲ୍ୟରେ ପ୍ରାକୃତିକ ଗ୍ୟାସ କ୍ରୟ ପାଇଁ ଏକ ମହତ୍ ସୁଯୋଗ ପ୍ରଦାନ କରିବ । ପିଏନଜିଆରବି ନିୟମାବଳୀ ଅନୁଯାୟୀ ୫୦,୦୦୦ ଏସସିଏମଡ଼ି ଥିବା ଗ୍ରାହକମାନେ ସିଧାସଳଖ ପ୍ରାକୃତିକ ଗ୍ୟାସ ଟ୍ରାନ୍ସମିସନ ନେଟୱାର୍କ ସହିତ ସଂଯୋଗ କରିପାରିବେ ଏବଂ ତେଲ ଓ କୋଇଲା ପରି ପ୍ରଦୂଷିତ ଇନ୍ଧନକୁ ପ୍ରାକୃତିକ ଗ୍ୟାସ ସହିତ ବଦଳାଇ ପାରିବେ। ଏହିପରି ଗ୍ରାହକମାନେ ପ୍ରତିଯୋଗିତାମୂଳକ ମୂଲ୍ୟରେ ବଜାର / ଗ୍ୟାସ୍-ଏକ୍ସଚେରୁ ସିଧାସଳଖ ଗ୍ୟାସ୍ କିଣିବାର ଲାଭ ଉପଭୋଗ କରିବେ । ପ୍ରାକୃତିକ ଗ୍ୟାସର ବ୍ୟବହାର ଦେଶକୁ କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବାରେ ଏବଂ ବିଶେଷକରି ଅଧିକ ପ୍ରଦୂଷଣସ୍ତର ଥିବା ସହରାଂଚଳରେ ବାୟୁ ଗୁଣବତ୍ତା ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଦକ୍ଷ ଏବଂ ସୁବିଧାଜନକ ଟ୍ରେଡିଂ ଦ୍ୱାରା ପ୍ରାକୃତିକ ଗ୍ୟାସର ବିନିଯୋଗକୁ ବଢାଇବା ପାଇଁ, ଇଣ୍ଡିଆନଗ୍ୟାସ୍ ଏକ୍ସଚେ (ଆଇଜିଏକ୍ସ) ପରି ପ୍ଲାଟଫର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଗ୍ରାହକ ମାନେ ଆଇଜିଏକ୍ସକୁ ଚୟନ କରିବା ଦ୍ୱାରା ଅନେକ ସୁବିଧା ଉପଭୋଗ କରିଥାନ୍ତି, ଯେପରିକି ଉପଯୁକ୍ତ ମୂଲ୍ୟ, ଏକାଧିକ କ୍ରେତା/ ବିକ୍ରେତା, ପ୍ରତିଯୋଗିତାପୂର୍ଣ୍ଣ ବଜାର ପରିବେଶ, ଦରକାର ଅନୁଯାୟୀ ଯୋଗାଣ ସମୟ ସୀମା, ଦକ୍ଷ ଏବଂ ବିସ୍ତାରିତ ବଜାର । ଆଇଜିଏକ୍ସ ଦ୍ୱାରା ପ୍ରତିଯୋଗିତାମୂଳକ ଗ୍ୟାସ୍ ସେବା ପ୍ରଦାନ କରି ପୂର୍ବ ଭାରତର ଶିଳ୍ପଗୁଡିକ ପ୍ରାକୃତିକ ଗ୍ୟାସକୁ ନିଜର କରିପାରିବେ, ଯାହା ଦ୍ୱାରା କାର୍ବନ ଫୁଟପ୍ରିଣ୍ଟ ହ୍ରାସ ହେବା ସହ ଏକ ସ୍ୱଚ୍ଛ, ସ୍ଥାୟୀ ଶକ୍ତି-ଭବିଷ୍ୟତ ଗଠନ ହୋଇପାରିବ । ଏହା ସ୍ୱଚ୍ଛ ଶକ୍ତି ପାଇଁ ଭାରତର ପ୍ରତିବଦ୍ଧତା ସ୍ପଷ୍ଟ କରୁଛି, ଯାହା ୨୦୩୦ ସୁଦ୍ଧା ଶକ୍ତି-ମିଶ୍ରଣରେ ପ୍ରାକୃତିକ ଗ୍ୟାସର ଅଂଶ ୧୫ ପ୍ରତିଶତ ଲକ୍ଷ ଧାର୍ଯ୍ୟ କରାଯାଇଛି, ଯାହା ବର୍ତ୍ତମାନର ୬ ପ୍ରତିଶତରୁ ଯଥେଷ୍ଟ ବେଶୀ। ଭିତ୍ତିଭୂମି ସମସ୍ୟା ଗୁଡିକ ମଧ୍ୟରେ ଗତି କରି, ଭାରତ ପ୍ରାକୃତିକ ଗ୍ୟାସ୍ ପାଇପଲାଇନ ନେଟୱାର୍କକୁ ୨୨,୦୦୦ କିଲୋମିଟରକୁ ବୃଦ୍ଧି କରିଛି, ଏଲଏନଜି ପୁନଃଭରଣ କ୍ଷମତାକୁ ୪୭.୭ ଏମଏମଟିପିଏକୁ ବୃଦ୍ଧି କରିଛି ଏବଂ ସିଟି ଗ୍ୟାସ୍ ଡ଼ିସଟ୍ରିବ୍ୟୁସନରେ ପ୍ରାୟ ସମ୍ପୂର୍ଣ୍ଣ ଦେଶବ୍ୟାପୀ କଭରେଜ୍ ହାସଲ କରିଛି (ପ୍ରାୟ ୯୮%) ।

# ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ବ୍ୟାଙ୍କିଙ୍ଗ୍ ସହବନ୍ଧିତ



**ଭୁବନେଶ୍ୱର,(ବ୍ୟୁରୋ):** ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍‌ଏଫ୍‌ବିଏଲ୍) ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ବ୍ୟାଙ୍କିଙ୍ଗ୍ ପକ୍ଷରୁ ଏକ ଅଭିନବ ପ୍ରୋବେସ୍‌ନାରୀ ଅଫିସର ପ୍ରୋଗ୍ରାମ ଉପରେ ସେମାନଙ୍କର ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ହେଉଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ବ୍ୟାଙ୍କିଙ୍ଗ୍ ସହ ସହଭାଗିତାରେ ଏକ ପଦକ୍ଷେପ ଯାହା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବ ପ୍ରତିଭାମାନଙ୍କୁ ନିଯୁକ୍ତ କରିବା ଓ ସେମାନଙ୍କୁ ସଫଳ ବ୍ୟାଙ୍କର ଭାବେ ରୂପା'ର କରିବାକୁ ଲକ୍ଷ୍ୟ ରଖିଛି। ୟୁଏସ୍‌ଏଫ୍‌ବିଏଲ୍ ସେମାନଙ୍କୁ ବ୍ରାଂଚ ପରିଚାଳନା, ବ୍ୟାଙ୍କିଙ୍ଗ ପ୍ରଡକ୍ଟ, ସେଲ୍ସ, କ୍ରେଡିଟ, କଷ୍ଟମର ସର୍ଭିସ୍ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଦୈନନ୍ଦିନ ବ୍ୟାଙ୍କିଙ୍ଗ୍ କାର୍ଯ୍ୟ କ୍ଷେତ୍ରରେ ଜ୍ଞାନ ଓ ଦକ୍ଷତା ଅନ୍ତର୍ଭୁକ୍ତ ଥିବା ଏକ ବିସ୍ତୃତ ପ୍ରୋଗ୍ରାମ ପ୍ରଦାନ କରିବ। ପ୍ରୋଗ୍ରାମ ସମ୍ପୂର୍ଣ୍ଣ କରିଥିବା ସଫଳ ପ୍ରାର୍ଥୀମାନଙ୍କୁ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ସାର୍ଟିଫିକେଟ ସହିତ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ ପୂର୍ଣ୍ଣକାଳିନ ନିଯୁକ୍ତି ସୁଯୋଗ ଦିଆଯିବ। ଏହି ସହଭାଗିତା ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ଓ ସିଇଓ ଗୋବିନ୍ଦ ସିଂହ କହିଛନ୍ତି, 'ଉତ୍କର୍ଷ ପ୍ରୋବେସନାରୀ ଅଫିସର ପ୍ରୋଗ୍ରାମ ହେଉଛି ଏକ ଅଭିଯାନ ଯାହା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବ ପ୍ରତିଭାମାନଙ୍କୁ ନିଯୁକ୍ତ କରିବ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ବ୍ୟାଙ୍କିଙ୍ଗ ସହ ଆମର ସହଭାଗିତା, ବ୍ୟାଙ୍କରମାନଙ୍କୁ ଦକ୍ଷ କରିବା ଏବଂ ଭାରତରେ ବ୍ୟାଙ୍କିଂ କ୍ଷେତ୍ରର ବିକାଶରେ ଯୋଗଦାନ ଦେବା ପ୍ରତି ଆମ ପ୍ରତିବଦ୍ଧତାର ଏକ ପ୍ରମାଣ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ବ୍ୟାଙ୍କିଙ୍ଗ୍‌ର ଏମଡି ଏବଂ ସିଇଓ ଗୁରସିମ୍ରନ ସିଂ କହିଛନ୍ତି, 'ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏକ ଟାଲେଂଟ ପୁଲ ନିର୍ମାଣ ପାଇଁ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ସହଭାଗିତା କରିବା ଯୁବପିଢିଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ଏକ ବର୍ଷର ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା , ପୂର୍ଣ୍ଣକାଳିନ ନିଯୁକ୍ତି ସହ ମିଳିତ ହୋଇ ରହିଛି ଯାହା ଶିକ୍ଷା ଓ କ୍ୟାରିୟର ବିକାଶ ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ନିଶ୍ଚିତ କରୁଛି।' ଏହି ପ୍ରୋଗ୍ରାମ ଆବାସିକ ଇନ୍-କ୍ୟାମ୍ପସ ଏକ୍ସପୋଜର, ଅନ୍-ଦ-ଜବ୍ ଟ୍ରେନିଂ, ବ୍ୟାଙ୍କିଂ ଓ ଫାଇନାନ୍ସରେ ଅନ୍‌ଲାଇନ୍ ୱିକେଣ୍ଡ କ୍ଲାସ୍ ଆଦି ସାମିଲ ଥିବା ଏକ ବର୍ଷର ଟ୍ରେନିଙ୍ଗ ପ୍ରଦାନ କରୁଛି। ସଫଳ ପ୍ରାର୍ଥୀମାନେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ ପ୍ରୋବେସ୍‌ନାରୀ ଅଫିସର ଭାବେ କାର୍ଯ୍ୟ କରିବେ।

# 'ଓଲ୍‌ଡ ବ୍ରିଜ୍ ଫୋକସଡ୍ ଇକ୍ୱିଟି ଫଣ୍ଡ୍'ର ଏନ୍‌ଏଫ୍‌ଓ ଶୁଭାରମ୍ଭ

**ଭୁବନେଶ୍ୱର,(ବ୍ୟୁରୋ):** ଓଲ୍‌ଡ ବ୍ରିଜ୍ କ୍ୟାପିଟାଲ୍ ମ୍ୟାନେଜମେଂଟ୍ ପ୍ରାଇଭେଟ୍ ଲିମିଟେଡ୍‌ର ସଂସ୍ଥା ଓଲ୍‌ଡ ବ୍ରିଜ୍ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ଏହାର ପ୍ରଥମ ଇକ୍ୱିଟି ଫଣ୍ଡ୍‌ର ନୂଆ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ଘୋଷଣା କରାଯାଇଛି। ଓଲ୍‌ଡ ବ୍ରିଜ୍ ଫୋକସଡ୍ ଇକ୍ୱିଟି ଫଣ୍ଡ୍ ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ଫଣ୍ଡ୍ ସ୍କିମ୍ ଯେଉଁଥିରେ ୩୦ଟି ମଲ୍‌ଟି କ୍ୟାପ୍ ଷ୍ଟକ୍‌ରେ ପାଣ୍ଠିକୁ ନିବେଶ କରାଯିବ। ଅତି ଯତ୍ନର ସହ ଚୟନ କରାଯାଇଥିବା କଂପାନିଗୁଡ଼ିକର ଅଭିବୃଦ୍ଧି ସମ୍ଭାବନାରେ ଅଂଶଗ୍ରହଣ କରିବାକୁ ଏହା ନିବେଶକମାନଙ୍କୁ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରିବ। ଏହି ସ୍କିମ୍‌ର ଏନ୍‌ଏଫ୍‌ଓ ୨୦୨୪ ଜାନୁଆରି ୧୭ରେ ଖୋଲିବ ଏବଂ ଜାନୁଆରି ୧୯ରେ ବନ୍ଦ ହେବ। ନିବେଶକମାନେ ଏସ୍‌ଆଇପି ଜରିଆରେ ସର୍ବନିମ୍ନ ୨୫୦୦ ଟଙ୍କାର ନିବେଶ କରି ଏଥିରେ ଅଂଶଗ୍ରହଣ କରିପାରିବେ ଏବଂ ଏହା ପରେ ୧ ଟଙ୍କାର ଗୁଣିତକ ହିସାବରେ ତାହାକୁ ବଢ଼ାଇପାରିବେ। ଏଥିରେ ସର୍ବନିମ୍ନ ୫୦୦୦ ଟଙ୍କା ନିବେଶ କରିବାକୁ ପଡ଼ିବ। ଏହି ସ୍କିମ୍‌କୁ ଏସ୍‌ଆଣ୍ଡପି ବିଏସ୍‌ଇ ୫୦୦ ଟିଆର୍‌ଆଇରେ ବେଂଚ୍‌ମାର୍କ କରାଯିବ। ଏହି ପାଣ୍ଠିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିଭିନ୍ନ ବଜାର ପୁଞ୍ଜିକରଣ (ଯଥା ମିଡ୍ କ୍ୟାପ୍, ସ୍ମଲ୍ କ୍ୟାପ୍, ଲାର୍ଜ କ୍ୟାପ୍)ରେ ସର୍ବାଧିକ ୩୦ଟି ଷ୍ଟକରେ ରଣନୀତିକ ଭାବେ ନିବେଶ କରି ଦୀର୍ଘମିଆଦୀ ପୁଞ୍ଜି ବୃଦ୍ଧି ହାସଲ କରିବା। ଦୀର୍ଘକାଳୀନ ଫ୍ରାଚାଂଇଜ୍ ମୂଲ୍ୟ ଏବଂ ନିର'ର ଅଭିବୃଦ୍ଧି ସମ୍ଭାବନା ଥିବା ସ୍ଥାୟୀ ଅର୍ଥନୈତିକ ଭଶଲଶଭୂମି ଥିବା କମ୍ପାନୀଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରି ଏହି ମଲ୍ଟି-କ୍ୟାପ୍ ଆଭିମୁଖ୍ୟ ଦୀର୍ଘକାଳୀନ ପୁଞ୍ଜିକୁ ଚିହ୍ନଟ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଅଭିଜ୍ଞ ନିବେଶ ପେସାଦାର କେନେଥ ଆନ୍ଦ୍ରାଡ୍ ଏବଂ ଶ୍ରୀ ତରଙ୍ଗ ଅଗ୍ରୱାଲ ସେମାନଙ୍କର ମିଳିତ ଅଭିଜ୍ଞତା ଏବଂ ଦକ୍ଷତାକୁ ଉପଯୋଗ କରି ଗତିଶୀଳ ବଜାର ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏହି ପାଣ୍ଠି ପରିଚାଳନା କରିବେ।

# ୟୁସିସିଆଇ ଲେଡିଜ ଫୋରମ୍ ପକ୍ଷରୁ କମ୍ବଳ ବଂଟନ





**ଭୁବନେଶ୍ୱର,(ବ୍ୟୁରୋ):** ୟୁସିସିଆଇ ଲେଡିଜ ଫୋରମ ପକ୍ଷରୁ ପୁରୀ ଜିଲ୍ଲା ପିପିଲି ବ୍ଲକ୍ ମଙ୍ଗଳପୁର ପଂଚାୟତରେ ଶୀତବସ୍ତ୍ର ଓ ପୋଷାକ ବଣ୍ଟନ କରାଯାଇଛି। ଏହି ଅବସରରେ ଲେଡିଜ ଫୋରମର ସଦସ୍ୟାମାନେ ଗ୍ରାମର ଲୋକମାନଙ୍କୁ ଭେଟି ସେମାନଙ୍କ ସହ ବିଭିନ୍ନ ବିଷୟରେ କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଲେଡିଜ ଫୋରମର ସଭାପତି ପ୍ରଣତୀ ପରିଡ଼ା, ସମ୍ପାଦକ ଅର୍ଚ୍ଚନା ମଲ୍ଲ ଓ ବରିଷ୍ଠ ସଦସ୍ୟା ନମିତା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। 'ୟୁସିସିଆଇ ଲେଡିଜ ଫୋରମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ମଙ୍ଗଳପୁରରେ ହୋଇଥିବା ଶୀତବସ୍ତ୍ର ଓ ପୋଷାକ ବଂଟନ କାର୍ଯ୍ୟକ୍ରମ ଫଳରେ ଅନେକ ଲୋକ ଉପକୃତ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସମାଜର ପଛୁଆ ବର୍ଗର ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ କରିବୁ', କହିଛନ୍ତି ୟୁସିସିଆଇ ଲେଡିଜ ଫୋରମର ସଭାପତି ପ୍ରଣତୀ ପରିଡ଼ା। ଏହି ଅବସରରେ ଗ୍ରାମର ମହିଳାମାନଙ୍କ ସହିତ ମିଶି ଲେଡିଜ ଫୋରମର ସଦସ୍ୟାମାନେ ଅର୍ପଣ ରଥରେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ।

# ସୋନାଲିକାର ପ୍ରିମିୟମ ଟ୍ରାକ୍ଟର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡିର ଶୁଭାରମ୍ଭ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ, କୃଷି ଓଡିଶା ପ୍ରଦର୍ଶନୀ ୨୦୨୪ ସମୟରେ ନିଜର ୫ଟି ଅତ୍ୟାଧୁନିକ ଟେକ୍ନୋଲୋଜି ବିଶିଷ୍ଟ ଟ୍ରାକ୍ଟର ଓ ଅତ୍ୟାଧୁନିକ ପ୍ରୟୋଗ ମାଧ୍ୟମରେ ନିଜର ଶକ୍ତିଶାଳୀ ଉପସ୍ଥିତିର ଅନୁଭବ ପ୍ରଦାନ କରିଛି। ଏହି ପ୍ରଦର୍ଶନୀରେ କମ୍ପାନୀ ପକ୍ଷରୁ ସୋନାଲିକା ଟାଇଗର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡି ପ୍ରିମିୟମ ଟ୍ରାକ୍ଟର ଶୁଭାରମ୍ଭ କରାଯାଇଥିଲା ଯାହାକୁ ୟୁରୋପରେ ଡିଜାଇନ କରାଯାଇଛି ଏବଂ ଏହା ଉନ୍ନତ କୃଷି ଫଳାଫଳ ପାଇଁ ଅସାଧାରଣ ବୈଶିଷ୍ଟ୍ୟଗୁଡିକରେ ସୁସଜ୍ଜିତ ରହିଛି। କମ୍ପାନୀ ପକ୍ଷରୁ ଏଠାରେ ବିଭିନ୍ନ ହେଭି ଡ୍ୟୁଟି ଟ୍ରାକ୍ଟର ଯେପରିକି ସୋନାଲିକା ଡିଆଇ ୭୪୫ ଆଇଆଇଆଇ ୪ଡବ୍ଲ୍ୟୁଡି ସହ ୧୨ଏଫ୍+୩ଆର୍ ଟ୍ରାନ୍ସମିଶନ, ଟାଇଗର ଡିଆଇ ୫୦ ୪ଡବ୍ଲ୍ୟୁଡି ସହିତ ୧୨ଏଫ୍+୩ଆର୍ ଟ୍ରାନ୍ସମିଶନ, ସୋନାଲିକା ଆର୍‌ଏକ୍ସ ୪୨ ଡିଏଲ୍‌ଏକ୍ସ ପାୱାର ପ୍ଲସ୍ ସହିତ ଆଡ୍‌ଭାନ୍ସଡ୍ ଟାଇଗର ଡିଆଇ ୫୫ ସିଆର୍‌ଡିଏସ୍ ୪ଡବ୍ଲ୍ୟୁଡି ଟ୍ରାକ୍ଟର ଆଦି ପ୍ରଦର୍ଶନ କରାଯାଇଥିଲା। କମ୍ପାନୀ ଏଠାରେ ଚ୍ୟାଲେର ଏଚ୍‌ଡି ରୋଟାଭେଟର ଓ ପ୍ରାଇମା ରୋଟାଭେଟର ଭଳି ବୈପ୍ଳବିକ ଶୃଙ୍ଖଳାର ପ୍ରୟୋଗ ଉପକରଣଗୁଡିକୁ ପ୍ରଦର୍ଶିତ କରିଥିଲା। ନୂଆ ସୋନାଲିକା ଟାଇଗର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡି ହେଉଛି 'ଗ୍ଲୋବାଲ କିଙ୍ଗ ଅଫ୍ ଆଗ୍ରି' କାରଣ ଏହା ଏକ ଶକ୍ତିଶାଳୀ ୩-ସିଲିଣ୍ଡର ୩୫୩୨ ସିସି ଇନ ଦ୍ୱାରା ସୁସଜ୍ଜିତ ରହିଛି ଯାହା ୨୩୫ ଏନ୍‌ଏମ୍‌ର ସର୍ବାଧିକ ଟର୍କ ଓ ୨୨୦୦ କେଜିର ଆଡ୍‌ଭାନ୍ସଡ୍ ୫ଜି ହାଇଡ୍ରୋଲିକ କ୍ଷମତା ପ୍ରଦାନ କରୁଛି। ଏହା ୧୨ଏଫ୍+୩ଆର୍ କନ୍‌ଷ୍ଟାଂଟ୍ ମେଶ୍, ସାଇଡ୍ ସିଫ୍ଟ ଟ୍ରାନ୍ସମିଶନ, ଆଇ ଲଗ୍ ଟାୟାର ଓ ଗ୍ଲୋବାଲ ପିଟିଓ ସହ ସ୍ୱାଧୀନ କ୍ଲଚ୍ ଭଳି ଆଧୁନିକ ଟେକ୍ନୋଲୋଜି ସହିତ ଆସୁଛି। ବହୁଳ ଭାବେ ପ୍ରଶଂସିତ ଟାଇଗର ଡିଆଇ ୫୫ ସିଆର୍‌ଡିଏସ୍ ପରିବେଶ ଅନୁକୂଳ, ଟ୍ରେମ ଷ୍ଟେଜ୍ ଆଇଭି କମ୍ପ୍ଲିଆଂଟ୍ ଟ୍ରାକ୍ଟର ଅଟେ ଯାହାକୁ ୩ଟି ମୋଟ୍- ପାୱାର ମୋଡ୍, ନର୍ମାଲ ମୋଡ୍ ଓ ଇକୋ ମୋଡ୍ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।ଏହି ଶୁଭାରମ୍ଭ ଅବସରରେ ସୋନାଲିକା ଟ୍ରାକ୍ଟର୍ସର ସେଲ୍‌ସ ଓ ମାର୍କେଟିଂ ବିଭାଗର ମୁଖ୍ୟ ଏବଂ ଅଧ୍ୟକ୍ଷ ବିବେକ ଗୋୟଲ କହିଛନ୍ତି, 'କୃଷି ଓଡିଶା ହେଉଛି ଏକ ବିଶାଳ କାର୍ଯ୍ୟକ୍ରମ ଯାହା



ଆମକୁ ଓଡିଶାରେ ଆମର ହେଭି ଡ୍ୟୁଟି ଟ୍ରାକ୍ଟର ଓ କୃଷି ଉପକରଣଗୁଡିକୁ ପ୍ରଦର୍ଶିତ କରିବା ଲାଗି ବଡ ସୁଯୋଗ ପ୍ରଦାନ କରିଛି। ଆମେ ଆମର ନୂଆ ଓ ଆଧୁନିକ ସୋନାଲିକା ଟାଇଗର ଡିଆଇ ଆଇଆଇଆଇ ୪ଡବ୍ଲ୍ୟୁଡି ଟ୍ରାକ୍ଟରକୁ ଲଂଚ୍ କରି ଖୁବ୍ ଉତ୍ସାହିତ ଅଛୁ। ' ସେହିପରି କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ଓ ଡିଭିଜନାଲ ବିଜ୍‌ନେଓ ହେଡ୍ ବିଏନ୍ ପାଣ୍ଡେ କହିଛନ୍ତି, 'କୃଷି ଓଡିଶା ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଆକର୍ଷିତ କରିଛି ଏବଂ କୃଷକମାନଙ୍କୁ ନୂତନ ଯୁଗର ଟେକ୍ନୋଲୋଜି ସମ୍ପର୍କରେ ସଚେତନ କରିବା ପାଇଁ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଆମେ ଆମର ସିଆର୍‌ଡିଏସ୍ ଟେକ୍ନୋଲୋଜି ସହି ପ୍ରିମିୟମ ଟାଇଗର ଡିଆଇ ୫୫ ୪ଡବ୍ଲ୍ୟୁର ପ୍ରଦର୍ଶନ କରି ଖୁବ୍ ଆନନ୍ଦିତ। ଆମର ପ୍ରିମିୟମ ଟାଇଗର ସିରିଜ୍‌କୁ ନେଇ କୃଷକମାନେ ଜିଜ୍ଞାସୁ ହେଉଥିବା ଦେଖିବା ହୃଦୟସ୍ପର୍ଶୀ ଅଟେ। ନିଜର ମତାମତ ବ୍ୟକ୍ତ କରି ସୋନାଲିକା ଟ୍ରାକ୍ଟର୍ସର ବରିଷ୍ଠ ରାଜ୍ୟ ମୁଖ୍ୟ ବିବେକ କୁମାର ବାଜପେୟୀ କହିଛନ୍ତି, 'ଆମର ଟିମ୍ ଓଡିଶା କୃଷକମାନଙ୍କୁ ଦୈନନ୍ଦିନ କୃଷି ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନଙ୍କ ସହ ମିଶି କାର୍ଯ୍ୟ କରିଥାଏ। କୃଷକଙ୍କ ନିକଟତର ହେବା ପାଇଁ ଆମେ ଏକ ବିସ୍ତୃତ ଡିଲରସିପ୍ ନେଟ୍‌ୱର୍କର ପରିଚାଳନା କରୁଛୁ। ଆମର ହେଭି ଡ୍ୟୁଟି ଟ୍ରାକ୍ଟର ରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ସମ୍ପୂର୍ଣ୍ଣ କଷ୍ଟମାଇଜ୍‌ଡ ଅଟେ।'

# ବରୋଦା କିସାନ୍ ପଖୱାଡ଼ାର ୬ଷ୍ଠ ସଂସ୍କରଣ ସମାପ୍ତ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା (ବ୍ୟାଙ୍କ) କୃଷକଙ୍କ ସହିତ ବ୍ୟାଙ୍କର ବାର୍ଷିକ ଯୋଗାଯୋଗ କାର୍ଯ୍ୟକ୍ରମ ବରୋଦା କିସାନ୍ ପଖୱାଡ଼ାର ୬ଷ୍ଠ ସଂସ୍କରଣ ସଫଳତାର ସହିତ ଶେଷ କରିଛନ୍ତି। କୃଷି ମହୋତ୍ସବ ସମୟରେ ବ୍ୟାଙ୍କ ଦେଶର ୪୬୫,୦୦୦ ଠାରୁ ଅଧିକ କୃଷକଙ୍କ ସହିତ ଯୋଗାଯୋଗ କରିଥିଲା ଏବଂ ସମୁଦାୟ ୨୨୦୦ କୋଟି ଟଙ୍କାରୁ ଅଧିକ ଋଣ ମୁର କରିଛି। ବ୍ୟାଙ୍କର ସମଗ୍ର ଦେଶରେ ଅର୍ଦ୍ଧ ସହରାଂଚଳ ଏବଂ ଗ୍ରାମୀଣ ଶାଖା ଗୁଡ଼ିକର ନେଟୱାର୍କ ଯାହା ମୁଖ୍ୟତଃ କୃଷି ଗ୍ରାହକମାନଙ୍କୁ ସେବା ପ୍ରଦାନ କରିଥାଏ ଏବଂ କେତେକ ମେଟ୍ରୋ ଏବଂ ସହରାଂଚଳ ଶାଖା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲା ଏବଂ ବ୍ୟାଙ୍କ ପନ୍ଦର ଦିନ ମଧ୍ୟରେ ଅନେକ କୃଷକ ସଭା, ଚୌପାଲ୍, କିଷାନ୍ ମେଳା ଓ ସ୍ୱାସ୍ଥ୍ୟ ଶିବିର (ମାଟି, ପଶୁ ଓ କୃଷକମାନଙ୍କ ପାଇଁ) ଆୟୋଜନ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଜୟ କେ ଖୁରାନା କହିଛନ୍ତି ଯେ ବରୋଦା କିଷାନ୍ ପଖୱାଡ଼ାର ଷଷ୍ଠ ସଂସ୍କରଣ ସଫଳ ସମାପନ ଘୋଷଣା କରି ଆମେ ଆନନ୍ଦିତ। ଏକ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ ଭାବରେ ବ୍ୟାଙ୍କ ଅଫ୍ ବରୋଦା ଏକ ବିବିଧ ଅଫର ଏବଂ ଭାରତୀୟ କୃଷକ ସମୁଦାୟକୁ ଉନ୍ନତ ସେବା ଯୋଗାଇବା ପାଇଁ କୃଷି ଋଣ ବୃଦ୍ଧି ନିମନ୍ତେ ପ୍ରତିଶ୍ରୁତିବଦ୍ଧତା ସହିତ ଏକ ସୁଦୃଢ଼ କୃଷି ଅର୍ଥନୀତିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟରେ ଦୃଢ଼ ରହିଛି। କୃଷକ ଗୋଷ୍ଠୀର ହିତ ପାଇଁ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ପ୍ରଦାନ କରାଯାଉଥିବା କୃଷି ଉତ୍ପାଦ, ଯୋଜନା/ ଅଫର ଏବଂ ଡେଲିଭରି ଚ୍ୟାନେଲ୍ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ 'ଘର ଘର କେସିସି ଅଭିଯାନ' ନାମରେ କିଷାନ୍ କ୍ରେଡିଟ୍ କାର୍ଡ଼ ଡ୍ରାଇଭ୍ ଭଳି ବିଭିନ୍ନ ପଦକ୍ଷେପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାଙ୍କ କୃଷକମାନଙ୍କ ନିକଟରେ ପହଂଚିଥିଲେ। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଆତ୍ମନିର୍ଭର ଭାରତ ଯୋଜନା ଯଥା କୃଷି ଭିତିଭୂମି ପାଣ୍ଠି (ଏଆଇଏଫ୍), ପଶୁପାଳନ ଭିତିଭୂମି ବିକାଶ ପାଣ୍ଠି (ଏଚଏଚଆଇଡିଏଫ୍), ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମଏମଏସୱାଇ), ମାଇକ୍ରୋ ଫୁଡ୍ ପ୍ରସେସିଂ ଏଂଟରପ୍ରାଇଜ୍ ସ୍କିମ୍ (ପିଏମ-ଏଫଏମଇ) ର ପିଏମ୍ ଫର୍ମାଲାଇଜେସନ ଇତ୍ୟାଦିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିଥିଲା।

# ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଂଟନ




**ଖୋର୍ଦ୍ଧା,(ବ୍ୟୁରୋ):** ପ୍ରତାପରୁଦ୍ରପୁର ଗ୍ରାମପଂଚାୟତ ଅନ୍ତର୍ଗତ ବେତେଣ୍ଡା ଗ୍ରାମରେ ଚରକ ଇନଷ୍ଟିଚ୍ୟୁଟ୍ ଅଫ ଯୋଗା ଟ୍ରଷ୍ଟ ପକ୍ଷରୁ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ବେତେଣ୍ଡା ଗ୍ରାମରେ ଥିବା ଶିବ ମନ୍ଦିର ପ୍ରାଙ୍ଗଣରେ ଉକ୍ତ କମ୍ବଳ ବଂଟନ କରାଯିବା ସହ ଶୁଖିଲା ଖାଦ୍ୟ ମଧ୍ୟ ବଂଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି କମ୍ବଳ ବଂଟନ ପ୍ରାୟ ୩୦ ଜଣ ବୃଦ୍ଧବଦ୍ଧାଙ୍କୁ ପ୍ରଦାନ କରାଯିବା ସହ ଏହିପରି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ଚରକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଯୋଗା ଟ୍ରଷ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଏହିପରି ସମାଜସେବାକୁ ଚରକ ଇନ୍‌ଷ୍ଟିଚ୍ୟୁଟ ଅ ଯୋଗା ଟ୍ରଷ୍ଟ ପକ୍ଷରୁ କରାଯାଉଥିବାରୁ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିବା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୀମାଞ୍ଜଳୀ ଜେନା, ଆଶାଦିଦି ରୀତା ଗୋଛାୟତ ଓ ଗ୍ରାମର ପ୍ରମୁଖ ବ୍ୟକ୍ତିମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି କମ୍ବଳ ବଂଟନକୁ ଚରକ ଇନଷ୍ଟିଚ୍ୟୁଟ ଅଫ୍ ଯୋଗା ଟ୍ରଷ୍ଟର ସଂପାଦକ ତଥା ଯୋଗ ଓ ପ୍ରାକୃତିକ ବୈଦ୍ୟଗୁରୁ ଡକ୍ଟର ଦିପକ ରଞ୍ଜନ ବେହେରା ଆୟୋଜନ କରିବା ସହ ପ୍ରସାଦ ଦେବନର କରାଯାଇଥିବା ଦେଖିବାକୁ ମିଳିଥିଲା।

# ବିଜେଇଏମ୍ ସ୍କୁଲର ୫୧ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

**ଭୁବନେଶ୍ୱର,(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରର ସ୍ୱନାମଧନ୍ୟ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ଓ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ବର୍ଷତମାମ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସି.ବି.ଏସ୍.ଇର ଆଞ୍ଚଳିକ ଅଫିସର୍ ଶ୍ରୀଯୁକ୍ତ କେ. ଶ୍ରୀନିବାସନ୍ ଯୋଗ ଦେଇ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହା ଦ୍ୱାରା ସମସ୍ତେ ସମ୍ମାନ ଓ ଅଧିକାରୀ ପାଇପାରିବେ ବୋଲି କହିବା ସହ ପିଲାମାନେ ନିଜ ସ୍ୱପ୍ନକୁ ସଫଳ କରିବାକୁ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଯୋଗ ଦେଇ ବିଦ୍ୟାଳୟର ୫୦ ବର୍ଷର କାର୍ଯ୍ୟପନ୍ଥାର ଆଲୋକପାତ ସହ ପିଲାଙ୍କ ନିମନ୍ତେ ରହିଥିବା





ସୁଯୋଗ ଦକ୍ଷତା ଦ୍ୱାରା, ସହଯୋଗ-ସହଭାଗିତାରେ ଏହାକୁ ଉଚ୍ଚତମ ସୋପାନରେ ପହଞ୍ଚାଯାଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପରିଚାଳକ ଶ୍ରୀଯୁକ୍ତ ପ୍ରତାପ କୁମାର ଜେନା ଯୋଗ ଦେଇ ପ୍ରତିଷ୍ଠାତା ସଦସ୍ୟମାନଙ୍କ ତ୍ୟାଗ ଓ ଉଦ୍ୟମ ଉପରେ ଆଲୋକପାତ କରିବା ସହ ବିଦ୍ୟାଳୟ ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କ କର୍ତ୍ତବ୍ୟପରାୟଣତାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଡଃ. ଅଶ୍ୱିନୀ କୁମାର ତିୱାରୀ, ବିଦ୍ୟାଳୟରେ ପ୍ରଦତ୍ତ ମୂଲ୍ୟବୋଧଯୁକ୍ତ ଆତ୍ମିକ, ମାନସିକ, ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ଉପପରିଚାଳକ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ନାୟକ ପିଲାମାନଙ୍କୁ ନିତିନିଷ୍ଠ, ପରିଶ୍ରମୀ ଓ ଆଦର୍ଶବାଦୀ ହେବାକୁ ଆହ୍ୱାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ମ୍ୟାଡାମ୍ ସନ୍ଧ୍ୟା ଜେନା ବିଦ୍ୟାଳୟର ସାମାଜିକ, ଶୈକ୍ଷିକ ଓ ଆନୁସଙ୍ଗିକ ଅବଦାନକୁ ଆଲୋକପାତ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଶ୍ରୀମତୀ ପଲ୍ଲବୀ ମହାପାତ୍ର ବିଦ୍ୟାଳୟର କୃତିତ୍ୱକୁ ଆଲୋଚନାପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଧାମୋହନ ଗ୍ରନ୍ଥାଗାରର ନାମକରଣ ଏବଂ ଓ' ଲିଟିଲ ଉଡ୍ ହଲ୍ ଉଦ୍‌ଘାଟିତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉପଲକ୍ଷେ ପୋଡ଼ ପିଠା କଟାଯାଇଥିଲା ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏଥିରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଗତ ୫୦ ବର୍ଷରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ନାଟକ "ଅଲୋଡ଼ା ସମ୍ପର୍କ" ଓ ପାଇକନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ପରିଚାଳନା କମିଟି ଓ ବି.ଜେ. ଏଜୁକେସନ୍ ସୋସାଇଟିର ସଦସ୍ୟବୃନ୍ଦ, ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ବରଦା ପ୍ରସାଦ ପାଇକରାୟ, ଶ୍ରୀମତୀ ଶିବାନୀ ପଟ୍ଟନାୟକ, ଶ୍ରୀମତୀ ସ୍ମିତା ମହାନ୍ତି, ଶ୍ରୀମତୀ ସୁଚରିତା ଦାସ, ଶିକ୍ଷକ ପ୍ରତିନିଧି ଶ୍ରୀଯୁକ୍ତ ଲକ୍ଷ୍ମୀଧର ମଲ୍ଲିକ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# କୃଷି ଓଡ଼ିଶା ୨୦୨୪ରେ ସୋନାଲିକାର ପ୍ରିମିୟମ ଟ୍ରାକ୍ଟର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡିର ଶୁଭାରମ୍ଭ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ, କୃଷି ଓଡିଶା ପ୍ରଦର୍ଶନୀ ୨୦୨୪ ସମୟରେ ନିଜର ୫ଟି ଅତ୍ୟାଧୁନିକ ଟେକ୍ନୋଲୋଜି ବିଶିଷ୍ଟ ଟ୍ରାକ୍ଟର ଓ ଅତ୍ୟାଧୁନିକ ପ୍ରୟୋଗ ମାଧ୍ୟମରେ ନିଜର ଶକ୍ତିଶାଳୀ ଉପସ୍ଥିତିର ଅନୁଭବ ପ୍ରଦାନ କରିଛି। ଏହି ପ୍ରଦର୍ଶନୀରେ କମ୍ପାନୀ ପକ୍ଷରୁ ସୋନାଲିକା ଟାଇଗର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡି ପ୍ରିମିୟମ ଟ୍ରାକ୍ଟର ଶୁଭାରମ୍ଭ କରାଯାଇଥିଲା ଯାହାକୁ ୟୁରୋପରେ ଡିଜାଇନ କରାଯାଇଛି ଏବଂ ଏହା ଉନ୍ନତ କୃଷି ଫଳାଫଳ ପାଇଁ ଅସାଧାରଣ ବୈଶିଷ୍ଟ୍ୟଗୁଡିକରେ ସୁସଜ୍ଜିତ ରହିଛି। କମ୍ପାନୀ ପକ୍ଷରୁ ଏଠାରେ ବିଭିନ୍ନ ହେଭି ଡ୍ୟୁଟି ଟ୍ରାକ୍ଟର ଯେପରିକି ସୋନାଲିକା ଡିଆଇ ୭୪୫ ଆଇଆଇଆଇ ୪ଡବ୍ଲ୍ୟୁଡି ସହ ୧୨ଏଫ୍+୩ଆର୍ ଟ୍ରାନ୍ସମିଶନ, ଟାଇଗର ଡିଆଇ ୫୦ ୪ଡବ୍ଲ୍ୟୁଡି ସହିତ ୧୨ଏଫ୍+୩ଆର୍ ଟ୍ରାନ୍ସମିଶନ, ସୋନାଲିକା ଆର୍‌ଏକ୍ସ ୪୨ ଡିଏଲ୍‌ଏକ୍ସ ପାୱାର ପ୍ଲସ୍ ସହିତ ଆଡ୍‌ଭାନ୍ସଡ୍ ଟାଇଗର ଡିଆଇ ୫୫ ସିଆର୍‌ଡିଏସ୍ ୪ଡବ୍ଲ୍ୟୁଡି ଟ୍ରାକ୍ଟର ଆଦି ପ୍ରଦର୍ଶନ କରାଯାଇଥିଲା। କମ୍ପାନୀ ଏଠାରେ ଚ୍ୟାଲେର ଏଚ୍‌ଡି ରୋଟାଭେଟର ଓ ପ୍ରାଇମା ରୋଟାଭେଟର ଭଳି ବୈପ୍ଳବିକ ଶୃଙ୍ଖଳାର ପ୍ରୟୋଗ ଉପକରଣଗୁଡିକୁ ପ୍ରଦର୍ଶିତ କରିଥିଲା। ନୂଆ ସୋନାଲିକା ଟାଇଗର ଡିଆଇ ୫୫ ଆଇଆଇଆଇ ୪ଡବ୍ଲ୍ୟୁଡି ହେଉଛି 'ଗ୍ଲୋବାଲ କିଙ୍ଗ ଅଫ୍ ଆଗ୍ରି' କାରଣ ଏହା ଏକ ଶକ୍ତିଶାଳୀ ୩-ସିଲିଣ୍ଡର ୩୫୩୨ ସିସି ଇନ ଦ୍ୱାରା ସୁସଜ୍ଜିତ



ରହିଛି ଯାହା ୨୩୫ ଏନ୍‌ଏମ୍‌ର ସର୍ବାଧିକ ଟର୍କ ଓ ୨୨୦୦ କେଜିର ଆଡ୍‌ଭାନ୍ସଡ୍ ୫ଜି ହାଇଡ୍ରୋଲିକ କ୍ଷମତା ପ୍ରଦାନ କରୁଛି। ଏହା ୧୨ଏଫ୍+୩ଆର୍ କନ୍‌ଷ୍ଟାଂଟ୍ ମେଶ୍, ସାଇଡ୍ ସିଫ୍ଟ ଟ୍ରାନ୍ସମିଶନ, ଆଇ ଲଗ୍ ଟାୟାର ଓ ଗ୍ଲୋବାଲ ପିଟିଓ ସହ ସ୍ୱାଧୀନ କ୍ଲଚ୍ ଭଳି ଆଧୁନିକ ଟେକ୍ନୋଲୋଜି ସହିତ ଆସୁଛି। ବହୁଳ ଭାବେ ପ୍ରଶଂସିତ ଟାଇଗର ଡିଆଇ ୫୫ ସିଆର୍‌ଡିଏସ୍ ପରିବେଶ ଅନୁକୂଳ, ଟ୍ରେମ ଷ୍ଟେଜ୍ ଆଇଭି କମ୍ପ୍ଲିଆଂଟ୍ ଟ୍ରାକ୍ଟର ଅଟେ ଯାହାକୁ ୩ଟି ମୋଟ୍- ପାୱାର ମୋଡ୍, ନର୍ମାଲ ମୋଡ୍ ଓ ଇକୋ ମୋଡ୍ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଶୁଭାରମ୍ଭ ଅବସରରେ ସୋନାଲିକା ଟ୍ରାକ୍ଟର୍ସର ସେଲ୍‌ସ ଓ ମାର୍କେଟିଂ ବିଭାଗର ମୁଖ୍ୟ ଏବଂ ଅଧ୍ୟକ୍ଷ ବିବେକ ଗୋୟଲ କହିଛନ୍ତି, 'କୃଷି ଓଡିଶା ହେଉଛି ଏକ ବିଶାଳ କାର୍ଯ୍ୟକ୍ରମ ଯାହା ଆମକୁ ଓଡିଶାରେ ଆମର ହେଭି ଡ୍ୟୁଟି ଟ୍ରାକ୍ଟର ଓ କୃଷି ଉପକରଣଗୁଡିକୁ ପ୍ରଦର୍ଶିତ କରିବା ଲାଗି ବଡ ସୁଯୋଗ ପ୍ରଦାନ କରିଛି। ଆମେ ଆମର ନୂଆ ଓ ଆଧୁନିକ ସୋନାଲିକା ଟାଇଗର ଡିଆଇ ଆଇଆଇଆଇ ୪ଡବ୍ଲ୍ୟୁଡି ଟ୍ରାକ୍ଟରକୁ ଲଂଚ୍ କରି ଖୁବ୍ ଉତ୍ସାହିତ ଅଛୁ। ' ସେହିପରି କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ଓ ଡିଭିଜନାଲ ବିଜ୍‌ନେଓ ହେଡ୍ ବିଏନ୍ ପାଣ୍ଡେ କହିଛନ୍ତି, 'କୃଷି ଓଡିଶା ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଆକର୍ଷିତ କରିଛି ଏବଂ କୃଷକମାନଙ୍କୁ ନୂତନ ଯୁଗର ଟେକ୍ନୋଲୋଜି ସମ୍ପର୍କରେ ସଚେତନ କରିବା ପାଇଁ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଆମେ ଆମର ସିଆର୍‌ଡିଏସ୍ ଟେକ୍ନୋଲୋଜି ସହି ପ୍ରିମିୟମ ଟାଇଗର ଡିଆଇ ୫୫ ୪ଡବ୍ଲ୍ୟୁର ପ୍ରଦର୍ଶନ କରି ଖୁବ୍ ଆନନ୍ଦିତ। ଆମର ପ୍ରିମିୟମ ଟାଇଗର ସିରିଜ୍‌କୁ ନେଇ କୃଷକମାନେ ଜିଜ୍ଞାସୁ ହେଉଥିବା ଦେଖିବା ହୃଦୟସ୍ପର୍ଶୀ ଅଟେ। ନିଜର ମତାମତ ବ୍ୟକ୍ତ କରି ସୋନାଲିକା ଟ୍ରାକ୍ଟର୍ସର ବରିଷ୍ଠ ରାଜ୍ୟ ମୁଖ୍ୟ ବିବେକ କୁମାର ବାଜପେୟୀ କହିଛନ୍ତି, 'ଆମର ଟିମ୍ ଓଡିଶା କୃଷକମାନଙ୍କୁ ଦୈନନ୍ଦିନ କୃଷି ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନଙ୍କ ସହ ମିଶି କାର୍ଯ୍ୟ କରିଥାଏ। କୃଷକଙ୍କ ନିକଟତର ହେବା ପାଇଁ ଆମେ ଏକ ବିସ୍ତୃତ ଡିଲରସିପ୍ ନେଟ୍‌ୱର୍କର ପରିଚାଳନା କରୁଛୁ। ଆମର ହେଭି ଡ୍ୟୁଟି ଟ୍ରାକ୍ଟର ରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ସମ୍ପୂର୍ଣ୍ଣ କଷ୍ଟମାଇଜ୍‌ଡ ଅଟେ।'

## ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ମିଳିଲା ହତ୍ୟା ଧମକ



**ଚଣ୍ଡିଗଡ :** ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ଏଥର ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍‌ଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି । ଆତଙ୍କବାଦୀ ପନ୍ନୁ ଏକ ନୂତନ ଭିଡିଓ ଜାରି କରିଛନ୍ତି ଯେଉଁଥିରେ ସେ ପଞ୍ଜାବର ଗ୍ୟାଙ୍ଗଷ୍ଟରମାନଙ୍କୁ ତାଙ୍କ ସହ ଯୋଗାଯୋଗ କରିବାକୁ କହିଛନ୍ତି । ୨୬ ଜାନୁଆରୀରେ ଗଣତନ୍ତ୍ର ଦିବସରେ ମାହୋଲ ନଷ୍ଟ କରିବାକୁ ଖାଲିସ୍ତାନୀ ଆତଙ୍କବାଦୀ ଧମକ ଦେଇଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପଞ୍ଜାବ ପୋଲିସର ଉଦ୍ୟମକୁ ଖାଲିସ୍ତାନୀ ଆତଙ୍କବାଦୀ ସମାଲୋଚନା କରିଛନ୍ତି । ବାସ୍ତବରେ ପନ୍ନୁ ପଞ୍ଜାବରେ ହୋଇଥିବା ଏନକାଉଣ୍ଟର ବିଷୟରେ କହୁଥିଲେ । ଏହା ସହିତ ପନ୍ନୁ ପଞ୍ଜାବର ଗ୍ୟାଙ୍ଗଷ୍ଟରମାନଙ୍କୁ ଭିଡିଓରେ ତାଙ୍କ ସହ ଯୋଗାଯୋଗ କରିବାକୁ କହିଛନ୍ତି ।

## 'ଲେଟର ବମ' ଫୁଟାଇଲେ ସୁକେଶ ଚନ୍ଦ୍ରଶେଖର



**ନୂଆଦିଲ୍ଲୀ :** ପ୍ରାୟ ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଆଉ ଏକ ଲେଟର ବୋମା ଫିଙ୍ଗିଛନ୍ତି । ସୁକେଶ ଚନ୍ଦ୍ରଶେଖର ସିବିଆଇ ଏବଂ ଦିଲ୍ଲୀ ଏଲଜି ବା ଉପରାଜ୍ୟପାଳଙ୍କୁ ଏକ ଅଭିଯୋଗ ପତ୍ର ପଠାଇଛନ୍ତି । ଠକ ସୁକେଶ ତାଙ୍କ ଅଭିଯୋଗରେ କହିଛନ୍ତି ଯେ ସେ ସତ୍ୟେନ୍ଦ୍ର ଜୈନ, ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଡିଜି ତିହାର ସନ୍ଦୀପ ଗୋୟଲଙ୍କୁ ଲାଞ୍ଚ ପ୍ରଦାନ କରିଛନ୍ତି । ମହାଠକ ସୁକେଶ ଚନ୍ଦ୍ରଶେଖର ସିବିଆଇକୁ ଏକ ଚିଠି ଦେଇଛନ୍ତି ଯେଉଁଥିରେ ସତ୍ୟେନ୍ଦ୍ର ଜୈନ, ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଡିଜି ତିହାର ସନ୍ଦୀପ ଗୋୟଲଙ୍କ ବିରୋଧରେ ଅଭିଯୋଗ ରହିଛି । ଏଥିରେ ମାଷ୍ଟର ଠକ ସୁକେଶଙ୍କ ସହ ସତ୍ୟେନ୍ଦ୍ର ଜୈନଙ୍କ ବାର୍ତ୍ତାଳାପର ଚାଟ୍‌ର ତିନୋଟି ସ୍କ୍ରିନ ସଟ ଅନ୍ତର୍ଭୁକ୍ତ କରାଯାଇଛି । କେବଳ ଏତିକି ନୁହେଁ, ସୁକେଶ ଚନ୍ଦ୍ରଶେଖର ଦ୍ୱିତୀୟ ଅଭିଯୋଗ ପତ୍ର ଏଲଜି ବିନୟ କୁମାର ସାକ୍ସେନାଙ୍କୁ ପ୍ରଦାନ କରିଛନ୍ତି ଯେଉଁଥିରେ ସେ ତଦନ୍ତ ବିଷୟରେ କହିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ଦେଇଛନ୍ତି । ଏହାପୂର୍ବରୁ ସେ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଦିଲ୍ଲୀର ଏଲଜିରେ ଅଭିଯୋଗ କରିଥିଲେ । ଏହା ପରେ ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ ସାକ୍ସେନା ଅଭିଯୋଗକାରୀ ସୁକେଶ ଚନ୍ଦ୍ରଶେଖରଙ୍କ ଅଭିଯୋଗକୁ ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଥିଲେ । ଅର୍ଥ ହେରଫେର ତଥା ବିଭିନ୍ନ ଲୋକଙ୍କୁ ପ୍ରତାରଣା ଅଭିଯୋଗରେ ଚନ୍ଦ୍ରଶେଖର ଗତ ବର୍ଷ ଜୁଲାଇ ୮ରେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ ତାଙ୍କ ଓକିଲ ଅନନ୍ତ ମଲିକଙ୍କୁ ଧମକପୂର୍ଣ୍ଣ କଲ ଆସୁଛି ।

## ଆମେରିକାରେ ରେକର୍ଡ ଭାଙ୍ଗିଲା ବରଫଝଡ଼

**ୱାଶିଂଟନ୍ :** ଆମେରିକାରେ ଲାଗି ରହିଛି ଭୟଙ୍କର ବରଫ ଝଡ଼ । ସପ୍ତାହକ ଭିତରେ ୨୧ ଇଞ୍ଚରୁ ଅଧିକ ବରଫପାତ ହୋଇଛି । ଯାହା କି ୮୨ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛି । ଏହା ପୂର୍ବରୁ ୧୯୪୨ ମସିହାରେ ଏଭଳି ବରଫପାତ ହୋଇଥିଲା । ଖରାପ ପାଣିପାଗ ଯୋଗୁ ଦେଶର ପ୍ରାୟ ୭ କୋଟିରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଖରାପ ପାଗ ଯୋଗୁ ଏପର୍ଯ୍ୟନ୍ତ ୪,୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ ହୋଇଛି । ଅଢ଼େଇ ଲକ୍ଷରୁ ଅଧିକ ଘରେ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି । ଆମେରିକା ପାଣିପାଗ ବିଭାଗ ଅନୁମାନ କରିଛି ଯେ, ଏପରି ବରଫପାତ ଲାଗି ରହିଲେ ତାପମାତ୍ରା ବିଯୁକ୍ତ ୪୫ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ଖସିଯାଇପାରେ । ଆଗକୁ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ପ୍ରତିକୂଳ ପାଣିପାଗ ଯୋଗୁ ଏହି ଅଭିଯାନ ପ୍ରଭାବିତ ହୋଇଛି । ଏକାଧିକ ରାଜ୍ୟରେ ଜରୁରିକାଳୀନ ସ୍ଥିତି ଲାଗୁ କରାଯାଇଛି । ଉତ୍ତର ଆମେରିକା ଓ ପାସିଫିକ୍ ରିଜିନରୁ ଥଣ୍ଡା ପବନ ମାଡ଼ ହେବା ଯୋଗୁ ତାପମାତ୍ରା ହ୍ରାସ ପାଉଛି । ଫଳରେ ଭୀଷଣ ବରଫ ବର୍ଷା ହେଉଛି ।



## ଅଯୋଧ୍ୟାରେ ହେବ ଭାରତର ପ୍ରଥମ ନିରାମିଷ ୭ ତାରକା ହୋଟେଲ

**ଅଯୋଧ୍ୟା:** ମନ୍ଦିର ସହର ଅଯୋଧ୍ୟାରେ ଦେଶର ପ୍ରଥମ ୭ ତାରକା ବିଳାସପୂର୍ଣ୍ଣ ହୋଟେଲ ହେବାକୁ ଯାଉଛି, ଯେଉଁଠାରେ କେବଳ ନିରାମିଷ ଖାଦ୍ୟ ପରିବେଷଣ କରାଯିବ । ଏହି ସହରରେ ଆସନ୍ତା ସୋମବାର ଭବ୍ୟ ରାମମନ୍ଦିର ଉନ୍ମୋଚନ ହେବାକୁ ଯାଉଛି । ଅଯୋଧ୍ୟାରେ ମୁମ୍ବାଇର ଏକ ରିୟଲ ଇଷ୍ଟେଟ୍ କମ୍ପାନି ପକ୍ଷରୁ ଏହି ହୋଟେଲ ପ୍ରତିଷ୍ଠା କରାଯିବ । ଜାନୁଆରି ୨୨ରୁ କମ୍ପାନି ଦ୍ୱାରା ଏକ ଆବାସ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ ହେବ । ମନ୍ଦିର ଉଦ୍‌ଘାଟନ ପରେ ଏହାକୁ ଏକ ପ୍ରମୁଖ ହବ୍‌ରେ ପରିଣତ କରିବା ପାଇଁ ସହରରେ ହୋଟେଲ ଓ ହାଉସିଂ ପ୍ରୋଜେକ୍ଟ ସମେତ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ମୁମ୍ବାଇ, ଦିଲ୍ଲୀ ଏବଂ ଅନ୍ୟ ପ୍ରମୁଖ



ସହରକୁ ସଂଯୋଗ କରୁଥିବା ବିମାନ ସହିତ ଏକ ନୂତନ ବିମାନବନ୍ଦର ଏବଂ ସହରରେ ଏକ ନବୀକରଣ ହୋଇଥିବା ରେଳ ଷ୍ଟେସନ କାର୍ଯ୍ୟକରୁଛି । ଲକ୍ଷ୍ନୌରୁ ହେଲିକପ୍ଟର ସେବା ମଧ୍ୟ ଶୁକ୍ରବାରଠାରୁ ଆରମ୍ଭ ହେବ । ଅନ୍ୟପକ୍ଷରେ ସୁପରଷ୍ଟାର ଅମିତାଭ ବଚ୍ଚନ ମନ୍ଦିରଠାରୁ ଅଳ୍ପ ଦୂରରେ ଥିବା ଏକ ବିଳାସପୂର୍ଣ୍ଣ ଏନ୍‌କ୍ଲେଭ୍ 'ଦ ସରୟୁ'ରେ ଏକ ଜମି କିଣିଛନ୍ତି । ଯଦିଓ ମୁମ୍ବାଇର ଡେଭଲପର୍ ଅଭିନନ୍ଦନ ଲୋଧା ଏହି ପ୍ଲଟ୍‌ର ଆକାର ଏବଂ ମୂଲ୍ୟ ପ୍ରକାଶ କରିନାହାଁନ୍ତି, କିନ୍ତୁ ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୦,୦୦୦ ବର୍ଗଫୁଟ ଜମିର ମୂଲ୍ୟ ୧୪.୫ କୋଟି ଟଙ୍କା ହୋଇପାରେ । ଏହାବ୍ୟତୀତ ସରଯୁ ନଦୀ କୂଳରେ ଅନେକ ପଞ୍ଚତାରକା ହୋଟେଲ ନିର୍ମାଣ କରାଯିବ । ୧୧୦ ଜଣ ଛୋଟ ବଡ଼ ହୋଟେଲ ବ୍ୟବସାୟୀ ଅଯୋଧ୍ୟାରେ ଜମି କିଣି ସହରରେ ନିଜର ସୁବିଧା ସ୍ଥାପନ କରୁଛନ୍ତି । ଏଠାରେ ଏକ ସୋଲାର ପାର୍କ ମଧ୍ୟ ନିର୍ମାଣ କରାଯାଉଛି । ଅଯୋଧ୍ୟାକୁ ଏକ ସ୍ମାର୍ଟ ସିଟି ଭାବେ ବିକଶିତ କରାଯାଉଛି ବୋଲି ପୂର୍ବତନ ରାଜକୀୟ ତଥା ମନ୍ଦିର ଟ୍ରଷ୍ଟର ସଦସ୍ୟ ବିମଳେନ୍ଦ୍ର ମୋହନ ପ୍ରତାପ ମିଶ୍ର କହିଛନ୍ତି ।

## ଏଣିକି ବିମାନ ଉଡାଣରେ ବିଳମ୍ବ ହେଲେ ଯାତ୍ରୀଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇବେ ଏୟାରଲାଇନ୍ସ

**ନୂଆଦିଲ୍ଲୀ :** ଏଣିକି ବିମାନ ଉଡାଣରେ ବିଳମ୍ବ ହେଲେ ଯାତ୍ରୀଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇବେ ଏୟାରଲାଇନ୍ସ । ଇଣ୍ଡିଗୋ ବିମାନ ଘଟଣା ପରେ ଡିଜିସିଏ ପକ୍ଷରୁ ଏନେଇ ଏସଓପି ଜାରି କରାଯାଇଛି । ଉତ୍ତମ ଯୋଗାଯୋଗ ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଏଭଳି ଏସଓପି ଜାରି କରଯାଇଛି । ବିମାନ ଉଡାଣରେ ବିଳମ୍ବ ହେବାକୁ ଥିଲେ ତୁରନ୍ତ ଲୋକଙ୍କ ଅସୁବିଧା ନେଇ ସୂଚନା ଦେବାକୁ ଜାରି ହୋଇଥିବା ଏସଓପିରେ ନିର୍ଦ୍ଦେଶ ଦିଆଯାଇଛି । ବିମାନ ବିଳମ୍ବ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଯାତ୍ରୀଙ୍କୁ ଏସଏମଏସ କିମ୍ବା ଇମେଲ ଦ୍ୱାରା ଆଗୁଆ ସୂଚନା ଦିଆଯିବ । ବିମାନ ଉଡାଣରେ ବିଳମ୍ବ ହେଉଥିଲେ ବନ୍ଦରରେ ଅପେକ୍ଷାରତ ଯାତ୍ରୀଙ୍କୁ ଏୟାରଲାଇନ୍ସର କର୍ମଚାରୀମାନେ କାହିଁକି ବିଳମ୍ବ ହେଉଛି ବୁଝାଇବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ଘନ କୁହୁଡି କିମ୍ବା ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ନେଇ ଅଧିକ ବିଳମ୍ବ ଆଶଙ୍କା ଥିଲେ ସମ୍ପୃକ୍ତ କମ୍ପାନୀ ଉଡାଣକୁ ରଦ୍ଦ କରିପାରିବେ, କିନ୍ତୁ ଏଥିପାଇଁ ସମୟ ପୂର୍ବରୁ ପଦକ୍ଷେପ ଗ୍ରହଣ କରିବାକୁ ଜାରି ହୋଇଥିବା ଏସଓପିରେ ନିର୍ଦ୍ଦେଶ ଦେଇଛି ଡିଜିସିଏ । ବିମାନ ସେବା ବିଳମ୍ବିତ ହେବା କାରଣରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି । ସୋମବାର ଦିଲ୍ଲୀ ବିମାନ ବନ୍ଦରରେ ଉଡାଣ ବିଳମ୍ବ ନେଇ ଘୋଷଣା ସମୟରେ ଜଣେ ଯାତ୍ରୀ ଉତକ୍ଷୀପ୍ତ ହୋଇ ପାଇଲଟଙ୍କ ଉପରେ ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା । ଘଟଣାପରେ ଆକ୍ରମଣରେ ସମ୍ପୃକ୍ତ ଯାତ୍ରୀ ଜଣଙ୍କୁ ଗିରଫ କରାଯାଇଛି ।

## ଉତ୍ତର ଭାରତରେ ହାଡ଼ଭଙ୍ଗା ଜାଡ଼

**ନୂଆଦିଲ୍ଲୀ:** ଉତ୍ତର ଭାରତରେ ଥଣ୍ଡାର ଥାର୍ଡ ଡିଗ୍ରୀ । ଅଧିକାଂଶ ଅଞ୍ଚଳରେ ଶୀତ ଲହରୀ ଜାରି ରହିଛି । ଘନ କୁହୁଡ଼ିର ଜାଦରରେ ଘୋଡ଼ାଇ ହୋଇଛି ପୂରା ନର୍ଥ ଇଣ୍ଡିଆ । କୁହୁଡ଼ି ଯୋଗୁ ଭିଜିବିଲିଟି ହ୍ରାସ ପାଇଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଦୃଶ୍ୟମାନ ହ୍ରାସ ଯୋଗୁ ରେଳ ଓ ବିମାନ ଚଳାଚଳ ପ୍ରଭାବିତ ହୋଇଛି । ରାଜଧାନୀ ଦିଲ୍ଲୀରେ ପ୍ରାୟ ୪ଶହରୁ ଅଧିକ ଘରୋଇ ଓ ଅନ୍ତରାଷ୍ଟ୍ରୀୟ ବିମାନ ଉଡାଣ ବିଳମ୍ବିତ ହୋଇଛି । ସେହିପରି ୧୦୦ରୁ ଅଧିକ ଟ୍ରେନ ମଧ୍ୟ ବିଳମ୍ବରେ ଚାଲୁଛି । ସେହିଭଳି ୬୮ଟି ବିମାନ ଉଡାଣ ରଦ୍ଦ ହୋଇଥିବା ବେଳେ କିଛି ବିମାନର ମାର୍ଗ ପରିବର୍ତ୍ତନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ରିପୋର୍ଟ ମୁତାବକ, ଉତ୍ତର-ପଶ୍ଚିମ ଭାରତର ସମତଳ ଅଞ୍ଚଳରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶୀତ ଲହରୀ ଜାରି ରହିବ । ଆଜିଠୁ ଏକ ପଶ୍ଚିମାଝଡ଼, ପଶ୍ଚିମ ହିମାଳୟ କ୍ଷେତ୍ରକୁ ପ୍ରଭାବିତ କରିବ । ଫଳରେ ଜାମ୍ମୁ-କାଶ୍ମୀର, ହିମାଚଳପ୍ରଦେଶ, ଲଦାଖରେ ୧୬ ଓ ୧୭ ଜାନୁଆରୀ ସାମାନ୍ୟ ବର୍ଷାର ସମ୍ଭାବନା ରହିଛି । ସେହିପରି ଉତ୍ତରାଖଣ୍ଡରେ ୧୭ ଓ ୧୮ ଜାନୁଆରୀରେ ମୁସଳଧାରା ବର୍ଷା ହୋଇପାରେ । ବିହାର, ଛତିଶଗଡ଼ ଆଦି ପୂର୍ବ ରାଜ୍ୟଗୁଡ଼ିକର କିଛି ସ୍ଥାନରେ ବର୍ଷା ହେବାର ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ପାଣିପାଗ ବିଭାଗର ସୂଚନା ମୁତାବକ, ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଘନ କୁହୁଡ଼ି ଛାଇଯାଇଛି । ଦିଲ୍ଲୀରେ ଲଗାତାର ଚତୁର୍ଥ ଦିନ ପାଇଁ ପାରଦ ହ୍ରାସ ପାଇଛି । ରାଜଧାନୀରେ ୩.୩ ଡିଗ୍ରି ତାପମାତ୍ରା ରହିଛି । ସେହିପରି ପଞ୍ଜାବର ନୱାସହରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୦.୨ ଡିଗ୍ରୀ ରହିଛି । ହରିୟାଣାର ମହେନ୍ଦ୍ରଗଡ଼ରେ ୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଜାମ୍ମୁ-କାଶ୍ମୀରରେ ନୂଆ ବର୍ଷ ଆରମ୍ଭରୁ ବରଫପାତ ହୋଇଥାଏ । ହେଲେ ଚଳିତ ବର୍ଷ ଜାନୁଆରୀ ମାସରେ ୧୫ ଦିନ ବିତିଯାଇଥିଲା ମଧ୍ୟ ପାଗ ଶୁଖିଲା ରହିଛି ।



## ଝିଅ ବେଶରେ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଇ ଯୁବକ ଗିରଫ



**ନୂଆଦିଲ୍ଲୀ :** ପଞ୍ଜାବ ଫରିଦକୋଟ୍‌ର ଏକ ପରୀକ୍ଷା କେନ୍ଦ୍ରରେ ଜଣେ ଯୁବକ ଝିଅ ବେଶ ଧାରଣ କରି ତାଙ୍କ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଉଥିବାବେଳେ ଧରାପଡ଼ିଛନ୍ତି । ଏହି ଘଟଣା ପରୀକ୍ଷା କେନ୍ଦ୍ରରେ ହାସ୍ୟରୋଳ ସୃଷ୍ଟି କରିଥିଲା । କୋଟକପୁରାର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଗତ ୭ ତାରିଖରେ ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା ଚାଲିଥିବାବେଳେ ଫାଜିଲ୍‌କାର ଆଗ୍ରେଜ ସିଂ ତାଙ୍କ ଗର୍ଲଫ୍ରେଣ୍ଡ ପରମଜିତ୍‌ଙ୍କ ଭଳି ବେଶରେ ପରୀକ୍ଷା ଦେଉଥିଲେ । ସେ ନାଲି ଚୁଡ଼ି, ବିନ୍ଦି, ଲିପ୍‌ଟେକ୍ ଲଗାଇବା ସହ ମହିଳା ପରିଧାନ ପିନ୍ଧିଥିଲେ । ପରୀକ୍ଷା ହଲ୍‌ରେ ନିୟୋଜିତ ଥିବା ୟୁନିଭର୍ସିଟି କର୍ମଚାରୀ ଜାଲିଆତି ସନ୍ଦେହ କରି ପୋଲିସରେ ଅଭିଯୋଗ କରିଥିଲେ । ଆଗ୍ରେଜ ନିଜକୁ ପରମଜିତ ଭାବେ ପ୍ରମାଣିତ କରିବା ପାଇଁ ଜାଲ ଭୋଟର ଏବଂ ଆଧାର କାର୍ଡ ବ୍ୟବହାର କରିଥିଲେ । ତେବେ ବାୟୋମେଟ୍ରିକ୍ ଉପକରଣରେ ତାଙ୍କ ଆଙ୍ଗୁଠି ଛାପ ମେଳ ନ ଖାଇବାରୁ ସେ ଧରାପଡ଼ିଯାଇଥିଲେ । ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ଜମ୍ମୁ କଶ୍ମୀରରେ ଭୂକମ୍ପ: ଲୋକେ ଭୟଭୀତ


**ଶ୍ରୀନଗର :** ଜମ୍ମୁ କଶ୍ମୀରରେ କିଶ୍ଟୱାରରେ ମଙ୍ଗଳବାର ସକାଳୁ ଭୂକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଛି । ଭୂକମ୍ପ ବିଜ୍ଞାନ କେନ୍ଦ୍ର କହିଛି ଯେ,ସକାଳ ୮.୫୩ରେ କିଶ୍ଟୱାରରେ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ର ମାପ କରାଯାଇଥିଲା । ଏହି କାରଣରୁ ବର୍ତ୍ତମାନ ସୁଦ୍ଧା କୌଣସି ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହୋଇ ନାହିଁ । ଭୂକମ୍ପ ଅନୁଭୂତ ହେବା କ୍ଷଣି ଲୋକେ ଭୟରେ ଘରୁ ବହାରକୁ ପଳାଇଆସିଥିଲେ ।

## ନିପା ପ୍ରତିଷେଧକ ଟିକାର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ

**ନୂଆଦିଲ୍ଲୀ:** ମାରାତ୍ମକ ନିପା ଭୂତାଣୁ ବିରୋଧରେ ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇଛି । ଲଣ୍ଡନର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଟିକାର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ନିପା ସଂକ୍ରମଣର ପ୍ରତିଷେଧକ ଟିକା 'ସିଏଚ୍‌ଏଡିଓଏକ୍ସ୧-ନିପା-ବି'ର ମାନବ ପରୀକ୍ଷଣରେ ୫୧ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି । ଅକ୍ସଫୋର୍ଡ ଭାକ୍ସିନ୍ ଗ୍ରୁପ୍ ଦ୍ୱାରା କରାଯାଉଥିବା ଏହି ପରୀକ୍ଷଣରେ ଭାଗ ନେଇଥିବା ସ୍ୱେଚ୍ଛାସେବୀମାନେ ୧୮ରୁ ୫୫ ବର୍ଷ ବୟସ୍କ ଅଟନ୍ତି । ନିପା ଭୂତାଣୁ ଫଳ ଖାଉଥିବା ବାଦୁଡ଼ିଙ୍କ ଦ୍ୱାରା ବ୍ୟାପିଥାଏ । ଏହି ସଂକ୍ରମଣର ହାରାହାରି ମୃତ୍ୟୁ ପ୍ରତିଶତ ୭୫ ଅଟେ । ଏଣୁ ଏହାକୁ ଅନ୍ୟତମ ଘାତକ ସଂକ୍ରମଣ ବୋଲି ଅଭିହିତ କରାଯାଇଛି । ୨୫ ବର୍ଷ ପୂର୍ବେ ଏହି ଭୂତାଣୁର ସଂକ୍ରମଣ ମାଲେସିଆ ଓ ସିଙ୍ଗାପୁରରେ ଦେଖାଦେଇଥିଲା । ଭାରତ ସମେତ ମାଲେସିଆ, ବାଂଲାଦେଶ, ସିଙ୍ଗାପୁର ଆଦି ଏସୀୟ ଦେଶଗୁଡ଼ିକରେ ଅନେକଙ୍କ ଜୀବନ ଯାଇଛି । ନିକଟରେ ଏହି ସଂକ୍ରମଣରେ କେରଳରେ ଜଣକ ମୃତ୍ୟୁ ଘଟିଛି ।



## ଲଣ୍ଡନରେ ହେବ ଜଗନ୍ନାଥ ମନ୍ଦିର



**ଲଣ୍ଡନ :** ୟୁକେରେ ଥିବା ଭାରତୀୟ ମାନଙ୍କ ପାଇଁ ଖୁସିର ଖବର । ଲଣ୍ଡନରେ ହେବାକୁ ଥିବା ଜଗନ୍ନାଥ ମନ୍ଦିର ପାଇଁ ବ୍ରିଟେନ ସରକାର ଜମି ଅଧିଗ୍ରହଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ମିଳିଥିବା ଜମିରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ । ଖୁବଶୀଘ୍ର ଭୂମି ପୂଜନ କରାଯିବା ନେଇ ଫିନନେଷ୍ଟ ଗ୍ରୁପର ଅଧକ୍ଷ ବିଶ୍ୱନାଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ଶ୍ରୀପଟ୍ଟନାୟକ ହେଉଛନ୍ତି ୟୁକେର ଜଣାଶୁଣା ବ୍ୟବସାୟୀ । ଏପ୍ରିଲ ୨୩, ୨୦୨୩ରେ ବିଶ୍ୱନାଥ ୨୫ ମିଲିୟନ ଜିବିପି ଅର୍ଥାତ ଭାରତୀୟ ମୁଦ୍ରାରେ ୨୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମନ୍ଦିର ପାଇଁ ଦାନ କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଭୂମି ପୂଜନ କରାଯିବା ନେଇ ନିଷ୍ପତି ନିଆଯାଇଛି ।

### ଇରାକରେ ଆମେରିକାର ଦୂତାବାସ ନିକଟରେ ଆକ୍ରମଣ

## ୮ ଟି ସ୍ଥାନରେ ବିସ୍ଫୋରଣ, ଚାରି ଜଣଙ୍କର ମୃତ୍ୟୁ

**ତେହରାନ :** ଇରାକର ସୁରକ୍ଷା ସୂତ୍ରରୁ ପ୍ରକାଶ ଯେ ଏର୍ବିଲରେ ହୋଇଥିବା ବିସ୍ଫୋରଣରେ ମିଳିତ ମଞ୍ଚ କିମ୍ବା ଆମେରିକାର ସେନାବାହିନୀର କେହି ପ୍ରାଣ ହରାଇ ନାହାଁନ୍ତି । ସୂଚନାନୁସାରେ, ମିଳିତ ବାହିନୀ ଇରାକର ଏର୍ବିଲ ବିମାନବନ୍ଦର ନିକଟରେ ତିନୋଟି ଡ୍ରୋନ୍ ?କୁ ଗୁଳି କରି ଖସାଇ ଦେଇଛନ୍ତି । ଆକ୍ରମଣ ପରେ ଏରବିଲରେ ବିମାନ ଚଳାଚଳ ବନ୍ଦ କରାଯାଇଛି । ଇରାକର ଆର୍ବିଲରେ ଥିବା ଆମେରିକାର କନସୁଲେଟ୍ ନିକଟରେ ଅନେକ ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣ ପାଇଁ ଇରାନର ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିଏସ) ନିଜକୁ ଦାୟୀ କରିଛି । ଆଇଆରଜିଏସ୍ କହିଛି ଯେ ସେମାନେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହିତ ଏହି ଅଞ୍ଚଳର ଗୁପ୍ତଚର ମୁଖ୍ୟାଳୟ ଏବଂ ଇରାନ ବିରୋଧୀ ଆତଙ୍କବାଦୀ ଗୋଷ୍ଠୀକୁ ଟାର୍ଗେଟ କରୁଛି । ଇରାକର ଏକ ସୁରକ୍ଷା ସୂତ୍ରରୁ ଏବିସି ନ୍ୟୁଜ୍ ରିପୋର୍ଟ କରିଛି ଯେ



ଆଇଆରଜିଏସ ଦ୍ୱାରା ହୋଇଥିବା ବିସ୍ଫୋରଣରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଇରାକର ସୁରକ୍ଷା ସୂତ୍ରରୁ ପ୍ରକାଶ ଯେ ଏର୍ବିଲରେ ହୋଇଥିବା ବିସ୍ଫୋରଣରେ ମିଳିତ ମଞ୍ଚ କିମ୍ବା ଆମେରିକାର ସେନାବାହିନୀର କେହି ପ୍ରାଣ ହରାଇ ନାହାଁନ୍ତି । ସୂଚନାନୁସାରେ, ମିଳିତ ବାହିନୀ ଇରାକର ଏର୍ବିଲ ବିମାନବନ୍ଦର ନିକଟରେ ତିନୋଟି ଡ୍ରୋନ୍‌କୁ ଗୁଳି କରି ଖସାଇ ଦେଇଛନ୍ତି । ଇରାକର ଏକ ସୁରକ୍ଷା ସୂତ୍ରରୁ ଏବିସି ନ୍ୟୁଜ୍ ରିପୋର୍ଟ କରିଛି ଯେ ଏର୍ବିଲରେ ବିମାନ ଚଳାଚଳ ବନ୍ଦ ହୋଇଯାଇଛି । ରିପୋର୍ଟ ଅନୁଯାୟୀ, ଏହି ବିସ୍ଫୋରଣ ଅତ୍ୟନ୍ତ ହିଂସାତ୍ମକ ଥିଲା । ଆମେରିକାର କନସୁଲେଟ୍ ନିକଟରେ ଥିବା ଆଠଟି ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆମେରିକାର ଦୁଇଜଣ ଅଧିକାରୀ ରଏଟର୍ସକୁ କହିଛନ୍ତି ଯେ ଏହି ଆକ୍ରମଣ ଦ୍ୱାରା ଆମେରିକାର ସୁବିଧା ପ୍ରଭାବିତ ହୋଇନାହିଁ । ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ ଇସଲାମିକ୍ ଗୋଷ୍ଠୀ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭରୁ ଏହା ମଧ୍ୟ ପୂର୍ବରେ ବ୍ୟାପିଗଲା । ଯେଉଁଥିରେ ଇରାନର ସହଯୋଗୀମାନେ ମଧ୍ୟ ଲେବାନନ୍, ସିରିଆ, ଇରାକ ଏବଂ ୟେମେନ ପକ୍ଷରୁ ଯୁଦ୍ଧରେ ପ୍ରବେଶ କରୁଛନ୍ତି । ଚାରିଜଣ ସାଧାରଣ ନାଗରିକଙ୍କ ମୃତ୍ୟୁଏଥିରେ ଇରାନ ଇସ୍ରାଏଲ ସହିତ ଯୁଦ୍ଧରେ ହମାସକୁ ସମର୍ଥନ କରୁଛି ଏବଂ ଗାଜାରେ ଇସ୍ରାଏଲକୁ ସମର୍ଥନ କରୁଥିବା ଆମେରିକା ଉପରେ ମଧ୍ୟ ଅଭିଯୋଗ କରିଛି । ଏଥି ସହିତ, ପାଲେଷ୍ଟାଇନ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ନେଇ ଆମେରିକା ଉଦ୍‌ବେଗ ପ୍ରକାଶ କରିଥିଲା । କୁର୍ଦ୍ଦିସ୍ତାନ ସରକାରଙ୍କ ସୁରକ୍ଷା ପରିଷଦ ଏହି ଆକ୍ରମଣକୁ ଅପରାଧ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଆର୍ବିଲ ଉପରେ ହୋଇଥିବା ଆକ୍ରମଣରେ ଅତି କମରେ ୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂଛ ଜଣ ଆହତ ହୋଇଛନ୍ତି ।

## ଶାହି ଇଦ୍‌ଗାହ ମସଜିଦ୍ ସର୍ଭେ ଉପରେ ରୋକ୍

**ନୂଆଦିଲ୍ଲୀ:** ମଥୁରାର ଶାହି ଇଦ୍‌ଗାହ ମସଜିଦ୍ ସର୍ଭେ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ । ଶୀର୍ଷ ଅଦାଲତ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଖାରଜ୍ କରିଛନ୍ତି । ଫଳରେ ହିନ୍ଦୁ ପକ୍ଷକୁ ବଡ଼ ଝଟକା ଲାଗିଛି । ଏହି ମସଜିଦ୍ ମଥୁରର ଶ୍ରୀକୃଷ୍ଣଙ୍କ ଜନ୍ମଭୂମିକୁ ଲାଗିକରି ରହିଛି । କୁହାଯାଉଛି, ଶ୍ରୀକୃଷ୍ଣଙ୍କ ପ୍ରାଚୀନ ମନ୍ଦିର ଉପରେ ଏହି ମସଜିଦ୍ ନିର୍ମାଣ ହୋଇଛି । ଏନେଇ ହିନ୍ଦୁପକ୍ଷ ଆପତ୍ତି ଉଠାଇ ଯାଚିକା ଦାୟର ପରେ ଉଚ୍ଚ ଅଦାଲତ ଏହାର ସର୍ଭେ ପାଇଁ ଜଣେ କମିଶନରଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆହ୍ଲାବାଦ ହାଇକୋର୍ଟ ଗତ ବର୍ଷ ଡିସେମ୍ବର ୧୪ ତାରିଖରେ ମଥୁରାର ଶ୍ରୀକୃଷ୍ଣ ମନ୍ଦିରକୁ ଲାଗି କରିଥିବା ଶାହି ଇଦଗାହ ମସଜିଦ ପରିସରକୁ ସର୍ଭେ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହାକୁ ବିରୋଧ କରି ମୁସଲିମ୍ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ତେବେ ସର୍ବୋଚ୍ଚ ଅଦାଲତ ମୁସଲିମ୍ ପକ୍ଷର ଯାଚିକାକୁ ଶୁଣି କରି ସର୍ଭେ ଉପରେ ରୋକ୍ ଲଗାଇଛି । ହେଲେ



ମାମଲାର ଶୁଣାଣି ହାଇକୋର୍ଟରେ ଜାରି ରହିବ ବୋଲି କୋର୍ଟ କହିଛନ୍ତି । ତେବେ ସୁପ୍ରିମକୋର୍ଟ ରାୟ ପରେ ଶ୍ରୀକୃଷ୍ଣ ମନ୍ଦିରର ହିନ୍ଦୁ ପକ୍ଷରୁ ବଡ଼ ଝଟକା ଲାଗିଛି । କୋର୍ଟ ହିନ୍ଦୁ ପକ୍ଷ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଆପଣଙ୍କ ଯାଚିକାରେ ସ୍ୱଷ୍ଟତା ନାହିଁ । ଶାହି ଇଦଗାହ ମସଜିଦ୍ ପ୍ରଭୁ ଶ୍ରୀକୃଷ୍ଣଙ୍କ ମନ୍ଦିର ପରିସର ହୋଇଛି ବୋଲି ହିନ୍ଦୁ ପକ୍ଷରୁ ଦାବି କରି ଆସୁଛି । ତେଣୁ ଏହାର ସର୍ଭେ ପାଇଁ ମଥୁରା କୋର୍ଟରେ ଆବେଦନ କରିଥିଲେ । ୨୦୨୨ରେ ଡିସେମ୍ବର ମାସରେ ମଥୁରା କୋର୍ଟ ଅମିନ ସର୍ଭେ ବା ମାପଚୁପ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ମୁସଲିମ୍ ପକ୍ଷ ଉଚ୍ଚ ଅଦାଲତ ଯାଚିକା ଦାଖଲ କରି ସର୍ଭେ ଉପରେ ଆପତ୍ତି ଉଠାଥିଲେ । ଯାହାଫଳରେ ଅମିନ ସର୍ଭେ ବନ୍ଦ ହୋଇଥିଲା । ଏହାପରେ ଆହ୍ଲାବାଦ ହାଇକୋର୍ଟ ଇଝଓ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ କୋର୍ଟଙ୍କ ନିଷ୍ପତ୍ତିକୁ ବିରୋଧ କରି ମୁସଲିମ୍ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



**ନୂଆପଡା(ଅମୃତ ମିଡିଆ):** ସ୍ଥାନୀୟ ଜଳସେଚନ ଡାକବଙ୍ଗଳା ପ୍ରାଙ୍ଗଣରେ ନୂଆପଡା ଜଳସେଚନ ପ୍ରଭାଗ ତରଫରୁ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । ନୂଆପଡା ଜନସେଚନ ପ୍ରଭାଗ ର ଅଧିକ୍ଷଣ ଯନ୍ତ୍ରୀ ଉଜ୍ୱଲ ଜାନୀଙ୍କର ନେତୃତ୍ୱରେ ଆୟୋଜିତ ଏହି ପକ୍ଷପାଳନ ଅବସରରେ ନୂଆପଡା ଉପ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରହିତ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ମୁଣ୍ଡା, ଆମ ଓଡ଼ିଶା ନବୀନ ଓଡିଶା ଅଧକ୍ଷ ରାମଲାଲ ହଂସ, ଜିଲ୍ଲା ପରିଷଦ ସଦଶ୍ୟ ଅବନୀ ଯୋଶୀ ଓ ଭରତ ଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଚାଷୀ ଭାଇ ମାନଙ୍କୁ ଉତ୍ସାହିତ କରିଥିଲେ । ପାଣିର ଉଚିତ ବ୍ୟବହାର କରି ଚାଷ ଜମି କୁ କିପରି ଅଧିକ ଉପାର୍ଜନ କ୍ଷମ କରି ନିଜକୁ କିପରି ଅଧିକରୁ ଅଧିକ ସୁଦୃଢ କରି ପାରିବେ ଏନେଇ ଅତିଥିଗଣ ନିଜର ମତବ୍ୟକ୍ତ କରିଥିଲେ । କୋମନା ବ୍ଲକ ଗନିହାରି ଗ୍ରାମରୁ ଆସିଥିବା କୁନି କୁନି କଳାକାର ନିଜ ନିଜ ସୁନ୍ଦର ପାରମ୍ପରିକ ନୃତ୍ୟ ପରିବେଷଣ କରି ମନୋରଞ୍ଜନ କରଥିଲେ । ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଲୋକନ୍ନାଥ ରଥ, ତରୁଣ ନାୟକ, ସୋମ୍ୟରଂଜନ ନାଏକ, ଉଇଲିସନ କେରକେଟା, ବିଘନେଶ୍ୱର ପ୍ରଧାନ, ସୌରଭ ରଞ୍ଜନ ପ୍ରଧାନ, ଜନାର୍ଦନ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ମକରମେଳାରେ ମନମୋହିଲା ଭିନ୍ନକ୍ଷମଙ୍କ ଭଜନ

**କଳାହାଣ୍ଡି(ଅମୃତ ମିଡିଆ):** ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ଗ୍ରାମ ପଞ୍ଚାୟତ ସ୍ଥିତ କୁଶୁର୍ଲା ଗ୍ରାମର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଶିବମନ୍ଦିରେ ମକରମେଳା ମହୋତ୍ସବ ମଞ୍ଚରେ ୭୪ ତମ ମକରମେଳା ମହୋତ୍ସବ ପାଇଁ ଉତ୍ସବ ମୂଖର ହୋଇପଡିଛି କୁଶୁର୍ଲା ଅଞ୍ଚଳ । ତା ୧୫/୦୧/୨୦୨୪ ରିଖ ସୋମବାର ଦିନ ମକର ସଂକ୍ରାନ୍ତି ଦିନ ରାତିରେ ଶ୍ରୀ ହରଗୌରୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା ସହ ଯାତ୍ରାରେ ଜହାର ହଜାର ସଂଖ୍ୟାରେ ଜନସମାଗମ ଦେଖିବାକୁ ମିଳିଥିଲା ।ମକର ସଂକ୍ରାନ୍ତି ଦିନ ମକର ଚାଉଳ ସମସ୍ତେ ପାଇବା ସହ ଆନନ୍ଦ ଉଲ୍ଲାସର ସହ ଶ୍ରୀ ନୀଳକଣ୍ଠେଶ୍ୱର ହରଗୌରୀଙ୍କୁ ରଥାରୁଢ କରି କଳାହାଣ୍ଡିର ବୀରବାଦ୍ୟ ଘୁମୁରା , ସଂକୀର୍ତ୍ତନ ,ଗଣ୍ଡାବାଜା ସହ ଘଣ୍ଟ ,ଶଙ୍ଖ ,ହରିବୋଲ ଓ ହୁଳହୁଳିର ତାଳେତାଳେ ନଗର ପରିକ୍ରମା କରାଇଥିଲେ ।ଗ୍ରାମରେ ସମସ୍ତେ ଘର ସମ୍ମୁଖରେ କଳସ ସ୍ଥାପନ କରି ରଥାରୁଢ ହରଗୌରୀଙ୍କ ଯୁଗଳ ପ୍ରତିମାକୁ ବନ୍ଦାପନା କରିବା ସହ ପୂଜାର୍ଚ୍ଚନା କରିଥିଲେ ।ଅନ୍ୟପଟେ ଆଜି ଠାରୁ



୭୪ତମ ମକରମେଳା ଯାତ୍ରା ଆରମ୍ଭ ହୋଇଥିବାରୁ ପ୍ରବଳ ଜନସମାଗମ ହେବା ସହ ଉତ୍ସବ ମୂଖର ହୋଇପଡିଛି କୁଶୁର୍ଲା ଗ୍ରାମ ।ମହୋତ୍ସବ ମଞ୍ଚରେ ରାତିରେ ମ:ରାମପୁର ଭିନ୍ନକ୍ଷମ ମାନଙ୍କ ଦ୍ୱାରା ଭଜନ ସମାରୋହ ସହ ମାଁ ଦକ୍ଷିଣକାଳି ବଜାସାଲ୍ ନୃତ୍ୟ ପରିବେଷଣର ଆୟୋଜନ ହୋଇଥିଲା ।ମହୋତ୍ସବ ମଞ୍ଚରେ ଏହି ଭିନ୍ନକ୍ଷମ ମାନଙ୍କ ଭଜନ ସହ ବଜାସାଲ୍ ନୃତ୍ୟ ସମସ୍ତଙ୍କ ମନମୋହିଥିଲା ।ଏହି ଭଜନ ଓ ବଜାସାଲ୍ ନୃତ୍ୟରେ ବିଭୋର ହୋଇ ଦର୍ଶକ ମତୁଆଲା ପାଲଟିଥିଲେ ।କାର୍ଯ୍ୟକ୍ରମରେ ମନ୍ଦିରର ମୂଖ୍ୟପୂଜକ ଶ୍ରୀ ନେତ୍ରାନନ୍ଦ ବଡମାଲି ,ଶ୍ରୀ ଭବାନୀ ଶଙ୍କର ବଡମାଲି ଓ ଶ୍ରୀ ଚାନ୍ଦୁଲାଲ୍ ବଡମାଲି ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।କମିଟିର ସଭାପତି ଶ୍ରୀ ଜଗତରାମ ଭୋଇ ,ଉପସଭାପତି ଶ୍ରୀ ହିରାମଣୀ ସାହୁ ,ସଂପାଦକ ଶ୍ରୀ ସୁଶାନ୍ତ ଜାନୀ ,ଯୁଗ୍ମସଂପାଦକ ଶ୍ରୀ ଦୟାନିଧି ବାଗ୍ ,କୋଷାଧକ୍ଷ ଶ୍ରୀ ଲକ୍ଷ୍ମୀ ପ୍ରସାଦ ସାହୁ ,ଶ୍ରୀ ନିରାକାର ସାହୁ ,ଶ୍ରୀ ଦୁଆରୁ ଅଗ୍ରୱାଲ ,ଶ୍ରୀ ଲୋକନାଥ ଦାସ୍ ,ଶ୍ରୀ ଅରୁଣ ବେହେରା ,ଶ୍ରୀ ଲକ୍ଷାପତି ସାହୁ ,ଶ୍ରୀ ନୈରୁତ ଜାନୀ , ଶ୍ରୀ ଟଙ୍କଧର ସାହୁ ,ଶ୍ରୀ ରାଜିନ୍ଦ୍ର ବେହେରା ,ଶ୍ରୀ ଶୋଭାକର ଜାନୀ ,ଶ୍ରୀ ଫକିର ସାହୁ ,ଶ୍ରୀ ଡମବୁଡା ସାହୁ ,ଶ୍ରୀ ଅନିରୁଦ୍ଧ ସାହୁ ,ଶ୍ରୀ କିଶୋର ନାଗ୍ ଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ ।ଆସନ୍ତା ତା ୧୯/୦୧/୨୦୨୪ ରିଖ ଶୁକ୍ରବାର ଦିନ ବଳୀପୂଜା ସହ ମକରମେଳାର ଉଦଯାପନୀ କରିବାର କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ମିଳିଛି ।ଏହି ମହୋତ୍ସବ ମଞ୍ଚରେ ଓ ମକରମେଳାରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହ ଯାତ୍ରାରେ କିଣାବିକା କରିବା ସହ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ଉଠାଜଳସେଚନ ବିଦ୍ୟୁତ ସଂଯୋଗ ପାଇଁ ଜଳସେଚନ କାର୍ଯ୍ୟାଳୟରେ ଚାଷୀ

**ନୂଆପଡା(ଅମୃତ ମିଡିଆ):** ପାଞ୍ଚ ମାସ ବିତିଗଲା ଚାଷୀଙ୍କ ଜମିରେ ଡ଼ିପ ବୋରୱେଲ ଖୋଲି ବିଦ୍ୟତ ସଂଯୋଗ ହୋଇନଥିବା ଅଭିଯୋଗ , ଚଳିତ ବର୍ଷ ଉଠା ଜଳସେଚନ ବିଭାଗ ତରଫରୁ ନୂଆପଡା ବ୍ଲକ ର ଦର୍ଲିମୁଣ୍ଡା ୨୨, ଚୁହୁରି ୧୨ ମଙ୍ଗୁରପାଣି ୪୦ ଖାଲିଆ ପାଣି ୧୦ ସାରିପାଲି ୧୦ ସର୍ବମୋଟ ୯୪ଜଣ ଚାଷୀ ଡ଼ିପ ବୋରୱେଲ ପାଇଁ ଅବେଦାନ କରିଥିଲେ ଆବେଦନ କୁ ଗ୍ରହଣ କରି ଉଠାଜଳସେଚନ ବିଭାଗ ତରଫରୁ ଚାଷୀ ଙ୍କ ଉପକୃତ ପାଇଁ ଚାଷୀ ଙ୍କ ଜମି ରେ ଡିପ ବୋରୱେଲ ଖୋଲାଯାଇଥିଲା ସେହିପରି ବୋରୱେଲ ସରଂଜମ ଚାଷୀ ଙ୍କ ଘରେ ରଖାଯାଇଛି ହେଲେ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ଚାଷୀ ଙ୍କ ହଟହଟା ଦେଖିବାକୁ ମିଳିଛି ବିଦ୍ୟୁତ ସଂଯୋଗ ନ ହେବାରୁ ଆଜି ସତାଧିକ ଚାଷୀ ନୂଆପଡା ଉଠାଜଳସେଚନ ବିଭାଗୀୟ ଅଧିକାରୀ କାର୍ଯାଳୟ କୁ ଘେରାଓ କରିବା ସହ ଅଧିକାରୀ ଶ୍ରୀସଚନ୍ଦ୍ର ମୁଣ୍ଡା ଙ୍କ ସହ ଆଲୋଚନା କରିଥିଲେ ଶତାଧିକ ଚାଷୀ ମାନଙ୍କ ମଧ୍ୟରୁ ବିଜେପି ନେତା ପ୍ରସନ୍ନ କୁମାର ପାଢ଼ୀ ଲାଲରାମ ସାହୁ ବୁଟୁ ରାମ ରାଉତ ଲଳିତ ରାଉତ ସେତୁ ବରିହା ତୁଳସୀ ବରିହା ବାଳକୁମାର ଖଡ଼ିଆ ପୁରୁଷତମ ଖଡ଼ିଆ ଚିନ୍ତା ଖଡିଆ ଦାମୋଦର ରାଉତ ତୁଳସୀ ରାମ



ଖଡ଼ିଆ କୃଷ୍ଣ ଖଡ଼ିଆ ରାଏସିଂ ଖଡ଼ିଆ କୃଷ୍ଣ ହରିଜନ ଜଗନୁ ଖଡ଼ିଆ ରାମାୟଣ ସାହୁ ସହତରମ ରାଉତ ସୁନ୍ଦର ଲାଲ ରାଉତ ନତତ୍ରାମ ସାହୁ ପ୍ରାତପ ରାଉତ ଝନକ ରାମ ରାଉତ ଧନୀରାମ ରାଉତ ଗାଁ ର ଚାଷୀ ମାନେ ନିଜ ଜମି ରେ ବିଭିନ୍ନ ପ୍ରକାର ଡାଲିଯାତୀୟ ଷସ୍ୟ ଚାଷ କରିଥିବାରୁ ବର୍ତ୍ତମାନ ଜମି ରେ ପାଣି ନ ମିଳିବାରୁ ଷସ୍ୟଜାତୀୟ ମରିଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି,ଅଧିକାରୀ ଙ୍କ ଚେମ୍ବର ଠାରେ ଦୁଇ ଘଣ୍ଟା ଧରି ଚାଷୀ ନେତା ଉଭୟ ମିଶି ଯଥାଶୀଘ୍ର ଡ଼ିପ ବୋରୱେଲ ରେ ବିଦ୍ୟତ ସଂଯୋଗ କରିବା ପାଇଁ ଦାବି କରିଥିଲେ, ଯଦି ବୋରୱେଲ ରେ ବିଦ୍ୟତ ସଂଯୋଗ ନ ହୁଏ ତାହେଲେ ଆଗାମୀ ଦିନରେ କାର୍ଯାଳୟ କୁ ଦୀର୍ଘ ଦିନ ପାଇଁ ଅଚଳ କରିଦିଆଯିବ ବୋଲି ଶ୍ରୀ ପ୍ରସନ୍ନ କୁମାର ପଢି ପ୍ରକାଶ କରିଛନ୍ତି ସୂଚନା ପ୍ରାପ୍ତ ଅନୁସାରେ ଅଧିକାରୀ ତୁରନ୍ତ ବିଦ୍ୟତ ସଂଯୋଗ କରାଯିବ ପାଇଁ ପ୍ରତିଶୃତି ଦେବାରୁ ଚାଷୀମାନେ କାର୍ଯାଳୟ ରୁ ଘେରାଓ ପ୍ରତ୍ୟାହାର କରିଛନ୍ତି ।

# କଂଗ୍ରେସରେ ମିଶିଲେ ବିଜେଡି ସଂଖ୍ୟାଲଘୁ ସଭାପତି ଅସରଫ୍ ଅଲ୍ଲୀଖାନ

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ପୌରାଞ୍ଚଳ ଅନ୍ତର୍ଗତ ସ୍ଥାନୀୟ ସାଲେପାଲି ଠାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ସଭାପତିତ୍ୱରେ ଏକ ବନ୍ଧୁମିଳନ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଶ୍ରଣ ପର୍ବରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଓ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ଦଳର ସଂଖ୍ୟାଧିକ କର୍ମୀ କଂଗ୍ରେସ ଦଳର ନିତି ଆଦର୍ଶ ଓ ମାନ୍ୟବର ବିଧାୟକ ନରସିଂହ ମିଶ୍ରଙ୍କ ଶାନ୍ତି, ମୈତ୍ରୀ, ପ୍ରଗତି ଓ କ୍ରାନ୍ତି ତଥା ଅଂଚଳ ପାଇଁ ବିକାଶମୂଖି ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଉଭୟ ବିଧାୟକ ଶ୍ରୀ ମିଶ୍ର ଦକ୍ଷତା, ଦୂରଦୃଷ୍ଟି ଓ ଆତ୍ମୀୟତା ଉପରେ ବିଶ୍ୱାସ ରଖୁଥିବା ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗ ଦେଇ



ବଲାଙ୍ଗିରରେ କଂଗ୍ରେସ ଦଳକୁ ପୁନର୍ବାନ ବିଜୟ କରିବା ପାଇଁ ପ୍ରତିଜ୍ଞା କରିଥିଲେ । ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସଂଖ୍ୟାଲଘୁ ସେଲର ସଭାପତି ଅସରଫ୍ ଅଲ୍ଲି ଖାନ, ଆକବର ଖାନ, ମେଟିନେଲ ଖାନ, ସେକ୍ ମୁସ୍ତାକ ମୁସ୍ତାସିନ, ସିଦ୍ଧିକି ଖାନଙ୍କ ସହ ସଂଖ୍ୟାଧିକ ବିଜେଡି ନେତା ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ମିଶ୍ରଣ ପର୍ବ ପରବର୍ତ୍ତି ସଭାରେ ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ମିଶ୍ର ୨୦୧୪ ପରେ ବିକାଶ ବିରୋଧିଙ୍କ ବିରୋଧ ସତ୍ତ୍ୱେ ସରକାର ସହ ଲଢି ବଲାଙ୍ଗିର ସହର ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ଗମନାଗମନ, ପାନୀୟ ଜଳ, ଜଳାଶୟର ପୁନରୁଦ୍ଧାର, ଜଳସେଚନର ଅନେକ ବିକାଶ ହୋଇଛି, ଆହୁରି ବାକି ଅଛି ଯାହାକି ଆସନ୍ତା ୫ ବର୍ଷ ଭିତରେ ପୁରଣ କରିବାକୁ ହେବ । ବିଜେପି, ବିଜେଡି ଉଭୟେ ଉଭୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ । ବିକେଶ ବିରୋଧିଙ୍କୁ ସମସ୍ତେ ଜାଣି ସାରିଲେଣି । ଆସନ୍ତା ନିର୍ବାଚନରେ ବିରୋଧିଙ୍କୁ ଉଚିତ ଜବାବ ଦେବେ ବୋଲି କହିଥିଲେ । ସମ୍ମାନିତ ଅତିଥି ସମରେନ୍ଦ୍ର ମିଶ୍ର ଆଗାମୀ ଦିନରେ ଆମେ ସମସ୍ତ ମିଳିମିଶି ବିକାଶ ସପକ୍ଷରେ ପକ୍ଷ ରଖିବାକୁ ଆହ୍ୱାନ ଦେଇଥିଲେ । ଆଜିର ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିରେନ୍ଦ୍ର ମିଶ୍ର, ଜିଲ୍ଲା ଉପସଭାପତି ମନୀଷ ମିଶ୍ର, ଯୁବ କଂଗ୍ରେସ ସଭାପତି ନାସୀର ଖାନ, ସୌମ୍ୟଦୀପ ସରାଫ, ଜୁଲୁ ପଟ୍ଟନାୟକ, ଅଶୋକ ନନ୍ଦ, ବବିତା ସାହୁ, ସାଇନା ବେଗମ୍, ସୁରେନ୍ଦ୍ର ଅଶ୍ୱପାଲ, ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବହେଳିତ ନୂଆପଡା ସର୍କିଟହାଉସ




**ନୂଆପଡା(ଅମୃତ ମିଡିଆ):** ଅବହେଳିତରେ ପଡ଼ିରହିଛି ନୂଆପଡା ସର୍କିଟହାଉସ ୧୯୯୮ ମସିହା ତତ୍କାଳୀନ ଜିଲ୍ଲାପାଳ ସତ୍ୟବ୍ରତ ସାହୁ ଙ୍କ ଅଧକ୍ଷତାରେ ପୂର୍ବତନ ରାଜସ୍ୱମନ୍ତ୍ରୀ ଜଗନ୍ନାଥ ପଟନାୟକ ଙ୍କ ଦ୍ୱାରା ସର୍କିଟହାଉସ ଶୁଭଉଦଘାଟନ କରାଯାଇଥିଲା ବର୍ତ୍ତମାନ ସର୍କିଟହାଉସ କୁ ୨୬ବର୍ଷ ସମ୍ପୂର୍ଣ୍ଣ ହୋଇସାରିଛି, ଅନ୍ୟପକ୍ଷେ ଅଭିଯୋଗ ମୁତାବକ ସର୍କିଟହାଉସ ଉନତି ବଦଳରେ ହାଉସ ପରିସର ଶ୍ରୀ ହିନ ଅବସ୍ଥାରେ ପଡ଼ିରହିଛି,ପୂର୍ବରୁ ସର୍କିଟହାଉସ ପରିସର ରେ ବିଭିନ୍ନ ପ୍ରଜାତି ର ଫୁଲଗଛ ସହ ଅତି ସୁନ୍ଦର ପରିବେଶ ଦେଖାଯାଉଥିଲା, ୨୬ବର୍ଷ ମଧ୍ୟରେ ସର୍କିଟହାଉସ ଦୁଆର ମୁହଁ ପାରିସର ରେ ଅନାବନା ଘାସ ବଢ଼ିବାରେ ଲାଗିଛି ଫୁଲଗଛ ବଦଳରେ ଘାସ ଦେଖିବାକୁ ମିଳିଛି,ପରିସର ରେ ପ୍ରାୟ ୩୦ ରୁ ଉର୍ଦ୍ଧ ଆମ୍ବଗଛ ଲାଗିଛି ଅନ୍ୟପକ୍ଷେ ପରିସର ମଧ୍ୟରେ ଅବସ୍ଥିତ ଉଦ୍ୟାନ କୁ ରକ୍ଷଣବକ୍ଷଣା ଯତ୍ନ ନେବାରେ କର୍ମଚାରୀ ମାନେ ଅବହେଳା କରୁଥିବା ରୁ ସର୍କିଟହାଉସ ପରିସର ଶ୍ରୀ ହିନ ଅବସ୍ଥାରେ ପଡ଼ିରହିଛି, ପୂର୍ବରୁ ଯେଉଁଭଳି ସର୍କିଟହାଉସ କୋଠା ନିର୍ମାଣ ହୋଇଥିଲା ପ୍ରତିବଦଳରେ କୌଣସି ନୂତନ କୋଠା ନିର୍ମାଣ ହୋଇନାହିଁ, ପ୍ରତିଦିନ ସର୍କିଟହାଉସ କୁ ସାଶକୀୟ କର୍ମଚାରୀ ଠାରୁ ନେଇକରି ରାଜନେତା ମାନେ ଆସି ରାତ୍ରିଜାପନ ସହ ରହଣି ହୋଇଥାଏ, ଅଭିଯୋଗ ମୁତାବକ ସର୍କିଟହାଉସ ର ପରିବେଶ ଏକ ଭିନ୍ନ ଧରଣ ର ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଏନେଇ ଆମେ ନୂଆପଡା ଅତିରକ୍ତ ଜିଲାପାଳ ଭୀମସେନ ଶବର ଙ୍କୁ ପଚାରିବାରୁ ଅଭିଯୋଗ କୁ ଆଧାର କରି ନିଶ୍ଚୟ ଆଗାମୀ ଦିନରେ ଉଦ୍ୟାନ କାର୍ଯ୍ୟ କରାଯିବ ।

# ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ ବାର୍ଷିକ ଉତ୍ସବରେ ନରସିଂହ

**ବଲାଙ୍ଗୀର(ଅମୃତ ମିଡିଆ):** ପୁରା କାଳରୁ ଆୟୁର୍ବେଦ ପ୍ରତି ଲୋକଙ୍କ ବହୁତ ଆସ୍ଥା ଓ ବିଶ୍ୱାସ ଅଛି । ଦେଶରେ ଚିକିତ୍ସା କ୍ଷେତ୍ରରେ ଆଧୁନିକ ବୈଷୟିକ କୌଶଳ ଉପଯୋଗ ହେବା ପୂର୍ବରୁ କବିରାଜମାନେ ହିଁ ବିଶେଷ କରି ଚିକିତ୍ସା କ୍ଷେତ୍ରକୁ ସମ୍ଭାଳି ରଖିଥିଲେ । ସେ ସମୟରେ ଏପରି କବିରାଜମାନେ ଥିଲେ ଯେଉଁମାନେ କି ଅନେକ ରୋଗୀଙ୍କୁ ଦୁରାରୋଗ ରୁ ମୁକ୍ତି ଦେଇପାରୁଥିଲେ ସେପରି କବିରାଜ ଜଣେ ଥିଲେ ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସୋନପୁର ର କବିରାଜ ଚତୁର୍ଭୁଜ ରାଏଗୁରୁ । ସେପରି କବିରାଜ ଓ ତାଙ୍କ ଚିକିତ୍ସା ପଦ୍ଧତି ପ୍ରାୟତଃ ବିରଳ । ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଅବର୍ଣ୍ଣନୀୟ ଓ ଅତୁଳନୀୟ । ତେଣୁ ମୁଁ ନିଶ୍ଚିତ ଭାବରେ ପ୍ରସ୍ତାବ ଦେବି ଯେ ଏହି ସରକାରୀ ଆୟୁର୍ବେଦିକ କଲେଜ ଓ ହସପିଟାଲକୁ ତାଙ୍କ ନାଁ ରେ ନାମିତ କରାଯାଉ ବୋଲି ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ




କହିଥିଲେ । ସେ ଏହା ମଧ କହିଥିଲେ ଯେ ତାଙ୍କର ଅନୁଭୁତି ଅଛି କବିରାଜ ରାଏଗୁରୁ ସମ୍ବିଧାନ ପ୍ରଣେତା ସଦସ୍ୟ ଥିବା ତାଙ୍କ ପିତା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରକୁ ପରିବାର ଲୋକେ ଆଉ ଜିବିତ ରହିବେ ନାହିଁ ଭାବି ବାଲିସଜ୍ୟାରେ ସୁଆଇ ସାରିଥିଲେ କିନ୍ତୁ ଏହି କବିରାଜ ଚତୁର୍ଭୁଜ ରାଏଗୁରୁ ହିଁ ତାଙ୍କର ଆୟୁର୍ବେଦିକ ଚିକିତ୍ସା ବଳରେ ତାଙ୍କୁ ପୁଣି ସୁସ୍ଥତା ପ୍ରଦାନ କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ମନୋଜ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରମେୟ କେବିକେ ସଂସ୍କରଣ ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ଯୋଗ ଦେଇ ଡାକ୍ତରମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ପାଇଁ ବ୍ରତି ହେବାକୁ କହିଥିଲେ । ଛାତ୍ର ସଂସଦ ସଂପାଦକ ବୁଲୁ ମେହେର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଛାତ୍ର ସଂସଦ ସଭାପତି ସତ୍ୟମ ଚନ୍ଦ୍ରାକର କଲେଜର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଅବସରରେ ଡାକ୍ତର ସୁଶିଲ କୁମାର ମେହେର ସ୍ମୃତି କମିଟି ତରଫରୁ ଡା.ବୈଶାଳି ଦାନି ଓ ଡା.ଇପ୍ସିତା ସାହୁଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ସଞ୍ଜିବନୀ ସେବା ସଂଗଠନ ତରଫରୁ ଡା. ସନ୍ତୋଷ ଧଳ ଓ ଡା. ପ୍ରତ୍ୟୁଷ ମହାପାତ୍ରଙ୍କୁ ଦତ୍ତାତ୍ରେୟ ସମ୍ମାନ ଓ ଡା. ବୈଶାଳି ଦାନି, ଡା. ସୌମ୍ୟ ରଂଜନ ଜେନାଙ୍କୁ ଅଗ୍ନିବେଶ ସମ୍ମାନ ପ୍ରଦାନ କରାଯାଇଥିଲା । ଛାତ୍ର ସଂସଦର ଉପଦେଷ୍ଟା ଶୁଶାନ୍ତ ମେହେର ଧନ୍ୟବାଦ ପ୍ରଦାନ ପରେ ଡାକ୍ତରୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବିର ଧାରଣ ସ୍ଥଗିତ

**ବେତନଟୀ(ଅମୃତ ମିଡିଆ):** ଜାତୀୟ ରାଜପଥ ୧୮ନମ୍ବର ପାର୍ଶ୍ୱସ୍ଥ ବେତନଟୀ ଡାକ୍ତରଖାନାରେ ଜଣେ ସ୍ଥାୟୀ ଓ ଜଣେ ଡେପୁଟେସନ ଡାକ୍ତରରେ ଦୀର୍ଘ ଦିନ ହେବ ରୋଗୀ ଚିକିତ୍ସା ଚାଲିଛି । ଗୁରୁତର କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀ ଆସିଲେ, ବାରିପଦାକୁ ସ୍ଥାନାନ୍ତରିତ କରାଯାଏ । ସ୍ପେଶିଆଲିଷ୍ଟ ଡାକ୍ତର ଓ ଆବଶ୍ୟକ ସଂଖ୍ୟକ କର୍ମଚାରୀ ମଧ ନାହାନ୍ତି । ଜନସାଧାରଣ ଉତ୍ତମ ଚିକିତ୍ସା ସେବା ପାଉ ନଥିବାରୁ ଏହାର ପ୍ରତିବାଦ କରି ଗତ ଡିସେମ୍ବର ୧୮ ତାରିଖରେ ବେତନଟୀର ସିଭିଲ ସୋ।ସାଇଟି ଜାନୁଆରୀ ୧୮ ତାରିଖଠାରୁ ଅର୍ଥାତ୍ ଏକ ମାସ ପରେ ତିନିଦିନିଆ ଧାରଣା ନୋଟିସ ବିଭାଗୀୟ ସମସ୍ତ ତଳୁ ଉପର ପର୍ଯ୍ୟନ୍ତର ଅଧିକ।ରୀଙ୍କ ସମେତ ୫ଟି ଅଧକ୍ଷ,ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖଙ୍କ ପର୍ଯ୍ୟନ୍ତ ଚିଠି ପ୍ରେରଣ କରିଥିଲା । ସେହି ଧାରଣା ଆରମ୍ଭ ୧୮ ତାରିଖରେ ହିଁ ଆବଶ୍ୟକୀୟ ଡାକ୍ତର ବେତନଟୀ ଡାକ୍ତରଖାନାକୁ ଦିଆଯିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଟେଲିଫୋନ ଯୋଗେ ସୋସାଇଟିକୁ ଜଣାଇଛନ୍ତି । ଧାରଣା ପ୍ରସ୍ତୁତି ବୈଠକ ୧୬ ତାରିଖ ଚାଲିଥିବା ସମୟରେ ଏହି ଫୋନ ଯୋଗାଯୋଗ ଯୋଗୁଁ ଆପା।ତତଃ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ପ୍ରସ୍ତାବିତ ଧାରଣାକୁ ସ୍ଥଗିତ ରଖାଗଲା । ଅନ୍ୟଥା ପୁଣିଥରେ ଆନ୍ଦୋଳନାତ୍ମକ ପଦ କ୍ଷେପ ଗ୍ରହଣ କରାଯିବ ବୋଲି ସଭାପତି ଚୂଡ଼ାମଣି ମହାପାତ୍ର ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ମିଳିତ ବିବୃତିରେ ଜଣାଇଛନ୍ତି ।

# ବୈଶିଙ୍ଗାରେ ବ୍ଲକ ଖୋଲାଯିବାକୁ ଦାବି

**ବାରିପଦା(ଅମୃତ ମିଡିଆ):** ଭାରତ ସ୍ୱାଧୀନ ହେବା ପର ଠାରୁ ୨୦୦୯ ମସିହା ପର୍ଯ୍ୟନ୍ତ ବୈଶିଙ୍ଗା (ସଂ) ବିଧାନେକ୍ଷତ୍ର ଭଠବେ ମାନ୍ୟତା ପାଇଥିଲା । ୨୦୦୫ ରୁ ୨୦୦୯ ପର୍ଯ୍ୟନ୍ତ ଏହି (ସଂ) ବିଧାନେକ୍ଷତ୍ର ର ଶେଷ ବିଧାୟିକା ଭଠବେ ଶ୍ରୀମତୀ ପ୍ରମିଳା ଗିରି ତାଙ୍କର ୫ବର୍ଷ କାର୍ଯ୍ୟକାଳ ପୂରଣ କରିଥିଲେ ।ଏହା ପୂର୍ବରୁ ଶ୍ରୀ କାନ୍ଦ୍ରା ସେଠରେନ୍ ବିଧାୟକ ଥିଲେ ।ତାଙ୍କର ନିର୍ବାଚନ ପ୍ରତିଶୃତି ଥିଲା ବୈଶିଙ୍ଗା କୁ ବ୍ଲକ କରାଇବେ, ମାତ୍ର ପୁରଣ କରି ପାରଲେ ନାହିଁ । ଏହା ପେର ୨୦୦୯ର ମେନାରଞ୍ଜନ ସେଠୀ, ୨୦୧୪ର ଗେଣଶ୍ୱର ପାତ୍ର ଏବଂ ୨୦୧୯ର ବତର୍ମାନର ବିଧାୟକ ସନାତନ ବିଜୁଳି ଦାୟିତ୍ୱ ବହନ କରିଛନ୍ତି ।ମାତ୍ର କେହି ବି ବୈଶିଙ୍ଗା କୁ ବ୍ଲକର ମାନ୍ୟତା ମିଳୁ ବୋଲି ଦାବୀ ଉଠାଇବା ପେର ମଧ ପୂରଣ କରିପାରି ନାହାନ୍ତି ।ସବୁଠୁଁ ରୋଚକ କଥା ହେଉଛି ସ୍ୱାଧୀନତା ପେର ବ୍ଲକ ଗଠନ ପ୍ରକ୍ରିୟାେର ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବୈଶିଙ୍ଗା ଠାେର ବ୍ଲକ କାର୍ଯ୍ୟାଳୟ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା । ମାତ୍ର ତତ୍କାଳୀନ ଜମିଦାରଙ୍କ ପାଇଁ ସମ୍ଭବ ହୋଇପାରିନଥିଲା । ଫଳେର ସେେତେବେଳ ବୈଶିଙ୍ଗା, ଖୁଂଟା ଓ କୁଳିଅଣା ନିର୍ବାଚନ ମଣ୍ଡଳୀର ସଙ୍ଗମ ସ୍ଥାନ ବେତନଟି ଠାେର ଏହି ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରାଗଲା । ପରବର୍ତୀ ସମୟେର ସ୍ୱର୍ଗତ ଜାନକୀବଲ୍ଲଭ ପ...ନାୟକଙ୍କ ସରକାର ସମୟେର ବହୁ ବୁଦ୍ଧିଜୀବି,ଛାତ୍ରେନତା ତଥା ରାଜେନୈତିକ ନେତୃବୃନ୍ଦ ଏକ ବ୍ଲକ କ୍ରିୟାନୁଷ୍ଠାନ କମିଟି ଗଠନ କରି ସରକାରଙ୍କୁ ଦାବିପତ୍ର ଦେବା ସହିତ ବହୁ ଦିନ ଧରି ଅନ୍ଦୋଳନ ଚଳାଇ ଆସିଥିଲେ ମଧ ଆଜି ପର୍ଯ୍ୟନ୍ତ ଏହିଦାବି ପୂରଣ ହୋଇପାରିଲା ନାହିଁ । ବୈଶିଙ୍ଗା କୁ କେନ୍ଦ୍ରବିନ୍ଦୁ କରି ୧୭ଟି ପଂଚାୟତକୁ ନେଇ ୩୬ ଓ ୩୭ ନମ୍ବର ଜିଲ୍ଲାପରିଷଦ ଗଠିତ ହୋଇଥିବା ବେେଳ ବେତନଟୀ ଅଧିନେର ୩୫ନଂ ଜିଲ୍ଲା ପରିଷଦେର ବେତନଟୀ,ସଠଲୋ,ଦହକୋଟୀ, ମୁକ୍ତାପୁର ଆଗ୍ରିଆ,ଏସ୍ ଏସ୍ ନହଣ୍ଡାେଶାଳ,ପୁରିନ୍ଦା ଆଦି ୭ଟି ପଂଚାୟତ ରହିଛି । ସେହିପରି ୩୬ନଂ ଜିଲ୍ଲା ପରିଷଦେର ବୈଶିଙ୍ଗା,ସନ୍ତରା,ହାତୀଝୁରୀ,ଯୁଗଳ, କେନ୍ଦୁଆ, ପାଟଳିପୁରା, ନଡପୁର,ଗେଡେଦଉଳିଆ ପଞ୍ଚାୟତ ଥିବା ବେେଳ ୩୭ନଂ ଅଧିନେର କଳମା,ପୁରୁଣିଆ, ମହିଷାଶୋଳ, ଆମ୍ବଗଡ଼ିଆ, ରଘୁପୁର, ଅଁଳା, ଚାଂଚିପଦାେ,ମରଦା ଓ ସଇତପୁର ପଂଚାୟତ ରହିଛି । ବଶିେଷ କରି ଏହି ୩୭ନଂ ଜୋନର ପଂଚାୟତ ବାସୀ ଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ୨୮/୩୦କି.ମି. ରାସ୍ତା ଯିବାକୁ ପଡୁଛି । ଯେକୌଣସି ସରକାରୀ ଯୋଜନା ଯଥା ଆବାସ,ଭତା, ରାସନ, ଆଧାର କାର୍ଡ ପାଇଁ ଗରୀବ, ଅସହାୟ ତଥା ଦିନ ମଜୁରିଆଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାପାଇଁ ହେେଲ ଅଧିକ ଅଥର୍ଶ୍ରାଦ୍ଧ ସହିତ ଗୋଟିଏ ଦିନ ପୁରା ବିତିଯାଉଛି । ସେମିତରେ ବି ସ୍ୱଚ୍ଛ ସରକାରଙ୍କ ଦକ୍ଷ କମର୍ଚାରୀଙ୍କ ପାଇଁ ୫/୬ ଥର ଦୌଡିବାକୁ ପଡୁଛିେ ।ବିଶିଙ୍ଗା ଠାେର ବ୍ଲକ କାର୍ଯ୍ୟାଳୟ ସ୍ଥାପନ ପାଇଁ ପ୍ରଶସ୍ତ ଜମି ସହିତ ଆନୁସଙ୍ଗିକ ସୁବିଧା ରହିଛିେ ।କବଳ ସରକାରୀ ସ୍ୱୀକୃତି ମିଳିଲେ ଏହା ସମ୍ଭବ ହୋଇପାରିବ । ଏଥିସହିତ ବୈଶିଙ୍ଗା କୁ କେନ୍ଦ୍ର କରି ରହିଥିବା ୧୭ଟି ପଂଚାୟତ ସହିତ ବୈଶିଙ୍ଗା ଥାନା ଅଧୀନେର ଥିବା ଆଉ ୫/୬ ଟି ପଂଚାୟତ ମଧ ଉପକୃତ ହୋଇପାରେବେ । କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବା ପାଇଁ ସାଧାରଣେର ଦାବି ହେଉଛି ।

# ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

**ବାରିପଦା /ଉଦଳା(ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କର ଜଳ ସଂପଦ ବିଭାଗ ତରଫରୁ କ୍ଷୁଦ୍ର ଜଳ ସେଚନ ବିଭାଜନ, ମୟୂରଭଂଜର ନେତୃତ୍ୱରେ ଚଳିତ ଜାନୁଆରି ୧୬ ତାରିଖ ମଙ୍ଗଳବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ରାଢ଼ୋ ଗ୍ରାମ ପଂଚାୟତର 'ଜୟବନ୍ଧ' ଠାରେ ପାଣି ପଂଚାୟତ ପକ୍ଷ ପାଳନର ଉଦ୍ ?ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରକାଶ ଥାଉକି ଏହା ପ୍ରତିବର୍ଷ ଜାନୁଆରି ୧୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥାଏ । କ୍ଷୁଦ୍ର ଜଳସେଚନ ବିଭାଜନ, ମୟୂରଭଂଜର ଅଧିକ୍ଷଣ ଯନ୍ତ୍ରୀ ମାନସ ରଂଜନ ଦାଶ ଉଦ୍‌ଘାଟନ ଉତ୍ସବରେ ଅଧ୍ୟକ୍ଷତା କରି କୃଷକ ମାନଙ୍କର ସମସ୍ୟାର ସମାଧାନ ପାଇଁ 'ସହଭାଗୀ ଜଳସେଚନ ପରିଚାଳନା'ର କିପରି ଆବଶ୍ୟକତା ରହିଛି ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର



ମଢ଼େଇ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟ ପାଣି ପଂଚାୟତ ଅଧିନିୟମ ୨୦୦୩ରେ ଉଲ୍ଲେଖ ଥିବା ନିତି ନିୟମ ସମ୍ପର୍କରେ ଜଣାଇଥିଲେ । ଏହାପରେ ଆଡ଼ିସନାଲ ଚିଫ ଇଂ. ବିଷ୍ଣୁପଦ ପଟାୟତ ଓ ଅଫିକ୍ରାର ଆମୋଦ କୁମାର ପ୍ରଧାନ ତାଙ୍କର ବକ୍ତବ୍ୟରେ ପାଣି ପଂଚାୟତର ଗଠନ, ଚକ କମିଟି, ସାଧାରଣ ପରିଷଦ ବୈଠକ ଓ ପାଣି ପଂଚାୟତ ପାଇଁ ନିର୍ବାଚନ ପ୍ରକ୍ରୀୟା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଉଦଳା ବ୍ଲକରେ କାର୍ଯ୍ୟରତ ଉଦ୍ୟାନ ବିଭାଗର ଅଧିକାରୀ ସ୍ୱର୍ଣ୍ଣମୟି ସିଂ, କୃଷି ବିଭାଗର ଅଧିକାରୀ ପ୍ରଫୁଲ ବେହେରା, ମତ୍ସ୍ୟ ବିଭାଗର ଅଧିକାରୀ ସନ୍ଦିପ ବେହେରା ନିଜ ନିଜ ବିଭାଗରୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ପରିଷଦ ସଦସ୍ୟା ଲଳିତା ବିଷୋଇ ଓ ଇଂ. ସୁଶାନ୍ତି ସିଂ କୃଷକ ମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ମଡ଼େଲ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତିୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. କମଳାକାନ୍ତ ଲେଙ୍କା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଏହାପରେ ଡ଼ିହିରାକୁଲରୁ ଆସିଥିବା ଦୋଳଗୋବିନ୍ଦ ପୃଷ୍ଟି ଓ ସାଥୀ କଳାକାର ମାନେ ପାଲା ପରିବେଷଣ କରିଥିଲେ ।

# ଜାଗୃତିକା ତରଫରୁ ଫକୀରମୋହନ ଜୟନ୍ତୀ ପାଳନ

**ଚିଲିକା (ଅମୃତ ମିଡିଆ):** ବାଣପୁର ବ୍ଲକ୍ ଅନ୍ତର୍ଗତ ନାଚୁଣୀର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଜାଗୃତିକା ତରଫରୁ କଉଡ଼ି ଖଣିସ୍ଥ ଜଗତୀ ପାହାଡର ଜଗନ୍ନାଥ ମନ୍ଦିର ପରିସରରେ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ଓ ମକର ମିଳନ ଅନୁଷ୍ଠିତ ହୋଇଯାଇଛି । ଜଗୃତିକାର ବରିଷ୍ଟ ସଦସ୍ୟ ତଥା ଶିକ୍ଷାବିତ୍ ପଠାଣି ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ସଂଘର ସଂପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଙ୍ଘର ସଭାପତି ଗଙ୍ଗାଧର ପ୍ରଧାନ ସଭା ପରିଚାଳନା କରିଥିଲେ ।ସେ ପ୍ରଥମ ପର୍ଯ୍ୟାୟରେ ଯୁଗ ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତି ସଂଚାର କରିବା ପାଇଁ କହିଥିଲେ । ସଂଘର ବରିଷ୍ଠ ସଦସ୍ୟ କାଳୁ ଚରଣ ସାମନ୍ତରାୟ, ନୀରୋଦ କୁମାର ମହାପାତ୍ର, ଆଶିଷ କୁମାର ପତି, ପ୍ରମୋଦ କୁମାର ପଣ୍ଡା,ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ନିଜ ନିଜର ଓଜସ୍ୱୀ ବକ୍ତବ୍ୟ



ମାଧ୍ୟମରେ ଫକୀରମୋହନ ସେନାପତିଙ୍କୁ ଜଣେ ଯୋଗଜନ୍ମା ମହାପୁରୁଷ ଭାବେ ଅଭିହିତ କରିବା ସହ ତାଙ୍କ ପାଇଁ ଆଜି ଓଡ଼ିଆ ଭାଷା ବଞ୍ଚିଛି । ଓଡିଆ ଭାଷା ଥିବା ପର୍ଯ୍ୟନ୍ତ ସେ ସଦା ସର୍ବଦା ଓଡ଼ିଶାବାସୀଙ୍କ ହୃଦୟ ରେ ବଞ୍ଚିଥିବେ ବୋଲି କହିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଦୁର୍ଯ୍ୟୋଧନ ପ୍ରଧାନ, ଅଜିତ କୁମାର ମିଶ୍ର, ବେଣୁଧର ସାହୁ ଓ ରଘୁନାଥ ବେହେରା ପ୍ରମୁଖ ଅନ୍ୟ ସମସ୍ତ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ବାଗ୍ମୀ ରାମଚନ୍ଦ୍ର କର ଆଗାମୀ ତା୨୨-୦୧-୨୦୨୪ରିଖ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଜାଗୃତିକା ପକ୍ଷରୁ ଯଥା ଯୋଗ୍ୟ ମାର୍ଗରେ ସମ୍ବର୍ଦ୍ଧ କରିବା ନିମନ୍ତେ ଦର୍ଶାଇ ଥିଲେ ।ଶେଷରେ ଶିବ ପ୍ରସାଦ ତ୍ରିପାଠୀ ଧନ୍ୟବାଦାର୍ପଣ କରିଥିଲେ ।

# ଅର୍ପଣ ରଥ ପରିକ୍ରମା ସମାପ୍ତ, ଅନ୍ତିମ ଦିବସରେ କଳାକାର ସମ୍ବର୍ଦ୍ଧନା

**ଖଣ୍ଡପଡ଼ା(ଅମୃତ ମିଡିଆ):** ଖଣ୍ଡପଡ଼ା ସହରାଂଚଳ ସମେତ ସମଗ୍ର ବ୍ଲକ୍ ଅଚଂଳରେ ଚାଲିଥିବା ଅର୍ପଣ ରଥର ପରିକ୍ରମା କାର୍ଯ୍ୟ ସମାପ୍ତ ହେବା ସହିତ ଅନ୍ତିମ ଦିବସରେ କଳାକାର, ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଦେଖାଯାଇଛି । ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ସହଯୋଗ କ୍ରମେ ସମଗ୍ର ରାଜ୍ୟରେ ଅର୍ପଣରଥ ପରିକ୍ରମା ସହିତ ଦ୍ୱାର ଦ୍ୱାର ବୁଲି ଗୁଆ, ଚାଉଳ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ସ୍ୱୟଂସହାୟିକା ଗୋଷ୍ଠୀ, ମହିଳା/ପୁରୁଷ ସଂକୀର୍ତନମଣ୍ଡଳୀ, ସ୍ୱେଚ୍ଛାସେବୀ, କର୍ମଚାରୀ ଓ ଭକ୍ତ ମଣ୍ଡଳୀଙ୍କ ଦ୍ୱାରା ଖଣ୍ଡପଡ଼ା ସହରାଂଚଳର ସମସ୍ତ ୧୩ ଗୋଟି ୱାର୍ଡ଼ ସହିତ ବ୍ଲକ୍ ଅନ୍ତର୍ଗତ ୨୨ ଗୋଟି ପଂଚାୟତ ଅଂଚଳରେ ଏହି ଗୁଆ, ଚାଉଳ ସଂଗ୍ରହ କାର୍ଯ୍ୟ କରାଯାଇଥିଲା । ଶେଷ ଦିବସରେ ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ପଂଚାୟତରେ ଏହି ଅର୍ପଣ ରଥକୁ ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଅଧ୍ୟକ୍ଷା ଉପମା ବେହେରା, ସରପଂଚ ବାସନ୍ତୀ ବେହେରା, ବ୍ଲକ୍ ବିଜେଡ଼ି ସଭାନେତ୍ରୀ ମିନତୀ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଉଭୟ ଦର୍ଶକ ଓ ଭକ୍ତମାନେ ଭବ୍ୟ ସ୍ୱାଗତ କରିଥିଲେ । ସମସ୍ତ ୨୨ ଗୋଟି ପଂଚାୟତରୁ ସଂଗୃହୀତ ଗୁଆ, ଚାଉଳକୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ପୁରୀ ପଠାଯିବ ବୋଲି ସ୍ଥାନୀୟ ବିଡ଼ିଓ ଅଙ୍କୁର ଅଭିଳାଷଙ୍କ ସୂତ୍ରରୁ ପ୍ରକାଶ ପାଇଛି । ସେହିପରି ସହରାଂଚଳର ରଥଗଡ଼ାଛକ ଠାରେ ଏନ୍‌ଏସି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଶେଷ ଦିବସରେ ଅଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାର, ନୃତ୍ୟଶିଳ୍ପୀ, ବାଦ୍ୟକାର ଆଦିଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପଣ୍ଡିତ ମନୋଜ ଦାଶ ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ । ଏନ୍‌ଏସି ନିର୍ବାହୀ ଅଧିକାରୀ ନିରଂଜନ କୁମାର ଧଳ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଖଣ୍ଡପଡ଼ା ସହରଂଚଳର ସାମଗ୍ରିକ ବିକାଶ ନିମନ୍ତେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗକୁ ନେଇ ଏହି କାର୍ଯ୍ୟକ୍ରମ ସୁଚାରୁ ରୁପେ ହୋଇପାରିଥିବା ସ୍ଥାନୀୟ ସାମ୍ବାଦିକ ମାନଙ୍କ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



# ପାଣିପାଗ ବିଭାଗ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ

**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲିରେ ପାଣିପାଗ ବିଭାଗ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲିସ୍ଥ ପାଣି ପାଗ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମୃତିକା ସଂରକ୍ଷଣ ବିଭାଗର ଅଧିକାରୀ ତାରାପଦ ମହାନ୍ତି ଓ ପାଣିପାଗ ବିଭାଗର ଅଧିକାରୀ ରମେଶ ପୂର୍ଣ୍ଣଆ ପ୍ରମୁଖ ଯୋଗଦେଇ ପାଣିପାଗ ବିଭାଗରେ ଅଭିଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ପାଣିପାଗ ଉପରେ ବିଭିନ୍ନ ସୂଚନା ସଂଗ୍ରହ କରିଥିଲେ । ତେବେ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପାଇଁ ଏକ ଡ଼ିସପ୍ଲେ ବୋର୍ଡ ଲାଗିବା ପାଇଁ ପ୍ରସ୍ତାବ ଦିଆ ଯାଇଥିଲା ।

# ବ୍ୟାସକବି ଫକୀରମୋହନଙ୍କ ୧୮୨ତମ ଜୟନ୍ତୀ ପାଳିତ

**ଖୋର୍ଦ୍ଧା (ଅମୃତ ମିଡିଆ):** ରାଜ୍ୟର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମକରସଂକ୍ରାନ୍ତି ଓ ବ୍ୟାସକବି ଫକୀରମୋହନଙ୍କ ୧୮୨ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ପ୍ରାଚୀନ ସାହିତ୍ୟର ଉଦ୍ଧାରକ ଫକୀରମୋହନଙ୍କୁ ପ୍ରଦତ୍ତ "ସରସ୍ୱତୀ ସମ୍ମାନ' ଯଥାର୍ଥ ବୋଲି ଅତିଥିମାନେ ଅଭିହିତ କରିଥିଲେ । ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ବିଶିଷ୍ଟ କଥାଶିଳ୍ପୀ ଡ଼. ପଦ୍ମଜ ପାଳ ଫକୀରମୋହନଙ୍କ ସାହିତ୍ୟରେ ପ୍ରତିଫଳିତ ପ୍ରଗତିଶୀଳ ଚେତନା ଓ ଦାର୍ଶନିକ ଜିଜ୍ଞାସା ପ୍ରତିପାଦିତ କରିଥିଲେ । ମୁଖ୍ୟବକ୍ତା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ଼. ସୁନୀତା ତ୍ରିପାଠୀ ଓଡ଼ିଆ ଭାଷାକୁ ଜୀବନ ଦେଇଥିବା ଫକୀରମୋହନଙ୍କ ସାହିତ୍ୟରେ



କିପରି ସମାଜ ସଚେତନ ମୂଳକ ଦୃଷ୍ଟିଭଙ୍ଗୀ, ନାରୀ ମନସ୍ତତ୍ତ୍ୱ ପ୍ରତିପାଦିତ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ପ୍ରାଣନାଥ ମହାବିଦ୍ୟାଳୟର ଅଧ୍ୟାପକ ଡ଼. ଅରବିନ୍ଦ ପ୍ରଧାନ ଫକୀରମୋହନ ସାହିତ୍ୟରେ ପ୍ରତିଫଳିତ ଗ୍ରାମୀଣ ଭାଷାର ବିଶ୍ଳେଷଣ ସହିତ ଅଭିନବ ଶୈଳୀ ଓ ଚାତୁର୍ଯ୍ୟ ପ୍ରୟୋଗକୁ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଡ଼.ଲକ୍ଷ୍ମଣ ସାହୁ ଫକୀରମୋହନଙ୍କ ସାହିତ୍ୟରେ ପ୍ରତିଫଳିତ ନିଚ୍ଛକ ସତ୍ୟ କିପରି ତାଙ୍କ ସୃଷ୍ଟିକୁ କାଳଜୟୀ କରିପାରିଛି ତାହା ଆଲୋଚନା କରିଥିଲେ । ବୈକୁଣ୍ଠନାଥ ରାଜଗୁରୁ ଫକୀରମୋହନଙ୍କର ବ୍ୟାସକବି ଉପାଧିର ଯଥାର୍ଥତା ପ୍ରତିପାଦିତ କରିବା ସହିତ ତାଙ୍କ ଅନୁବାଦ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପକ ତୁଷାର ପାଲଟାସିଂହ, ଗାଳ୍ପିକ ତପନ ମହାପାତ୍ର, ଡ଼. କୈଳାସ ଚନ୍ଦ୍ର ମହାରଣା, ଗୀତାଞ୍ଜଳୀ ମହାପାତ୍ର, ଡ଼. ବୃନ୍ଦାବନ ପଣ୍ଡା, ପ୍ରମୁଖ ଫକୀରମୋହନଙ୍କ ସାହିତ୍ୟରେ ସଂଗୋପିତ ଶୈଳୀ, ଭାଷା ଓ ଚରିତ୍ର ବିଶ୍ଳେଷଣ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସଭାପତି ଇତିଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ଚପଳା ପଣ୍ଡା ଓ ସସ୍ମିତା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଆରତୀ ମଞ୍ଜରୀ ଦାଶ, ବାସୁଦେବ ସାହୁ, ଲକ୍ଷ୍ମୀଧର ବଡ଼ଜେନା, ନାରାୟଣ ଦାସ, ଦିବ୍ୟଲୋଚନ ଭାରିମଲ୍ଲ, ଗୋବିନ୍ଦ ଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଫକୀର ସାମନ୍ତରାୟ, ଗୀତାଞ୍ଜଳୀ ମହାପାତ୍ର, ପ୍ରିୟଦର୍ଶିନୀ ମହାରାଣା,ସୌଦାମିନି ପଟ୍ଟନାୟକ, ବଂଶୀଧର ଦାସ, ବିଧାନ ଚନ୍ଦ୍ର ମହାନ୍ତି, ଭକ୍ତ ବଲ୍ଲଭ ପଟ୍ଟନାୟକ , ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ଡ଼. ଯୋଗେଶ ଚନ୍ଦ୍ର ରଥ ।

# ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଚାଂୟତ ଜରିମୂଳ ସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦିଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ନଭେମ୍ବର ମାସରେ କରାଯିବା ପାଇଁ ଆଲୋଚନା ହୋଇଥିଲା । ଏହି ବୈଠକରେ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାବିତ୍, ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସରଂପଚ ଚିତରଂଜନ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ, ମହେଶ୍ୱର ରାଉତ, ବ୍ରହ୍ମାନନ୍ଦ ରାଉତ, ସୀତାକାନ୍ତ ରାଉଳଙ୍କ ସହ କାହ୍ନୁଚରଣ ଚଣ୍ଡ, ଭଗବତୀ ରାଉତ, ମାନସ ମିଶ୍ର, ଅଜୟ ବେହେରା, ମୋହନ ଦାସ, ବନୋଜ ବରାଳ, ଅଜୟ ପାତ୍ର ପ୍ରମୁଖଙ୍କ ସହ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ସଭାପତି ଭାବେ ପ୍ରାକ୍ତନ ଛାତ୍ର ମହେଶ୍ୱର ରାଉତ, ସଦସ୍ୟ ଜୟରାମ ରାଉତ, କୈଳାସ ରାଉତ, ବ୍ରହ୍ମାନନ୍ଦ ରାଉତ, ମଙ୍ଗୁଳିଚରଣ ସ୍ୱାଇଁ, ଧ୍ରୁବଚରଣ ମହାନ୍ତି, ସୀତାକାନ୍ତ ରାଉଳ, ଧନେଶ୍ୱର ଯତିଙ୍କୁ ଚୟନ କରାଯାଇଥିଲା ।



# ଗୋକର୍ଣ୍ଣେଶ୍ୱର ଠାରେ ସ୍ୱର୍ଗଦ୍ୱାର, ସିଏଫ୍‌ସି ପ୍ରତିଷ୍ଠା, ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଅନିଶ୍ଚିତତା

**ଧର୍ମଶାଳା(ଅମୃତ ମିଡିଆ):** ଧର୍ମଶାଳାର ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ରବି ଲାବଣ୍ୟ ଜୀବିତ ଅବସ୍ଥାରେ ଧର୍ମଶାଳାର ବିକାଶ ସେ କରିଥିବା ଉଦ୍ୟମ ଅଦ୍ୟାବଧି କାର୍ଯ୍ୟକାରୀ ହେଉନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତାଙ୍କ ଉଦ୍ୟମରେ ଉନ୍ନୟନ ମୂଳକ କାର୍ଯ୍ୟ ମଞ୍ଜୁର ହୋଇଥିଲେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଯୋଗ୍ୟକି ଜାରକା ତଥା ଆଖପାଖ ଅଂଚଳରେ ସ୍ମଶାନ ନଥିବାରୁ ଆରାଧ୍ୟଦେବତା ପ୍ରଭୂ ଗୋକର୍ଣ୍ଣେଶ୍ୱରଙ୍କ ନାମରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କରିବାକୁ ଶ୍ରୀ ଲାବଣ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଦୁଇ ବର୍ଷ ପୂର୍ବେ ଦାବି କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଏଥିପାଇଁ ଅଢେଇ ଏକର ଜମି ଯୋଗାଇଦେବା ସହିତ ଏହାର ନିର୍ମାଣ ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଅଦ୍ୟାବଧି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ । ସେହିପରି ଜାରକା ଫ୍ଲାଇଓଭର ବ୍ରିଜ ନିକଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପକ୍ଷ କର୍ତ୍ତୃପକ୍ଷଙ୍କୁ ପତ୍ର କରିଥିଲେ ମଧ ଏ ଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ସେହିପରି ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ମହିଳା କାରିଗର ମାନେ ଦୀର୍ଘଦିନ ଧରି ଚାନ୍ଦୁଆ ତିଆରି କରି ଆସୁଥିବା ବେଳେ ଏହି କାରିଗର ମାନଙ୍କ ପାଇଁ ଏଠାରେ ଏକ ସିଏଫ୍‌ସି ପ୍ରତିଷ୍ଠା କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସିଏଫ୍ ?ସି ପ୍ରତିଷ୍ଠା କରିବା ନେଇ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ଯାଜପୁରଙ୍କ ନିକଟଙ୍କୁ ନିର୍ଦ୍ଦେଶ ଆସିଥିବା ବେଳେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ । ସ୍ୱର୍ଗତ ଲାବଣ୍ୟଙ୍କର ଗତ ଅକ୍ଟୋବର ୩୦ରେ ଆକସ୍ମିକ ବିୟୋଗ ହୋଇଯାଇଥିବା ବେଳେ ତାଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଉନ୍ନୟମ ମୂଳକ କାର୍ଯ୍ୟର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି । ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସ୍ୱର୍ଗତ ଲାବଣ୍ୟ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଗତ ଅଗଷ୍ଟ ମାସରେ ସାକ୍ଷାତ କରି ଅନୁରୋଧ କରିଥିବା ବେଳେ ସେ ଏହି କାର୍ଯ୍ୟ ସେପଟେମ୍ବର ୧୫ ସୁଦ୍ଧା ଆରମ୍ଭ ହେବ ବୋଲି ସ୍ୱର୍ଗତ ଲାବଣ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଲୋଚନା ସମୟରେ ଉପସ୍ଥିତ ଥିବା ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜିବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ସହିତ ମଞ୍ଜୁର ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଅନ୍ୟତ୍ର ମଶାଣୀ କରିବା ପାଇଁ ନୂତନ ଜାଗା ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଖୋର୍ଦ୍ଧା(ଅମୃତ ମିଡିଆ):** ପାଇକବୀର ବକ୍ସି ଜଗବନ୍ଧୁଙ୍କର ଜାନୁୟାରୀ ୨୪ ତାରିଖ ଶ୍ରାଦ୍ଧ ଦିବସ ପୂର୍ବରୁ ପଞ୍ଚ ପାଇକ ନିକଟରେ ଥିବା ମଶାଣୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଖୋର୍ଦ୍ଧା ବିକାଶ ମଞ୍ଚ ତରଫରୁ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ଦାବୀ ପତ୍ର ସ୍ଥାନୀୟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ନଚେତ୍ ଆନ୍ଦୋଳନ ତୀବ୍ରତର ହେବ ବୋଲି ଘୋଷଣା କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ତାଙ୍କ ତରଫରୁ ଡ଼େପୁଟି କଲେକ୍ଟର ଶ୍ରୀପଦା ମିଶ୍ର ଦାବୀ ପତ୍ର ଗ୍ରହଣ କରିଥିଲେ । ଏଥିରେ ଅତିଥି ଭାବେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ କହିଲେ, ପାଇକମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବା ଉଚିତ୍ । ପ୍ରକାଶ ଥାଉକି, ଖୋର୍ଦ୍ଧା ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ । ଏହିଠାରୁ ଆରମ୍ଭ ହୋଇଥିଲା ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଅଗ୍ନି ସ୍ଫୁଲିଙ୍ଗ -ପାଇକ ବିଦ୍ରୋହ । ଏହାର ନେତୃତ୍ୱ ନେଇଥିଲେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସମେତ ଜୟୀରାଜଗୁରୁ ,କୃତିବାସ ପାଟ୍ଟଶାଣୀ, ତାପଙ୍ଗ ଦଳ ବେହେରା ଓ ପିଣ୍ଡିକି ବାହୁବଳେନ୍ଦ୍ର । ଏହିମାନେ ହେଉଛନ୍ତି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମୂର୍ତ୍ତିମନ୍ତ ପ୍ରତୀକ । ତେଣୁ ଉପରୋକ୍ତ ପଞ୍ଚ ପାଇକଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଖୋର୍ଦ୍ଧାର ୧୬ନଂ ଜାତୀୟ ରାଜପଥ କଡ଼ରେ ଥିବା ପଞ୍ଚ ପାଇକ ପୀଠରେ ସେମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । କିନ୍ତୁ ବଡ଼ ଦୁଃଖର ବିଷୟ, ଏହି ପଞ୍ଚ ପାଇକ ପୀଠକୁ ଲାଗି ଏକ ମଶାଣି ରହିଛି । ଯାହା ଫଳରେ ଉପରୋକ୍ତ ପଞ୍ଚ ପାଇକମାନେ ଅସମ୍ମାନୀତ ହେଉଛନ୍ତି । ଅନ୍ୟ ପକ୍ଷରେ ଆସନ୍ତା ୨୪ ତାରିଖ ଦିନ ଜିଲ୍ଲା ପ୍ରଶାସନ ବକ୍ସି ଜଗବନ୍ଧୁଙ୍କର ଶ୍ରାଦ୍ଧ ଦିବସ ପାଳନ କରିବାକୁ ଯାଉଛି । ଯଦି ଏହା ପୂର୍ବରୁ ମଶାଣୀ ପାଇଁ ଜାଗା ଦିଆନଯାଏ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି ମଞ୍ଚର ସଭାପତି ଆଇନ୍‌ଜୀବୀ ଶ୍ରୀ ପୃଷ୍ଟି ପ୍ରକାଶ କରିଛନ୍ତି । ଆଜିର ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଜଟଣୀର ସମାଜସେବୀ ମନ୍ମଥ ରାଉତରାୟ, ହେମନ୍ତ ପାତ୍ର, ନଗେନ୍ଦ୍ର ଚମ୍ପତି, ସୁବାସ ସାମନ୍ତରାୟ, ଡ଼. ବୃନ୍ଦାବନ ପଣ୍ଡା, ବାଲାଜୀ ପାତ୍ର, ରାମ ନାରାୟଣ ଦାଶ, ବେନୁ ନାୟକ, ରବି ନାୟକଙ୍କ ସମେତ ଗଡ଼ଦ୍ୱାରା ସାହିର ଅନେକ ଅଧିବାସୀ । ଏଥିରେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ ଖୋର୍ଦ୍ଧାର ମା ବରୁଣେଇ ପାଇକ ଆଖଡ଼ା ସଂଘ ଓ ଗୋଳବାଇର ମା ଭଗବତୀ ପାଇକ ଆଖଡ଼ା ସଂଖ ।



# ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଗମନ, ସକରାତ୍ମକ ବାର୍ତ୍ତା ବହନ କରିଛି

**ଖଣ୍ଡପଡା (ଅମୃତ ମିଡିଆ):** ଶ୍ରୀ ଜଗନ୍ନାଥଙ୍କ ଆଦିକ୍ଷେତ୍ର ଶ୍ରୀ ନୀଳମାଧବ ପୀଠ କଂଟିଲୋ ଓ ଶ୍ରୀଜଗନ୍ନାଥ ପୀଠ ନୀଳାଚଳ ଧାମ ପୁରୀ ସହ ସଂଯୋଗର ସାରଥୀ ଜଗତ୍‌ଗୁରୁ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଆଗମନ ସକରାତ୍ମକ ବାର୍ତ୍ତା ବହନ କରୁଥିବାର ଶ୍ରୀ ନୀଳମାଧବ ମନ୍ଦିର ପୂଜକ ସମାଜ ପକ୍ଷରୁ କୁହାଯାଇଛି । ୧୬ ତାରିଖ ମଙ୍ଗଳବାର ଦିନ ପୂଜକ ସମାଜ ପକ୍ଷରୁ ଶ୍ରୀ ଜୀଉଙ୍କ ମନ୍ଦିର ମଧ୍ୟସ୍ଥ ଆନନ୍ଦ ବଜାର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୦ ଓ ୨୧ ତାରିଖ ଦିନ ଖଣ୍ଡପଡ଼ା ବିଧାନସଭା ମଣ୍ଡଳୀ ମଧ୍ୟସ୍ଥ ଫତେଗଡ଼ ଠାରେ ଭବ୍ୟ ରାମ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହେଉଥିବା ବେଳେ କାର୍ଯ୍ୟକ୍ରମରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେବା ନିମନ୍ତେ ସ୍ଥିର କରାଯାଇଛି । ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସହିତ ତାଙ୍କର ପରମ୍ପରା ଓ ସଂସ୍କୃତିରେ ଯେହେତୁ




ହିନ୍ଦୁ ଧର୍ମର ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କର ସମ୍ପୃକ୍ତି ଓ ଅଗ୍ରଣୀ ଭୂମିକା ରହିଛି, ଶ୍ରୀ ଜଗନ୍ନାଥଙ୍କ ଆଦିପୀଠଭାବେ ବିଦିତ ପ୍ରଭୁ ନୀଳମାଧବଙ୍କର ପୂଜକ ସମାଜ ଏ ଅବକାଶରେ ଏହି ପୁଣ୍ୟ ଭୂମିରୁ ତାଙ୍କୁ ସ୍ୱାଗତ ଓ ସାଧୁବାଦ ଜ୍ଞାପନ କରୁଥିବାର ପ୍ରକାଶ କରିଛନ୍ତି । ବିଗତ ୧୯୧୨ ମସିହାରେ ନବକଳେବର ସମୟରେ ଫତେଗଡ଼ ସ୍ଥିତ ପାହାଡ଼ ମଧ ଭାଗରୁ ଶ୍ରୀ ସୁଦର୍ଶନଙ୍କ ଦାରୁ ଚିହ୍ନଟ ହୋଇ ସଂଗ୍ରହ କରାଯାଇଥିଲା । ଯେଉଁ ଠାରୁ ଶ୍ରୀ ଜୀଉଙ୍କ ଦାରୁ ସଂଗୃହୀତ ହୋଇଥିଲା ଏବେ ସେ ସ୍ଥାନରେ ଏକ ଭବ୍ୟ ରାମମନ୍ଦିର ସ୍ଥାନୀୟ ଲୋକଙ୍କ ସାହାଯ୍ୟ ସହଯୋଗରେ କରାଯାଇଛି । ଦୀର୍ଘ ୭ ବର୍ଷ ତଳେ ନୟାଗଡ଼ ଜିଲ୍ଲାକୁ ଆଦିଗୁରୁଙ୍କ ପ୍ରଥମ ଗସ୍ତ ହୋଇଥିବା ବେଳେ ଏବେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ସମାରୋହରେ ପୁନଃ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ଏହାକୁ ନେଇ ନୟାଗଡ଼ ଜିଲ୍ଲାରେ ଅଗଣିତ ଭକ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ଉଦ୍ଦିପନା ସୃଷ୍ଟି ହୋଇଥିବା ବେଳେ ସମଗ୍ର ଜିଲ୍ଲା ଉତ୍ସବ ମୁଖର ହୋଇପଡ଼ିଛି । ନୟାଗଡ଼ ଜିଲ୍ଲାପାଳ ରବିନ୍ଦ୍ର ନାଥ ସାହୁଙ୍କ ଦ୍ୱାରା ଫତେଗଡ଼ ସ୍ଥିତ ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି, ଶ୍ରୀ ଶ୍ରୀ ନୀଳମାଧବ ମନ୍ଦିର ପୂଜକ ସମାଜ ଓ ଜିଲ୍ଲା ପ୍ରଶାସନର ସହଭାଗିତାରେ ଏକ ମିଳିତ ବୈଠକର ଆୟୋଜନ କରାଯାଇ କାର୍ଯ୍ୟକ୍ରମର ରୁପରେଖ ପ୍ରସ୍ତୁତି ସହ ସୁଚାରୁ ରୁପେ ସମ୍ପାଦନ ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୂଜକ ସମାଜ ପକ୍ଷରୁ ଅନୁରୋଧ କରାଯାଇଛି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂଜକ ସମାଜର ସଭାପତି ସଚିଦାନନ୍ଦ ମିଶ୍ର, ଉପସଭାପତି ସରୋଜ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର, କୋଷାଧ୍ୟକ୍ଷ ରାଶେଶ୍ୱର ମିଶ୍ର, ବରିଷ୍ଠ ପୂଜକ ପ୍ରଶନ୍ନ ମିଶ୍ର ଓ ପିତବାସ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିବାର ଦେଖାଯାଇଥିଲା ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***ଆଜି ...***

ବ୍ୟାଟେରୀ ଚାଳିତ ଗାଡ଼ି ଯୋଗେ ଯଜ୍ଞ ମଣ୍ଡପକୁ ଆସିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଏସପି କନୱର ବିଶାଳ ସିଂଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କ ଉପସ୍ଥିତିରେ କାରକେଡ୍ ରିହର୍ସାଲ କରାଯାଇଛି । ସମ୍ପୂର୍ଣ୍ଣ ସିକ୍ୟୁରିଟି ବ୍ଲାଙ୍କେଟ୍‌ରେ ରହିଛି ଶ୍ରୀକ୍ଷେତ୍ର ପୁରୀ । ସାଧାରଣ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ଯେଭଳି କିଛି ଅସୁବିଧା ନହେବ ସେଥିଲାଗି ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ କହିଛନ୍ତି ।

***ବିଏସକେୱାଇ...***

୪୮,୫୦୦, ଖୋର୍ଦ୍ଧା ଜିଲ୍ଲାରୁ ୨୬,୮୨୫, କଟକ ଜିଲ୍ଲାରୁ ୨୮,୭୯୪, ଭଦ୍ରକ ଜିଲ୍ଲାରୁ ୨୩,୦୪୨ ଏବଂ ବାଲେଶ୍ୱର ଜିଲ୍ଲାରୁ ୨୨,୫୭୦ ଦରଖାସ୍ତ ମିଳିଛି । ପୁରୀ ଜିଲ୍ଲାରୁ ୨୦,୭୪୪ ଦରଖାସ୍ତ ମିଳିଥିବା ବେଳେ କେନ୍ଦ୍ରାପଡାରୁ ୧୯,୫୭୮ ଓ ନୟାଗଡରୁ ୧୪,୯୪୭ ଦରଖାସ୍ତ ଅନଲାଇନରେ ପଞ୍ଜୀକୃତ ହୋଇଛି । ଜଗତସିଂହପୁରରୁ ୧୫,୨୪୮, ଯାଜପୁରରୁ ୧୪,୦୬୧, ବରଗଡ଼ରୁ ୧୪,୫୬୯, ସୁନ୍ଦରଗଡ଼ରୁ ୧୨,୩୪୯, ଅନୁଗୋଳରୁ ୧୨,୩୯୭ ଏବଂ ଢେଙ୍କାନାଳରୁ ୧୧,୮୮୦ ଦରଖାସ୍ତ ମିଳିଛି । ୩୦ଟି ଯାକ ଜିଲ୍ଲାରୁ ଜିଲ୍ଲା ପିଛା ହାରାହାରି ୧୧,୫୦୦ରୁ ଉର୍ଦ୍ଧ୍ୱ ଦରଖାସ୍ତ ପଞ୍ଜୀକୃତ ହୋଇଛି ।



# କୀର୍ତ୍ତିଙ୍କ ବଲିଉଡ୍ ଡେବ୍ୟୁ

ରାଷ୍ଟ୍ରୀୟ ପୁରସ୍କାର ବିଜେତା ଦକ୍ଷିଣ ଭାରତୀୟ ସିନେମା ଜଗତର ଲୋକପ୍ରିୟ ଅଭିନେତ୍ରୀ କୀର୍ତ୍ତି ସୁରେଶଙ୍କୁ ଆଗକୁ ବରୁଣ ଧୱନଙ୍କ ସହିତ 'ଭିଡି-୧୮'ରେ ରୋମାନ୍ସ କରୁଥିବା ଦେଖିବାକୁ ମିଳିବ । ଏଟଲି କୁମାରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ଜରିଆରେ ବଲିଉଡ୍ ଡେବ୍ୟୁ କରିବେ କୀର୍ତ୍ତି । ଏହା ୨୦୧୬ରେ ରିଲିଜ୍ ହୋଇଥିବା ଏଟଲିଙ୍କର ତାମିଲ ବ୍ଲକ୍‌ବଷ୍ଟର 'ଥେରି'ର ରିମେକ୍। ଚଳିତବର୍ଷ ଫିଲ୍ମଟି ରିଲିଜ୍ ହେବାର ଅଛି । ବରୁଣ ଏଥିରେ ଜଣେ ପୁଲିସ ଅଧିକାରୀଙ୍କ ଭୂମିକାରେ ନଜର ଆସିବାକୁ ଥିବାବେଳେ କୀର୍ତ୍ତି ତାଙ୍କର ନାୟିକା ଭୂମିକାରେ ନଜର ଆସିବେ। ଏ ସଂପର୍କରେ ଏକ ସାକ୍ଷାତକାରରେ କୀର୍ତ୍ତି କହିଛନ୍ତି, ଏଟଲି କୁମାର ଏବଂ ବରୁଣ ଧୱନ୍‌ଙ୍କ ସହ କାମ କରିବା ନେଇ ଉତ୍ସାହିତ ଅଛି । ଏହା ମୋର ବଲିଉଡ୍ ଡେବ୍ୟୁ ହୋଇଥିବାରୁ ଫିଲ୍ମକୁ ନେଇ ଅନେକ ଆଶା ରହିଛି । ବରୁଣ, କୀର୍ତ୍ତିଙ୍କ ବ୍ୟତୀତ ଏଥିରେ ବାମିକା ଗବ୍ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ୨୫୦ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଛନ୍ତି ଏ. କାଲିଶ୍ୱରନ୍ । ସୂଚନାଥାଉକି, 'ଥେରି'ରେ ବିଜୟ ସେତୁପତି ଏବଂ ସାମନ୍ଥାଙ୍କର ଯୋଡ଼ିକୁ ଦେଖିବାକୁ ମିଳିଥିଲା । ଦର୍ଶକେ ସେହି ଫିଲ୍ମକୁ ଖୁବ୍ ପସନ୍ଦ କରିବା ସହିତ ତାହା ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା ।

# କୈକେୟୀ ଭୂମିକାରେ ଲାରା ଦ



ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ରାମାୟଣ ପୁଣି ଥରେ ଚର୍ଚ୍ଚାରେ ଅଛି। ପ୍ରତ୍ୟେକ ଥର ଫିଲ୍ମର ଷ୍ଟାର କାଷ୍ଟ ବିଷୟରେ କିଛି ନୂଆ ଅପଡେଟ ବାହାରକୁ ଆସୁଛି। ଏଥିରେ ରଣବୀର କପୁର ପ୍ରଭୁ ରାମଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି। କନ୍ନଡ ସୁପରଷ୍ଟାର ଯଶ ରାବଣ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମ ଚଳିତ ବର୍ଷ ମାର୍ଚ୍ଚ ୨୦୨୪ ରେ ଫ୍ଲୋରକୁ ଆସିବ। ଫିଲ୍ମ ସହିତ ଜଡିତ ଆଉ କିଛି ଆଇକନ ଚରିତ୍ର ପାଇଁ ଏଠାରେ ତାରକାଙ୍କ ନାମ ସାମ୍ନାକୁ ଆସୁଛି। ପ୍ରଭୁ ହନୁମାନଙ୍କ ଭୂମିକାରେ ଅଭିନୟ କରିବାକୁ ସନି ଦେଓଲଙ୍କ ସହ ନିର୍ମାତାମାନେ ଆଲୋଚନା ଆରମ୍ଭ କରିଥିଲେ। ବର୍ତ୍ତମାନ ଜାଣିବାକୁ ମିଳିଛି ଯେ ନୀତେଶ ତିୱାରୀ ଏବଂ କମ୍ପାନୀ ଏହି ମହାକାଣ୍ଡର ଷ୍ଟାର-କାଷ୍ଟକୁ ଲକ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ରାମାୟଣରେ ରାଜକୁମାରୀ କୈକେୟି ଭୂମିକାରେ ଅଭିନୟ କରିବାକୁ ଲାରା ଦତ୍ତଙ୍କ ସହ ଆଲୋଚନା ଚାଲିଛି। ଲାରା ଦତ୍ତ ଏକ ବଳିଷ୍ଠ ଚରିତ୍ର ସହିତ ଚଳଚ୍ଚିତ୍ର ଜଗତରେ ପ୍ରତ୍ୟାବର୍ତ୍ତନ କରିପାରିବେ। ପ୍ରକାଶ ଯେ, ନୀତେଶ ତିୱାରୀ ଏପରି ଅଭିନେତାଙ୍କୁ କାଷ୍ଟ କରିବାକୁ ଚାହୁଁଛନ୍ତି, ଯେଉଁମାନେ ଭାରତୀୟ ଇତିହାସର ଏହି ପ୍ରତୀକାତ୍ମକ ଚରିତ୍ରରେ ଅଭିନୟ କରିବାକୁ ସକ୍ଷମ ଅଟନ୍ତି। ଯିଏ ରାମାୟଣରେ ସମଗ୍ର ବିବାଦର ନେତୃତ୍ୱ ନେଇଥାଏ ଏବଂ ଲାରା ନୀତୀଶ ତିୱାରୀଙ୍କ କଳ୍ପନା ଦୁନିଆକୁ ନେଇ ଉତ୍ସାହିତ ଥିଲେ। ମାର୍ଚ୍ଚରେ ସେ ଫିଲ୍ମର ପ୍ରଥମ କାର୍ଯ୍ୟସୂଚୀରେ ରଣବୀର କପୁରଙ୍କ ସହ ଯୋଗଦେବେ ବୋଲି ଆଶା କରାଯାଉଛି। କୈକେୟିଙ୍କ ବ୍ୟତୀତ ଅନ୍ୟ ଚରିତ୍ରମାନଙ୍କ ପାଇଁ କାଷ୍ଟିଂ ଫ୍ରଣ୍ଟରେ ମଧ୍ୟ କାମ ଚାଲିଛି।

# ରାଜ୍ୟ ରେକିଂ ପ୍ରତିଯୋଗିତାରେ ୯ ବର୍ଷରେ ସମର୍ଥ ଓ ୧୧ ବର୍ଷରେ ଗୌତମ ରାଜ୍ୟ ଚମ୍ପିୟାନ

**ବଲାଙ୍ଗୀର(ଅମୃତ ମିଡିଆ):** ୟନେକ୍ସ ସନ୍‌ରାଇଜ ଓଏସ୍‌ବିଏ ରାଜ୍ୟ ରେକିଂ ବ୍ୟାଡମି ନ ପ୍ରତିଯୋଗିତାର ୯ ବର୍ଷ ଓ ୧୧ ବର୍ଷ ବୟସ ବର୍ଗରେ ଜିଲ୍ଲା ବ୍ୟାଡମି ନ ସଂଘରୁ ପ୍ରତିନିଧିତ୍ୱ କରିଥିବା ଖେଳାଳି ସମର୍ଥ ପାଢୀ ଓ ଜି. ଗୌତମ ରାଜ୍ୟ ଚମ୍ପିୟାନ ହୋଇ ବଲାଙ୍ଗିର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଓଡିଶା ରାଜ୍ୟ ବ୍ୟାଡମି ନ ସଂଘ ଓ କଟକ ଜିଲ୍ଲା ବ୍ୟାଡମି ନ ସଂଘ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା କ୍ରାଇଷ୍ଟ କଲେଜ ଇନ୍‌ଡୋର ଷ୍ଟାଡିୟମ ଠାରେ ଗତ ୧୨ ତାରିଖରୁ ଅନୁଷ୍ଠିତ ହୋଇ ୧୪ ତାରିଖରେ ସମାପନ ହୋଇଥିଲା। ୯ ବର୍ଷରୁ କମ୍ ବର୍ଷ ବୟସ ବର୍ଗରେ ବଲାଙ୍ଗିର ଖେଳାଳି ସମର୍ଥ ପାଢୀ ଚି ।କର୍ଷକ ଖେଳ ପ୍ରଦର୍ଶନ କରି ବାଲେଶ୍ୱର ଖେଳାଳି ହର୍ଷଙ୍କୁ ୨୧-୧୬ ଓ ୨୧-୭ ସିଧାସଳଖ ଦୁଇ ସେଟ୍ ରେ ପରାଜିତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ । ଠିକ୍ ସେହି ପରି ଶିର୍ଷ ମାନ୍ୟତା ଖେଳାଳି ଜି. ଗୌତମ ଭୁବନେଶ୍ୱର ଖୋର୍ଦ୍ଧାର ସଚିନ ସାହୁଙ୍କୁ ସିଧାସଳଖ ୨୧-୧୬ ଓ ୨୧-୧୦ରେ ପରାଜିତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲେ। ଖେଳାଳି ତଥା କୋଚ ଅଭିମନ୍ୟୁ ବର୍ଗତିଙ୍କ ତତ୍ତ୍ୱାବଧାନରେ ଏକ ୧୦ ଜଣିଆ ଟିମ୍‌ର ପ୍ରାୟ ସମସ୍ତ ଖେଳାଳି ଏହି ପ୍ରତିଯୋଗିତାରେ ଉତମ ଖେଳ ପ୍ରଦର୍ଶନ କରିଥିବା ବେଳେ ଏହି ଦୁଇ ଖେଳାଳି ନିଜ ନିଜ ବୟସ ବର୍ଗରେ ଚମ୍ପିୟାନ ହୋଇ ବଲାଙ୍ଗିର ର ବ୍ୟାଡମି ନ ଖେଳର ଶ୍ରେଷ୍ଠତ୍ୱକୁ ବଜାୟ ରଖିଛନ୍ତି । ଏମାନଙ୍କର ସଫଳତାରେ ଜିଲ୍ଲା ବ୍ୟାଡମି ନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ସଂପାଦକ ସୁରୁଲାଲ ମଟାରୀ, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଅନନ୍ତ ବେହେରା, ମାନସ ମହାନ୍ତି, କବି ଠାକୁର, ସୁରେନ୍ଦ୍ର ନେପାଳ, ସିଧାର୍ଥ ମିଶ୍ର, ଆଶିଷ ଦର୍ଜି, ଅଜିତ ଶତପଥି ଙ୍କ ସମେତ ସଂଘର କର୍ମକର୍ତା ଓ ଖେଳାଳିମାନେ ଅଭିନନ୍ଦନ ଜଣାଇଛନ୍ତି ।



# ୱିମ୍ବଲଡନ୍ ବିଜୟିନୀଙ୍କୁ ବିଦା କଲେ ଡାଏନା

**ମେଲ୍‌ବର୍ଣ୍ଣ:** ୱିମ୍ବଲଡନ୍ ବିଜୟିନୀ ମାର୍କେଟା ଭୋନ୍ଦ୍ରେସୋଭା ଓ ଏଠାରେ ଦୁଇ ଥର (୨୦୧୯, ୨୦୨୧) ଟ୍ରଫି ଜିତିଥିବା ନାଓମି ଓସାକା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସୋମବାର ସପ୍ତମ ମାନ୍ୟତାପ୍ରାପ୍ତ ଚେକ୍‌ଗଣରାଜ୍ୟର ଭୋନ୍ଦ୍ରେସୋଭାଙ୍କୁ ୬-୧, ୬-୨ ସିଧାସଳଖ ସେଟ୍‌ରେ ୟୁକ୍ରେନ୍‌ର କ୍ୱାଲିଫାୟାର ଡାୟାନା ୟାଷ୍ଟ୍ରିମସ୍କା ପରାସ୍ତ କରି ବିଦାୟ ରାସ୍ତା ଦେଖାଇଛନ୍ତି। ୨୪ ବର୍ଷୀୟା ଭୋନ୍ଦ୍ରେସୋଭା ପ୍ରଥମ ଅଣମାନ୍ୟତାପ୍ରାପ୍ତ ଖେଳାଳି ଭାବେ ଗତ ବର୍ଷ ଅଲ୍‌ଇଂଲଣ୍ଡ ମୁକୁଟ ହାତେଇଥିଲେ। ଅନ୍ୟପକ୍ଷରେ ୨୩ ବର୍ଷୀୟା ୟାଷ୍ଟ୍ରିମସ୍କା ୨୦୧୯ରେ ମେଲ୍‌ବର୍ଣ୍ଣରେ ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ। ସନ୍ତାନ ପ୍ରସବ ପାଇଁ ଗୋଟିଏ ବର୍ଷ ଟେନିସଠୁ ଦୂରେଇ ରହିଥିବା ଜାପାନୀ ଖେଳାଳି ଓସାକାଙ୍କ ପ୍ରତ୍ୟାବର୍ତ୍ତନ ଫିକା ପଡ଼ିଛି। ଏହି ୪ ଥରର ଗ୍ରାଣ୍ଡସ୍ଲାମ୍ ବିଜୟିନୀଙ୍କୁ ଷୋଡ଼ଶ ମାନ୍ୟତାପ୍ରାପ୍ତ ଫ୍ରାନ୍ସର କାରୋଲିନ ଗାର୍ସିଆ ୬-୪, ୭-୬ ସେଟ୍‌ରେ ମାତ୍ ଦେଇଥିଲେ।






ଅନ୍ୟତାରକା ମହିଳା ଖେଳାଳି ଆମେରିକାର କୋକୋ ଗଫ, ଟ୍ୟୁନିସିଆର ଓନ୍ସ ଜାବିଉର ଓ ବ୍ରାଜିଲର ବିଟ୍ରିଜ ହାଡାଡ ମାଇଆ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଚତୁର୍ଥ ମାନ୍ୟତାପ୍ରାପ୍ତ ଗଫ୍ ୬-୩, ୬-୦ ସେଟ୍‌ରେ ସ୍ଲୋଭାକିଆର ଆନ୍ନା କାରୋଲିନା ଶ୍ମିଏଡଲୋଭାଙ୍କୁ, ଷଷ୍ଠ ମାନ୍ୟତାପ୍ରାପ୍ତ ତଥା ପ୍ରଥମ ଆରବ ଓ ଆଫ୍ରିକା ମହିଳା ଭାବେ ଗ୍ରାଣ୍ଡସ୍ଲାମ ବିଜୟିନୀ ଜାବିଉର ୬-୩, ୬-୧ ସେଟ୍‌ରେ ୟୁକ୍ରେନ୍‌ର ୟୁଲିଆ ଷ୍ଟାରୋଡୁବସେବାଙ୍କୁ ଏବଂ ଦଶମ ମାନ୍ୟତାପ୍ରାପ୍ତ ମାଇଆ ୬-୩, ୩-୬, ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ଫ୍ରୁଭିର୍ଟୋଭାଙ୍କୁ ହରାଇଥିଲେ। ପୁରୁଷ ଏକକରେ ଦୁଇ ଥରର ଫାଇନାଲିଷ୍ଟ ଡାନିଲ ମେଦଭେଦେଭଙ୍କ ସହ ଅଷ୍ଟ୍ରେଲିଆର ଆଲେକ୍ସ ଡି'ମିନେର ପ୍ରଥମ ରାଉଣ୍ଡ ୱାକ୍‌ଓଭର ପାଇ ଆଗକୁ ବଢ଼ିଛନ୍ତି। ଫ୍ରାନ୍ସର ଟେରେନ୍ସ ଆଟ୍‌ମାନ୍ ଓ କାନାଡାର ରାଓନିକ୍ ଆଘାତ ଜନିତ କାରଣରୁ ଓହରିଯିବାରୁ ଯଥାକ୍ରମେ ତୃତୀୟ ମାନ୍ୟତାପ୍ରାପ୍ତ ମେଦଭେଦେଭ ଓ ନବମ ମାନ୍ୟତାପ୍ରାପ୍ତ ଡି'ମିନେର ବିଜୟୀ ଘୋଷିତ ହୋଇଥିଲେ। ଅନ୍ୟପକ୍ଷରେ ଗ୍ରିସ୍ ଷ୍ଟିଫାନସ ସିସିପାସ, ପୋଲାଣ୍ଡର ହୁବର୍ତ ହର୍କାଜ, ରୁଷିଆର କାରେନ ଖାଚାନୋଭ ଓ ଆମେରିକାର ବେନ୍ ସେଲଟନ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ସପ୍ତମ ମାନ୍ୟତାପ୍ରାପ୍ତ ସିସିପାସ ୫-୭, ୬-୧, ୬-୧, ୬-୩ ସେଟ୍‌ରେ ଜର୍ମାନିର ଜିଜୋଉ ବର୍ଗ୍ସଙ୍କୁ, ନବମ ମାନ୍ୟତାପ୍ରାପ୍ତ ହର୍କାଜ ୭-୬, ୬-୪, ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଓମାର ଜେସିକାଙ୍କୁ, ପଞ୍ଚଦଶ ମାନ୍ୟତାପ୍ରାପ୍ତ ଖାଚାନୋଭ ୫-୭, ୬-୩, ୭-୬,୭-୬ ସେଟ୍ ?ରେ ଜର୍ମାନିର ଡାନିଏଲ ଅଲଟମାଇରଙ୍କୁ ଓ ଷୋଡ଼ଶ ମାନ୍ୟତାପ୍ରାପ୍ତ ସେଲଟନ୍ ୬-୨, ୭-୬, ୭-୫ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ ବୈଟିଷ୍ଟା ଅଗଟଙ୍କୁ ପରାସ୍ତ କରିଥିଲେ। ତେବେ ୫ ଥରର ଫାଇନାଲିଷ୍ଟ ଇଂଲଣ୍ଡର ଆଣ୍ଡି ମରେଙ୍କ ଅଭିଯାନ ପ୍ରଥମ ରାଉଣ୍ଡରେ ଶେଷ ହୋଇଛି। ୩ ଥରର ଗ୍ରାଣ୍ଡସ୍ଲାମ ବିଜେତା ୩୬ ବର୍ଷୀୟ ମରେ ୪-୬, ୨-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ତୋମାସ ମାର୍ଟିନ ଏଚଭେରିଙ୍କଠୁ ହାରିଯାଇଥିଲେ।

# ଅଯୋଧ୍ୟାରୁ କୋହଲିଙ୍କୁ ନିମନ୍ତ୍ରଣ

**ନୂଆଦିଲ୍ଲୀ :** ଅଯୋଧ୍ୟାରେ ପ୍ରସ୍ତାବିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କୁ ନିମନ୍ତ୍ରଣ ମିଳିଛି। ଏହାପୂର୍ବରୁ ସୋମବାର ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ମିଳିଥିଲା। ସୋସିଆଲ ମିଡିଆରେ ଏକ ଫଟୋ ଅଧିକ ଭାଇରାଲ ହେବାରେ ଲାଗିଛି। ଏହି ଭାଇରାଲ ଫଟୋରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପତ୍ର ସହିତ ନଜର ଆସିଛନ୍ତି। ସୂଚନାଯୋଗ୍ୟ, ୨୨ ଜାନୁଆରୀରେ ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜିତ ହେବ। ଯେଉଁଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ।



## ଓଡ଼ିଶା କପ୍ ୨୦୨୩ ଏହାର ଗ୍ରାଣ୍ଡ୍

# ଦଶମ ସଂସ୍କରଣକୁ ଚିହ୍ନିତ କରି ଚମତ୍କାର ଫ୍ୟାଶନରେ ସମାପ୍ତ

**ଭୁବନେଶ୍ୱର(ବ୍ୟୁରୋ):** ୟୁଏଇର ଓଡିଶା କପ୍ ସ୍ପୋର୍ଟସ୍ ଆସୋସିଏସନ୍ ବିଶ୍ୱର ସର୍ବବୃହତ ପ୍ରବାସୀ ଓଡିଆ କ୍ରିକେଟ୍ ଟୁର୍ନାମେଣ୍ଟର ଗ୍ରାଣ୍ଡ ଦଶମ ସଂସ୍କରଣର ସଫଳ ସମାପ୍ତି ପାଇଁ ଗର୍ବର ସହିତ ଘୋଷଣା କରିଛି । ଏହି ମାଇଲଖୁଣ୍ଟ ଇଭେଣ୍ଟ ୟୁଏଇର ଶାରଜାସ୍ଥିତ ଅଷ୍ଟ୍ରେଲିୟ ଇଣ୍ଟରନ୍ୟାସନାଲ ସ୍କୁଲ କ୍ରିକେଟ୍ ଭେନ୍ୟୁରେ ଜାନୁୟାରୀ ୧୪, ୨୦୨୪ରେ ଶେଷ ହୋଇଥିଲା। ଚଳିତ ବର୍ଷର ଓଡିଶା କପ୍ ସମସ୍ତ ଏମିରେଟ୍ସରୁ ୧୪ ଟି ଦଳର ଏକ ଅଦ୍ୱିତୀୟ ଅଂଶଗ୍ରହଣର ସାକ୍ଷୀ ହୋଇଛି, ଯାହା ୨୦୧୪ରେ ଆରମ୍ଭ ହେବା ପରଠାରୁ ଏହା ସର୍ବ ବୃହତ ସଂସ୍କରଣ ହୋଇପାରିଛି। ଅକ୍ଟୋବର ୮, ୨୦୨୩ ରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ତାର ଅନ୍ତିମ ମ୍ୟାଚ ଉତ୍କଳ ଚ୍ୟାଲେଞ୍ଜର୍ ଦଳ ଏବଂ ଫୁଜାଇରା ଓଡ଼ିଆ ସମାପ୍ତ ସହିତ ଶିଖରରେ ପହଞ୍ଚିଛି। ଏକ ରୋମାଞ୍ଚକର ମୁକାବିଲାରେ ଫୁଜାଇରା ଓଡିଆ ଦଳ ଟସ ବିଜୟୀ ହୋଇ ଉତ୍କଳ ଚ୍ୟାଲେଞ୍ଜର୍ସ ବିପକ୍ଷରେ ୧୦୮ ରନ୍‌ର ଲକ୍ଷ୍ୟ ସ୍ଥିର କରିଥିଲା। ସମୀର ମାଥାନଙ୍କ ଏକ ଚମତ୍କାର ପ୍ରଦର୍ଶନ, ୨୮ ବଲରୁ ୩୦ ରନ୍ ସ୍କୋର କରିବା ଏବଂ ଅଭିଷେକ ମହାପାତ୍ରଙ୍କ ୧୧ ବଲରେ ୨୦ ରନ୍ର ଶକ୍ତିଶାଳୀ ନକ୍ ଫୁଜାଇରା ଓଡିଆଙ୍କ କମାଣ୍ଡିଂରେ ସହାୟକ ହୋଇଥିଲା। ଏହାର ଉତ୍ତରରେ ଉତ୍କଳ ଚ୍ୟାଲେଞ୍ଜର୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୦୩ ରନ୍ ସୀମିତ ରହିଥିଲେ। ଅକ୍ଷୟ କୁମାର ସାହୁ ଏବଂ ସମୀର ମଥାନଙ୍କ ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିଲେ । ସମୀରମଥାନଙ୍କୁ ତାଙ୍କର ଚମତ୍କାର ବ୍ୟାଟିଂ ଏବଂ ବୋଲିଂ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ବିଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ଖେଳାଳିଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ଏବଂ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା: ମ୍ୟାନ୍ ଅଫ୍ ଦି ସିରିଜ୍: ଦିବ୍ୟଜିବନ୍ ଦାସ (ଓଡିଶା ଗ୍ଲାଡିଏଟର୍ସ), ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍: ମିର୍ଜା ଜାକିର ବେଗ (ଓଡିଶା ସମାଜ ଆବୁଧାବି), ଶ୍ରେଷ୍ଠ ବୋଲର: ସନ୍ତୋଷ ମଲା (ଉତ୍କଳ ଚ୍ୟାଲେଞ୍ଜର୍ସ), ଶ୍ରେଷ୍ଠ ଫିଲ୍ଡର: ବିଗ୍ନେଶ୍ୱର ରାଉତ (ଉତ୍କଳ ପାଟ୍ରିଅଟ୍ସ), ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସୁରେଶ କୁମାର ସାହୁ (ଫୁଜାଇରା ଓଡିଆ) ।




## ଅଷ୍ଟ୍ରେଲିଆ ଓପନରେ ଇତିହାସ ରଚିଲେ ସୁମିତ୍ ନାଗଲ

**ନୂଆଦିଲ୍ଲୀ:** ସୁମିତ ନାଗଲ ମଙ୍ଗଳବାର ଅଷ୍ଟ୍ରେଲିଆନ୍ ଓପନ ୨୦୨୪ର ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଛନ୍ତି । ନାଗଲ ମଙ୍ଗଳବାର ୱାର୍ଲଡ୍ ନମ୍ବର ୨୭ କଜାକସ୍ତାନର ଆଲେକଜାଣ୍ଡର ବବଲିକ୍ ସିଧା ସେଟ୍‌ରେ ୬-୪, ୬-୨, ୭-୬ରେ ପରାସ୍ତ କରିଛନ୍ତି । ସୁମିତ୍ ନାଗଲ ତିନି ବର୍ଷ ପରେ ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନ ହାସଲ କରିଛନ୍ତି । ଏହା ପୂର୍ବରୁ ସେ ୟୁଏସ୍ ଓପନ୍ ୨୦୨୨ର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିଲେ । ଏହାବ୍ୟତୀତ ସୁମିତ୍ ନାଗଲ କୌଣସି ଗ୍ରାଣ୍ଡ ସ୍ଲାମ୍‌ରେ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ପରାସ୍ତ କରିବାରେ ୩୫ ବର୍ଷରେ ପ୍ରଥମ ଟେନିସ୍ ଖେଳାଳି ହୋଇଛନ୍ତି । ସୁମିତ୍ ନାଗଲଙ୍କ ପୂର୍ବରୁ ୧୯୮୯ରେ ରମେଶ କୃଷ୍ଣନ୍ ଅଷ୍ଟ୍ରେଲିଆନ୍ ଓପନରେ ମେଟ୍ସ ୱିଲେଣ୍ଡରଙ୍କ ମାତ୍ ଦେଇଥିଲେ ।

## ୨୪ତମ ଯାଦବ ମାଝି ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

# ବସ୍ତମ୍ୟାକୁ ହରାଇ କ୍ୱାଟର ଫାଇନାଲରେ ଜୟପାଟଣା

**ଚନ୍ଦାହାଣ୍ଡି(ଅମୃତ ମିଡିଆ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମଠାରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେଉଛି। ପାନାବେଡ଼ା ମାଟିର ବରପୁତ୍ର ତଥା ପୂର୍ବତନ ଶିକ୍ଷରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଉଦେଶ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାରେ ଆଜି ବସ୍ତମ୍ୟା(ଇମ୍ପାକ୍ଟ ଏକାଦଶ) ଦଳକୁ ହରାଇ ଜୟପାଟଣା (କଳାହାଣ୍ଡି କିଙ୍ଗ) କ୍ୱାଟର ଫାଇନାଲରେ ପହଞ୍ଚିଛି । ଆଜି ବସ୍ତମ୍ୟା(ଇମ୍ପାକ୍ଟ ଏକାଦଶ) ବନାମ ଜୟପାଟଣା (କଳାହାଣ୍ଡି କିଙ୍ଗ) ମଧ୍ୟରେ ମ୍ୟାଚ ଖେଳାଯାଇଥିଲା ଜୟପାଟଣା (କଳାହାଣ୍ଡି କିଙ୍ଗ) ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ଚିତାଙ୍କ ବିସ୍ଫୋରକ ୨୭ ବଲରେ ୮୩ ରନ ଓ ମାନସଙ୍କ ବିସ୍ଫୋରକ ୩୩ ବଲରେ ୮୧ ରନ ସହାୟତାରେ ୨୪୦ ରନ ସଂଗ୍ରହ କରିଥିଲେ। ୨୪୦ ରନର ବିଶାଳ ବିଜୟ ଲକ୍ଷ୍ୟକୁ ବସ୍ତମ୍ୟା(ଇମ୍ପାକ୍ଟ ଏକାଦଶ)ଦଳ ପିଛାକାରୀ ୧୫.୧ ବଲରେ ୧୩୫ ରନ କରି ଅଲଆଉଟ ହୋଇଯାଇଥିଲା। ୧୦୫ ରନରେ ଜୟପାଟଣା (କଳାହାଣ୍ଡି କିଙ୍ଗ) ଦଳ ବିଜୟ ହୋଇଥିଲା। ଆଜିର ଆଜି ମ୍ୟାଚର ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ନୃସିଂହ ମାଝୀ, ଶିକ୍ଷାବିତ୍ ମନୋହର ଜଗତ,ଶ୍ରୀଯୁକ୍ତ ଗୋବର୍ଦ୍ଧନ ଡଙ୍ଗରି ଯୋଗଦେଇଛନ୍ତି ଯୋଗଦେଇ ମ୍ୟାଚରେ ସର୍ବଶେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଚିତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ସ୍ୱରୂପ ଯୋଶୀ ଏବଂ ଉତ୍ତମ କୁମାର ସାହୁ, ଭାଷ୍ୟକାର ଭାବେ ବୁଲୁ ସାନ୍ତା,ସ୍କୋରର ଭାବେ ବସନ୍ତ, ପ୍ରକାଶ,ରାକେଶ, ତପୁନ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ଜଗଦୀଶ, ପ୍ରତାପ,ଧନେଶ୍ୱର, ପପୁନ, କନ୍ଦର୍ପ, ବଳିଆ, ପରମେ ଶ୍ୱର,ଗୁପ୍ତେଶ୍ୱର ପ୍ରମୁଖ ସହ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳରୁ ବୋହୁ ଦର୍ଶକଙ୍କ ସମାଗମ ହୋଇଥିଲା।



## ଦଶପଲ୍ଲା ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଫୁଟବଲ ଖେଳର

# ସପ୍ତମ ଦିନରେ କୋରାପୁଟ ବିଜୟ

**ଦଶପଲ୍ଲା(ଅମୃତ ମିଡିଆ):** ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବ ଭାରତୀୟ ଦଶପଲ୍ଲା କପ ଫୁଟବଲ ସପ୍ତମ ଦିନରେ ପ୍ରଥମ ଲିଗ ପ୍ରତିଯୋଗିତାରେ ଆଜି P. Y. C ଫୁଟବଲ କ୍ଲବ, ସୁନାବେଡା, କୋରାପୁଟ ୩ ଟି ଗୋଲ ଦେଇଥିଲା। ଣ. A. F. C ଚୌଦ୍ୱାର, କଟକ ୧ଟି ଗୋଲ ପରିଶୋଧ କରିଥିଲେ । P. Y. C ଫୁଟବଲ କ୍ଲବ, ସୁନାବେଡା କୋରାପୁଟ ୩-୧ ଗୋଲ ରେ ବିଜୟ ଲାଭ କଲା । ଆଜିର ଖେଳ ପରିଚାଳନା କରୁଥିଲେ ରତ୍ନାକର ବାରିକ ଲାଇନ୍ସ ରେ ପ୍ରସନ୍ନ କୁମାର ନାୟକ, ରବିନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲ ରେ ଅଶୋକ କୁମାର ପ୍ରଧାନ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ର ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ଚନ୍ଦ୍ରଶେଖର ବାରିକ ଓ ଦଶପଲ୍ଲାର ସବ ରେଜିଷ୍ଟର ଶ୍ରୀଯୁକ୍ତ ଅଯୋଧ୍ୟା ପ୍ରଧାନ ମହୋଦୟ ଉପସ୍ଥିତ ଥିଲେଞ୍ଚ। ଆସନ୍ତା କାଲିର ଖେଳରେ କେଳିବାକୁ ଯିବେ P. Y. C ଫୁଟବଲ କ୍ଲବ, ସୁନାବେଡା, କୋରାପୁଟ ସହିତ ସୋଦପୁର କ୍ଲବ, କୋଲକାତା ୱେଷ୍ଟବେଙ୍ଗଲ।



କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085/86 (News), 9040003050 (Advt.)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra


₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.